# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, March 29/2024 | Page 14 | ₹ 7.00

୫୦ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 124 | ମୂଲ୍ୟ ₹୭/-




**ଧାରା ଗୁଜ୍ଜରଙ୍କ ଶତକ**

ସିନିୟର ମହିଳା ଆନ୍ତଃ ଜୋନ୍ ମଲ୍ଟି-ଡେ' ଟ୍ରଫିର ଉତ୍ତର ପୂର୍ବାଞ୍ଚଳ ବିପକ୍ଷ ମ୍ୟାଚରେ ପୂର୍ବାଞ୍ଚଳର ଧାରା ଗୁଜ୍ଜର ୧୪୦ ରନ୍ କରିଛନ୍ତି।

୧୦

୦୯

**ଅନୁଷ୍କାଙ୍କ ଷ୍ଟାଇଲ୍**

ଅଭିନେତ୍ରୀ ଅନୁଷ୍କା ଶର୍ମା କିଛିଦିନର ବ୍ୟବଧାନ ପରେ ଇନ୍‌ଷ୍ଟାଗ୍ରାମରେ ନିଜର ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ତାଙ୍କ ଷ୍ଟାଇଲ୍‌କୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି।



# ବିପଦରେ ନ୍ୟାୟପାଳିକା

## ସିଜେଆଇଙ୍କୁ ପତ୍ର ଲେଖିଲେ ୬୦୦ ଆଇନଜୀବୀ

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଭଳି ପ୍ରମୁଖ ବିରୋଧୀ ନେତାଙ୍କ ଉପରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଚଢ଼ାଉ ଜାରି ରହିଛି। ଏପରି କି ସେମାନଙ୍କୁ ଜେଲକୁ ପଠାଯିବା ପରେ ନ୍ୟାୟପାଳିକା ଉପରେ ଚାପ ପକାଯାଇ ଜାମିନ ନ ମିଳିବା ବ୍ୟବସ୍ଥା କରାଯାଉଛି। ଏନେଇ ୬୦୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ପତ୍ର ମାଧ୍ୟମରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



To,

The Hon'ble Chief Justice of India
Supreme Court of India
New Delhi

Date: 26th March 2024

Respected Sir,

**Subject:** Judiciary Under Threat- Safeguarding Judiciary from Political and Professional Pressure

We, the undersigned, are a group of lawyers who are writing to you expressing our deepest concern on the manner in which a vested interest group is trying to pressure the judiciary, influence judicial process and defame our courts on the basis of frivolous logic and stale political agendas. Their antics are vitiating the atmosphere of trust and harmony, which characterises the functioning of the judiciary. Their pressure tactics are most obvious in political cases, particularly those involving political figures accused of corruption. These tactics are damaging to our courts and threaten our democratic fabric.

This heated interest group operates in various ways. They create false narratives of a supposed 'better past' and 'golden period of the courts, contrasting it with the happenings in the present. These are nothing but intentional statements, made to sway court decisions and to embarrass the court's for certain political gains. It's troubling to see some lawyers defend politicians by the day, and then try to influence judges through the media at night. Implying that the courts in the past were easier to influence shakes the public's trust in them.

ନୂଆଦିଲ୍ଲୀ,୨୮।୩(ପି.ଟି.)

### କୋର୍ଟ ଉପରେ ଚାପ ପକାଇବାକୁ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଉଦ୍ୟମ

ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତୁଚ୍ଛ ବିତର୍କ ଏବଂ ମନ୍ଦ ରାଜନୈତିକ କାର୍ଯ୍ୟସୂଚୀ ଆଧାରରେ ନ୍ୟାୟପାଳିକା ଉପରେ ଚାପ ପକାଇବା ସହ ଅଦାଲତକୁ ବଦନାମ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଭାରତର ବାର୍ କାଉନ୍‌ସିଲ (ବିସିଆଇ) ଅଧ୍ୟକ୍ଷ ମନନ କୁମାର ମିଶ୍ରାଙ୍କ ସମେତ ୬୦୦ ଖ୍ୟାତନାମା ଆଇନଜୀବୀ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ମାର୍ଚ୍ଚ ୨୬ରେ ପତ୍ର ଲେଖି ଏଭଳି ଅଭିଯୋଗ କରିଛନ୍ତି। ରାଜନୈତିକ ମାମଲା ବିଶେଷ କରି ଦୁର୍ନୀତିରେ ଅଭିଯୁକ୍ତ ବଡ଼ ରାଜନେତା ସମ୍ପୃକ୍ତ ଥିବା ମାମଲାଗୁଡ଼ିକରେ ସେମାନଙ୍କର ଚାପ କୌଶଳ ଅଧିକ ସ୍ପଷ୍ଟ। ଏହି କୌଶଳଗୁଡ଼ିକ ଦେଶର ଅଦାଲତ ବ୍ୟବସ୍ଥାକୁ ନଷ୍ଟ କରିବା ସହ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି। ପତ୍ରରେ ଗୋଟିଏ ଗୋଷ୍ଠୀ ଆଇନଜୀବୀଙ୍କ ନାଁ ନ ନିଆଯାଇ ସେମାନଙ୍କୁ ଟାର୍ଗେଟ କରାଯାଇଛି। ଉକ୍ତ ଆଇନଜୀବୀମାନେ ଦିନବେଳା ରାଜନେତାମାନଙ୍କ ସପକ୍ଷରେ ଯୁକ୍ତି ବାଢ଼ିବା ସହ ରାତିରେ ଗଣମାଧ୍ୟମ ଜରିଆରେ ☞ପୃଷ୍ଠା-୨

## ପାରଦ ଉପରମୁହାଁ

### ୨ ଦିନରେ ୪୦ ଛୁଇଁବ ତାପମାତ୍ରା

ଭୁବନେଶ୍ୱର,୨୮।୩ (ଅସମାପିକା ସାହୁ)

ମାର୍ଚ୍ଚ ମାସ ଶେଷ ନ ହେଉଣୁ ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଗୁରୁବାର ରାଜ୍ୟର ୧୬ଟି ସହରରେ ତାପମାତ୍ରା ୩୮ଡିଗ୍ରୀ ଅତିକ୍ରମ କରିଥିବାବେଳେ ୫ସହରରେ ୩୯ଡିଗ୍ରୀ ପାରଦ ଛୁଇଁଛି। ଆଗାମୀ ଦୁଇଦିନ ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗୁରୁବାର ଗଜପତି ଜିଲାର ପାରଳାଖେମୁଣ୍ଡିରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯.୮ଡିଗ୍ରୀ ରେକର୍ଡ କରାଯିବା ସହ ରାଜ୍ୟର ଉତ୍ତପ୍ତ ସହର ରହିଥିଲା। ସେହିପରି ବୌଦ୍ଧ ୩୯.୫, ନୟାଗଡ଼ ୩୯.୨, ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

### ଯକ୍ଷ୍ମା ଦୂରୀକରଣରେ ଏଆଇ










**ଭାରତ ସହ ବାଣିଜ୍ୟ ନୀତି ବଦଳିବନି: ପାକିସ୍ତାନ**

ଭାରତ ସହ ବାଣିଜ୍ୟ ସମ୍ପର୍କ ପୁଣି ଆରମ୍ଭ କରିବା ଯୋଜନା ନାହିଁ ବୋଲି ପାକିସ୍ତାନ ଗୁରୁବାର ସ୍ପଷ୍ଟ କରିଛି। ୨୦୧୯ରେ ଭାରତ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଏହା ସହ ପାକିସ୍ତାନ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଛି। ସମ୍ପର୍କ ପୁନର୍ବାର ସ୍ଥାପନ ନେଇ ଇସଲାମାବାଦ ଗମ୍ଭୀରତାର ସହ ବିଚାର କରୁଛି ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ଇଶାକ ଦର ଲଣ୍ଡନରେ କହିବା ପରେ ମନ୍ତ୍ରଣାଳୟ ପକ୍ଷରୁ ଉପରୋକ୍ତ ସ୍ପଷ୍ଟୀକରଣ ଦିଆଯାଇଛି।

**ସଂକ୍ଷେପରେ**

## ଉତ୍ତରାଖଣ୍ଡ ଡେରା କରସେବା ମୁଖ୍ୟଙ୍କୁ ହତ୍ୟା



ବାବା ତାର୍‌ସେମ୍ ସିଂ

**ଡେରାଡୁନ୍,୨୮।୩**

ଉତ୍ତରାଖଣ୍ଡ ଉଧାମସିଂ ନଗର ଜିଲାର ନାନକମାତ୍ତା ସାହିବ ଗୁରୁଦ୍ୱାରାର ଡେରା କରସେବା ମୁଖ୍ୟ ବାବା ତାର୍‌ସେମ୍ ସିଂଙ୍କୁ ଗୁରୁବାର ଗୁଳିକରି ହତ୍ୟା କରାଯାଇଛି। ଦୁଇଜଣ ଅଜଣା ବ୍ୟକ୍ତି ବାଇକ୍‌ରେ ଆସି ଗୁରୁଦ୍ୱାରା ପରିସରରେ ତାଙ୍କୁ ଗୁଳି ଚଳାଇଥିଲେ। ସଙ୍ଗେ ସଙ୍ଗେ ବାବାଙ୍କୁ ଖାତିମାସ୍ଥିତ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଉଧାମସିଂ ନଗର ଏସ୍‌ଏସ୍‌ପି ମଞ୍ଜୁ ନାଥ କହିଛନ୍ତି। ଦୁଇଜଣ ଶିଖ୍ ଗୁଳି ଚଳାଇଥିବା ସିସିଟିଭି କ୍ୟାମେରାରୁ ଜଣାପଡ଼ିଛି। ସକାଳ ୬ଟା ୧୫ରେ ଦୁର୍ବୃତ୍ତମାନେ ମୋଟରସାଇକେଲ ନେଇ ଗୁରୁଦ୍ୱାରାରେ ପ୍ରବେଶ କରିଥିବାବେଳେ ପଛ ସିଟ୍‌ରେ ବସିଥିବା ବ୍ୟକ୍ତି ରାଇଫଲରୁ ଗୁଳି ଚଳାଇଥିଲେ।

## ଶିବସେନାରେ ସାମିଲ ହେଲେ ଗୋବିନ୍ଦା

**ମୁମ୍ବାଇ, ୨୮।୩**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ବଲିଉଡର ବରିଷ୍ଠ ଅଭିନେତା ଗୋବିନ୍ଦା ଗୁରୁବାର ସାମିଲ ହୋଇଛନ୍ତି। ଏହା ସହ ଚଳିତ ଲୋକ ସଭା ନିର୍ବାଚନରେ ଉତ୍ତର-ପଶ୍ଚିମ ମୁମ୍ବାଇ ଆସନରୁ ଗୋବିନ୍ଦା ଲଢ଼ିବା ନେଇ ଚର୍ଚ୍ଚା ଜୋର ଧରିଛି। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସକ୍ରିୟ ରାଜନୀତିରେ ଥିବା ଗୋବିନ୍ଦା ଦୀର୍ଘ ୧୪ ବର୍ଷର ବନବାସ ପରେ ରାଜନୀତିକୁ ଫେରିଥିବା ନେଇ ଏହି ଅବସରରେ କହିଛନ୍ତି। ୨୦୦୪ରେ କଂଗ୍ରେସରେ ସାମିଲ ହୋଇ ସେ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୪ ଲୋକ ସଭା ନିର୍ବାଚନରେ ଉତ୍ତର ମୁମ୍ବାଇ ଆସନରୁ ଭାଜପାର ରାମ ନାଇକଙ୍କୁ ପରାସ୍ତ କରି ସେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ।

## ବିକ୍ରମ-୧ ରକେଟ୍‌ର ଦ୍ୱିତୀୟ ପରୀକ୍ଷା ସଫଳ

**ଶ୍ରୀହରିକୋଟା, ୨୮।୩**

ସ୍ପେସ୍ ଷ୍ଟାର୍ଟଅପ୍ ସ୍କାଏରୁଟ୍ ଏରୋସ୍ପେସ୍ ଦ୍ୱାରା ଗୁରୁବାର ବିକ୍ରମ-୧ ରକେଟ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ସଫଳତାର ସହ ହୋଇଯାଇଛି। ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ(ଇସ୍ରୋ)ର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱାନ ସ୍ପେସ୍ ସେଣ୍ଟରରୁ ୮୫ ସେକେଣ୍ଡରେ ଏହି ସଫଳ ପରୀକ୍ଷଣ କରାଯାଇଛି। ଏନେଇ ସ୍କାଏରୁଟ୍ ଏରୋସ୍ପେସ୍‌ର ସିଇଓ ପବନ ଚନ୍ଦନା ସୂଚନା ଦେଇଛନ୍ତି। କମ୍ପାନୀ ଅନୁଯାୟୀ, ବିକ୍ରମ-୧ ପରୀକ୍ଷଣ ଯାନର ଦ୍ୱିତୀୟ ପର୍ଯ୍ୟାୟକୁ କଲାମ-୨୫୦ କୁହାଯାଉଛି। ଏହା ଏକ ଉଚ୍ଚ ଶକ୍ତିଶାଳୀ କାର୍ବନ ମିଶ୍ରିତ ରକେଟ୍ ମୋଟର, ଯାହା କଠିନ ଇନ୍ଧନର ବ୍ୟବହାର କରି ରକେଟ୍‌କୁ ମହାକାଶକୁ ନେବାର କ୍ଷମତା ରଖିଥାଏ। ଭାରତୀୟ ମହାକାଶ କ୍ଷେତ୍ର ପାଇଁ ବିକ୍ରମ-୧ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଭାରତରେ ନିଯୁକ୍ତିର ଉତ୍କଟ ସ୍ଥିତି

**ଆଇଏଲ୍‌ଓ ରିପୋର୍ଟ**

- ବେରୋଜଗାରିର ୮୩% ଯୁବବର୍ଗ
- ଉଚ୍ଚଶିକ୍ଷିତଙ୍କ ମଧ୍ୟରେ ବେକାରି ହାର ୬୫.୭%
- ବିବାଦୀୟ ତଥ୍ୟ କହିଲା ଭାରତ



**ନୂଆଦିଲ୍ଲୀ,୨୮।୩**

ଭାରତରେ ନିଯୁକ୍ତି ସ୍ଥିତି ଅତ୍ୟନ୍ତ ଉତ୍କଟ ବୋଲି ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ (ଆଇଏଚ୍‌ଡି)ର ଏକ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ସଂଗଠନର ଇଣ୍ଡିଆ ଅନ୍‌ଏମ୍ପ୍ଲଏମେଣ୍ଟ ରିପୋର୍ଟ, ୨୦୨୪ ଅନୁଯାୟୀ ଦେଶର ବେରୋଜଗାରି ଶ୍ରମଶକ୍ତିର ୮୩ ପ୍ରତିଶତ ହେଉଛନ୍ତି ଯୁବବର୍ଗ। ମୋଟ ବେରୋଜଗାରି ଯୁବଗୋଷ୍ଠୀଙ୍କ ମଧ୍ୟରୁ ମାଧ୍ୟମିକ ଏବଂ ଉଚ୍ଚଶିକ୍ଷା ଗ୍ରହଣ କରିଥିବା ପିଲାମାନଙ୍କ ହାର ୨୦୨୨ରେ ୬୫.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ୨୦୦୦ରେ ୩୫.୨ ପ୍ରତିଶତ ରହିଥିଲା। ୨୦୦୦ରୁ ୨୦୧୯ ମଧ୍ୟରେ ଯୁବ ନିଯୁକ୍ତି ଏବଂ ସାମୟିକ ନିଯୁକ୍ତି ବଢ଼ିଥିବାବେଳେ ମହାମାରି ସମୟରେ ଏହା ହ୍ରାସ ପାଇଥିଲା ବୋଲି ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କ ଦ୍ୱାରା ପ୍ରକାଶ ପାଇଥିବା ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି। ଏହି ସମୟରେ ଶିକ୍ଷିତ ଯୁବବର୍ଗଙ୍କ ମଧ୍ୟରେ ବେରୋଜଗାରି ସ୍ତର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସହରାଞ୍ଚଳରେ ଅଧିକ ସଂଖ୍ୟାରେ ଶିକ୍ଷିତ ବେରୋଜଗାର ଥିବା ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷରେ ଆଇଏଲ୍‌ଓର ରିପୋର୍ଟକୁ ଭାରତ ବିବାଦୀୟ ତଥ୍ୟ କହି ବିରୋଧ କରିଛି। ନିଯୁକ୍ତି ସମ୍ପର୍କରେ ଭାରତୀୟ ସଂସ୍ଥାଗୁଡ଼ିକ ଭିନ୍ନ ତଥ୍ୟ ପ୍ରଦାନ କରିଥିବା ଯୁବବ୍ୟାପାର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫ୍‌ଓ)ରେ ୬.୪ କୋଟି ଲୋକ ପଞ୍ଜୀକୃତ ହୋଇଛନ୍ତି, ଏହା ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଅନ୍ୟ ଅନେକ ଦେଶର ଲୋକସଂଖ୍ୟାଠାରୁ ଅଧିକ ବୋଲି ଏକ ଗଣମାଧ୍ୟମର ଯୁବ ସମ୍ମିଳନୀରେ ଯୋଗଦେଇ ଠାକୁର କହିଛନ୍ତି। ସେ ଆହୁରି କହିଛନ୍ତି, ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ୩୪ କୋଟି ମୁଦ୍ରା ଋଣ ଯୋଗାଇ ଦିଆଯାଇଛି। ଏବେ ସେମାନେ ବେରୋଜଗାରିଙ୍କୁ ନିଯୁକ୍ତି ଯୋଗାଉଛନ୍ତି। ବହୁବର୍ଷ ଧରି ଭାରତ ଅନ୍ତର୍ଜାତୀୟ ରେଟିଂ ସଂସ୍ଥାଗୁଡ଼ିକୁ ଭରସା କରିଆସୁଛି। ସେମାନେ ଘରୋଇ ତଥ୍ୟ ଆଧାରରେ ରିପୋର୍ଟ ପ୍ରସ୍ତୁତ କରିବା ଆବଶ୍ୟକ। ଆମର ଦାସତ୍ୱ ମାନସିକତା ପାଇଁ ଆମେ ସବୁବେଳେ ବିଦେଶୀ ରେଟିଂ ଉପରେ ନିର୍ଭର କରୁଛୁ। ଏବେ ଏହାକୁ ଛାଡ଼ି ଆମ ଦେଶର ସଂଗଠନଗୁଡ଼ିକ ଉପରେ ବିଶ୍ୱାସ କରିବାକୁ ହେବ ବୋଲି ଠାକୁର କହିଛନ୍ତି।

# ଜେଲରେ ଥିବା ମୁଖ୍‌ତାର ଅନ୍‌ସାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ

**ଉତ୍ତରପ୍ରଦେଶରେ କଡ଼ା ସୁରକ୍ଷା ବ୍ୟବସ୍ଥା**



**ଲକ୍ଷ୍ନୌ,୨୮।୩**

ଉତ୍ତରପ୍ରଦେଶର ବନ୍ଦା ଜେଲରେ ଥିବା ଗ୍ୟାଙ୍ଗଷ୍ଟରରୁ ରାଜନେତା ମୁଖ୍‌ତାର ଅନ୍‌ସାରୀଙ୍କର ଗୁରୁବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ୧୯୯୦ ଅସ୍ତ୍ରଶସ୍ତ୍ର ଲାଇସେନ୍ସ ମାମଲାରେ କିଛିଦିନ ପୂର୍ବରୁ ତାଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହୋଇଥିଲା। ଜେଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଜିଲା ଜେଲରୁ ରାଣୀ ଦୁର୍ଗାବତୀ ମେଡିକାଲ କଲେଜ ନିଆଯାଇଥିଲା। ଆଇସିୟୁରେ ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ହସ୍ପିଟାଲରେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲ କଲେଜ ପ୍ରିନ୍ସିପାଲ ସୁନୀଲ କୌଶଲ କହିଛନ୍ତି। ମୃତ୍ୟୁ ଖବର ଜଣାପଡ଼ିବା ପରେ ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଉତ୍ତରପ୍ରଦେଶର ବନ୍ଦା, ମାଉ, ଗାଜିପୁର ସମେତ ବିଭିନ୍ନ ଜିଲାରେ ସୁରକ୍ଷା ବଢ଼ାଯିବା ସହ ସାରା ରାଜ୍ୟରେ ୧୪୪ ଧାରା ଜାରି ହୋଇଛି। ୬୩ ବର୍ଷୀୟ ଅନ୍‌ସାରୀ ୟୁପିର ମାଉ ସଦର ଆସନ ୫ ଥର ବିଧାୟକ ହୋଇଥିଲେ। ୨୦୦୫ରୁ ସେ ଜେଲରେ ରହିଛନ୍ତି। ତାଙ୍କ ବିରୋଧରେ ୬୦ରୁ ଅଧିକ ଆପରାଧିକ ମାମଲା ଥିବାବେଳେ ସେ ୮ଟିରେ ଦଣ୍ଡିତ ହୋଇଛନ୍ତି। ଗତବର୍ଷ ଉତ୍ତରପ୍ରଦେଶ ପୋଲିସ ଜାରି କରିଥିବା ୬୬ ଗ୍ୟାଙ୍ଗଷ୍ଟରଙ୍କ ତାଲିକାରେ ତାଙ୍କ ନାଁ ରହିଛି। ଜେଲ କର୍ତ୍ତୃପକ୍ଷ ତାଙ୍କୁ ବିଷ ଦେଇଥିବା ଅନ୍‌ସାରୀଙ୍କ ଭାଇ ତଥା ଗାଜିପୁର ଏମ୍‌ପି ଅଫଜଲ ଅନ୍‌ସାରୀ ମଙ୍ଗଳବାର ଅଭିଯୋଗ କରିଥିଲେ।

## ବିକ୍ରିହେବ ନୀରବ ମୋଦିଙ୍କ ବିଳାସପୂର୍ଣ୍ଣ ଫ୍ଲାଟ୍

**ଲଣ୍ଡନ, ୨୮।୩**



ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଲଣ୍ଡନସ୍ଥିତ ବିଳାସପୂର୍ଣ୍ଣ ଫ୍ଲାଟ୍ ଖୁବଶୀଘ୍ର ବିକ୍ରି ହେବାକୁ ଯାଉଛି। ଏନେଇ ଲଣ୍ଡନ ହାଇକୋର୍ଟ ମଞ୍ଜୁରି ପ୍ରଦାନ କରିଛନ୍ତି। ୫୫ କୋଟିରୁ ଅଧିକ ମୂଲ୍ୟରେ ଏହି ଫ୍ଲାଟ୍ ବିକ୍ରି ହେବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନୀରବଙ୍କର ଏହି ବିଳାସପୂର୍ଣ୍ଣ ଫ୍ଲାଟ୍ ଲଣ୍ଡନର ମେରିଲେବୋନ୍ ଠାରେ ଅବସ୍ଥିତ। ଏହାକୁ ବିକ୍ରି କରିବା ପାଇଁ ଏକ ଟ୍ରଷ୍ଟ ପକ୍ଷରୁ ଲଣ୍ଡନ ହାଇକୋର୍ଟଙ୍କ ନିକଟରେ ପୂର୍ବରୁ ଆବେଦନ କରାଯାଇଥିଲା। ଲଣ୍ଡନର ଏକ ଜେଲରେ ବନ୍ଦୀ ଥିବା ନୀରବ ଆଭାସୀ ମାଧ୍ୟମରେ ହାଇକୋର୍ଟଙ୍କ ଏହି ଶୁଣାଣି ସମୟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେ ୨୦୧୮ରେ ପିଏନ୍‌ବିରୁ ୧୪ ହଜାର କୋଟିର ଋଣ ନେଇ ବ୍ରିଟେନକୁ ପଳାୟନ କରିଥିଲେ।

## ୪୪ ପ୍ରାର୍ଥୀ ଘୋଷଣାକଲା ସିପିଆଇ(ଏମ୍)

**ନୂଆଦିଲ୍ଲୀ,୨୮।୩(ପି.ଟି.)**

ଲୋକସଭା ନିର୍ବାଚନ ପାଇଁ ସିପିଆଇ(ଏମ୍) ଗୁରୁବାର ପ୍ରଥମ ପର୍ଯ୍ୟାୟରେ ୪୪ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏଥିରେ ଅଲାପୁଝା ଏମ୍‌ପି ଏ.ଏମ୍. ଅରିଫ୍, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ଏବଂ ରାଜ୍ୟ ସଭା ସଦସ୍ୟ ଇ. କରିମଙ୍କ ସମେତ କେରଳରୁ ୧୫ ପ୍ରାର୍ଥୀ ରହିଛନ୍ତି। ପଶ୍ଚିମବଙ୍ଗ ପାଇଁ ଦଳ ୧୭ ଜଣଙ୍କ ନାଁ ଘୋଷଣା କରିଛି। ତାମିଲନାଡୁ ପାଇଁ ବର୍ତ୍ତମାନର ଏସ୍. ଭେଙ୍କଟେଶନ ଏବଂ ଆର୍. ସଚ୍ଚିଦାନନ୍ଦମ୍ ପ୍ରାର୍ଥୀ ହୋଇଛନ୍ତି। ବିହାର, ଝାଡ଼ଖଣ୍ଡ, ଆସାମ, କର୍ଣ୍ଣାଟକ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ପଞ୍ଜାବ, ରାଜସ୍ଥାନ, ତେଲଙ୍ଗାନା ଏବଂ ତ୍ରିପୁରାରେ ଦଳ ଜଣେ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି।

## ବୁଥ୍‌ରେ ଭୋଟ ଦେବାକୁ ଅଫିସର ଭୋଟରଙ୍କୁ ବାଧ୍ୟ କରିପାରିବେ ନାହିଁ

**କୋଲକାତା,୨୮।୩**

ପ୍ରତ୍ୟେକ ଯୋଗ୍ୟ ଭୋଟର ଯେପରି ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ, ସେଥିପାଇଁ ନିର୍ବାଚନ କମିଶନ ଏଥର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି। ଭୋଟରମାନଙ୍କୁ ଏଥିପାଇଁ ସଚେତନ କରାଯାଉଛି। ବୁଥ୍‌ରେ ପ୍ରିଜାଇଡିଂ ଅଫିସରଙ୍କ ଆଗରେ ନିଜ ପରିଚୟ ପଞ୍ଜୀକୃତ କରିବା ପରେ ଅନେକ ଭୋଟର ଭୋଟ ପ୍ରତ୍ୟାଖ୍ୟାନ କରିବା ଅଧିକାର ସମ୍ପର୍କରେ ସଚେତନ ନୁହନ୍ତି। ଏଥିପାଇଁ ଇଲେକ୍ଟ୍ରୋରାଲ ଭୋଟିଂ ମେଶିନ୍ (ଇଭିଏମ୍)ରେ ନନ୍ ଅଫ୍ ଦି ଏବଭ (ନୋଟା) ବଟନ୍ ରହିଛି। କୌଣସ ପ୍ରାର୍ଥୀଙ୍କ ଉପରେ ଭୋଟର ଆସ୍ଥା ପ୍ରକଟ କରୁ ନ ଥିଲେ ନୋଟା ବଟନ୍ ଚିପି ତାଙ୍କ ଭୋଟ ପ୍ରତ୍ୟାଖ୍ୟାନ ଅଧିକାର ସାବ୍ୟସ୍ତ କରିପାରିବେ। ନିର୍ବାଚନ ପରିଚାଳନା ନିୟମାବଳୀର ଧାରା ୪୯-ଓ ଅନୁଯାୟୀ ଜଣେ ଭୋଟର ଭୋଟ ଦେବାକୁ ମନା କରିବା ପରେ ତାଙ୍କୁ ପିଜାଇଡିଂ ଅଫିସର ମତଦାନ ପାଇଁ ବାଧ୍ୟ କରିପାରିବେ ନାହିଁ।

## ସେନା ପ୍ରତ୍ୟାହାର ପାଇଁ ଭାରତ-ଚାଇନା ଆଲୋଚନା



**ନୂଆଦିଲ୍ଲୀ,୨୮।୩(ପି.ଟି.)**

ପୂର୍ବ ଲଦାଖରେ ଦୀର୍ଘଦିନର ସୀମା ବିବାଦ ପରେ ଭାରତ ଏବଂ ଚାଇନାର ଶୀର୍ଷ କୂଟନୀତିଜ୍ଞମାନଙ୍କ ମଧ୍ୟରେ ସାନି ଆଲୋଚନା ଆରମ୍ଭ ହୋଇଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ବିବାଦୀୟ ଅଞ୍ଚଳରୁ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ଏବଂ ସୀମା ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗର ସମାଧାନ ପାଇଁ ଉଭୟ ପକ୍ଷ ମଧ୍ୟରେ ମତ ବିନିମୟ ହୋଇଥିଲା। କୂଟନୈତିକ ଏବଂ ସାମରିକ ଚ୍ୟାନେଲ ଜରିଆରେ ଉଭୟ ପକ୍ଷ ନିୟମିତ ଯୋଗାଯୋଗ ଜାରି ରଖିବାକୁ ରାଜି ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷର ସୂଚନା ମିଳିନାହିଁ। ବେଜିଂରେ ବୁଧବାର ଭାରତ-ଚାଇନା ସୀମା ବ୍ୟାପାର ଉପରେ ପରାମର୍ଶ ଓ ସମନ୍ୱୟ ପାଇଁ କାର୍ଯ୍ୟକାରୀ ବ୍ୟବସ୍ଥା (ଡବ୍ଲ୍ୟୁଏମ୍‌ସିସି)ର ୨୯ତମ ବୈଠକରେ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର ନେଇ ଜୋର୍‌ଦାର ଆଲୋଚନା ହୋଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ଇସି: କଂଗ୍ରେସ

**ନୂଆଦିଲ୍ଲୀ,୨୮।୩(ପି.ଟି.)**

କଂଗ୍ରେସର ଅଧିକାଂଶ ଅଭିଯୋଗ ଉପରେ ନିର୍ବାଚନ କମିଶନ (ଇସି) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଦଳ ଗୁରୁବାର ଅଭିଯୋଗ କରିଛି। ଲୋକ ସଭା ନିର୍ବାଚନ ବେଳେ ଇସି ସମସ୍ତଙ୍କ ପ୍ରତି ସମାନ ମନୋଭାବ ରଖିବା ନିମନ୍ତେ କଂଗ୍ରେସ ଆହ୍ୱାନ ଦେଇଛି। ବିଭିନ୍ନ ସରକାରୀ ଯୋଜନାର ପ୍ରଚାର କରୁଥିବା ଭାଜପାର ବିଭ୍ରାନ୍ତିକର ବିଜ୍ଞାପନ ଓ ପୋଷ୍ଟରକୁ ନେଇ ବିରୋଧୀ ଦଳ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା। ଉକ୍ତ ବିଜ୍ଞାପନ ଓ ପୋଷ୍ଟରଗୁଡ଼ିକୁ ହଟାଯିବା ସହ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରୁଥିବା ବରିଷ୍ଠ ଭାଜପା ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଥିଲା। ଏହି ଅଭିଯୋଗ ସମେତ ଅଧିକାଂଶ ଅଭିଯୋଗ ଉପରେ ଇସି ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା କଂଗ୍ରେସ ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପଓ୍ୱନ ଖେରା କହିଛନ୍ତି।

# କେଜ୍‌ରିୱାଲଙ୍କ ଇଡି ହାଜତ ମିଆଦ ୪ ଦିନ ବଢ଼ିଲା

**ନୂଆଦିଲ୍ଲୀ,୨୮।୩**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ୪ ଦିନ ବଢ଼ାଇଦେଇଛନ୍ତି। ସେ ଏପ୍ରିଲ ୧ ପର୍ଯ୍ୟନ୍ତ ଇଡି ହାଜତରେ ରହିବେ। ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିବା ପରେ ଇଡି ତାଙ୍କୁ ଗତ ୨୧ ତାରିଖରେ ଗିରଫ କରିଥିଲା। ଗିରଫଦାରି ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପରେ ଆବେଦନ ପ୍ରତ୍ୟାହାର କରିନେଇଥିଲେ। ଏହା



ଅରବିନ୍ଦ କେଜ୍‌ରିୱାଲ

ପରେ ତାଙ୍କୁ ସପ୍ତାହେ ପାଇଁ ହାଜତକୁ ପଠାଇଦିଆଯାଇଥିଲା। ଗୁରୁବାର ଉକ୍ତ ହାଜତ ମିଆଦ ପୂରଣ ହେଉଥିବାବେଳେ ଅଧିକ ଜେରା ପାଇଁ ଇଡି ହାଜତ ମିଆଦ ବଢ଼ାଇବାକୁ ଆବେଦନ କରିଥିଲା। ଗିରଫଦାରି ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଦାଲତ ଏହାର ତ୍ୱରିତ୍ ଶୁଣାଣି କରିବାକୁ ମନା କରିଦେଇଥିଲେ। ତାଙ୍କ ଆବେଦନ ଉପରେ ଇଡିକୁ ହାଇକୋର୍ଟ ଜବାବ ମାଗିବା ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩କୁ ଧାର୍ଯ୍ୟ କରିଛନ୍ତି। କୋର୍ଟରେ ହାଜର ହୋଇଥିବା କେଜ୍‌ରିୱାଲଙ୍କୁ ଅଦାଲତ ସିଧାସଳଖ କହିବା ପାଇଁ ଅନୁମତି ଦେଇଥିଲେ। ଇଡି ତାଙ୍କ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ଭାଙ୍ଗିଦେବା ପାଇଁ ଉଦ୍ୟମ କରୁଥିବା କେଜ୍‌ରିୱାଲ କହିଥିଲେ। ତାଙ୍କୁ କୌଣସି ଅଦାଲତ ଦୋଷୀ ପ୍ରମାଣିତ କରି ନ ଥିବାବେଳେ ଇଡି ଗିରଫ କରିଛି। ତେବେ ଅବକାରୀ ଦୁର୍ନୀତିରୁ ୧୦୦ କୋଟି ଟଙ୍କା ଲାଞ୍ଚ ପାଇଥିବା ଅଭିଯୋଗ ହେଉଥିବାବେଳେ ଏପର୍ଯ୍ୟନ୍ତ ଟଙ୍କାଟିଏ ମଧ୍ୟ ଜବତ ହୋଇ ନ ଥିବା କେଜ୍‌ରିୱାଲ କହିଥିଲେ।

ଅନ୍ୟପକ୍ଷରେ କେଜ୍‌ରିୱାଲ ଗିରଫ ହୋଇଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ)କୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଏହା ବିଚାର ବିଭାଗୀୟ ହସ୍ତକ୍ଷେପ ପରିସର ବାହାରେ ବୋଲି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ମନମୋହନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି।

# ଗିରଫଦାରି ଉପରେ ଆମେରିକାର ମନ୍ତବ୍ୟକୁ ଅବାଞ୍ଛିତ କହିଲା ଭାରତ

**ନୂଆଦିଲ୍ଲୀ,୨୮।୩**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ଏବଂ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯିବା ଘଟଣା ଉପରେ ଆମେରିକାର ମନ୍ତବ୍ୟ ଅବାଞ୍ଛିତ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ଗୁରୁବାର କହିଛି। ଆମେରିକା ପରରାଷ୍ଟ୍ର ବିଭାଗର ମନ୍ତବ୍ୟ ଉପରେ ଭାରତ ବୁଧବାର ଏହାର ଦୂତାବାସ ଅଧିକାରୀମାନଙ୍କ ନିକଟରେ ପ୍ରତିବାଦ ଜଣାଇଥିଲା। ଆମ ନିର୍ବାଚନୀ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ବାହ୍ୟ ହସ୍ତକ୍ଷେପ ଗ୍ରହଣୀୟ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି। ଭାରତର ନ୍ୟାୟିକ ପ୍ରକ୍ରିୟା ଆଇନର ନିୟମାବଳୀ ଦ୍ୱାରା ପରିଚାଳିତ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଅନୁସରଣ କରୁଥିବା ଅନ୍ୟମାନେ ସତ୍ୟତାକୁ ଗ୍ରହଣ କରିବାରେ ଅସୁବିଧା ହେବା କଥା ନୁହେଁ। ଯେକୌଣସି ପ୍ରକାର ଅନୁପଯୁକ୍ତ ବାହ୍ୟ ପ୍ରଭାବରୁ ଦେଶର ସ୍ୱାଧୀନତା ଏବଂ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ। ପାରସ୍ପରିକ ସମ୍ମାନ ଏବଂ ବୁଝାମଣା ଅନ୍ତର୍ଜାତୀୟ ସମ୍ପର୍କର ମୂଳଦୁଆ। ତେଣୁ ରାଷ୍ଟ୍ରଗୁଡ଼ିକ ଅନ୍ୟର ସାର୍ବଭୌମତ୍ୱ ଏବଂ ଆଭ୍ୟନ୍ତରୀଣ ବ୍ୟାପାରକୁ ସମ୍ମାନ ଜଣାଇବା ଆଶା କରାଯାଏ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

**ଫୁର୍‌ସତ**

# ୨୩୮ ଥର ହାରିଥିବା ପଦ୍ମରଞ୍ଜନ ପୁଣି ଲଢ଼ିବେ




**ମେଟ୍ଟୁର:** ଭାରତର ବିଭିନ୍ନ ନିର୍ବାଚନରେ ୨୩୮ ଥର ପରାଜିତ ହୋଇଥିବା କେ. ପଦ୍ମରଞ୍ଜନ ଆଗାମୀ ନିର୍ବାଚନ ଲଢ଼ିବା ଲାଗି ପ୍ରସ୍ତୁତ ହେଉଛନ୍ତି। ୬୫ ବର୍ଷୀୟ ପଦ୍ମରଞ୍ଜନ ଏକ ଟାୟାର ମରାମତି ଦୋକାନର ମାଲିକ। ସେ ୧୯୮୮ରେ ପ୍ରଥମ ଥର ତାମିଲନାଡୁର ମେଟ୍ଟୁର ସହରରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ସେ ବାରମ୍ବାର ହାରିବା ସତ୍ତ୍ୱେ ପୁଣି ପ୍ରାର୍ଥୀ ହେଉଥିବାରୁ ଲୋକେ ତାଙ୍କୁ ପରିହାସ କରିଥାନ୍ତି। ତେବେ ଜଣେ ସାଧାରଣ ଲୋକ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରିପାରେ, ଏହା ପ୍ରମାଣିତ କରିବା ପାଇଁ ସେ ଚାହାନ୍ତି ବୋଲି କହିଛନ୍ତି। ସବୁ ପ୍ରାର୍ଥୀ ନିର୍ବାଚନରେ ଜିତିବାକୁ ଚାହିଁଥାନ୍ତି। ତେବେ ତାଙ୍କ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ହିଁ ବିଜୟ। ପରାଜୟ ଅନିବାର୍ଯ୍ୟ ଜାଣି ମଧ୍ୟ ହାରିବାରେ ସେ ଖୁସି ହୋଇଥାନ୍ତି ବୋଲି କହିଛନ୍ତି। ଏଥର ଏପ୍ରିଲ ୧୦ରୁ ୬ ସପ୍ତାହ ଧରି ଲୋକ ସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ପଦ୍ମରଞ୍ଜନ ତାମିଲନାଡୁର ଧର୍ମପୁରୀ ଜିଲାରୁ ଲଢ଼ିବେ। ନିର୍ବାଚନ ରାଜା ଭାବେ ପରିଚିତ ପଦ୍ମରଞ୍ଜନ ସାରା ଦେଶରେ ପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭ କରି ରାଷ୍ଟ୍ରପତି ନିର୍ବାଚନ ପର୍ଯ୍ୟନ୍ତ ଲଢ଼େଇ କରିଛନ୍ତି। ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ମନମୋହନ ସିଂ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କଠାରୁ ହାରିଛନ୍ତି। ବିରୋଧୀ ପ୍ରାର୍ଥୀ ଯିଏ ହୋଇଥାନ୍ତୁ ନା କାହିଁକି ସେ ତାହାକୁ ପରବାଏ କରନ୍ତି ନାହିଁ। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ନିର୍ବାଚନ ପ୍ରକ୍ରିୟାରେ ଭାଗନେଇ ସେ ଅମାନତ ଜମା ବାବଦରେ ଲକ୍ଷ ଲକ୍ଷ ଟଙ୍କା ହରାଇଲେଣି। ତେବେ ତାଙ୍କର ଗୋଟିଏ ବିଜୟ ହୋଇଛି। ତାହା ହେଲା ଭାରତର ସବୁଠୁ ଅସଫଳ ପ୍ରାର୍ଥୀ ଭାବେ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସେ ସ୍ଥାନ ପାଇଛନ୍ତି। ୨୦୧୧ରେ ସେ ମେଟ୍ଟୁରରୁ ବିଧାନସଭା ନିର୍ବାଚନ ଲଢ଼ି ୬,୨୭୩ ଭୋଟ ପାଇଥିଲେ। ଏହା ତାଙ୍କର ସବୁଠୁ ଭଲ ପ୍ରଦର୍ଶନ ଥିଲା। ତେବେ ସେ ଗୋଟିଏ ବି ଭୋଟ ଆଶା କରନ୍ତି ନାହିଁ। ଏହା ସତ୍ତ୍ୱେ ତାଙ୍କୁ ଭୋଟ ମିଳୁଥିବାରୁ ତାଙ୍କ ପ୍ରତି ଲୋକଙ୍କ ଗ୍ରହଣୀୟତା ବଢ଼ିଥିବା ପଦ୍ମରଞ୍ଜନ କହିଥାନ୍ତି।

# "ହେ ପିତା, ଏମାନଙ୍କୁ କ୍ଷମା କର...

**ଶୁଭ ଶୁକ୍ରବାର ଉପଲକ୍ଷେ**



ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଯେପରି ଭାବରେ ହତ୍ୟା କରାଯାଇଥିଲା ତାହା ମନୁଷ୍ୟ ଇତିହାସରେ ବିରଳ। ଦୁଇ ହଜାରରୁ ଅଧିକ ବର୍ଷ ତଳେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଗୋଟିଏ କାଠ କ୍ରୁଶରେ କାଲବରୀ ନାମକ ଏକ ରୁକ୍ଷ ପାହାଡ଼ ଉପରେ ବର୍ବରୋଚିତ ଭାବରେ ହତ୍ୟା କରାଯାଇଥିଲା। ଏହି ପ୍ରକାର ଅମାନୁଷିକ ଭାବେ କୌଣସି ମନୁଷ୍ୟକୁ ଆଗରୁ କେବେ ହତ୍ୟା କରାଯାଇ ନ ଥିଲା। ପ୍ରଭୁ ଯିଶୁ ମୃତ୍ୟୁ ପୂର୍ବରୁ ପୂର୍ଣ୍ଣ ଈଶ୍ୱରୀୟ ଅଧିକାରରେ ପାପୀମାନଙ୍କର ପାପ କ୍ଷମା କରିଥିଲେ। ଏପରିକି ଜୀବନର ଶେଷ ମୁହୂର୍ତ୍ତରେ ନିଜ ହତ୍ୟାକାରୀମାନଙ୍କୁ କ୍ଷମା କରିବାକୁ ପ୍ରାର୍ଥନା କରିଥିଲେ।

ଯେଉଁଦିନ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାଗଲା, ସେହିଦିନକୁ ଶୁଭ ଶୁକ୍ରବାର କୁହାଯାଏ ଏବଂ ପୃଥିବୀ ସାରା ଏହାକୁ ପାଳନ କରାଯାଏ। ପ୍ରଭୁ ଯିଶୁଖ୍ରୀଷ୍ଟ ଯଦି ଈଶ୍ୱର ଓ ତ୍ରାଣକର୍ତ୍ତା, ତା'ହେଲେ ସେହିଦିନକୁ 'ଅନ୍ଧକାର' ବା 'କଳା' ଶୁକ୍ରବାର ଅବା 'କଳା ଦିବସ' କହିବା ଯଥାର୍ଥ ହୋଇଥାନ୍ତା। କିନ୍ତୁ ଏହା 'ବ୍ଲାକ' ଫ୍ରାଇଡେ ନୁହଁ, କାହିଁକି? ବାଇବେଲ କୁହେ, "ଈଶ୍ୱର ଜଗତକୁ ଓ ମନୁଷ୍ୟ ଜାତିକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ର ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ଜଗତକୁ ଦାନ କଲେ", କାରଣ ସେହି କ୍ରୁଶବିଦ୍ଧ ହୋଇଥିବା ଖ୍ରୀଷ୍ଟ ଈଶ୍ୱରଙ୍କ ପ୍ରଥମ ଓ ଶେଷ ମଣିଷ ଅବତାର ଥିଲେ। ଏଠାରେ ପାଠକ ପ୍ରଶ୍ନ କରିପାରନ୍ତି- ଈଶ୍ୱର କାହିଁକି ମଣିଷ ଅବତାର ନେଲେ? ଈଶ୍ୱର ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ନିର୍ମାଣ କଲେ, ଅନ୍ୟ ଜୀବଜନ୍ତୁଙ୍କ ପରି ସୃଷ୍ଟି କରିନାହାନ୍ତି। ସେଥିପାଇଁ ମନୁଷ୍ୟ ମାତ୍ରକେ ଈଶ୍ୱରଙ୍କ ପାଇଁ ସ୍ୱତନ୍ତ୍ର ବହୁମୂଲ୍ୟ ଏବଂ ନିଶ୍ଚିତ ଉଦ୍ଦେଶ୍ୟଯୁକ୍ତ। କିନ୍ତୁ ପାପ ମନୁଷ୍ୟ ଜାତିକୁ ଈଶ୍ୱରଙ୍କଠାରୁ ପୃଥକ୍ କରିଦେଇଛି। ଯିଶୁଖ୍ରୀଷ୍ଟ ଯଦି ପ୍ରଭୁ ତା' ହେଲେ ତାଙ୍କ ଆଦେଶରେ ପାପ କ୍ଷମା ହୋଇପାରିଥାନ୍ତା, ସେ କାହିଁକି ମୃତ୍ୟୁଭୋଗ କଲେ? ବାଇବେଲ କୁହେ, "ରକ୍ତପାତ ବିନା ପାପ କ୍ଷମା ହୁଏ ନାହିଁ। ପଶୁପକ୍ଷୀ ବଳିଦାନରେ ପାପ କ୍ଷମା ଅସମ୍ଭବ।" ପୁଣି ରକ୍ତ ବଳିଦାନରେ ନୂତନ ନିୟମ ସୃଷ୍ଟି ହେଲା। ସେଥିପାଇଁ ପ୍ରଭୁ ଯିଶୁଖ୍ରୀଷ୍ଟ ମନୁଷ୍ୟ ଅବତାର ନେଇ ମୃତ୍ୟୁଭୋଗରେ ବଳିକୃତ ହେଲେ। ପ୍ରଭୁ ଯିଶୁଖ୍ରୀଷ୍ଟ ବଳିକୃତ ହେଲେ କାରଣ, ପାପ କ୍ଷମା ନିମନ୍ତେ ବଳିଦାନର ଜରୁରୀ ଆବଶ୍ୟକତା ଥିଲା। ଯେହେତୁ ଯିଶୁ ପାପ କ୍ଷମା ନିମନ୍ତେ ବଳିକୃତ ହେବା ପାଇଁ ଜନ୍ମଗ୍ରହଣ କରିଥିଲେ ଓ ସେଥିପାଇଁ ସେ ମୃତ୍ୟୁଦଣ୍ଡ ଗ୍ରହଣ କରିଥିଲେ।

ସମସ୍ତେ କ୍ଷମା କରିପାରନ୍ତି ନାହିଁ, ବିଶେଷକରି ଦୋଷ ନ ଥାଇ ଦଣ୍ଡ ପାଇବା ଏବଂ କ୍ଷମା ଦେବା କେବଳ ଈଶ୍ୱରୀୟ ପ୍ରକୃତି ଥିଲେ ବା ଈଶ୍ୱର ହିଁ ନିଜେ କରିପାରନ୍ତି। ଏହା ଶୁଭ ଶୁକ୍ରବାରରେ ବିଶେଷ ଅନୁଚିନ୍ତା। ଏହା ଈଶ୍ୱରଙ୍କ ବ୍ୟତୀତ ଆଉ କେହି ସାଧନ କରିପାରିବେ ନାହିଁ। ମନୁଷ୍ୟ ଜାତିର ପାପ କ୍ଷମା ନିମନ୍ତେ ଥରେ ମାତ୍ର ତାଙ୍କର ରକ୍ତପାତ ହେଲା। ଈଶ୍ୱର ତାଙ୍କର ବଳିଦାନକୁ ଗ୍ରହଣ କଲେ- ସେହି ପ୍ରଥମ ଓ ଶେଷ ବଳିଦାନ ପରେ ଈଶ୍ୱରଙ୍କ ସହ ବର୍ତ୍ତମାନ ଓ ସବୁଦିନ ପାଇଁ ପାପୀ ମନୁଷ୍ୟ ଜାତିର ମୀମାଂସା ହୋଇପାରିଛି।

-ହରିଶ୍ଚନ୍ଦ୍ର ଅରିଶାଲ୍ୟ
ମୋ: ୯୪୯୪୭୮୨୭୭୭



ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ କେବଳ ପୁରୀବାସୀଙ୍କ ପ୍ରବେଶ ଅନୁମତି ଥିବାବେଳେ ଗୁରୁବାର ବାହାର ଭକ୍ତଙ୍କ ଭିଡ଼ ଲାଗିଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ୯୬% ଭାରତୀୟ କମ୍ପାନୀ ସାଇବର ଆକ୍ରମଣ ମୁକାବିଲା ପାଇଁ ଅକ୍ଷମ

**ନୂଆଦିଲ୍ଲୀ, ୨୮।୩**



ଭାରତରେ ସାଇବର ଆକ୍ରମଣଜନିତ ମାମଲା ଦ୍ରୁତ ଗତିରେ ବଢ଼ିଚାଲିଛି। ଏଭଳି ଆକ୍ରମଣର ମୁକାବିଲା ପାଇଁ ମାତ୍ର ୪ ପ୍ରତିଶତ ଭାରତୀୟ କମ୍ପାନୀ ସକ୍ଷମ। ଅର୍ଥାତ୍ ଅବଶିଷ୍ଟ ୯୬ ପ୍ରତିଶତ କମ୍ପାନୀ ସାଇବର ଆଟାକ୍‌କୁ ପ୍ରତିହତ କରିବାକୁ ସମର୍ଥ ନୁହନ୍ତି। ସିସ୍କୋର ସାଇବର ସିକ୍ୟୁରିଟି ରେଡିନେସ୍ ଇଣ୍ଡେକ୍ସ-୨୦୨୪ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ସାଇବର ଆକ୍ରମଣ ଫଳରେ ଆସନ୍ତା ୧୨ରୁ ୨୪ ମାସ ମଧ୍ୟରେ ୮୨ ପ୍ରତିଶତ ଭାରତୀୟ କମ୍ପାନୀର ବ୍ୟବସାୟରେ ବାଧା ସୃଷ୍ଟି ହେବା ନେଇ ଉକ୍ତ ରିପୋର୍ଟରେ ଆଶଙ୍କା ବ୍ୟକ୍ତ କରାଯାଇଛି। ଅର୍ଥାତ୍ ଏହି ସବୁ କମ୍ପାନୀ ନିକଟରେ ସାଇବର ଆକ୍ରମଣରୁ ବର୍ତ୍ତିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।

ସେହିପରି ୮୮% ଭାରତୀୟ କମ୍ପାନୀ ନିଜ ଭିତ୍ତିଭୂମି ସହ ସାଇବର ଆକ୍ରମଣକୁ ମୁକାବିଲା କରିବା ପାଇଁ ସକ୍ଷମ ଥିବା ନେଇ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ତେବେ ଏହାକୁ ନେଇ ସିସ୍କୋର ସୁରକ୍ଷା ମହା ପ୍ରବନ୍ଧକ ଜିତୁ ପଟେଲ ଆଶଙ୍କା ପ୍ରକାଶ କରିଛନ୍ତି। ବଢ଼ୁଥିବା ସାଇବର ଆକ୍ରମଣକୁ ଦୃଷ୍ଟିରେ ରଖି କମ୍ପାନୀଗୁଡ଼ିକ ଏକଜୁଟ୍ ହୋଇ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାରରେ ଦୃଢ଼ ପ୍ଲାଟଫର୍ମ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଶ୍ୱବ୍ୟାପୀ ୯୯% କମ୍ପାନୀ ସାଇବର ସୁରକ୍ଷା କ୍ଷେତ୍ରରେ ବଜେଟ ବୃଦ୍ଧି କରିବାକୁ ବିଚାର କରୁଥିବା ସେ ସୂଚନା ଦେଇଛନ୍ତି। ସେହିପରି ୭୧ ପ୍ରତିଶତ କମ୍ପାନୀ ନିଜର ସୂଚନା ଓ ପ୍ରଯୁକ୍ତି ବିଦ୍ୟା(ଆଇଟି) କ୍ଷେତ୍ରରେ ଥିବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଯୋଜନା ପ୍ରସ୍ତୁତ କରୁଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି।

# ପିଏଚ୍.ଡି. ପାଇଁ ଏନ୍‌ଇଟି ସ୍କୋର

### ୟୁଜିସି ନିଷ୍ପତ୍ତି

**ଭୁବନେଶ୍ୱର, ୨୮।୩**
**(ଅସମାପିକା ସାହୁ)**

ଏଣିକି ପିଏଚ୍.ଡି ପଢ଼ିବା ପାଇଁ ଜାତୀୟ ଯୋଗ୍ୟତା ପରୀକ୍ଷା ବା ଏନ୍‌ଇଟି ସ୍କୋର୍ ଆବଶ୍ୟକ ହେବ। ଆଶାୟୀ ଛାତ୍ରୀଛାତ୍ର ଏନ୍‌ଇଟି ପରୀକ୍ଷାରେ ରଖିଥିବା ସ୍କୋର ଅନୁଯାୟୀ ସିଟ୍ ପାଇବେ। ପୂର୍ବରୁ ସମସ୍ତ ବିଶ୍ୱବିଦ୍ୟାଳୟ ଭିନ୍ନଭିନ୍ନ ଭାବେ ପିଏଚ୍.ଡି. ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା କରୁଥିଲେ। ଏହାଦ୍ୱାରା ଆଶାୟୀ ଛାତ୍ରୀଛାତ୍ର ଏକାଧିକଥର ପରୀକ୍ଷା ଦେଉଥିଲେ। ଏକାଧିକଥର ଆବେଦନ କରିବା ଏବଂ ପରୀକ୍ଷା ଦେଉଥିବାରୁ ଖର୍ଚ୍ଚାନ୍ତ ମଧ୍ୟ ହେଉଥିଲେ। ପ୍ରବେଶିକା ପରୀକ୍ଷା ଫଳ ନେଇ ମଧ୍ୟ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲା। ଛାତ୍ରୀଛାତ୍ରଙ୍କ ଅଭିଯୋଗ ଓ ଅସୁବିଧାକୁ ଦୃଷ୍ଟିରେ ରଖି ଏକକ ପ୍ରବେଶିକା ପରୀକ୍ଷା କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ବିଶେଷଜ୍ଞ କମିଟି ସୁପାରିସ ଓ ଏନ୍‌ଇଟି ସ୍କୋର୍ ଆଧାରରେ ନାମଲେଖା ପାଇଁ ୟୁଜିସି ନିଷ୍ପତ୍ତି ନେଇଛି। ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷରୁ ଏହା ଲାଗୁ କରାଯିବ। ବର୍ତ୍ତମାନ ଏନ୍‌ଇଟି ସ୍କୋର ଅନୁଯାୟୀ ଜୁନିୟର ରିସର୍ଚ୍ଚ ଫେଲୋଶିପ୍(ଜେଆର୍‌ଏଫ୍) ଓ ସହାୟକ ଅଧ୍ୟାପକ ଚୟନ କରାଯାଉଛି। ଏହି ନିଷ୍ପତ୍ତି ପରେ ଆସନ୍ତା ଜୁନ୍‌ରୁ ଏନ୍‌ଇଟି ଯୋଗ୍ୟତା ହାସଲ କରିଥିବା ଛାତ୍ରୀଛାତ୍ର ତିନୋଟି ବର୍ଗ ପାଇଁ ମନୋନୀତ ହୋଇପାରିବେ। ଏକକାଳୀନ ଜୁନିୟର ରିସର୍ଚ୍ଚ ଫେଲୋଶିପ୍ (ଜେଆର୍‌ଏଫ୍), ସହାୟକ ଅଧ୍ୟାପକ ଓ ପିଏଚ୍. ଡି. ନାମଲେଖା ପାଇଁ ଯୋଗ୍ୟ ହୋଇପାରିବେ। ଏ ନେଇ ୟୁଜିସି ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏଥିସହିତ ୟୁଜିସି ସଚିବ ମନିଷ ଆର୍ ଜୋଶୀ ଗୁରୁବାର ସମସ୍ତ କେନ୍ଦ୍ରୀୟ, ରାଜ୍ୟ, ଡିମ୍ଡ ଏବଂ ଘରୋଇ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖି ଅବଗତ କରାଇଛନ୍ତି। ଗତ ୧୩ ତାରିଖରେ ହୋଇଥିବା ୫୭୮ତମ ବୈଠକରେ କମିଶନ ଏହି ନିଷ୍ପତ୍ତି ନେଇଛି ଓ ୨୦୨୪-୨୫ ଶିକ୍ଷାବର୍ଷରୁ ଏହାକୁ ଲାଗୁ କରିବା ପାଇଁ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ଯଦି ଏ ନେଇ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର କୌଣସି ସନ୍ଦେହ ରହିଥାଏ, ତେବେ ସେମାନେ net-bureau@ugc.gov.inକୁ ଲେଖି କ୍ଲାରିଫିକେଶନ ମାଗିପାରିବେ। ସୂଚନାଯୋଗ୍ୟ, ନ୍ୟାଶନାଲ୍ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ୟୁଜିସି ବର୍ଷକୁ ଦୁଇଥର ଜୁନ୍ ଓ ଡିସେମ୍ବରରେ ଏନ୍‌ଇଟି ପରୀକ୍ଷା କରାଯାଉଛି।

## ଭାଜପାରେ ଭର୍ତ୍ତୃହରି, ସିଦ୍ଧାନ୍ତ, ଦମୟନ୍ତୀ



ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ଗୁରୁବାର ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏମ୍‌ପି ଭର୍ତ୍ତୃହରି ମହତାବ, ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ଭାଜପାରେ ଯୋଗ ଦେଇଛନ୍ତି।

**ଭୁବନେଶ୍ୱର (ଅନିଲ ଦାସ) / ବାରିପଦା (ନିଳାଦ୍ରୀ ବିହାରୀ ଦଣ୍ଡପାଟ), ୨୮।୩**

କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଅଭିନେତା ତଥା ପୂର୍ବତନ ଲୋକ ସଭା ସଦସ୍ୟ ସିଦ୍ଧାନ୍ତ ମହାପାତ୍ର ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ପ୍ରଫେସର ଦମୟନ୍ତୀ ବେସ୍ରା ଭାଜପାରେ ସାମିଲ ହୋଇଛନ୍ତି। ଗୁରୁବାର ଅପରାହ୍ନରେ ଏହି ୩ ନେତା ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ବିନୋଦ ତାୱଡେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଭାଜପା ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର ଏବଂ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଛନ୍ତି।

ଭାଜପାରେ ଯୋଗଦେବା ପରେ ଭର୍ତ୍ତୃହରି କହିଛନ୍ତି, ରାଜ୍ୟର ପ୍ରଗତି ଓ ଉନ୍ନତି ପାଇଁ କାମ କରିବାକୁ ଭାଜପା ଜରିଆରେ ସୁଯୋଗ ମିଳିବ। ମୋଦିଙ୍କ ଶକ୍ତି, ଶାହାଙ୍କ ବିଶ୍ୱାସ ଓ ନଡ୍ଡାଙ୍କ ପ୍ରେରଣା ଆଗକୁ ନେବାକୁ ସାହାଯ୍ୟ କରିବ। ଏକ ନୂଆ ଟିମ୍ ସହ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛି। ଓଡ଼ିଶାରେ ଯେଉଁ ପରିବର୍ତ୍ତନ ହେବାକୁ ଯାଉଛି, ତାହା ଆସିଲେ ସମସ୍ତେ ଦେଖିପାରିବେ। ଗତ ୨୨ ତାରିଖରେ ଭର୍ତ୍ତୃହରି ବିଜେଡିରୁ ଇସ୍ତଫା ଦେଇଥିଲେ। ବିଜେଡି ଛାଡ଼ିବା ପରେ ସେ ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଥିଲା। ଭର୍ତ୍ତୃହରି ୬ଥର ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ସିଦ୍ଧାନ୍ତ ମହାପାତ୍ର ୨ଥର ବିଜେଡି ଟିକେଟରେ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୯ ଓ ୨୦୧୪ରେ ସେ ବ୍ରହ୍ମପୁର ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ତାଙ୍କ ବଦଳରେ ଚନ୍ଦ୍ରଶେଖର ସାହୁଙ୍କୁ ଟିକେଟ ଦେଇଥିଲା। ସେବେଠାରୁ ସିଦ୍ଧାନ୍ତ ବିଜେଡିରେ ଏକପ୍ରକାର କୋଣଠେସା ହୋଇ ରହିଥିଲେ। ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଲୋକଙ୍କ ସେବା ସହ ଜିଲାର ବିକାଶ ଦିଗରେ କାର୍ଯ୍ୟ କରିବାକୁ ରାଜନୀତିରେ ପାଦ ଥାପିଛି ବୋଲି କହିଛନ୍ତି। ତେବେ ଦଳର ନିଷ୍ପତ୍ତିକୁ ମାନିବି ଓ ଯେଉଁ ଦାୟିତ୍ୱ ମିଳିବ ସେହି ଅନୁସାରେ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି। ଭାଜପାରେ ସାମିଲ ହେବାପରେ ଦଳ ତାଙ୍କୁ ବାରିପଦା ଆସନରେ ବିଧାୟକ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।

## ଭିଜିଲାନ୍ସ ଜାଲରେ ଜିଏସ୍‌ଟି ଅଧିକାରୀ

**ଭୁବନେଶ୍ୱର,୨୮।୩(ସତ୍ୟଜିତ୍ ରାଉତ)**



ମାନସ ରଞ୍ଜନ ବେହେରା

**ଗାଡ଼ି ମାଲିକଙ୍କଠାରୁ ୩୦ ହଜାର ଲାଞ୍ଚ ନେଇ ଗିରଫ**

ପୁରୀ ଜିଲା ଏନ୍‌ଫୋର୍ସମେଣ୍ଟ ୟୁନିଟ୍‌ର ଜଣେ ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଅଧିକାରୀ ଲାଞ୍ଚ ନେବାବେଳେ ଧରାପଡ଼ିଛନ୍ତି। ସେ ହେଲେ ସିଟିଓ ଆଣ୍ଡ ଜିଏସ୍‌ଟି ଅଫିସର ମାନସ ରଞ୍ଜନ ବେହେରା। ଗୁରୁବାର ସ୍ଥାନୀୟ ଜିଲା ସ୍କୁଲ ସାମ୍ନାରେ ଜଣେ ଗାଡ଼ି ମାଲିକଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ମାନସଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରି ଭିଜିଲାନ୍ସ ଅଧିକ ତଦନ୍ତ କରୁଛି। ସାକ୍ଷୀଗୋପାଳର ଗାଡି ମାଲିକ ଉପେନ୍ଦ୍ର ପଣ୍ଡା ୧୦ଦିନ ତଳେ ନିଜ ଗାଡ଼ିରେ ଲୁହା ରଡ୍ ଭର୍ତ୍ତି କରି ନେଉଥିବାବେଳେ ଚନ୍ଦନପୁର ନିକଟରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ତାଙ୍କୁ ଅଟକାଇଥିଲା। ଉକ୍ତ ରଡ୍‌ର ଜିଏସ୍‌ଟି ବିଲ୍ ଉପେନ୍ଦ୍ର ଦେଖାଇ ନ ପାରିବାରୁ ତାଙ୍କ ଗାଡି ଜବତ ହୋଇଥିଲା। ଏଥିସହ ସରକାରୀ ନିୟମ ଅନୁଯାୟୀ ୭୯ ହଜାର ୨୦୦ ଟଙ୍କା ଜରିମାନା ଦେବାକୁ ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାର୍ଚ୍ଚ ୧୯ରେ ଉପେନ୍ଦ୍ର ସମସ୍ତ ଜରିମାନା ଟଙ୍କା ଦେଇଥିଲେ ମଧ୍ୟ ମାନସ ତାଙ୍କ ଗାଡିକୁ ଛାଡି ନ ଥିଲେ। ୩୦ ହଜାର ଟଙ୍କା ଲାଞ୍ଚ ଦେଲେ ଗାଡି ଛଡ଼ାଯିବ ବୋଲି ☞ପୃଷ୍ଠା-୨

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରି: ଓଡ଼ିଶାରେ ୨୫୪ ଟଙ୍କାକୁ ବୃଦ୍ଧି

**ନୂଆଦିଲ୍ଲୀ,୨୮।୩(ପି.ଟି.)**

ବିଭିନ୍ନ ରାଜ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମଜୁରିକୁ ୪ରୁ ୧୦ ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ଓଡ଼ିଶାରେ ଅଣକୁଶଳୀ ଶ୍ରମିକମାନଙ୍କ ମଜୁରି ୨୩୭ ଟଙ୍କାରୁ ୨୫୪ ଟଙ୍କାକୁ ବଢ଼ିଛି, ଅର୍ଥାତ୍ ୭.୨ ପ୍ରତିଶତ ବୃଦ୍ଧି ହୋଇଛି। ହରିୟାଣାରେ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ☞ପୃଷ୍ଠା-୨

# ୫ ମାସ ପରେ ବି ସରିଲାନି ଡିପିଆର୍

### ଯାଜପୁର ରୋଡ୍-ଧାମରା ନୂତନ ରେଳପଥ



**ଯାଜପୁର,୨୮।୩ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ରୋଡ୍ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ଯାଜପୁର ଓ ଆରଡି ପ୍ରସ୍ତାବିତ ନୂତନ ରେଳପଥର ବୃତ୍ତାନ୍ତ ଲୋକେଶନ ସର୍ଭେ ଏବଂ ଡିଟେଲ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରିନାହିଁ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଠିକାସଂସ୍ଥା ଏସ୍‌ଏମ୍ କନ୍‌ସଲ୍‌ଟାଣ୍ଟସ୍ ପ୍ରାଇଭେଟ ଲିଃ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଓଲଟା ପୂର୍ବତଟ ରେଳବିଭାଗ ପକ୍ଷରୁ ଘଣ୍ଟ ଘୋଡ଼ାଯାଇଥିବା ଅଭିଯୋଗ ହୋଇଛି। ଏହାବାଦ୍ ଯାଜପୁର ରୋଡ ଷ୍ଟେଶନ ନିକଟରେ ଫ୍ଲାଇ ଓଭରର ବ୍ରିଜ୍ ଓ ଗଳି ପୋଲ ନିର୍ମାଣ ଏଯାଏ ଆରମ୍ଭ ହୋଇ ପାରିନାହିଁ। ଫଳରେ ଏହି ଦୀର୍ଘଦିନର ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ଶୀତଳଭଣ୍ଡାରରେ ରଖି ଅଞ୍ଚଳବାସୀଙ୍କ ଭାବାବେଗ ସହ ବିଭାଗୀୟ କର୍ତ୍ତୃପକ୍ଷ ଖେଳ ଖେଳୁଥିବା ମତ ପ୍ରକାଶ ପାଇଛି।

ସୂଚନା ଅଧିକାର(ଆରଟିଆଇ) ଆଇନ, ୨୦୦୫ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଯାଜପୁର ରୋଡ୍ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ଯାଜପୁର ଓ ଆରଡି ୯୬ କି.ମି. ବିଶିଷ୍ଟ ନୂତନ ରେଳପଥର ବୃତ୍ତାନ୍ତ ଲୋକେଶନ ସର୍ଭେ ଏବଂ ଡିପିଆର ପ୍ରସ୍ତୁତ ପାଇଁ ୨୭।୧୦।୨୦୨୩ରେ ଏସ୍‌ଏମ୍ କନ୍‌ସଲ୍‌ଟାଣ୍ଟସ୍‌କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟାଦେଶରେ ଜିଓ ଟେକ୍ନିକାଲ ଇନ୍‌ଭେଷ୍ଟିଗେଶନ, ସିଗ୍ନାଲିଂ ୱାର୍କ, ଇଲେକ୍ଟ୍ରିକାଲ ଓ ଅପରେଟିଂ ୱାର୍କ, ସିଭିଲ ଇଞ୍ଜିନିୟରିଂ ଇତ୍ୟାଦି ସର୍ଭେ କାର୍ଯ୍ୟ ରହିଥିଲା। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ବୃତ୍ତାନ୍ତ ଲୋକେଶନ ସର୍ଭେ, ଡିପିଆର ଆଦି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଆଜକୁ ୫ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ରିପୋର୍ଟ ଦାଖଲ ହୋଇ ନ ଥିବା ଆରଟିଆଇ ତଥ୍ୟରେ ଜଣାପଡ଼ିଛି। ଏଭଳି ଅବହେଳାକୁ ନେଇ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷେ ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ମାଟି ପରୀକ୍ଷା, ଡିଜାଇନ, ଗ୍ରାଡିଏଣ୍ଟ, କର୍ଭ, ଫୋର୍ମେଶନ, ୱାଟରୱେ କାଲକୁଲେଶନ, ବ୍ରିଜେସ, ଷ୍ଟେଶନ ଇତ୍ୟାଦି ସର୍ଭେ କାର୍ଯ୍ୟ ଚାଲିଛି ବୋଲି ଉତ୍ତର ରଖାଯାଇଛି। ଏଥିପାଇଁ ବିଭିନ୍ନ ସମୟରେ ନିୟମିତ ଭାବେ ସମୀକ୍ଷା କରାଯାଉଛି। ଡିପିଆର ଦାଖଲ ପ୍ରାୟ ୩୦।୩।୨୦୨୪ ସୁଦ୍ଧା ସମ୍ପନ୍ନ ହେବ ବୋଲି ବିଭାଗ ପକ୍ଷରୁ ଆରଟିଆଇ ରିପୋର୍ଟରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନଠାରୁ ଛୋଟରାୟପୁର(ଜଙ୍କଶନ), ରାମପୁର-ଶଗଡ଼ି, ବାହାବଲପୁର, ଯାଜପୁର, ଜଳେଶ୍ୱରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡି, ଚାନ୍ଦବାଲି, ଭିତରକନିକା ଓ ଧାମରା ଷ୍ଟେଶନ ହେବ ବୋଲି ପ୍ରସ୍ତାବ ରହିଛି। ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳବାଇ ବର୍ଷକୁ ୩୧.୧୫ ପ୍ରତିଶତ ଅଧିକ ଲାଭବାନ ହେବ ବୋଲି ପୂର୍ବରୁ ଜଣାପଡ଼ିଛି। ଦୀର୍ଘ ବର୍ଷ ହେଲା ଏକାଧିକ ପ୍ରକଳ୍ପ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

“ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ମହିଳା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚୁପ୍ ରହୁଛନ୍ତି। ନିର୍ବାଚନ ପୂର୍ବରୁ ସେ ତାଙ୍କ ମନ୍ତ୍ରଣାଳୟର ଗତ ୧୦ ବର୍ଷର ରିପୋର୍ଟ କାର୍ଡ ଲୋକଙ୍କ ଆଗରେ ରଖନ୍ତୁ।

–ଅଳକା ଲାମ୍ବା, ମହିଳା କଂଗ୍ରେସ ଅଧ୍ୟକ୍ଷା

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ହସ୍ପିଟାଲ ଛକ, ସମୟ: ସକାଳ ୯ଟା।
- ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଚିତ୍ରକଳା କର୍ମଶାଳା ‘କଳା ଶିବିର’, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନିଳାଦ୍ରୀବିହାର, ସମୟ: ଅପରାହ୍ନ ୪ଟା।
- ନାଟକ ‘କାନ୍ତ କାନ୍ତା’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ବାଦି ପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର ପ୍ରତାପରୁଦ୍ରପୁରସ୍ଥିତ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ମର୍କତନଗର ବରିଷ୍ଠ ନାଗରିକ କଲ୍ୟାଣ ସମିତିର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ସିଡିଏ ସେକ୍ଟର–୯ସ୍ଥିତ ରାଇସିନା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନାରାୟଣ ପତି ସ୍ମୃତି ସଂସଦ ପକ୍ଷରୁ ସ୍ମାରକୀ ସମ୍ମାନ ଓ ମେଧାବୃତ୍ତି ପ୍ରଦାନ ସମାରୋହ, ସ୍ଥାନ: କଟକ ବଙ୍ଗାଳି ସାହିସ୍ଥିତ ରାମକୃଷ୍ଣ କୁଟୀର, ସମୟ: ସନ୍ଧ୍ୟା ୬ଟା।
- କଟକ କଳାବିକାଶ କେନ୍ଦ୍ର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କିଶୋର କବି ଶ୍ୟାମସୁନ୍ଦର ଦାସଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୭ଟା।
- ଅନ୍ନପୂର୍ଣ୍ଣା ଥିଏଟର ‘ବି’ ଗ୍ରୁପ୍ ପକ୍ଷରୁ ମଞ୍ଚସ୍ଥ ହେବ ନାଟକ ଅଚଳାୟତନ, ସ୍ଥାନ: ଅନ୍ନପୂର୍ଣ୍ଣା ପ୍ରେକ୍ଷାଳୟ, ବାରପଥର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ପ୍ରଥମ ବଜରଙ୍ଗୀ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭଗବତୀପୁର, ସାଇଁଶଶାସନ, ନିମାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପାଇକ ବିଦ୍ରୋହ ଦିବସ ପାଳନ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ମ୍ୟୁଜିୟମ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶୀ ଗୁରୁକୁଳ ଉତ୍ସବ, ସ୍ଥାନ: ଗୁରୁକୁଳ ପରିସର, ବଡହାଟ ବିରିଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ‘ଷ୍ଟାର ଇଭିନିଂ’, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବ ଓ ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୁଶପଲ୍ଲୀ ତଳସାହି, ବେଗୁନିଆ, ସମୟ: ସକାଳ ୭ଟା।
- ଶ୍ରୀଲୋକେଶ୍ୱର ଦୋଳ ମେଳଣ ଉଦ୍‌ଯାପନୀ, ଲୋକେଶ୍ୱର ପଡିଆ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।
- ଦୋଳ ମେଳଣ ଉଦ୍‌ଯାପନୀ, ସ୍ଥାନ: ଗୋଡ଼ିପଡ଼ା, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଶ୍ରୀ ରାଧା ଗୋପୀନାଥଜୀଉ ମନ୍ଦିର (ଇସ୍କନ)ର ୧୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଶଙ୍ଖାରି, ଭୋଗରାଇ, ସମୟ: ସକାଳ ୮ଟା।
- ଏକାଡେମୀ ଅଫ୍ ବିଜିନେସ୍ ଆଡ୍‌ମିନିଷ୍ଟ୍ରେଶନର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ କ୍ୟାମ୍ପସ, କୁରୁଡ଼ା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଫକୀରମୋହନ ଭେଷଜ ମହାବିଦ୍ୟାଳୟ ପ୍ରଥମ ଶିକ୍ଷାବର୍ଷର ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବାଲେଶ୍ୱର ଷ୍ଟେଶନ କ୍ଲବ, ସମୟ: ଅପରାହ୍ନ ୫ଟା।
- ସମ୍ପେଇ ଦୋଳ ଯୁବ ମହୋତ୍ସବର ତୃତୀୟ ସନ୍ଧ୍ୟା: ସ୍ଥାନ: ସମ୍ପେଇ ମେଳଣ ପଡିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଶ୍ରୀଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣୀ ସଭା, ସ୍ଥାନ: ଉଦଳା ବ୍ଲକ, ଡିହିରାକୁଳ ,ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଗୀତାପାଠ ଓ ହୋମଯଜ୍ଞ, ସ୍ଥାନ: ଗିରିଧାରୀ ନଗର ମଙ୍ଗଳା ମନ୍ଦିର, ବନ୍ତ, ସମୟ: ସକାଳ ୭ଟା।

## କେନ୍ଦୁଝର

- ବାବା ବଳିଆଙ୍କ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାତୋ, ଘସିପୁରା, ସମୟ: ସକାଳ ୭ଟା।
- ରଘନାଥଜୀଉଙ୍କ ମନ୍ଦିରରେ ୩୦ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରଘନାଥଜୀଉ ମନ୍ଦିର, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ୨ ଦିନିଆ ବାର୍ଷିକ ଜୈବ ମଣ୍ଡଳ ଓ ସଂସ୍କୃତି ଏକ୍ସଚେଞ୍ଜ ମେଳା ଉଦଯାପନୀ ଉତ୍ସବ, ସ୍ଥାନ: କେନ୍ଦୁଝର ଗୁଜୁରାଟି ଭବନ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।
- ନଗର ସଂକୀର୍ତ୍ତନ ଏବଂ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ଶାସଙ୍ଗ ଗ୍ରାମ, ହାଟଡ଼ିହୀ ବ୍ଲକ, ସମୟ : ଅପରାହ୍ନ ୩ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ, ସ୍ଥାନ: ରମ୍ପାସ, ହାଟଡିହୀ, ସମୟ: ଅପରାହ୍ନ ୫ଟା।
- ଦୋଳ ପୂର୍ଣ୍ଣିମା ଅବସରରେ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା, ସ୍ଥାନ: କଣ୍ଟିପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୫ଟା।
- ୪ ଦିନିଆ ବାଦୀପାଲା କାର୍ଯ୍ୟକ୍ରମ, ସ୍ଥାନ: ଶାସଙ୍ଗ ୟୁପି ସ୍କୁଲ ନିକଟ ସତ୍ୟ ନାରାୟଣ ପାଲା ପେଣ୍ଡାଲ, ହାଟଡ଼ିହୀ ବ୍ଲକ୍, ସମୟ : ରାତି ୮ଟା ୩୦।

## ବ୍ରହ୍ମପୁର

- ଗଞ୍ଜାମଶ୍ରୀ ପ୍ରତିଯୋଗିତା ସ୍ଥାନ: ଟାଉନ ହଲ,ସମୟ: ସକାଳ ୯ଟା।
- ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ, ସ୍ଥାନ: ବ୍ରହ୍ମପୁର ମଣ୍ଡଳ କାରାଗାର, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ ସମାରୋହ, ଶିଶୁ ସାହିତ୍ୟ ବିକାଶ ପରିଷଦର ସ୍ୱନକ୍ଷତ୍ର ଉତ୍ସବ,ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ, ସମୟ: ସକାଳ ୯ଟା ୧୫।
- ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ ସଭା, ସ୍ଥାନ:ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ,ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ

- ନାମଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଭଞ୍ଜନଗର ବ୍ଲକ ଘୁଟୁଲିଗୁଡା, ସମୟ: ସକାଳ ୬ଟା।
- ଶ୍ରୀଦଧିବାମନ ମନ୍ଦିର ପ୍ରତିଷ୍ଠା ସ୍ଥାନ:ବୁଗୁଡ଼ା ବ୍ଲକ ରାମଗଡ, ସମୟ:ସକାଳ ୮ ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ବେଲଗୁଣ୍ଠା ଶିଶୁ ବିଦ୍ୟାଭବନ, ସମୟ: ଅପରାହ୍ନ ୪ଟା
- ହୁମା ପଞ୍ଚୁଦୋଳ ସାହିଯାତ୍ରା, ସ୍ଥାନ: ଗଞ୍ଜାମ ଖଟୁଆକୁଦା, ସମୟ:ରାତି ୮ଟା।

## ରାୟଗଡ଼ା

- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ଶାସ୍ତ୍ରୀ ନଗର, ରାୟଗଡ଼ା, ସମୟ: ସକାଳ ୮ଟା।

## କୋରାପୁଟ

- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଛକ, କୋରାପୁଟ,ସମୟ: ସକାଳ ୯ଟା। –ସ୍ଥାନ: ବୈପାରିଗୁଡା ବ୍ଲକ ତେନ୍ତୁଳିଗୁମ୍ମା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା ୩୦।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: କୋର୍ଟସ ସଭାଗୃହ କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ଲକ୍ଷ୍ମଣ ନାୟକ ବିଦ୍ୟାପୀଠ, ସମୟ : ସକାଳ ୮ଟା।

## ସମ୍ବଲପୁର

- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକ୍ଷେତ୍ର ପକ୍ଷରୁ ତିନିଦିନିଆ ଆଧ୍ୟାତ୍ମିକ ସମାବେଶ, ସ୍ଥାନ: ଶାସନ ନିକଟ ପାବନ ସରୋବର, ସମୟ: ସକାଳ ୯ଟା।
- ଶ୍ରୀଚୈତନ୍ୟ ନାମଯଜ୍ଞ, ସ୍ଥାନ: ମୁରାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଆକାଶ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମେଧାବୃତ୍ତି ଘୋଷଣା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱର ନାଟ୍ୟାନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ, ସ୍ଥାନ: ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ବିଜେଡ଼ିର ମିଶ୍ରଣ ପର୍ବ, ସ୍ଥାନ: ଟିଟିଲାଗଡ଼ ବିଜେଡ଼ି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଗିରିଜା ଶଙ୍କର ରଥଙ୍କ ‘ପରିବ୍ୟାପ୍ତ ପରିଧି’ ପୁସ୍ତକ ଲୋକାର୍ପଣ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଣ୍ଟାବାଞ୍ଜି, ସମୟ: ଅପରାହ୍ନ ୪ଟା୩୦।

## ସୁବର୍ଣ୍ଣପୁର

- ବହଳପଦର ପ୍ରିମିଅର ଲିଗ୍ କ୍ରିକେଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବହଳପଦର ଖେଳପଡିଆ,ବୀରମହାରାଜପୁର, ସମୟ: ସକାଳ ୮ ଟା।
- ଝାମୁଯାତ୍ରା, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର, ସମୟ: ଅପରାହ୍ନ ୩ ଟା।
- ଦ୍ୱିତୀୟ ଶିଶୁ ବିକାଶ ଉତ୍ସବ, ସ୍ଥାନ: ବିନିକା ଶିଶୁ ବିକାଶ ବିଦ୍ୟାମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ବରଗଡ଼

- ଶିବ ମନ୍ଦିର, ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କେନ୍ଦପାଲି, ସମୟ: ସକାଳ ୮ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- କୁଷ୍ଠ କଲୋନୀରେ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଦୁର୍ଗାପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୭ମ ଚକ୍ରଧାରୀ ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମେହେର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ପୂର୍ବତନ ସଭାପତି ଜିଲା କଂଗ୍ରେସ କମିଟି ପକ୍ଷରୁ ପ୍ରେସ୍‌ମିଟ, ସ୍ଥାନ: କ୍ରିଷ୍ଟାଲ ପ୍ୟାଲେସ, ସମୟ: ଅପରାହ୍ନ ୪ଟା୩୦।
- ଶ୍ରୀରାମ କଥା, ପ୍ରବଚନ, ସ୍ଥାନ : ଦେବଗଡ଼ ଲାଲୁ ସାହି,ସମୟ: ସନ୍ଧ୍ୟା ୬ଟା।
- ଦୋଳ ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ:ଭୂୟାଁ ସାହି,ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- କୋଶଳ ସେନାର ଜରୁରୀ ବୈଠକ, ସ୍ଥାନ: ବେହେରାମାଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱେଚ୍ଛାସେବୀ ସଙ୍ଗଠନର ରକ୍ତଦାନ ଆହ୍ୱାନ କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗଳ ବଜାର ଅଡ଼ିଟୋରିୟମ, ସମୟ: ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି

- ଜୁନାଗଡ଼ ନିର୍ବାଚନମଣ୍ଡଳୀର ବିକାଶ ନେଇ ଆଲୋଚନାଚକ୍ର, ସ୍ଥାନ: ଜୁନାଗଡ଼ ସହର ନିକଟସ୍ଥ ମାଟିଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଜିଲା ଆଦିବାସୀ କଲ୍ୟାଣ ସଂଘର ଖବରଦତା ସମ୍ମିଳନୀ, ସ୍ଥାନ: ନୂଆପଡ଼ା ଭରଦ୍ୱାଜ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରଥମ ଫ୍ଲଡ୍‌ଲାଇଟ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଖଡ଼ିଆଳ ବ୍ଲକ ଚଳାନପଦା ଖେଳ ପଡିଆଠାରେ, ସମୟ: ରାତି ୮ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି , ସ୍ଥାନ: ହରଭଙ୍ଗା ବ୍ଲକ ଚମ୍ପାମାଳ ଗ୍ରାମ୍ୟ ମଣ୍ଡପ, ସମୟ: ସକାଳ ୬ଟା।
- ମା’ କନ୍ଧେନବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିନ, ସ୍ଥାନ: ଆଦିବାସୀ ଖେଳପଡିଆ ଦେଢେଣମାଲ,କଣ୍ଟାମାଳ, ସମୟ: ମଧ୍ୟାହ୍ନ ୧୨ଟା।
- ଫଟାମୁଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିନ, ସ୍ଥାନ: କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଫଟାମୁଣ୍ଡା ଖେଳପଡିଆ, ସମୟ: ଅପରାହ୍ନ ୧ଟା।

## ଅନୁଗୋଳ

- ମତଦାନ କେନ୍ଦ୍ର ପରିଦର୍ଶନ, ସ୍ଥାନ: ଅନୁଗୋଳ ଜିଲା, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନଜନିତ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ନିର୍ବାଚନଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ଶ୍ରୀଜଗନ୍ନାଥ ସେବା ପରିଷଦର ବୈଠକ, ସ୍ଥାନ: ଢେଙ୍କାନାଳ ରାଜବାଟୀ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଜଗତ୍‌ସିଂହପୁର

- ବିଶ୍ୱଶାନ୍ତି ମହାଯଜ୍ଞ, ଜଗନ୍ନାଥଙ୍କ ଚବିଶ ବେଶ, ଛପନ ଭୋଗ ପ୍ରଦର୍ଶନ, ଭାଗବତ ସପ୍ତାହ ଓ ସାଧୁସନ୍ଥଙ୍କ ଦ୍ୱାରା ଜ୍ଞାନଯଜ୍ଞ, ସ୍ଥାନ: ରାହାମା କଲେଜ ପଡ଼ିଆ, ସମୟ: ପ୍ରାତଃ ୪ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ଫୁଲବେଲାରୀ ଗ୍ରାମ, ସ୍ଥାନ: ପାରାଦୀପ ଲକ୍‌ଥାନା, ସମୟ: ପ୍ରାତଃ ୪ଟା ୩୦।
- ଝୁଲଣ ଉତ୍ସବ ଓ ଗୌରାଙ୍ଗ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ଅଭିଷେକ, ସ୍ଥାନ: ଜଗତ୍‌ସିଂହପୁର ପୁନଙ୍ଗସ୍ଥିତ ନିତାଇଗୌର ସେବାଶ୍ରମ ପରିସର, ସମୟ: ସକାଳ ୯ଟା।
- ନିଃଶୁଳ୍କ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଏରସମା ବଜାର, ସମୟ: ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ଗୋରସ ସମିତି ପକ୍ଷରୁ ଲଉଡି ଖେଳ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ତିନି ଦୋଳ ଯାତ୍ରା ଉଦ୍‌ଯାପିତ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ବସନ୍ତପୁର, ସମୟ:ସକାଳ ୮ଟା୩୦।
- ତିନିଦୋଳ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ମାଛିପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ରଣପୁର ବ୍ଲକ କଂଗ୍ରେସ ପକ୍ଷରୁ ନିର୍ବାଚନ ଇସ୍ତାହାର ଉନ୍ମୋଚନ,ସ୍ଥାନ: ରଣପୁର ମଣିନାଗ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ପଞ୍ଚମ ବାର୍ଷିକ ଶ୍ରୀବାସୁଦେବ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଡଅଁରମୁଣ୍ଡା, ଶିଳିପୁର, ମାର୍ଶାଘାଇ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ମହାପୀଠ, କୋଚିଲା, ମହାକାଳପଡା, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: କଣ୍ଡିରା, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା,ସ୍ଥାନ : ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ,ସମୟ : ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତୀକ ଧାରଣା,ସ୍ଥାନ : ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ : ସକାଳ ୭ଟା।
- ଧର୍ମଶାଳା ମୁନସୀ ମେଳଣ, ସ୍ଥାନ : ଧର୍ମଶାଳା ହାଟ ପଡ଼ିଆ,ସମୟ : ଅପରାହ୍ନ ୩ଟା(ଉଦ୍‌ଯାପନୀ)।
- ୮୭ ତମ ଅଷ୍ଟ ପ୍ରହରୀ ନାମଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ : ବ୍ୟାସନଗର ପୌର ପରିଷଦ ଅର୍ନ୍ତଗତ ଚୋରଦା ଗ୍ରାମ, ସମୟ : ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମଙ୍ଗଳ ସହ ଶନିଙ୍କ ସଂଯୋଗ ହେତୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ବ୍ୟବସାୟ,ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ସାଧନ ପାଇଁ କୌଣସି ଅସୁବିଧା ହେବନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କୁ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ଉପରେ ପଡି କାହାକୁ କିଛି ଉପଦେଶ ଦେଲେ ସେହି ବ୍ୟକ୍ତି ତାହାକୁ ଭୁଲ୍ ବୁଝିବ। ଆଜି ଯିବା ବାଟରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଆଲୋଚନା ପରିସରରେ ନୂଆକାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ମୃଗଶିରା ନକ୍ଷତ୍ର ସକାଶେ ପ୍ରଶାସନ, ପ୍ରକାଶନ, ସାହିତ୍ୟ, ରାଜନୀତି ଓ ସଂଗଠନ ପାଇଁ ଭଲ।

**ମିଥୁନ** ଆଜି ଦିନଟିରେ ଯାହା କରିବା ପାଇଁ ମନସ୍ଥ କରିଛନ୍ତି, ତାହାକୁ ସମ୍ପନ୍ନ କରିବାରେ ସଫଳ ହେବେ। ଚେଷ୍ଟା କରୁଥିବା କାମ ସକାଶେ ଆପଣଙ୍କୁ ବହୁତ ଲଢେଇ କରିବାକୁ ପଡିବ। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ଅଶାନ୍ତି ଲାଗିରହିପାରେ। ଦ୍ୱାଦଶରେ ପାପଗ୍ରହ ଥିବାରୁ ଖର୍ଚ୍ଚ କ୍ରମଶଃ ବୃଦ୍ଧିପାଇବ।

**କର୍କଟ** ଚନ୍ଦ୍ର କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜର ଅବହେଳା ଓ ଅଳସୁଆମି ହେତୁ କାମଗୁଡିକ ଧିମେଇ ଯାଇପାରେ। ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରି ପାରିବେ ନହିଁ। ବନ୍ଧୁ ବାନ୍ଧବ ସୁବିଧାବାଦୀ ଗୁଣରେ ଶୋଷଣ କରିପାରନ୍ତି।

**ସିଂହ** ବନ୍ଧୁଙ୍କ ସହ ପୂର୍ବାଲୋଚନା ମୁତାବକ କାମ ଆରମ୍ଭ କରି ଦେଇପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ସମାଲୋଚିତ ହେବାକୁ ପଡ଼ିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ପରିବାରରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଆଜି କୌଣସି ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିପାରନ୍ତି।

**କନ୍ୟା** ଚେଷ୍ଟା କରୁଥିବା କାମ ସମ୍ପନ୍ନ ନ ହେବାରୁ ବିରକ୍ତି ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା ସକାଶେ ପ୍ରଚଳିତ ପରିସ୍ଥିତିକୁ ସାମ୍ନା କରିବାକୁ ପଡିବ। ପାରିବାରିକ ଅସନ୍ତୁଳନ କାରଣରୁ ଟେନ୍‌ସନ୍ ଲାଗିରହିବ। ସକାଳୁ ସହକର୍ମୀଙ୍କ ସହ ଆଲୋଚନା ମନକୁ ଖୁସି କରାଇପାରେ। ବ୍ୟବସାୟ ପାଇଁ ଦିନଟି ଭଲ।

**ତୁଳା** ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରୁ ସମସ୍ୟାର ସମାଧାନ କରି ଶାନ୍ତିରେ ନିଃଶ୍ୱାସ ମାରିବେ। ସମ୍ପର୍କୀୟମାନେ ସମ୍ମୁଖରେ ଭିନ୍ନ ବିରୋଧ କଥା କହିପାରନ୍ତି। ପରିବାରରେ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପାରସ୍ପରିକ ସହାନୁଭୂତି ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇରହିବ।

**ବିଛା** ଦୁଃସ୍ଥାନସ୍ଥ ଭାଗ୍ୟାଧିପତି କାରଣରୁ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶାକରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଅପମାନଜନକ ସ୍ଥିତିରୁ ଖୁସି ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ମାନସିକ ଅଶାନ୍ତି ରହିପାରନ୍ତି।

**ଧନୁ** କୋଣଭାବସ୍ଥ ଗୁରୁଙ୍କ ପ୍ରଭାବରୁ ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆନୁଷ୍ଠାନିକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କେତେକ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହେବାକୁ ପଡ଼ିପାରେ।

**ମକର** ଚତୁର୍ଥକେନ୍ଦ୍ରସ୍ଥ ଗ୍ରହ ପ୍ରଭାବରେ ଚେଷ୍ଟା ଅବ୍ୟାହତ ରଖିଲେ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ। ଆତ୍ମୀୟଙ୍କ ସହ ସୁସମ୍ପର୍କ ଠିକ୍ ସମୟରେ କାମକୁ ଆସିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ।

**କୁମ୍ଭ** କୌଣସି କାମ ସହଜ ଓ ସୁବିଧାରେ ନ ହେବା କାରଣରୁ ମନ ବିଷାଦଗ୍ରସ୍ତ ରହିବ। ଚତୁର୍ଥାଧିପ ଶନି ଯୁକ୍ତ ହେତୁ ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ହେବେ। ସହକର୍ମୀମାନେ ଆପଣଙ୍କ ପରାମର୍ଶ କିମ୍ବା ସହଯୋଗ ଲୋଡ଼ିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିରେ ପ୍ରଶଂସିତ ହେବେ।

**ମୀନ** ଧନସ୍ଥ କର୍ମାଧିପ ଆର୍ଥିକ ଅନଟନକୁ ଦୂରେଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ପୂର୍ଣ୍ଣମାତ୍ରାରେ ସନ୍ତୁଷ୍ଟ କରିପାରିବେ ନାହିଁ। ଦୀର୍ଘ କେତେଦିନ ହେଲା ଚାଲିଥିବା ମାଲିମକଦ୍ଦମାର ଫଇସଲା ସମ୍ଭାବନା ରହିଛି। ସାମାଜିକ ସ୍ତରରେ ବୁଝାମଣା ଓ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

ଆଜି ମାର୍ଚ୍ଚ ୨୯ ତାରିଖ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ, ଗୁଡ୍ ଫ୍ରାଇଡେ, ଚୈତ୍ର କୃଷ୍ଣ ଚତୁର୍ଥୀ ଶୁକ୍ରବାର। ରାଶିନକ୍ଷତ୍ର–ବିଶାଖା/ତୁଳା, ଦିବା ଘ.୦୨।୦୮ ଗତେ ବିଛାଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୬ ଗତେ ଘ.୦୬।୩୫ ମଧ୍ୟେ, ଘ.୦୭।୨୮ ଗତେ ଘ.୦୮।୪୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୨୦ ଗତେ ଘ. ୧୧।୫୧ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

## ପାରଦ ଉପରମୁହାଁ...

ଟିଟିଲାଗଡ଼ ୩୯.୨, ଭବାନିପାଟଣା ୩୯, ଫୁଲବାଣୀ ୩୮.୯, ବଲାଙ୍ଗୀର ୩୮.୯, ତାଳଚେର ୩୮.୬, ରାୟଗଡ଼ା ୩୮.୬, କଟକ ୩୮.୪, ଝାରସୁଗୁଡ଼ା ୩୮.୩, ମାଲକାନଗିରି ୩୮.୨, ଚାନ୍ଦବାଲି ୩୮.୨, ଅନୁଗୋଳରେ ୩୮.୧ଡିଗ୍ରୀ ତାପମାତ୍ରା ରହିଥିଲା। ସମ୍ବଲପୁରରେ ୩୮, ହୀରାକୁଦ ୩୮ ଏବଂ ଭୁବନେଶ୍ୱରରେ ୩୭.୩ଡିଗ୍ରୀ ତାପମାତ୍ରା ରେକର୍ଡ଼କରାଯାଇଛି। ସେପଟେ ଆସନ୍ତା ଚାରିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ଏଥିସହିତ ଆଗାମୀ ତିନିଦିନ କିଛି ଜିଲାକୁ କାଳବୈଶାଖୀ ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ବରଗଡ଼, ଦେବଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଯାଜପୁର, ଝାରସୁଗୁଡ଼ା ଆଦି ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ଆଶଙ୍କା ରହିଛି। ଶୁକ୍ରବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଯାଜପୁରରେ ବର୍ଷା ସହିତ କାଳବୈଶାଖୀ ହେବାର ଆଶଙ୍କା ଥିବାବେଳେ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି।

## ବିପଦରେ ନ୍ୟାୟପାଳିକା...

ବିଚାରପତିମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥାନ୍ତି ବୋଲି ଅଭିଯୋଗ ହୋଇଛି। ଉକ୍ତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏକ ସମର୍ଥିତ ଉତ୍ତମ ଅତୀତର ମିଥ୍ୟା ବର୍ଣ୍ଣନା କରିବା ସହ ଅଦାଲତଗୁଡ଼ିକର ସୁବର୍ଣ୍ଣ ସମୟ ସମ୍ପର୍କରେ କହି ତାହାକୁ ବର୍ତ୍ତମାନ ସମୟର ଘଟଣାବଳୀ ସହ ବିଷମତାକୁ ଦର୍ଶାଇଥାନ୍ତି। ସେମାନଙ୍କର ଏଭଳି ମନ୍ତବ୍ୟର ଲକ୍ଷ୍ୟ ହେଲା କୋର୍ଟଗୁଡ଼ିକୁ ପ୍ରଭାବିତ କରିବା ଏବଂ ରାଜନୈତିକ ଫାଇଦା ପାଇଁ ସେମାନଙ୍କୁ ଲଜ୍ଜିତ କରିବା। ‘ଜୁଡିସିଆରି ଅଣ୍ଡର ଥ୍ରେଟ୍–ସେଫ୍‌ଗାର୍ଡିଂ, ଜୁଡିସିଆରି ଫ୍ରମ୍ ପଲିଟିକାଲ ଆଣ୍ଡ ପ୍ରଫେଶନାଲ ପ୍ରେସର’ ଶୀର୍ଷକ ପତ୍ରରେ ଅନ୍ୟ ଯେଉଁ ପ୍ରମୁଖ ଆଇନଜୀବୀମାନେ ସ୍ୱାକ୍ଷର କରିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ଆଦୀଶ ଅଗ୍ରୱାଲା, ଚେତନ ବମିଓଲ, ପିଙ୍କି ଆନନ୍ଦ, ହିତେଶ ଜୈନ, ଉଜ୍ଜ୍ୱଳା ପାୱାର, ଉଦୟ ହୋଲ୍ଲା ଏବଂ ସ୍ୱରୂପମା ଚତୁର୍ବେଦୀ। ଯଦିଓ ସେମାନେ କୌଣସି ନିର୍ଦ୍ଦିଷ୍ଟ ମାମଲା ସମ୍ପର୍କରେ ଉଲ୍ଲେଖ କରି ନାହାନ୍ତି, ତେବେ ଏଭଳି ଏକ ସମୟରେ ସେମାନେ ପତ୍ର ଲେଖିଛନ୍ତି, ଯେତେବେଳେ ଦୁର୍ନୀତିରେ ଜଡ଼ିତ ବିରୋଧୀ ଦଳ ନେତାମାନଙ୍କ ବିରୋଧରେ ଅନେକ ହାଇପ୍ରୋଫାଇଲ ଆପରାଧିକ ମାମଲା କୋର୍ଟରେ ବିଚାର ଚାଲିଛି। କେନ୍ଦ୍ର ସରକାର ରାଜନୈତିକ ପ୍ରତିଶୋଧ ନେବାକୁ ସେମାନଙ୍କ ନେତାମାନଙ୍କୁ ଟାର୍ଗେଟ କରୁଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରୁଥିବାବେଳେ ଭାଜପା ତାହାକୁ ଖଣ୍ଡନ କରିଛି। ନିକଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫ କରାଯାଇଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହା ବିରୋଧରେ ଏକାଠି ହୋଇଛନ୍ତି। ଏଥିରେ ସମ୍ପୃକ୍ତ ଥିବା ଆଇନଜୀବୀମାନେ ସମାଲୋଚକଙ୍କୁ ଟାର୍ଗେଟ କରି ସେମାନେ ଅତୀତରେ ଅଦାଲତଗୁଡ଼ିକୁ ପ୍ରଭାବିତ କରିବା ସହଜ ହେଉଥିଲା ବୋଲି ଅଭିଯୋଗ କରିଥାନ୍ତି। ଏହା ଅଦାଲତଗୁଡ଼ିକ ପ୍ରତି ରହିଥିବା ଜନସାଧାରଣଙ୍କ ଆସ୍ଥାକୁ ଦୋହଲାଇ ଦେଇଥାଏ। ସେମାନଙ୍କ ସମାଲୋଚକମାନେ ବିଶ୍ୱାସ ଏବଂ ସଦ୍‌ଭାବର ବାତାବରଣକୁ ବିଗାଡ଼ିଥାନ୍ତି ବୋଲି ସିଜେଆଇଙ୍କୁ ଲେଖାଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି। ସେମାନେ ‘ବେଞ୍ଚ୍ ଫିକ୍ସିଂ’ର ଏକ ସମ୍ପୂର୍ଣ୍ଣ ସୂତ୍ରକୁ ମନରେ ସୃଷ୍ଟି କରିଥାନ୍ତି, ଯାହା କେବଳ ଅପମାନଜନକ ଏବଂ ତିରସ୍କାରପୂର୍ଣ୍ଣ ନୁହେଁ, ବରଂ ଅଦାଲତଗୁଡ଼ିକର ସମ୍ମାନ ଓ ମର୍ଯ୍ୟାଦା ପ୍ରତି ମଧ୍ୟ ଆକ୍ରମଣ ବୋଲି ପତ୍ରରେ କୁହାଯାଇଛି। ଏପରିକି ସେମାନେ ଆମ ଅଦାଲତଗୁଡ଼ିକୁ ଆଇନର ଶାସନ ନ ଥିବା ଅନ୍ୟ ଦେଶର କୋର୍ଟ ସହ ତୁଳନା କରିବା ଭଳି ସ୍ତରକୁ ଖସିଯାଇ ଆମ ବିଚାର ବ୍ୟବସ୍ଥା ଅସାଧୁ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ଆଣିଥାନ୍ତି ବୋଲି ପ୍ରମୁଖ ଆଇନଜୀବୀମାନେ ସିଜେଆଇଙ୍କ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି।

ଆଇନଜୀବୀମାନେ ସିଜେଆଇଙ୍କୁ ପତ୍ର ଲେଖିବା ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅନ୍ୟମାନଙ୍କୁ ଡରେଇବା ଓ ଧମକାଇବା କଂଗ୍ରେସର ପୁରୁଣା ସଂସ୍କୃତି। ୫ ଦଶନ୍ଧି ପୂର୍ବରୁ ସେମାନେ ଏକ ଅଙ୍ଗୀକାରବଦ୍ଧ ନ୍ୟାୟପାଳିକାର ଆହ୍ୱାନ ଦେଇଥିଲେ। ତେବେ ସେମାନେ ନିଜର ସ୍ୱାର୍ଥ ପାଇଁ ନିର୍ଲଜଭାବେ ଅନ୍ୟମାନଙ୍କଠାରୁ ପ୍ରତିଶ୍ରୁତି ଚାହିଁବା ସହ ଦେଶ ପ୍ରତି କୌଣସି ପ୍ରତିବଦ୍ଧତାକୁ ବିରୋଧ କରୁଛନ୍ତି ବୋଲି ମୋଦି ଏକ୍ସ’ରେ ଲେଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା ଉପରେ କଂଗ୍ରେସ ଜବାବ ରଖିଛି। ନ୍ୟାୟପାଳିକାକୁ ସମର୍ଥନ ନାଁରେ ଏହା ଉପରେ ଆକ୍ରମଣ ଉଦ୍ୟମ ପାଇଁ ପ୍ରଧାନମନ୍ତ୍ରୀଙ୍କ ନିର୍ଲଜତା ସବୁଠୁ ବଡ଼ ଛଳନା ବୋଲି କଂଗ୍ରେସ କହିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ମଜୁରି...

ସର୍ବାଧିକ ୩୭୪ ଟଙ୍କା ହୋଇଥିବାବେଳେ ନାଗାଲାଣ୍ଡରେ ସର୍ବନିମ୍ନ ୨୩୪ ଟଙ୍କା ରହିଥିବା କେନ୍ଦ୍ର ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ଲୋକ ସଭା ନିର୍ବାଚନ ଲାଗି ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ନିର୍ବାଚନ କମିଶନଙ୍କ ଅନୁମତି ପରେ ବୁଧବାର ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଥିଲା। ଗ୍ରାମାଞ୍ଚଳର ପରିବାରଗୁଡ଼ିକର ଜୀବିକା ସୁରକ୍ଷା ବଢ଼ାଇବା ଲକ୍ଷ୍ୟରେ ଅଣକୁଶଳୀ କାର୍ଯ୍ୟ କରିବାକୁ ଆଗ୍ରହୀ ପ୍ରତି ପରିବାରର ସାବାଳକ ସଦସ୍ୟଙ୍କୁ ବର୍ଷକୁ ୧୦୦ ଦିନ କାମ ଯୋଗାଇବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଲକ୍ଷ୍ୟ। ଗତବର୍ଷର ମଜୁରି ହାର ଉପରେ ଏହି ବୃଦ୍ଧି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଗୋଆରେ ମଜୁରି ସର୍ବାଧିକ ୩୪ ଟଙ୍କା (୧୦.୬%) ବଢ଼ି ୩୫୬ ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୨୮ ଟଙ୍କା ବୃଦ୍ଧି ପାଇ ଦୈନିକ ମଜୁରି ୩୦୦ ଟଙ୍କା ହୋଇଛି। ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ମଜୁରି ସର୍ବନିମ୍ନ ୭ ଟଙ୍କା ବଢ଼ି ୨୩୭ ଟଙ୍କା ହୋଇଛି। ପଶ୍ଚିମବଙ୍ଗରେ ମଜୁରି ୧୩ ଟଙ୍କା ବଢ଼ି ୨୫୦ ଟଙ୍କା ହୋଇଥିବାବେଳେ ତାମିଲନାଡୁରେ ୨୫ ଟଙ୍କା ବଢ଼ି ୩୧୯ ଟଙ୍କା ଏବଂ ତେଲଙ୍ଗାନାରେ ୨୮ ଟଙ୍କା ବଢ଼ି ୩୦୦ ଟଙ୍କା ହୋଇଛି।

## ଭିଜିଲାନ୍ସ ଜାଲରେ...

ମାନସ କହିଥିଲେ। ଉପେନ୍ଦ୍ର ଭିଜିଲାନ୍ସ ନିକଟରେ ଅଭିଯୋଗ କରିବା ପରେ ପୂର୍ବପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୪/୨୦୨୪) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଭିଜିଲାନ୍ସ ପକ୍ଷରୁ ମାନସଙ୍କ ଘର ସମେତ ୩ଟି ସ୍ଥାନରେ ମଧ୍ୟ ଏକକାଳୀନ ଚଢ଼ାଉ କରାଯାଇଛି। ଅଭିଯୁକ୍ତ ମାନସଙ୍କୁ ପଚରାଉଚରା କରାଯାଉଥିବା ବେଳେ ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ୫ ମାସ ପରେ...

ସର୍ଭେରେ ସୀମିତ ରହିଛି। ନିର୍ବାଚନ ସମୟ ଆସିଲେ ରେଳ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଉଥିବାବେଳେ ପରବର୍ତ୍ତୀ ସମୟରେ ପୁଣି ଧିମେଇ ଯାଉଥିବା ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଯାଜପୁର ରୋଡ ଷ୍ଟେଶନ ନିକଟରେ ହାଇଲେବୁଲ ବ୍ରିଜ୍ ଏବଂ ଗଳି ପୋଲ ନିର୍ମାଣ ପ୍ରକ୍ରିୟା ଆଗକୁ ବଢି ପାରୁନାହିଁ। ଫଳରେ ଯାଜପୁର ରୋଡ ରେଲୱେ ଲାଇନର ଗୋଟିଏ ପାର୍ଶ୍ୱ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଯାଜପୁରରୋଡ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବି ଓ ଆନ୍ଦୋଳନ ହେଉଥିଲେ ବି କିଛି ସଫଳତା ମିଳି ନ ଥିବା ମତପ୍ରକାଶ ପାଇଛି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଅଧିକାରୀ

ନୂଆପଡ଼ା,୨୮।୩(ମକାରୁ ବେମାଲ)

ନୂଆପଡା ଜିଲା ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଅଧିକାରୀ ନରେନ୍ଦ୍ର କୁମାର ଚନ୍ଦ୍ରକାର ଜମିଜମା ମାମଲାର ସମାଧାନ ପାଇଁ ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି। ସରକାରୀ କାର୍ଯ୍ୟାଳୟ ଓ ଖରିଆର ରୋଡସ୍ଥିତ ତାଙ୍କ ବାସ ଭବନରେ ଭିଜିଲାନ୍ସ ଟିମ୍ ଚଢାଉ ଜାରି ରହିଛି। ସୂଚନା ମୁତାବକ, ନୂଆପଡା ରାଜସ୍ୱ ବିଭାଗରେ ମୁଖ୍ୟ କିରାଣିରୁ ଅବସର ନେବା ପରେ ସେହି ବିଭାଗରେ ସ୍ୱତନ୍ତ୍ର ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ। ସେ ଜମିଜମା ମାମଲାରେ ଜଣେ ବ୍ୟକ୍ତିଙ୍କୁ ୩୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ନୂଆପଡା ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଚନ୍ଦ୍ରକାରଙ୍କୁ ଟଙ୍କା ଦେବା ପାଇଁ କହିଥିଲେ। ଚନ୍ଦ୍ରକାର ସନ୍ଧ୍ୟା ପ୍ରାୟ ୭ଟାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜିଲାପାଳ କାର୍ଯ୍ୟାଳୟ ମିଶନଶକ୍ତି କୈଫେ ପାଖକୁ ଡକାଇଥିଲେ। ପୂର୍ବ ଯୋଜନା ମୁତାବକ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ମାଡି ବସିଥିଲେ। ଚଢାଉ ସମୟରେ ନୂଆପଡ଼ା ଭିଜିଲାନ୍ସ ବିଭାଗ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀନବନ୍ଧୁ ବେହେରା, ଭବାନୀପାଟଣା ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ପ୍ରମିଳା ସୁନା, ଆଲୋକ ମହାପାତ୍ର, ସନ୍ତୋଷ କୁମାର ମହାନ୍ତି, ଶିବ ପ୍ରସାଦ ପ୍ରଧାନ ପ୍ରମୁଖ ସାମିଲ ଥିଲେ।




# ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

**ମାହାଙ୍ଗା ଡବଲ ମର୍ଡର ମାମଲା**

- **ଜବାବ ପ୍ରଦାନ ଶେଷ**
- **ଏପ୍ରିଲ ୧୦ରେ ପରବର୍ତ୍ତୀ ଶୁଣାଣି**

କଟକ,୨୮।୩ (କାର୍ତ୍ତିକ ସାହୁ)

ମାହାଙ୍ଗା ଡବଲ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ନିମ୍ନକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ବିଧାୟକ ଜେନା ହାଇକୋର୍ଟରେ ରୁଜୁ କରିଥିବା ମାମଲାରେ ରଞ୍ଜିତ୍ ବରାଳ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ରଞ୍ଜିତ୍ ବରାଳଙ୍କ ଯୁକ୍ତି ଉପରେ ବିଧାୟକ ଜେନାଙ୍କ ପକ୍ଷରୁ ଗୁରୁବାର ହାଇକୋର୍ଟରେ ଜବାବ ପ୍ରଦାନ ଶେଷ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଶୁଣାଣି କରି କୌଣସି ପକ୍ଷଙ୍କର ଲିଖିତ ଯୁକ୍ତି ଥିଲେ ଉପସ୍ଥାପନ କରିବାକୁ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପ୍ରତାପ ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର ରହିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ୍ ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ୨୦୨୧ ଜାନୁଆରୀ ୨ ତାରିଖରେ ମାହାଙ୍ଗାରେ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ହେଲେ ମାହାଙ୍ଗା ପୋଲିସ୍ ଏହି ହତ୍ୟା ମାମଲାରେ ଅଭିଯୋଗ ଫର୍ଦ୍ଦରୁ ପ୍ରତାପ ଜେନାଙ୍କ ନାମକୁ ବାଦ୍ ଦେଇଥିଲା। ଏହି ମାମଲାରେ ତାଙ୍କୁ ନିମ୍ନ ଅଦାଲତରେ ହାଜର ହେବାକୁ କୁହାଯାଇଥିଲା। ବିଧାୟକ ଜେନାଙ୍କ ବିରୋଧରେ ସାଲେପୁର ଜେଏମ୍ଏଫ୍‌ସି କୋର୍ଟ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ଏଥିସହ ଜେନାଙ୍କୁ ୨୦୨୩ ଅକ୍ଟୋବର ୩୧ ତାରିଖରେ ହାଜର ହେବାକୁ ସମନ ଜାରି କରିଥିଲେ। ବିଧାୟକ ଜେନାଙ୍କ ପକ୍ଷରୁ ନିମ୍ନକୋର୍ଟରେ କଗ୍ନିଜାନ୍ସ ଏବଂ ତାଙ୍କ ବିରୋଧରେ ଅଦାଲତରେ ହୋଇଥିବା କ୍ରିମିନାଲ ପ୍ରୋସିଡିଂ ରଦ୍ଦ ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଗତ ନଭେମ୍ବର ୨ରେ ନିମ୍ନ ଅଦାଲତଙ୍କ ଆଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରି ବିଧାୟକଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ। ବିଧାୟକ ଜେନାଙ୍କ ପକ୍ଷରୁ ଆଇନଜୀବୀ ଦେବୀ ପ୍ରସାଦ ଧଳ ମାମଲା ପରିଚାଳନା କରୁଛନ୍ତି।

# ଲାଞ୍ଚ ମାମଲାରେ ସ୍ୱାସ୍ଥ୍ୟ ପରିଦର୍ଶିକାଙ୍କୁ ୪ବର୍ଷ ଜେଲ


ମଥାମଣି ରଥ

ସୁନ୍ଦରଗଡ଼,୨୮।୩ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଗୁରୁବାର ଏକ ଲାଞ୍ଚ ମାମଲାରେ ବଣାଇଁ ଉପଖଣ୍ଡ ଖୁଣ୍ଟ ଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶିକା ମଥାମଣି ରଥ(୬୩)ଙ୍କୁ ୪ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ମଥାମଣି ଖୁଣ୍ଟ ଗାଁ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ମହିଳା ସ୍ୱାସ୍ଥ୍ୟ କର୍ମୀ(ଏଏନଏମ)ଜସିନ୍ତା କେରକେଟାଙ୍କ ବିଭିନ୍ନ ରେଜିଷ୍ଟରରେ କାଉଣ୍ଟର ସାଇନ କରି ଫେରାଇବା ପାଇଁ ୨, ୫୦୦ଟଙ୍କା ଦାବି କରିଥିଲେ। ଅଭିଯୋଗ ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନଂ ୪୩/୨୦୦୬ରେ ଏକ ମାମଲା ରୁଜୁ ହୋଇଥିଲା।

# ଜେଲ ଗଲେ ୟୁଟ୍ୟୁବର ମୋନାଲିସା, ବଦ୍ରି

ଯାଜପୁର ଟାଉନ,୨୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ବେଆଇନ ଭାବେ ଘରେ ମାଙ୍କଡ଼ ରଖି ସେମାନଙ୍କ ସହ ଫଟୋ ଓ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଶେୟାର କରୁଥିବା ୟୁଟ୍ୟୁବର ମୋନାଲିସା ଭଦ୍ର ଓ ତାଙ୍କ ସ୍ୱାମୀ ବଦ୍ରିନାରାୟଣ ଭଦ୍ର ଶେଷରେ ଜେଲ ଯାଇଛନ୍ତି। ଉଭୟେ ଗତ ବୁଧବାର ଯାଜପୁରରୋଡ୍ ବନ ବିଭାଗ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଥିଲେ। ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଦମ୍ପତିଙ୍କୁ ଯାଜପୁର ଟାଉନ୍ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଭଦ୍ର ଦମ୍ପତିଙ୍କ ଜାମିନ ନାମଞ୍ଜୁର କରି ଶୁକ୍ରବାର ପୁନଶ୍ଚ ଜାମିନ ଆବେଦନର ଶୁଣାଣି କରିବା ପାଇଁ ତାରିଖ ଧାର୍ଯ୍ୟ କରିଥିଲେ। ତେଣୁ ମୋନାଲିସା ଏବଂ ବଦ୍ରିନାରାୟଣଙ୍କୁ ଶୁକ୍ରବାର ପର୍ଯ୍ୟନ୍ତ ଯାଜପୁର ଜିଲା କାରାଗାରକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଯାଜପୁର ସଦର ଥାନା ଅନ୍ତର୍ଗତ ବେରୁଦା ପଞ୍ଚାୟତ ଜହଳ ଗ୍ରାମର ୟୁଟ୍ୟୁବର ମୋନାଲିସା ବନ୍ୟ ଆଇନ ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହେବାପରେ ବନ ବିଭାଗ ଟିମ୍ ଗତ ୨୪ ତାରିଖରେ ତାଙ୍କ ଘରେ ଚଢ଼ାଉ କରିଥିଲା। ଏହି ଚଢ଼ାଉ ସମୟରେ ମୋନାଲିସା ଓ ବଦ୍ରିନାରାୟଣ ଫେରାର ହୋଇଯାଇଥିଲେ। ଏହି ଭଦ୍ର ଦମ୍ପତି ଫେରାର ହେବା ପରେ ପୁନଶ୍ଚ ଗତ ସୋମବାର ବନ ବିଭାଗ ପକ୍ଷରୁ ତାଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବନ ବିଭାଗ ପକ୍ଷରୁ ଏକ ମାଙ୍କଡ଼କୁ ଜବତ କରି ଯାଜପୁରରୋଡ୍ ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏଥିସହିତ ମୋନାଲିସା ଓ ତାଙ୍କ ସ୍ୱାମୀଙ୍କୁ ଧରିବା ପାଇଁ ବନବିଭାଗ ପକ୍ଷରୁ ୨ ଟିମ୍ ଗଠନ କରାଯାଇଥିଲା। ସେମାନଙ୍କ ବିରୋଧରେ ଏକ ମାମଲା (ନଂ.୨୭୫।୨୪)ରୁଜୁ ହୋଇଛି।


ମୋନାଲିସା ଭଦ୍ର ଓ ତାଙ୍କ ସ୍ୱାମୀ ବଦ୍ରିନାରାୟଣ ଭଦ୍ର।

- **ଘରେ ମାଙ୍କଡ଼ ରଖି ସେମାନଙ୍କ ସହ ଫଟୋ, ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଶେୟାର କରୁଥିଲେ**
- **ଚଢ଼ାଉ ବେଳେ ଫେରାର ହୋଇଯାଇଥିଲେ ଦମ୍ପତି**
- **ବୁଧବାର ବନ ବିଭାଗ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଥିଲେ**

# ସୌମ୍ୟଙ୍କ ବାସଭବନରେ ପ୍ରଣବ

ଭୁବନେଶ୍ୱର,୨୮।୩ (ଅନିଲ ଦାସ)

୨୦୨୪ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜନୈତିକ ବାତାବରଣ ସେତିକି ଉଷ୍ମ ହେବାରେ ଲାଗିଛି। ଦଳ ବଦଳଠାରୁ ଆରମ୍ଭ କରି ପାର୍ଟି ଭିତରେ ଅନ୍ତଃ କନ୍ଦଳ ଦେଖିବାକୁ ମଧ୍ୟ ମିଳୁଛି। ଅନ୍ୟପକ୍ଷରେ ଟିକେଟ ପାଇବା ପାଇଁ ଆଶାୟୀଙ୍କ ଲବି ଜୋର୍‌ଦାର ହେଉଛି। ନିକଟରେ ବିଜେଡି ଏହାର ପ୍ରଥମ ପର୍ଯ୍ୟାୟରେ ୭୨ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟ ଆସନଗୁଡ଼ିକ ପାଇଁ ଦିନେ ଦୁଇଦିନ ମଧ୍ୟରେ ଟିକେଟ ଘୋଷଣା ହେବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଦଳ ସମ୍ଭାବ୍ୟ ବିଜୟୀ ପ୍ରାର୍ଥୀଙ୍କୁ ଟିକେଟ ଦେବା ପାଇଁ କସରତ କରୁଛି। କେତେକ ଆସନରେ ଅସନ୍ତୁଷ୍ଟଙ୍କୁ ମନାଇବାକୁ ଦଳର ବରିଷ୍ଠ ନେତାମାନେ ଉଦ୍ୟମ ଜାରି ରଖିଛନ୍ତି। ଶୁଣିବାକୁ ମିଳୁଛି ଯେ, ଖଣ୍ଡପଡ଼ା ବିଧାନସଭା ଆସନରେ ବିଜେଡିରୁ ନିଲମ୍ବିତ ହୋଇଥିବା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କିମ୍ବା ତାଙ୍କ ଝିଅ ତନୟା ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ କରିପାରେ। ଏନେଇ ଗୁରୁବାର ସନ୍ଧ୍ୟାରେ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଧାୟକ ସୌମ୍ୟଙ୍କ ବାସଭବନକୁ ଯାଇ ଏନେଇ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ତନୟା ଗୁରୁବାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଥିବା କୁହାଯାଉଛି।

# ପୋଲିସକୁ ଦେଖି ପଳାଉଥିବା ବାଇକ୍ ଚାଳକଙ୍କ ମୃତ୍ୟୁ

**ଗଞ୍ଜେଇ ଭର୍ତ୍ତି କାର୍ ଛାଡ଼ି ବ୍ୟବସାୟୀ ଫେରାର**

ଦାରିଙ୍ଗବାଡି, ୨୮।୩ (ଅରୁଣ ସାହୁ)

କନ୍ଧମାଳ ଜିଲା କ. ନୂଆଗାଁ ପୋଲିସ ଏକ ଗଞ୍ଜେଇ ବୋଝେଇ କାର (ନଂ. ଓଡି୩୩ଏଇ ୩୪୪୩ )କୁ ଧରିବା ପାଇଁ ଗୁରୁବାର ସନ୍ଧ୍ୟାରେ ୪୦ କି.ମି. ପିଛା କରିଥିଲା। ଖବରପାଇ ଦାରିଙ୍ଗବାଡି ପୋଲିସ ଚାରିଛକରେ ବ୍ଲକିଂ କରିଥିଲା। ଆଗରେ ପୋଲିସ ଦେଖି କାର୍ ଚାଳକ ଗାଡ଼ିକୁ ପଛକୁ ଫେରାଇ ନେଇ ସିମନବାଡ଼ିର ଏକ ସାହି ଭିତରେ ପୁରାଇ ଦେଇଥିଲେ। ସେଠାରୁ ଆଉ କାର୍‌ଟି ବାହାରି ନ ପାରବାରୁ ଗାଡ଼ି ଛାଡି ଗଞ୍ଜେଇ ବ୍ୟବସାୟୀମାନେ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ଗଞ୍ଜେଇ ଚାଲାଣ ବେଳେ ୨ଟି ବାଇକ୍ ଆଗରେ ଓ ପଛରେ କାର୍‌କୁ ଏସ୍‌କର୍ଟ ଦେଇ ଯାଉଥିଲେ। ଆଗରେ ଯାଉଥିବା ବାଇକ୍ ଚାଳକ ପୋଲିସକୁ ଦେଖି ଦ୍ରୁତ ଗତିରେ ଗାଡ଼ି ବୁଲାଇ ପଳାଇ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ତାଙ୍କର ମୃତ୍ୟୁ ଘଟିଛି। ବାଲିଗୁଡ଼ା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିବାକୁ ପାଟ୍ରୋଲିଂ ଜୋରଦାର କରାଯାଇଛି।

# ସଡ଼କ ଦୁର୍ଘଟଣା ହ୍ରାସ କରିବ ଆଇଇଏମ୍ଏସ୍

- **ଦୁର୍ଘଟଣାରେ ୧୦ ବର୍ଷରେ ଯାଇଛି ୪୫ ହଜାର ଜୀବନ**
- **ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ଲେଖିଲା ପରିବହନ ବିଭାଗ**

ଭୁବନେଶ୍ୱର,୨୮।୩(ଅନିଲ ଦାସ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତାଜନକ ରହିଛି। ଏହାକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ରାଜ୍ୟର ନୂତନ ନିର୍ମାଣାଧୀନ ରାସ୍ତା, ଏନ୍ଏଚ୍ ସମେତ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାରେ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ୍(ଆଇଇଏମ୍ଏସ୍) କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁବାର ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ ୨୦୨୩ରେ ରାଜ୍ୟରେ ୫୬୯୬ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୧୧ ହଜାର ଆହତ ହୋଇଛନ୍ତି। ଗତ ୧୦ ବର୍ଷ ଭିତରେ ରାଜ୍ୟରେ ୪୫ ହଜାର ଲୋକ ସଡ଼କ ଦୁର୍ଘଟଣା ଯୋଗୁ ମୃତ୍ୟୁମୁଖରେ ପଡ଼ିଛନ୍ତି। ଏହା ଅତ୍ୟନ୍ତ ଉଦ୍‌ବେଗର ବିଷୟ। ୨୦୨୨ରେ ପିଡବ୍ଲ୍ୟୁଡି, ଏମ୍‌ଡିଆର୍, ଓଡିଆର୍ ପରିସରରେ ଥିବା ଜାତୀୟ ରାଜପଥଗୁଡ଼ିକରେ ୩୮୬୧ ଜଣଙ୍କର ମୃତ୍ୟୁ ହୋଇଛି। ୬୭ ପ୍ରତିଶତ ଦୁର୍ଘଟଣା ଓଭରସ୍ପିଡ୍ ଯୋଗୁ ହୋଇଥିବା ବେଳେ ୮ ପ୍ରତିଶତ ଭୁଲ ଦିଗରେ(ରଙ୍ଗ୍ ସାଇଡ୍) ଗାଡ଼ି ଚଳାଇବା ଯୋଗୁ ହୋଇଛି। ୪୩ ପ୍ରତିଶତ ଦୁଇଚକିଆ ଯାନ ଚାଳକ ଭୁଲ ଦିଗରେ ଗାଡ଼ି ଚଳାଇଛନ୍ତି। ଏଥିଯୋଗୁ ୪୫.୬ ପ୍ରତିଶତ ଚାଳକଙ୍କର ମୃତ୍ୟୁ ହୋଇଛି। ଏହାକୁ ହ୍ରାସ କରିବା ପାଇଁ ନିୟମ ଭାଙ୍ଗୁଥିବା ଯାନ ଚାଳକଙ୍କ ବିରୋଧରେ କଡ଼ା ପଦକ୍ଷେପ ନିଆଯିବା ଉଚିତ। ଏହାକୁ ଦୃଷ୍ଟିରେ ରଖି ପରିବହନ ବିଭାଗ ପକ୍ଷରୁ ଆଇଇଏମ୍ଏସ୍ ଏନ୍ଏଚ୍-୧୬ରେ ୧୪୦ କି.ମି. ଯାଏ ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟକାରୀ କରାଯାଇଥିଲା। ଏଥିଯୋଗୁ ସଡ଼କ ଦୁର୍ଘଟଣା ହ୍ରାସ କ୍ଷେତ୍ରରେ ସଫଳତା ମିଳିଛି । ଏହାକୁ ଦୃଷ୍ଟିରେ ରଖି ଅନ୍ୟ ଜିଲା ଓ ଗ୍ରାମାଞ୍ଚଳର ମୁଖ୍ୟ ରାସ୍ତାଗୁଡ଼ିକରେ ଆଇଇଏମ୍ଏସ୍ କାର୍ଯ୍ୟକାରୀ କରିବାକୁ ୨୦୨୪ ଫେବୃୟାରୀ ୨୯ ତାରିଖରେ ଅନୁଷ୍ଠିତ ରାଜ୍ୟ ସଡ଼କ ନିରାପତ୍ତା ପରିଷଦରେ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତିକୁ ନିର୍ମାଣାଧୀନ ଓ ଅନ୍ୟାନ୍ୟ ସଡ଼କଗୁଡ଼ିକରେ କାର୍ଯ୍ୟକାରୀ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

# ପୋଲିସ କବ୍‌ଜାରେ ୫ ଜଣିଆ ଡକାୟତି ଗ୍ୟାଙ୍ଗ

**ବୋମା, ଖଣ୍ଡା, ଗାଡି ଆଦି ଜବତ**



ଗିରଫ ଅଭିଯୁକ୍ତ, ଜବତ ମାରଣାସ୍ତ୍ର ଏବଂ ଗାଡ଼ି ।

ଭୁବନେଶ୍ୱର (ସତ୍ୟଜିତ୍ ରାଉତ)/ଜଟଣୀ(ରବୀନ୍ଦ୍ରନାଥ ମହାକୁଡ଼),୨୮।୩

କମିଶନରେଟ୍ ପୋଲିସ ହାତରେ ଧରାପଡିଛନ୍ତି ୫ ଜଣିଆ ଡକାୟତି ଗ୍ୟାଙ୍ଗ। ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ବେଳେ ଜଟଣୀ ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନେ ହେଲେ ଜଟଣୀ ଅଞ୍ଚଳର ଏମ୍‌ଡି ଅର୍‌ବାଜ୍ ଓରଫ ମଙ୍ଗୁଲୁ (୨୨), ସରିଫ୍ ଖାନ୍ ଓରଫ ଚିଣ୍ଟୁ (୨୦), ଦୀପ୍ତିରଞ୍ଜନ ଭୁଜବଳ ଓରଫ ପିଣ୍ଟୁ (୨୫), ଏସ୍‌କେ ଇସ୍ତାକ୍ ଅହମ୍ମଦ ଓରଫ ସାକିଲ୍ (୨୨) ଓ ସୁମନ୍ତ ପାତ୍ର ଓରଫ କାହ୍ନୁ (୨୯)। ସେମାନଙ୍କଠାରୁ ୫ଟି ବୋମା, ୩ଟି ବାଇକ, ଗୋଟିଏ ସ୍କର୍ପିଓ, ଖଣ୍ଡା, ଲୁହାରଡ ଓ ମୋବାଇଲ ଆଦି ଜବତ ହୋଇଛି। ଏନେଇ ଗୁରୁବାର ପୋଲିସ ଏକ ମାମଲା (ନଂ.୧୨୮/୨୦୨୪) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ଜଟଣୀ ସମେତ ବିଭିନ୍ନ ଥାନାରେ ବହୁ ମାମଲା ରହିଥିବା ଡିସିପି ପ୍ରତୀକ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୧ଟା ୧୦ରେ ବେଣାପଞ୍ଜରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନିକଟ ଏକ ଶୂନ୍‌ଶାନ୍ ସ୍ଥାନରେ ଅଭିଯୁକ୍ତମାନେ ଏକତ୍ର ହୋଇ ଡକାୟତି ଯୋଜନା କରୁଥିଲେ। ଖୋର୍ଦ୍ଧା, ଜଟଣୀ, ପିପିଲି ଅଞ୍ଚଳରୁ ଆସୁଥିବା ମାଲ୍ ବୋଝେଇ ଟ୍ରକ୍‌କୁ ଅଟକାଇ ଡକାୟତି କରିବାକୁ ଆଲୋଚନା କରୁଥିଲେ। ଏନେଇ ଜଟଣୀ ଥାନା ଏସ୍ଆଇ ସସ୍ମିତା ସାହୁ ଖବର ପାଇ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। ହେଲେ ପୋଲିସ ଟିମ୍ ଘେରିଯାଇ ସମସ୍ତଙ୍କୁ କାବୁ କରିଥିଲେ।

SAMS Student Academic Management System | Skilled in Odisha

**DIRECTORATE OF TECHNICAL EDUCATION & TRAINING, ODISHA**
KILLAMAIDAN, BUXIBAZAR, CUTTACK-753001, Email: ccrdiploma2024@gmail.com , website: dtetodisha.gov.in

No.KK-
NOTICE:4693
**DIPLOMA (FRESH & LE), PDIS & WORKING PROFESSIONAL ADMISSION 2024-25**
DT.28.03.2024

Online Applications are invited from eligible candidates for admission into **Diploma, Diploma (LE), Post Diploma in Industrial Safety & Lateral Entry for Working Professionals** in the Government & Private Engineering Schools / Polytechnics of Odisha forthe Academic Year 2024-25 through SAMS portal **(www.samsodisha.gov.in).** The portal will be opened wef 01.04.2024 (Monday) for registration and filling up of COMMON APPLICATION FORM (CAF) by the eligible applicants.

**1. DIPLOMA ENGINEERING**

| Course Details | Eligibility |
|---|---|
| 1st Semester Diploma in Engineering/ Technology | Pass in HSC Examination / 10th Standard Examination conducted / declared equivalent by Board of Secondary Education, Odisha. Minimum 14 Years of age and no upper age limit. |
| 3rd Semester Engineering / Technology (Lateral Entry) | Pass in +2 Science Examination from CHSE, Odisha or its equivalent examination with PCM / +2 Vocational (02years course) in any Engineering Trade / 2 years ITI in Engineering Trades/COE Trades with pass in HSC examination or 10th Standard Examination conducted / declared equivalent by BSE, Odisha. Minimum 16 Years of age and no upper age limit. |
| 3rd Semester Engineering / Technology (Lateral Entry) for **Working Professionals** | Pass in +2 Science Examination from CHSE, Odisha or its equivalent examination with PCM / +2 Vocational (02years course) in any Engineering Trade / 2 years ITI in Engineering Trades/COE Trades with pass in HSC examination or 10th Standard Examination conducted / declared equivalent by BSE, Odisha.Job experience& NOC from the employer is required. |

**RESERVATION:** Reservation under different categories as applicable will be mentioned in the Consolidated Information Brochure of Diploma, Diploma (LE), PDIS & Working Professionals e-Admission 2024. The Information Brochure will be published shortly.
**OUTSIDE STATE CANDIDATES:** Outside State candidates fulfilling eligibility criteria are also eligible for:
i. Admission to 1st Semester of 03-year Diploma Engineering Courses against 15% seats reserved for them in Private Engineering Schools & Polytechnics.
ii. Lateral Entry admission provided they have prosecuted their study for the qualifying examination in an institution inside the State of Odisha having approval from the competing authority. Their selection for lateral entry will be made separately and will be considered after exhaustion of State merit list.

**2. DIPLOMA NON-ENGINEERING**

| Course Details | Eligibility |
|---|---|
| Beauty Culture | Pass in HSC Examination / 10th Standard Examination conducted / declared equivalent by Board of Secondary Education, Odisha. Minimum 14 Years of age and no upper age limit. |
| Hotel Management & Catering Technology | Pass in 10+2 Science Examination from CHSE, Odisha or its equivalent examination in Arts / Science/Commerce. Minimum 16 Years of age and no upper age limit. |
| Modern Office Management | Pass in 10+2 Science Examination from CHSE, Odisha or its equivalent examination in Arts / Science/Commerce. Minimum 16 Years of age and no upper age limit. |
| Pharmacy | Pass in 10+2 examination (Science stream) with Physics, Chemistry and Mathematics or Biology or any other qualification as approved by Pharmacy Council of India. Minimum 16 Years of age and no upper age limit. |

**3. POST DIPLOMA IN INDUSTRIAL SAFETY (PDIS)**

| Course Details | Eligibility |
|---|---|
| 1st Semester/ year Post Diploma Industrial Safety | A Recognized Diploma / B.Tech. in any branch of Engineering or Technology from any AICTE approved institution. |

**4. DIPLOMA IN VOCATIONAL COURSES**

| | |
|---|---|
| 1st Semester Diploma in Vocational Courses | Pass in HSC Examination / 10th Standard Examination conducted / declared equivalent by Board of Secondary Education, Odisha. Minimum 14 Years of age and no upper age limit. |

**HOW TO APPLY:** Visit the website **www.samsodisha.gov.in.** Upon landing on the home page, locate the Box "Skill Development & Tech Education. Click on the appropriate TAB out of different TABs available for form submission against a particular course. Once the proper TAB is clicked, it will land on the home page of the concerned course. Download the User Manual prior to filling up of online application.



**WELFARE SCHEMES:**
- **PRAGATI Scholarship**-AICTE- for eligible girl students (freshers) **@Rs.50,000/-** per annum for all categories.
- **Sudakhya Scheme**- Govt. of Odisha- Financial Assistance to Girl students taking admission in Govt. Polytechnics and Engineering Schools of the State.
- **Green Passage Scheme** – Govt. of Odisha- exemption of application fees & stipend to Orphans
- **Saksham Scholarship**- AICTE-for eligible differently abled students **@Rs.50,000/-** per annum
- **Swanath-AICTE-Scholarship** for eligible Orphans whose either or both parents died due to Covid-19, Wards of Armed Forces and Central Paramilitary Forces martyred in action (Saheed).
- **Merit-cum-Poverty Scholarship**- Merit-cum-poverty scholarship for 20% students in every discipline in every Government Institute.
- **PMS- Post Matric Scholarship** & other financial assistance for SC/ST/OBC/SEBC/EBC students
- **Scholarship for Branch Toppers**- one time scholarship of Rs.6,000/- to eligible branch toppers / girl toppers in each semester examination.
- **NSP for Minority Scholarship**- Scholarship scheme for minority community students

**APPLICATION FEES:**
Candidates shall apply through online mode only withnon-refundable application fees of **Rs 200(Two Hundred)** for Women, SC&ST applicants and **Rs.300(Three Hundred)** for other male applicants. Application fees are exempted for PVTG, Transgender, Orphan & Physically Challenged applicants.

**For any specific query, contact Diploma Admission Call Centre Phone No 155335/ 1800-345-6770 (Toll Free) (from 9AM to 6PM) or email to ccrdiploma2024@gmail.com or contact / visit nearby Govt. Polytechnics / Engineering Schools for assistance.**

OIPR-44008/11/0034/2324
Sd/- Director of Technical Education & Training, Odisha

"ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। –ଶ୍ରୀଅରବିନ୍ଦ



# ଯକ୍ଷ୍ମା ଦୂରୀକରଣରେ ଏଆଇ



ମହମ୍ମଦ ୟାଶିନ

ଏବେ ଟେକ୍‌ନୋଲୋଜି କ୍ଷେତ୍ରରେ ଅଭୂତପୂର୍ବ ବିକାଶ ଘଟୁଛି। ଗୋଟିଏ ପରେ ଗୋଟିଏ ଅଧିକ ସଂଖ୍ୟାରେ ନୂଆ ଟେକ୍‌ନୋଲୋଜି ସାମ୍ନାକୁ ଆସୁଛି। ଏହି କ୍ରମରେ ନଭେମ୍ବର ୨୦୨୨ରେ ଶୁଭାରମ୍ଭ ହୋଇଥିବା ଓପନ୍ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ଜେନେରେଟିଭ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଚାଟ୍‌ବୋଟ, ଚାଟ୍‌ଜିପିଟି ପ୍ରତି ବିଶ୍ୱସ୍ତରରେ ଅଧିକ ଆଗ୍ରହ ପ୍ରକାଶ ପାଇଛି। ୧୦୦ ମିଲିୟନରୁ ଅଧିକ ଉପଭୋକ୍ତାଙ୍କୁ ଏହା ଆକର୍ଷିତ କରିଛି ଏବଂ ଅନେକ ଅନୁକରଣକାରୀଙ୍କ ପାଇଁ ଏହା ପ୍ରେରଣା ପାଲଟିଛି। ଦୁବାଇରେ ଅନୁଷ୍ଠିତ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ଏବଂ ଡାଭୋସ୍‌ରେ ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ବାର୍ଷିକ ବୈଠକରେ ଏ ବିଷୟରେ ଅଧିକ ଆଲୋଚନା କରାଯାଇଛି। ଏହା ସହ ସେହି ସମ୍ମିଳନୀଗୁଡ଼ିକରେ ଟେକ୍‌ନୋଲୋଜିର ଦ୍ରୁତ ବିକାଶକୈନ୍ଦ୍ରିକ କ୍ଷମତା ବିଶ୍ୱ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହା କାହିଁକି କରାଯାଇଛି ତାହାର କାରଣ ବୁଝିବା କଷ୍ଟକର ନୁହେଁ। ଓପନ୍ ଏଆଇ ପରି ବେସରକାରୀ କମ୍ପାନୀ ଦ୍ୱାରା ବିକଶିତ ଏଆଇ ଉପକରଣକୁ ବ୍ୟବହାର କରି ସରକାର ଏବଂ ନାଗରିକ ସମାଜ ସଙ୍ଗଠନଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଏବଂ ଅର୍ଥନୈତିକ ଅସମାନତା ଭଳି ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରନ୍ତି। ସେହିଭଳି ଆମେ କିପରି ସଂକ୍ରାମକ ରୋଗ ସହିତ ଲଢ଼ିବା ଏବଂ ଯେଉଁମାନେ ଜୀବନରକ୍ଷାକାରୀ ସେବା ଆବଶ୍ୟକ କରୁଛନ୍ତି, ସେମାନଙ୍କ ନିକଟରେ କିପରି ପହଞ୍ଚ ସେବା ନିଶ୍ଚିତ କରିବା, ସେ ଦିଗରେ ସେମାନେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବେ। ଟ୍ୟୁବରକ୍ୟୁଲୋସିସ୍(ଟିବି) ବା ଯକ୍ଷ୍ମା ହେଉଛି ଏକ ପ୍ରମୁଖ ଉଦାହରଣ। ଯକ୍ଷ୍ମାକୁ ରୋକି ହେବ ଓ ଏଥିରୁ ଆରୋଗ୍ୟ ଲାଭ ବି କରାଯାଇପାରିବ। ବିଶ୍ୱରେ ଯକ୍ଷ୍ମା ଯୋଗୁ ଦୈନିକ ହାରାହାରି ୩୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟୁଛି।

ଯଦିଓ ଯକ୍ଷ୍ମା ସଂକ୍ରମଣକୁ ଭଲ ଭାବରେ ବୁଝିହେଉଛି ଏବଂ ବିଶ୍ୱସ୍ତରରେ ବହୁ ପ୍ରଭାବଶାଳୀ ଚିକିତ୍ସା ବ୍ୟବସ୍ଥା ସହ ନୂତନ ତଥା ଉନ୍ନତ ଔଷଧ ଉପଲବ୍ଧ ହେଉଛି, ତଥାପି ୨୦୨୨ରେ ବିଶ୍ୱରେ ଯକ୍ଷ୍ମାରେ ୧.୩ ମିଲିୟନ ଲୋକଙ୍କ ମୃତ୍ୟୁ ହୋଇଛି।

ଟିବିକୁ ସମୂଳେ ଧ୍ୱଂସ କରିବା ଲାଗି ବିଶ୍ୱସ୍ତରରେ ନିଆଯାଉଥିବା ପଦକ୍ଷେପରେ ଏଆଇ ଉପକରଣ ଏକ ପ୍ରମୁଖ ଭୂମିକା ନେଇପାରେ। ଏଥିପାଇଁ ଏଡ୍‌ସ, ଯକ୍ଷ୍ମା ଏବଂ ମ୍ୟାଲେରିଆ ବିରୋଧରେ ଲଢ଼େଇ କରିବାକୁ ଗଠିତ ଗ୍ଲୋବାଲ ଫଣ୍ଡ ନୂତନ ତଥା ଅଭିନବ ଡିଜିଟାଲ ସ୍ୱାସ୍ଥ୍ୟ ସାଧନଗୁଡ଼ିକର ବିନିଯୋଗ ତଥା ବିକାଶ ଲକ୍ଷ୍ୟରେ ସରକାରୀ ଓ ଘରୋଇ



ଭାଗୀଦାରକୁ ଅନୁସରଣ କରୁଛି। ଉଦାହରଣ ସ୍ୱରୂପ, ବାଂଲାଦେଶ ଗସ୍ତ ସମୟରେ ମୁଁ ସରକାରୀ ତଥା ବେସରକାରୀ କ୍ଷେତ୍ରର ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଏକ ଦଳ ସହିତ ସ୍ଥାନୀୟ ସମ୍ପ୍ରଦାୟର ଅଂଶୀଦାରମାନଙ୍କ ସହ ଆଲୋଚନା କରିଥିଲି। ସେମାନେ ସହଜରେ ଶୀଘ୍ର ଟିବି ସ୍କ୍ରିନିଂ ପାଇଁ ଡିଜିଟାଲ ଏକ୍ସ-ରେ, ଏଆଇ ଏବଂ ଟେଲିମେଡିସିନ ବ୍ୟବହାର କରୁଥିବା ଜାଣିବାକୁ ପାଇଲି। ଯେଉଁ ରୋଗୀମାନଙ୍କର ଏକ୍ସ-ରେ ଯକ୍ଷ୍ମା ଲକ୍ଷଣ ଦେଖାଯାଏ, ତୁରନ୍ତ ବିଶ୍ଳେଷଣ ପାଇଁ କଫ ବା ଲାଳ ନମୁନା ଦାଖଲ କରି ଗୋଷ୍ଠୀ ସ୍ତରରେ ମାଗଣାରେ ଚିକିତ୍ସା ଗ୍ରହଣ କରିବାର ବ୍ୟବସ୍ଥା କରାଯାଇଛି।

ସମଗ୍ର ବିଶ୍ୱରେ ସମାନ ପ୍ରକାର ପଦକ୍ଷେପ ଆରମ୍ଭ କରାଯାଉଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରେ ମାନବୀୟ ସହାୟତା ସଂଗଠନ ମର୍ସି କର୍ପସସ ଯକ୍ଷ୍ମା ଚିହ୍ନଟ ହୋଇପାରୁନଥିବା ଦୁର୍ଗମ କିମ୍ବା ଗ୍ରାମାଞ୍ଚଳରେ ହଟ ସ୍ପଟ ଠାବ କରିବାରେ ଏଆଇ ଉପକରଣ କାର୍ଯ୍ୟ କରୁଛି। ସ୍ଥାନୀୟ ବାସିନ୍ଦାଙ୍କୁ ସିଧାସଳଖ ଡାଇଗ୍ନୋଷ୍ଟିକ ଓ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଏହା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଛି। ପାରାଗୁଏର ପ୍ୟାଡ୍ରେ ଦେ ଲା ଭେଗା ଜେଲରେ ସ୍ୱାସ୍ଥ୍ୟସେବା କର୍ମଚାରୀମାନେ ଦ୍ରୁତ ଏବଂ ସଠିକ ଟିବି ସ୍କ୍ରିନିଂ ଯୋଗାଇବା ପାଇଁ ଫୁଜିଫିଲ୍ମ ଅଲ୍‌ଟ୍ରାଲାଇଟ ପୋର୍ଟେବଲ ଏକ୍ସ-ରେ ମେଶିନ ଏବଂ ଏଆଇ ଟେକ୍‌ନୋଲୋଜି ବ୍ୟବହାର କରନ୍ତି।

ସେହିଭଳି କାମ୍ବୋଡିଆର ରାଜଧାନୀ ଫନମ ଫେନ୍‌ହରେ ଥିବା ନ୍ୟାଶନାଲ ସେଣ୍ଟର ଫର୍ ଟ୍ୟୁବରକ୍ୟୁଲୋସିସ ଆଣ୍ଡ୍ ଲେପର୍ସି କଣ୍ଟ୍ରୋଲର ଡାକ୍ତରମାନେ ପାଖାପାଖି ପ୍ରଦେଶଗୁଡ଼ିକରେ ମୁଖ୍ୟତଃ ରାଜଧାନୀକୁ ଚିକିତ୍ସା ଲାଗି ଆସିବାକୁ ଅସମର୍ଥ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇଦେବା ପାଇଁ ପୋର୍ଟେବଲ ଡେଲଫ୍ଟ ଏକ୍ସ-ରେ ମେଶିନ ଆଣିଛନ୍ତି। ଏହା ବ୍ୟତୀତ ଇଣ୍ଡୋନେସିଆରେ ଗ୍ଲୋବାଲ ଫଣ୍ଡ ସିମେନ୍ସ ହେଲଥାଇନର୍ସ ଏବଂ ଦେଶର ଜାତୀୟ ଯକ୍ଷ୍ମା କାର୍ଯ୍ୟକ୍ରମ ମଧ୍ୟରେ ନୂତନ ସହଭାଗିତା ଦ୍ୱାରା ପ୍ରାରମ୍ଭିକ ଟିବି ଚିହ୍ନଟର ଲକ୍ଷ୍ୟ ରଖାଯାଇଛି। ଗଭୀର ଏଆଇ ଟେକ୍‌ନୋଲୋଜି ଏବଂ ଏକ୍ସ-ରେ ବିଶ୍ଳେଷଣକୁ ଏକାଠି କରି ରେଡିଓଲୋଜିଷ୍ଟମାନେ ଦୂରରେ କରାଯାଉଥିବା ସ୍କାନକୁ ଜାଣିବାରେ ସକ୍ଷମ ହେଉଛନ୍ତି। ବାସ୍ତବରେ ଲକ୍ଷ୍ୟଭିତ୍ତିକ ତଥା ଅଭିନବ ପ୍ରକଳ୍ପଗୁଡ଼ିକ ଲାଗି ରହିଥିବା ଅସମାନତା ଦୂର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଦାରିଦ୍ର୍ୟ, ସଂଘର୍ଷ ଏବଂ ପାଣିପାଗ ସମ୍ବନ୍ଧୀୟ ବିସ୍ଥାପନ, ଅତ୍ୟଧିକ ଗହଳି ଏବଂ ସୀମିତ ସ୍ୱାସ୍ଥ୍ୟ ସୁବିଧା ସଂକ୍ରାମକ ରୋଗ ବିସ୍ତାରକୁ ଶକ୍ତି ଯୋଗାଉଥିବାରୁ ଏହାକୁ ନିୟନ୍ତ୍ରଣ କରାଯିବା ଦରକାର। ତେବେ ପ୍ରକଳ୍ପଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକତା ପୂରଣ କରିବାରେ ସକ୍ଷମ ସ୍ଥାୟୀ ତଥା ଭରସାଯୋଗ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଛନ୍ତି। ଦୃଷ୍ଟାନ୍ତ ସ୍ୱରୂପ, ଯକ୍ଷ୍ମା ସ୍କ୍ରିନିଂ ସହିତ ପାକିସ୍ତାନର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ମହିଳା ଏବଂ ଛୋଟ ପିଲାମାନଙ୍କ ଚିକିତ୍ସା ଉପରେ ଅଧିକ ଧ୍ୟାନ ଦେଉଛି।

ଏହିସବୁ ଦୃଷ୍ଟାନ୍ତ କମ୍ପାନୀ, ଶିଳ୍ପପତି, ସରକାର ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ମଧ୍ୟରେ ଯକ୍ଷ୍ମା ସମସ୍ୟାର ସମାଧାନ ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାର ଗୁରୁତ୍ୱକୁ ସୂଚିତ କରେ। ସେଥିପାଇଁ ଗ୍ଲୋବାଲ ଫଣ୍ଡ ଟିବି ବିଲୋପ ପାଇଁ ଅନ୍ତର୍ଜାତୀୟ ସ୍ତରର ପାଣ୍ଠି ଯୋଗାଣରେ ୭୬% ଯୋଗଦାନ ରଖୁଛି। ଏହା ମଧ୍ୟ ସମାନତାକୁ ଉତ୍ସାହିତ କରିବା ଏବଂ ଦୁର୍ଗମ ଅଞ୍ଚଳରେ ଲୋକଙ୍କୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବାରେ ସହଯୋଗ କରିବାକୁ ଡିଜିଟାଲ ଉପକରଣ ବିକାଶ ସକାଶେ ବାର୍ଷିକ ୧୫୦ ମିଲିୟନ ଡଲାରରୁ ଅଧିକ ଦେଉଛି। କିନ୍ତୁ ବିଶ୍ୱ ପାଇଁ ଏହାଠାରୁ ବହୁତ ଅଧିକ ଆବଶ୍ୟକ। ସ୍ଥାନୀୟ ବାସିନ୍ଦାଙ୍କ ସହିତ ସକ୍ରିୟ ଭାବେ ଜଡ଼ିତ ରହି ଲକ୍ଷ୍ୟକୈନ୍ଦ୍ରିକ, ପ୍ରଭାବଶାଳୀ ଏବଂ ସ୍ଥାୟୀ ସମାଧାନର ଉପାୟ ପ୍ରସ୍ତୁତ କରାଯିବା ଦରକାର। ଟିବି ବ୍ୟତୀତ ଅନ୍ୟସବୁ ବ୍ୟାପକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ଯଥା ବିଭିନ୍ନ ମହାମାରୀ ଓ ଆଣ୍ଟିମାଇକ୍ରୋବାୟାଲ ରେଜିଷ୍ଟାନ୍ସ ହ୍ରାସ କରିବା ପାଇଁ ଏଭଳି ସକ୍ରିୟ ଭାଗୀଦାରି ଦରକାର। ଏହି କାରଣରୁ ପ୍ରତିବଦ୍ଧ ଭାଗୀଦାରରେ ପ୍ରତିବଦ୍ଧତା ରହିବା ଅତ୍ୟନ୍ତ ଜରୁରୀ, ଯେଉଁମାନେ ଅତ୍ୟାଧୁନିକ ଡିଜିଟାଲ ଉପକରଣଗୁଡ଼ିକର କଳ୍ପନା ଏବଂ ବିକାଶ କରିପାରିବେ।

ସ୍ଥାନୀୟ ଚିକିତ୍ସା ଜ୍ଞାନକୌଶଳ ବୃଦ୍ଧି ପାଇଁ ଏଆଇକୁ ବ୍ୟବହାର କରି ଯକ୍ଷ୍ମାକୁ ସବୁଦିନ ପାଇଁ ଶେଷ କରିବା ଲାଗି ଆମ ପାଖରେ ଏକ ସୁଯୋଗ ରହିଛି। ଅଭିନବ ଚିନ୍ତାଧାରା ଏବଂ ବିକାଶଶୀଳ ପ୍ରଯୁକ୍ତିପୂର୍ଣ୍ଣ ଏଡି ବିଶ୍ୱର ସ୍ଥିତି ବଦଳି ଯାଇଛି, ଯାହା ଆମ କଳ୍ପନା ବାହାରେ ଥିଲା, ଏବେ ବି ରହିଛି। ଶେଷରେ ଟିବି ଭଳି ଅନ୍ୟସବୁ ବିଶ୍ୱସ୍ତରୀୟ ବିପଦକୁ ମଧ୍ୟ ଆମେ ଶେଷ କରିବା ସମ୍ଭବ ହେବ।

**ବରିଷ୍ଠ ଯକ୍ଷ୍ମା ପରାମର୍ଶଦାତା (ଗ୍ଲୋବାଲ ଫଣ୍ଡ୍ ଟୁ ଏଡ୍‌ସ, ଟ୍ୟୁବରକ୍ୟୁଲୋସିସ୍ ଆଣ୍ଡ୍ ମ୍ୟାଲେରିଆ)**

# ଅବଧାରିତ ଅପରାହ୍ନ



ବିମଳ ପ୍ରସନ୍ନ ଦାସ

ମାର୍ଚ୍ଚ ୨୯ ତାରିଖ ପ୍ରାୟ ତିନିଟା ତିରିଶ ମିନିଟ– ଏକ ଅବଧାରିତ ଅପରାହ୍ନ, ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ସାକ୍ଷାତ କରିଥିଲେ। ସ୍ଥାନଟି ଥିଲା ବର୍ତ୍ତମାନର ପ୍ଲେଗ୍ରାଉଣ୍ଡ ଭିତରେ ଥିବା ଗୃହର ଉପର ମହଲାକୁ ଯିବା ଶିଡି ପାହାଚର ଲାଣ୍ଡିଂରେ। ଶ୍ରୀଅରବିନ୍ଦ ଉପର ମହଲାରୁ ଓହ୍ଲାଇ ଆସି ପାହାଚର ଶେଷ ପ୍ରାନ୍ତରେ ଅପେକ୍ଷା କରିଥାନ୍ତି ସେ ଦିନର ସେହି ଫରାସୀ ତରୁଣୀ ମୀରାଙ୍କୁ। ଉଭୟଙ୍କ ଦୃଷ୍ଟିରେ ପରସ୍ପରକୁ ସାକ୍ଷାତ କରିବାର ଯେଉଁ ଅପୂର୍ବ ଆନନ୍ଦ ଓ ଆକାଂକ୍ଷା ତାକୁ ଭାଷାରେ ପ୍ରକାଶ କରିବା ପୃଥିବୀର କୌଣସି ଭାଷା ଯେ ସମର୍ଥ ତାହା ଏହି ଲେଖକର ମନେହୁଏ ନାହିଁ। ଅସଫଳ ଭାଷାରେ କହିଲେ, ସତେ ଯେପରି ଆକାଶ ନଇଁ ଆସୁଛି ଛୁଇଁ ଦେବାକୁ ପୃଥିବୀର ତୃଷାର୍ତ୍ତ ଓଷ୍ଠ। ସତେଯେପରି ପୃଥିବୀ ବଢେଇ ଦେଇଛି ତା'ର ଆବେଗ କମ୍ପନ ନିଃସର୍ତ୍ତ କରଯୁଗଳ ଅସୀମ ଅନନ୍ତ ଆକାଶ ଆଡେ। ସମ୍ପୂର୍ଣ୍ଣ ସମର୍ପିତ କରି ଦେଇଛି ନିଜକୁ। ମହାକାଳ କେବଳ ହିଁ ସାକ୍ଷୀ ଆକାଶ ସହିତ ଧରିତ୍ରୀର ସମ୍ପୂର୍ଣ୍ଣ ସମର୍ପଣ ପର୍ବର। ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରି ଶୋଇ ଯାଇଛନ୍ତି ବିଶ୍ୱଜନନୀ। ଏହି ସମର୍ପଣ ପର୍ବକୁ ସ୍ୱୀକୃତି ଜଣାଇ ଶ୍ରୀଅରବିନ୍ଦ କହିଛନ୍ତି:– ''ଶରୀରର ପ୍ରତି ଜୀବକୋଷ ଯେ ସମର୍ପିତ ହୋଇପାରେ ଏହା ସେ ପ୍ରଥମେ ଲକ୍ଷ୍ୟ କଲେ। ଏହା ହିଁ ଥିଲା ଏକ ଅବଧାରିତ ଅପରାହ୍ନ।''

ଏହି ମୁହୂର୍ତ୍ତରେ ଶ୍ରୀମା ଅନୁଭବ କରିଥିଲେ, ପୃଥିବୀରେ ଅସଂଖ୍ୟ ଲୋକ ଅଜ୍ଞାନ ତମସାରେ ନିମଜ୍ଜିତ ରହିଥାନ୍ତୁ ନା କାହିଁକି ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତ ହିଁ ଦିନେ ସେ ତମସା ଆଲୋକରେ ରୂପାନ୍ତରିତ ହେବାର ତଥା ଦିବ୍ୟଯୁଗର ସୂତ୍ରପାତର ଅଲଂଘ୍ୟ ପ୍ରତିଶ୍ରୁତି।



''ବିଶ୍ୱାସର ଏ ଦଲିଲ ଅନନ୍ୟ। ବିଧାତାର ପଞ୍ଜିକାରେ ସେହି ମୁହୂର୍ତ୍ତରେ ସ୍ପଷ୍ଟ ହୋଇ ଉଠିଥିବ ଶ୍ରୀମାଙ୍କ ଭୂମିକା–ଶ୍ରୀଅରବିନ୍ଦଙ୍କ ଯୋଗଯଜ୍ଞରେ ସେ ହେବେ ପୁରୋହିତ, ଦେବେ ଆହୂତି, ଚେତନାର ରହସ୍ୟ ଲୋକରେ ସେ ଆପଣାକୁ ସମର୍ପଣ କରିବେ ମହାଯୋଗୀଙ୍କ ଅଭିନବ ଏବଂ ଦୁଃସହ ପରୀକ୍ଷାନିରୀକ୍ଷାର କଦବା ଆଧାର, କଦବା ସହଯୋଗୀ, କଦବା ସହକାରୀ, କଦବା ନିରୀକ୍ଷକ ଏବଂ କଦବା ଧାତ୍ରୀ ରୂପେ।''

''ଇତିହାସର ବିଡମ୍ବନାବଶତଃ ଶ୍ରୀମା'ଙ୍କୁ ଅବଶ୍ୟ ଭାରତରୁ ବିଦାୟ ନେବାକୁ ପଡିଲା, କିନ୍ତୁ ସୂକ୍ଷ୍ମ ପର୍ଯ୍ୟାୟରେ ସେ ଯୋଗଯଜ୍ଞର ନୂତନ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଥିଲା। ୧୯୨୦ ଏପ୍ରିଲ ୨୪ ତାରିଖରେ ଶ୍ରୀମାଙ୍କର ପୁନରାଗମନ ଉତ୍ତାରୁ ତାହା ଆମ ସ୍ଥୂଳ ଦୃଷ୍ଟିରେ ନେଲା ଯୁଗ୍ମ ତପସ୍ୟାର ରୂପ। ମନ ଓ ବୁଦ୍ଧିର ମାଧ୍ୟମ ଯୋଗେ ସେ ମହାଯୋଗର କଳନା ସମ୍ଭବପର ନୁହେଁ। କିନ୍ତୁ ଆକାଶକୁ ମାପି ନ ପାରିଲେ ମଧ୍ୟ ମହାଶୂନ୍ୟକୁ ଦୃଷ୍ଟିପାତ କଲେ ଯେମିତି ତାହାର ଅସୀମତାର ଧାରଣା କରିହୁଏ, ସେହିପରି ଦିବ୍ୟଶକ୍ତି ପ୍ରତି ଆସ୍ଥାଶୀଳ ହୋଇ ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ଆଭିମୁଖ୍ୟ ଦିଗରେ ଉନ୍ମୁଖ ହେଲେ ସେ ଅଭୂତପୂର୍ବ ତପସ୍ୟା ଉତ୍ତାପ ଊଣାଅଧିକ ଅନୁଭବ କରିହୁଏ। ଯେଉଁ ଅନୁଭବରୁ ଅନ୍ୟ କୌଣସି ଅଭିବ୍ୟକ୍ତି ଅଭାବରୁ ଏ ଲେଖକ ଉତ୍ତାପ ବୋଲି କହୁଛି, ତାହା ସୌମ୍ୟ ଉତ୍ତାପ ; ବିନା ପ୍ରବାହରେ ତାହା ଆମ ଶୀତଳ ଚେତନାରେ ସାର କରେ ସଞ୍ଜୀବନୀର ଉଷ୍ମତା।

କିନ୍ତୁ ମାନବ ସଭ୍ୟତା ଆଜି ଏକ ବିଚିତ୍ର ପରିସ୍ଥିତିରେ ଉପନୀତ। ବିଜ୍ଞାନ ଓ ବୈଷୟିକ ଚମତ୍କାରିତାରେ ମଣିଷ ଯେତିକି ସମୃଦ୍ଧ ହେଉଛି ନୈତିକତା ଓ ଆଧ୍ୟାତ୍ମିକତା ଦିଗରେ ସେତିକି ଅନ୍ତଃସାରଶୂନ୍ୟ ହୋଇଯାଉଛି। ଫଳରେ ଶାନ୍ତି ଓ ଆନନ୍ଦର ଦାରିଦ୍ର୍ୟକୁ ବରଣକରି ଆପଣେଇ ନେବାକୁ ବାଧ ହେଉଛି। ଭଗବତ ଅନ୍ୱେଷା ସତେଯେପରି ଏକ ମରୀଚିକା। ଫଳରେ ଜୀବନର ପ୍ରତିପାଦରେ ଅପଶକ୍ତିର ମୁକାବିଲା ପାଇଁ ମଣିଷ ଅହରହ ଶ୍ୱାସରୁଦ୍ଧ। ସୁତରାଂ ଜୀବନର ପ୍ରତିଟି ମୁହୂର୍ତ୍ତ ସଂଘର୍ଷମୟ। ମହାଯୋଗୀ ଶ୍ରୀଅରବିନ୍ଦ ଏ ପରିସ୍ଥିତିକୁ ଚେତନାର ସଙ୍କଟ ଭାବରେ ଅଭିହିତ କରିଛନ୍ତି। ଏହି ସଙ୍କଟରୁ ମୁକ୍ତି ପାଇଁ ଶ୍ରୀଅରବିନ୍ଦ ନୂତନ ଚେତନା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ନୂତନ ଚେତନା ମନୁଷ୍ୟର ସମସ୍ତ ମୂଲ୍ୟବୋଧକୁ ପରିବର୍ତ୍ତନ କରିଦେବ। ସେତେବେଳେ ମଣିଷ ବ୍ୟକ୍ତିଗତ ଓ ସମଷ୍ଟିଗତ ଅହଂ ପରିତ୍ୟାଗ କରି ଦିବ୍ୟ ପ୍ରେରଣା ଦ୍ୱାରା ପରିଚାଳିତ ହେବ।

ଋଷି ଶ୍ରୀଅରବିନ୍ଦଙ୍କ ମହାଯୋଗର ଆଭିମୁଖ୍ୟ ସମ୍ପ୍ରତି ଅନେକଙ୍କୁ ଜଣା। କ୍ରମାଗତ ଅଧିକରୁ ଅଧିକ ବ୍ୟକ୍ତି ଜାଣିବାର ସୁଯୋଗ ଅବ୍ୟାହତ ରହିଛି। (The Human Cycle) 'ମାନବ ଯୁଗଚକ୍ର' ଗ୍ରନ୍ଥର ବଂଶ ପରିଚ୍ଛେଦରେ ଇଙ୍ଗିତ ଦେଇଛନ୍ତି ଏପରି କି ଅଳ୍ପ ସଂଖ୍ୟକ ବ୍ୟକ୍ତି ଯଥାର୍ଥ ଅଭୀପ୍ସା ସହ ସାଧନା କଲେ ମହାଶକ୍ତିର ବିଭୂତି କାର୍ଯ୍ୟକାରୀ ହେବ।

**ମୋ: ୯୪୩୮୧୮୬୨୨୬**

## ଏଇ ଭାରତରେ

ଗୁଗ୍‌ଲରେ ସର୍ଚ୍ଚ କରିବା ସମୟରେ 'ଲିଓପାର୍ଡ କଣ୍ଟ୍ରି'ରେ କୌଣସି ଦେଶ ପାଇବେ ନାହିଁ , ବରଂ ରାଜସ୍ଥାନର ଜୱାଇ ଭଳି ଏକ ଛୋଟ ଅଞ୍ଚଳ ପାଇବେ । ଏଠାରେ ବହୁସଂଖ୍ୟାରେ କଳାରାପତରିଆ ବାଘ ରହନ୍ତି। ଏହି ଅଞ୍ଚଳରେ ବାଘଙ୍କ ସୁରକ୍ଷା ପାଇଁ ନିଜ କ୍ୟାରିୟରକୁ ପଛ କରି ସେମାନଙ୍କ ବାସସ୍ଥାନର ସୁରକ୍ଷା କରୁଛନ୍ତି ଶତ୍ରୁଞ୍ଜୟ ପ୍ରତାପ ସିଂ। ସେ ମଧ୍ୟ ସେଠାକାର ଖଣି ଖନନକୁ ବିରୋଧ କରିବା ସହ ବନ୍ଦ କରିପାରିଛନ୍ତି। ଜୱାଇର ବେରା ଗାଁରେ ୮ ଏକର ଜମିରେ 'ବେରା ସଫାରି ଲଜ୍' ନିର୍ମାଣ କରି ସେହି ଅଞ୍ଚଳକୁ ପର୍ଯ୍ୟଟକ ଏବଂ ବାଘଙ୍କ ପାଇଁ ସ୍ୱର୍ଗଟିଏ ଗଢିପାରିଛନ୍ତି। ଏହି ଅଞ୍ଚଳରେ ପ୍ରାୟ ହଜାରେ ବର୍ଷ ପୂର୍ବେ ଇରାନରୁ ଭାରତକୁ ଆସିଥିବା ରାବରି ସମ୍ପ୍ରଦାୟର ଲୋକେ ଜଙ୍ଗଲରେ ବାଘ ସହ ବିନା ସଂଘର୍ଷରେ ରହିଆସିଛନ୍ତି। ଭାରତର ବିଭିନ୍ନ ଅଞ୍ଚଳରେ ବାଘ ଆକ୍ରମଣ ବିଷୟ ସାମ୍ନାକୁ ଆସୁଥିବା ବେଳେ ଏହି ଅଞ୍ଚଳରେ ତାହା ଦେଖାଯାଏ ନାହିଁ ବୋଲି କୁହନ୍ତି ଶତ୍ରୁଞ୍ଜୟ। ସେ ୩ ବର୍ଷ ଲଗାତର ସରକାରୀ ଅଧିକାରୀ ଓ ମନ୍ତ୍ରୀଙ୍କ ସହ ଆଲୋଚନା କରି ଶତାଧିକ ମାଇନିଂ ବନ୍ଦ କରିବାରେ ସକ୍ଷମ ହୋଇଚନ୍ତି। ଶତ୍ରୁଞ୍ଜୟ ୱାଇନମେକିଂରେ ଚାକିରି କରିଥିଲେ। ସେ ବି ଜଣେ ଚଳଚ୍ଚିତ୍ର ନିର୍ମାତା। କିନ୍ତୁ ସବୁ ଛାଡ଼ି ଦେଇ ସେ ଏବେ ଏହି କାର୍ଯ୍ୟରେ ଲାଗିଛନ୍ତି।

## ଚିରନ୍ତନୀ

ଜୀବନ–କାଳିମା ସେ ଦେହର ଦାହ
ଅନୀତି ଅନାଚାର ପୀରତି ହାୟ !
କି ପାଇଁ ଲାଜ ଭୟ କି ପାଇଁ ଘୃଣା ?
ଦେଇଛି ଦାନ ସେ ତ ନ କରି ଊଣା।
ଦେଇଛି ସୁଖ ରାଶି ସଜାଡ଼ି
ଦୁଃଖର ଲୁହ କେତେ ଅଜାଡ଼ି
ବ୍ୟଥାର ଉହାଡେ ସେ ଗଭୀର ଆଶା ମମ
ଶ୍ରାବଣ ଘନ ତଳେ ପୁନିଅଁ ଶଶି ସମ
ଶ୍ରାବଣ ପୁନିଅଁରେ ବଢ଼ାଇଦେଲା ରାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି।

–(ଦୁଇଟି କଳା ଆଖି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 9 | | | | 8 | |
| | | 8 | | 2 | 1 | | | 6 |
| | | | | | | 3 | | |
| | | | | | 9 | 5 | | 4 |
| | | 6 | | | 4 | 2 | | |
| 3 | | | 7 | | | | | |
| | | | | | | 4 | 6 | |
| | | 9 | | 1 | | | | |
| | | | | | 3 | 7 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 8 | 9 | 7 | 1 | 2 | 5 |
| 8 | 7 | 5 | 6 | 1 | 2 | 4 | 9 | 3 |
| 1 | 2 | 9 | 4 | 5 | 3 | 6 | 7 | 8 |
| 2 | 6 | 8 | 5 | 3 | 4 | 7 | 1 | 9 |
| 5 | 9 | 3 | 1 | 7 | 6 | 2 | 8 | 4 |
| 4 | 1 | 7 | 2 | 8 | 9 | 5 | 3 | 6 |
| 7 | 8 | 4 | 3 | 2 | 5 | 9 | 6 | 1 |
| 6 | 3 | 2 | 9 | 4 | 1 | 8 | 5 | 7 |
| 9 | 5 | 1 | 7 | 6 | 8 | 3 | 4 | 2 |

ଗତକାଲିର ଉତ୍ତର

# ମାଗଣା କିଏ କିଛି ଦିଏନା



ଡ. ସନ୍ତୋଷ କୁମାର ମହାପାତ୍ର

ସୁପ୍ରିମକୋର୍ଟ ଫେବୃଆରୀ ୧୫ରେ ଇଲେକ୍ଟୋରାଲ ବଣ୍ଡ ବା ନିର୍ବାଚନୀ ବଣ୍ଡ ଉପରେ ବଡ଼ ରାୟ ଦେଇଥିଲେ। ଏହି ବଣ୍ଡ ସମ୍ବିଧାନର ଅନୁଚ୍ଛେଦ ୧୯(୧)(ଏ)ରେ ପ୍ରଦତ୍ତ ସୂଚନା ଅଧିକାରର ଉଲ୍ଲଂଘନ କରୁଥିବା ଦର୍ଶାଇ ଏହା ଅବୈଧ, ଅସ୍ୱଚ୍ଛ, ଅସାମ୍ବିଧାନିକ ଓ ସୂଚନା ଅଧିକାରର ଉଲ୍ଲଂଘନ କରୁଛି ବୋଲି କହି ଏହାକୁ ରଦ୍ଦ କରିଥିଲେ ଏବଂ ମାର୍ଚ୍ଚ ୬, ୨୦୨୪ ସୁଦ୍ଧା ନିର୍ବାଚନ କମିଶନଙ୍କ ନିକଟରେ ଏ ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ତଥ୍ୟ ଦାଖଲ କରିବା ସମ୍ଭବ ନୁହେଁ ବୋଲି ଦର୍ଶାଇ ଷ୍ଟେଟ୍ ବ୍ୟାଙ୍କ ଜୁନ୍ ୩୦ ଯାଏ ମହଲତ ମାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ମାର୍ଚ୍ଚ ୧୨ରେ ସର୍ବୋଚ୍ଚ ଅଦାଲତ ଆବେଦନଟିକୁ ଖାରଜ କରିବା ସହ ଗୋଟିଏ ଦିନ ଭିତରେ ସମସ୍ତ ତଥ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ବ୍ୟାଙ୍କକୁ ତାଗିଦ କରିବା ପରେ ଏସ୍‌ବିଆଇ ମାର୍ଚ୍ଚ ୨୧ରେ ନିର୍ବାଚନ ବଣ୍ଡ ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପ୍ରକାଶ କରିଛି।

ଏଡିଆର୍ ରିପୋର୍ଟ ଅନୁଯାୟୀ ନିର୍ବାଚନୀ ବଣ୍ଡ ପ୍ରଚଳନଠାରୁ ଏ ପର୍ଯ୍ୟନ୍ତ (ମାର୍ଚ୍ଚ ୨୦୧୮ରୁ ଜାନୁଆରୀ ୨୦୨୪) ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା ମୋଟ ୧୬୫୧୮ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ଜାରି ହୋଇ ବିଭିନ୍ନ ରାଜନୈତିକ ଦଳକୁ ଦିଆଯାଇଛି। ଏସ୍‌ବିଆଇ ପ୍ରକାଶିତ ତଥ୍ୟ ଅନୁଯାୟୀ, ନିର୍ବାଚନୀ ବଣ୍ଡ ମାଧ୍ୟମରେ ରାଜନୈତିକ ଦଳ ପ୍ରାପ୍ତ ହୋଇଥିବା ମୋଟ ପରିମାଣ ୧୨,୧୪୫.୮୭ କୋଟି ଟଙ୍କା ଥିଲା। ଭାଜପା ନିର୍ବାଚନୀ ବଣ୍ଡ ଯୋଜନାରେ ସବୁଠାରୁ ବଡ଼ ହିତାଧିକାରୀ ଥିଲା। ୨୦୧୮ରେ ନିର୍ବାଚନୀ ବଣ୍ଡ ଆରମ୍ଭ ହେବା ପରଠାରୁ ମିଳିଥିବା ପାଣ୍ଠିରେ ଭାଜପା ମୋଟ ୬୯୮୬.୫ କୋଟି ଟଙ୍କା ପାଇଛି। ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ୧୩୯୭ କୋଟି, ତା'ପରେ କଂଗ୍ରେସ ୧୩୩୪ କୋଟି ଏବଂ ଭାରତ ରାଷ୍ଟ୍ର ସମିତି ୧୩୩୨ କୋଟି ଟଙ୍କା ପାଇଛି। ଓଡ଼ିଶାର ବିଜୁ ଜନତା ଦଳ ୯୪୪.୫ କୋଟି ପାଇ ପଞ୍ଚମ ସ୍ଥାନରେ ରହିଛି, ଡିଏମ୍‌କେ ୬୫୬.୫ କୋଟି ଏବଂ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ପାଖାପାଖି ୪୪୨.୮ କୋଟିରେ ପହଞ୍ଚିଛି।

କିନ୍ତୁ ଏପ୍ରିଲ ୧୨ରୁ ମେ୧୦, ୨୦୧୯ ମଧ୍ୟରେ୧୩ଟି ରାଜନୈତିକ ଦଳ ସମୁଦାୟ ୨,୯୦୨.୮୭ କୋଟି ଟଙ୍କା ନିର୍ବାଚନ ବଣ୍ଡରେ ପାଇଥିଲେ, ଯାହାର ତଥ୍ୟ ଏଥିରେ ଅନ୍ତର୍ଭୁକ୍ତ ନୁହେଁ। ଭାଜପା କେବଳ ୨,୭୧୯.୩୨ କୋଟି ଟଙ୍କା ବା ମୋଟ ଦାନର ୯୩ % ପାଇଥିଲା। ବଣ୍ଡ ଗ୍ରହଣ କରିଥିବା ଅନ୍ୟ ଦଳଗୁଡ଼ିକରେ କଂଗ୍ରେସ ଅନ୍ତର୍ଭୁକ୍ତ ଥିଲା, ଯାହାକି ମାତ୍ର ୩.୨% କିମ୍ବା ମୋଟ ୯୫.୨୯ କୋଟି ଟଙ୍କା ପାଇଛି। ଏହା ଦର୍ଶାଉଛି ଯେ ଦଳମତ ନିର୍ବିଶେଷରେ କ୍ଷମତାରେ ଯେଉଁ ଦଳ ରହିବ, ସେହି ଦଳ ଅଧିକ ଚାନ୍ଦା ପାଇବ। ଏହାଦ୍ୱାରା ରାଜନୈତିକ ସମାନତା କ୍ଷୁଣ୍ଣ ହୋଇଥାଏ। ବିଶେଷ କରି ଶାସକ ଶ୍ରେଣୀ ବେଶି ଲାଭବାନ ହୋଇଥାଏ। ଏଣୁ ନିର୍ବାଚନୀ ବଣ୍ଡ ଅସ୍ୱଚ୍ଛତାର ପ୍ରତୀକ ଏବଂ ଏହାକୁ ରଦ୍ଦ କରିବା ଯଥାର୍ଥ।

କିନ୍ତୁ ଚିନ୍ତାର ବିଷୟ ହେଉଛି ନିର୍ବାଚନୀ ବଣ୍ଡ ଦୁର୍ନୀତି ପ୍ରକ୍ରିୟାର ଏକ ଅଂଶ ହୋଇଛି। କିଛି ଠକୁଥିବା ସଂସ୍ଥା ଭୟଭୀତ ହୋଇ ଏହି ବଣ୍ଡ କ୍ରୟ କରିଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଅତି କମ୍‌ରେ ୩୦ଟି ସେଲ୍ କମ୍ପାନୀ




୧୪୩ କୋଟି ଟଙ୍କାରୁ ଅଧିକ ମୂଲ୍ୟର ନିର୍ବାଚନୀ ବଣ୍ଡ କିଣିଛନ୍ତି। ସରକାରଙ୍କଠାରୁ ୧୭୨ଟି ବୃହତ୍ ଚୁକ୍ତି ଓ ପ୍ରକଳ୍ପ ଅନୁମୋଦନ ପାଇଥିବା ୩୩ଟି ଗୋଷ୍ଠୀ ମଧ୍ୟ ନିର୍ବାଚନୀ ବଣ୍ଡ ଜରିଆରେ ଦାନ କରିଛନ୍ତି। ସେମାନେ ଭାଜପାକୁ ୧ ହଜାର ୭୫୧ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ ଦାନ ବଦଳରେ ପ୍ରକଳ୍ପ ଓ ଚୁକ୍ତିରେ ମୋଟ ୩.୭ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ପୁନଶ୍ଚ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର ବିଭାଗ ଦ୍ୱାରା ଚଢ଼ାଉର ସମ୍ମୁଖୀନ ହୋଇଥିବା ୪୧ଟି କମ୍ପାନୀ ଭାଜପାକୁ ୨ ହଜାର ୪୭୧ କୋଟି ଟଙ୍କା ଦେଇଥିଲେ ଏବଂ ଚଢ଼ାଉ ପରେ ୧ ହଜାର ୬୯୮ କୋଟି ଟଙ୍କା ଦିଆଯାଇଥିଲା ଏବଂ ତୁରନ୍ତ ତିନି ମାସ ମଧ୍ୟରେ ୧୨୧ କୋଟି ଟଙ୍କା ଦିଆଯାଇଥିଲା ବୋଲି ଭୂଷଣ କହିଛନ୍ତି। ପୁନଶ୍ଚ ଉତ୍ତରାଖଣ୍ଡରେ ସିଲ୍କିୟାରା–ବାରକୋଟ ଟନେଲ ନିର୍ମାଣ କରୁଥିବା ହାଇଦ୍ରାବାଦସ୍ଥିତ ନବଯୁଗ ଇଞ୍ଜିନିୟରିଂ କମ୍ପାନୀ ଲିମିଟେଡ (ଏନ୍‌ଇସି) ୫୫ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛି ଏବଂ ସମ୍ପୂର୍ଣ୍ଣ ଅର୍ଥ ଭାଜପାକୁ ଦାନ କରିଛି। ୨୦୨୩ ନଭେମ୍ବର ୧୨ରେ ନିର୍ମାଣାଧୀନ ସୁଡ଼ଙ୍ଗର ଏକ ଅଂଶ ଭୁଶୁଡ଼ି ପଡ଼ିବାରୁ ମୋଟ ୪୧ ଜଣ ଶ୍ରମିକ ଫସି ଯାଇଥିଲେ।

ସତ୍ୟ ହେଉଛି ଯେ ଏ ଦୁନିଆରେ ଅଳ୍ପ କିଛି ଲୋକଙ୍କୁ ଛାଡିଦେଲେ, ପ୍ରାୟ କେହି ମାଗଣା ବା ବିନା ସ୍ୱାର୍ଥରେ କାହାକୁ କିଛି ଦେବାକୁ ଚାହାନ୍ତି ନାହିଁ। ଏପରି କି କିଛି ଦେଲେ ବି ତାହାର ପ୍ରଚାର ଚାହାନ୍ତି ବା ସମାଜସେବୀ ଭାବେ ସମାଜରେ ପରିଚିତ ହେବାକୁ ଚାହାନ୍ତି। ବହୁତ କମ୍ ଲୋକ ତ୍ୟାଗ କରିବାକୁ ଚହାନ୍ତି। ପୁନଶ୍ଚ ଏବେ ଯେତେବେଳେ ଉପଭୋଗକୁ ପ୍ରାଧାନ୍ୟ ଦିଆଯାଉଛି , ପିଲା ନିଜ ବାପା ମା'ଙ୍କୁ ପଚାରୁ ନାହାନ୍ତି, ଔଷଧ ଅଭାବରୁ ରୋଗରେ ଛଟପଟ ହେଲାବେଳେ ଗରିବଲୋକଟିକୁ ଟଙ୍କାଟିଏ କେହି ଦେବାକୁ ବାହାରୁ ନାହାନ୍ତି, ସେତେବେଳେ କାହିଁକି ଜଣେ ବ୍ୟକ୍ତି ବା କମ୍ପାନୀ କୋଟି କୋଟି ଟଙ୍କା ବିନା ସ୍ୱାର୍ଥରେ କୌଣସି ରାଜନୈତିକ ଦଳକୁ ଦେବ।

ବାସ୍ତବରେ ବିନା ସ୍ୱାର୍ଥରେ ମାଗଣା କିଏ କିଛି ଦିଏନା। ଯଦି ଜଣେ ୧ ଲକ୍ଷ ଟଙ୍କା ଦେବ, ଅତିକମ୍‌ରେ ୫୦ ଲକ୍ଷ ଟଙ୍କାର ଫାଇଦା ହାସଲ କରିବ। ଟିକସ ଫାଙ୍କିବା ଏବଂ ବିଭିନ୍ନ ରେଡରୁ ରକ୍ଷା ପାଇବା, ବ୍ୟାଙ୍କ ଋଣ ନ ଶୁଝିବାଜନିତ ଦଣ୍ଡରୁ ମୁକ୍ତି ପାଇବା ପାଇଁ ଚାନ୍ଦା ଦେଉଛନ୍ତି। ଚାନ୍ଦା ଦେବାର ନିବାଚନୀ ବଣ୍ଡ ବା ଇଲେକ୍ଟୋରାଲ ଟ୍ରଷ୍ଟ କେବଳ ଦୁଇପ୍ରକାର ମାଧ୍ୟମ। ଏହା ବ୍ୟତୀତ ଅନେକ ମାଧ୍ୟମ ରହିଛି। ଯାହାକୁ ଅନୁଭବ କରିହେବ କିନ୍ତୁ ଆଇନଗତ ଭାବେ ପ୍ରମାଣ କରି ହେବ ନାହିଁ। ୨୦୧୯–୨୦ରେ ସରକାର କର୍ପୋରେଟ ଟିକସ କାହିଁକି ହ୍ରାସ କରିଥିଲେ ? ୨୦୨୨–୨୩ ସୁଦ୍ଧା ୨୧.୩ଲକ୍ଷ କୋଟି ଟଙ୍କା ଟିକସ ଅନାଦାୟ ହୋଇପଡିଛି। ସେଥିରୁ କର୍ପୋରେଟ ଟିକସ ବାବଦରେ ୯,୯୫,୪୪୬କୋଟି ଟଙ୍କା,। ପୁନଶ୍ଚ ଗତ ୯ ବର୍ଷରେ ବ୍ୟାଙ୍କମାନେ ୧୪.୫ ଲକ୍ଷ କୋଟି ଟଙ୍କା ଋଣ ରାଇଟଅଫ୍ କରିଛନ୍ତି, ଯାହାର ସର୍ବାଧିକ ୧୫% ଫେରିଛି। ଅବଶିଷ୍ଟ ଯାହା ଫେରିନି ତାହାର ହିତାଧିକାରୀ କିଏ ? ତାଙ୍କ ଉପରେ କାହିଁକି କିଛି ପଦକ୍ଷେପ ନିଆଯାଉନି? ଟିକସ ଫାଙ୍କୁଥିବା, ଋଣ ଶୁଝୁ ନ ଥିବା ବ୍ୟକ୍ତି ବା କମ୍ପାନୀ କାହାର ହାତ ଚିକ୍କଣ କରୁଥିବ ବା କେଉଁ ରାଜନୈତିକ ନେତା ବା ଦଳକୁ ବିଭିନ୍ନ ଉପାୟରେ ସନ୍ତୁଷ୍ଟ କରୁଥିବ ବା ଅଲିଖିତ ଚାନ୍ଦା ଦେଉଥିବ।

ବିନା ଅର୍ଥ ଓ ବାହୁବଳରେ ନିର୍ବାଚନରେ ଜିତିବା ଦୂରର କଥା, ନିଜେ ଠିଆହେବା କଷ୍ଟକର। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବା କଥା କୁହାଯାଉଛି। କିନ୍ତୁ ଯଦି ବିଭିନ୍ନ ଅନୁଷ୍ଠାନ, ସଂସ୍ଥା, ଗଣତନ୍ତ୍ରର ବିଭିନ୍ନ ସ୍ତମ୍ଭକୁ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ଅନୁମତି ନ ମିଳେ, ତେବେ, କୌଣସି ସଂସ୍କାର କାର୍ଯ୍ୟ କରିବ ନାହିଁ। ଯେତେ ସଂସ୍କାର ଆଣିଲେ ବି ସ୍ୱଚ୍ଛତା ଆସିବ କେମିତି?

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଶାସନ ଛାଟ ଦରକାର

ମହାଶୟ,

ଭାରତ ଏକ ବଡ଼ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ବିଶ୍ୱ ଦରବାରରେ ଠିଆ ହୋଇଛି। ନିର୍ବାଚନ ଦ୍ୱାରା ଲୋକ ନିଜ ପସନ୍ଦର ନେତା ଚୟନ କରିପାରୁଛନ୍ତି। ତେବେ କିଛି ବର୍ଷ ହେଲା ପ୍ରଚାରର ସଂଜ୍ଞା ବଦଳିଛି ଆଉ ତା ସହିତ ବଦଳିଛି ଅସଲ ଗଣତନ୍ତ୍ରର ନକ୍ସା। ନା ଅଛି ସଚ୍ଚୋଟତା ନା ହେଉଛି ଗାଇଡଲାଇନର ସଠିକ ପାଳନ। ପ୍ରାର୍ଥିପତ୍ର ଦାଖଲରେ ଗୁଣ୍ଡା, ହୁଣ୍ଡା ନିଶଙ୍କୋଚରେ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ଆଗରୁ ଢୁଙ୍ଗ ନେତାଙ୍କ ସଚ୍ଚୋଟ ନିର୍ବାଚନ ପ୍ରଚାର ଏବେ ପାଇଁ ପ୍ରହସନ ହୋଇଗଲାଣି। ନିର୍ବାଚନ ଆଗରୁ ଆଉ ଗାଁ ଗାଁ ବୁଲି ରାଲି କିମ୍ବା ଭାଷଣ ଦିଆଯାଉନି। କେବଳ ଟଙ୍କା କାରବାରରେ ଭୋଟ ପ୍ରଚାର ସରିଯାଉଛି। ଭୋଟ ପିଛା ୫୦୦ ଆଉ ଘର ପିଛା କେଜିଏ ମାଂସ। ଗାଁ ଯୁବକଙ୍କୁ ଭୋଜି ଆଉ ମଦମାଂସର ଲୋଭରେ ମତୁଆଲା କରାଯାଇ ଭୋଟ କ୍ୟାମ୍ପେନିଂ କରାଯାଉଛି। ଗରିବ ମୁହଁରେ ଚକୋଲେଟ ଦେଇ ଆଗାମୀ ୫ବର୍ଷ ପାଇଁ ରକ୍ତ ଶୋଷିବାର ବାଟ କରୁଛନ୍ତି ନେତାଗଣ। ତେବେ ଏହି ରାତିଅଧିଆ ଭୋଟ ବେପାର ରୋକିବାକୁ ପ୍ରଶାସନର ଛାଟ ନିହାତି ଦରକାର ବୋଲି ମନେହୁଏ।

**–ସନମସ୍ମିତା ସାହୁ, ଭାରତୀୟ ଜନ ସଞ୍ଚାର ସଂସ୍ଥାନ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅନନ୍ତଯାତ୍ରାରେ ସ୍ୱାମୀ ସ୍ମରଣାନନ୍ଦ



ନରେନ୍ଦ୍ର ମୋଦୀ

**ଲୋ**କ ସଭା ନିର୍ବାଚନ ମହାପର୍ବର ବ୍ୟସ୍ତତା ମଧ୍ୟରେ ଏମିତି ଏକ ଖବର ଆସିଥିଲା, ଯାହା ମନକୁ କିଛି ମୁହୂର୍ତ୍ତ ପାଇଁ ବିବ୍ରତ କରିଦେଇଥିଲା। ଭାରତର ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ବ୍ୟକ୍ତିତ୍ୱ ଶ୍ରୀମଦ୍ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜ ସମାଧିସ୍ଥ ହେବା ଏକ ବ୍ୟକ୍ତିଗତ କ୍ଷତି। କିଛି ବର୍ଷ ପୂର୍ବେ ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ମହାପ୍ରୟାଣ ଏବଂ ବର୍ତ୍ତମାନ ସ୍ୱାମୀ ସ୍ମରଣାନନ୍ଦଙ୍କ ଅନନ୍ତଯାତ୍ରାରେ ବିଦାୟ ଅନେକ ଲୋକଙ୍କୁ ଦୁଃଖିତ କରିଛି। ରାମକୃଷ୍ଣ ମଠ ଓ ମିଶନର ଲକ୍ଷ ଲକ୍ଷ ଭକ୍ତ, ସାଧୁ ଓ ଅନୁଗାମୀଙ୍କ ପରି ମୁଁ ମଧ୍ୟ ବହୁତ ଦୁଃଖୀ।

ଚଳିତ ମାସ ପ୍ରାରମ୍ଭରେ ପଶ୍ଚିମବଙ୍ଗ ଗସ୍ତ ସମୟରେ ମୁଁ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ଡାକ୍ତରଖାନା ଯାଇଥିଲି। ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ଭଳି ସ୍ୱାମୀ ସ୍ମରଣାନନ୍ଦଜୀ ମଧ୍ୟ ଆଚାର୍ଯ୍ୟ ରାମକୃଷ୍ଣ ପରମହଂସ, ମାତା ଶାରଦା ଓ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାକୁ ବିଶ୍ୱରେ ପ୍ରସାର ପାଇଁ ସମ୍ପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଲେଖା ଲେଖିବା ସମୟରେ ତାଙ୍କ ସହ ମୋର ସାକ୍ଷାତ୍, ତାଙ୍କ ସହ ମୋର କଥାବାର୍ତ୍ତା, ସେହି ସ୍ମୃତି ମୋ ମନରେ ଜୀବନ୍ତ ହୋଇଯାଉଛି।

ଜାନୁଆରୀ ୨୦୨୦ରେ ବେଲୁର ମଠରେ ରହିବା ସମୟରେ ମୁଁ ସ୍ୱାମୀ ବିବେକାନନ୍ଦଙ୍କ କୋଠରିରେ ବସି ଧ୍ୟାନ କରିଥିଲି। ସେହି ଗସ୍ତ ସମୟରେ ମୁଁ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ସହ ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ବିଷୟରେ ଦୀର୍ଘ ସମୟ ଧରି କଥା ହୋଇଥିଲି।

ଆପଣ ଜାଣନ୍ତି, ରାମକୃଷ୍ଣ ମିଶନ ଏବଂ ବେଲୁର ମଠ ସହିତ ମୋର କେତେ ଆତ୍ମୀୟ ସମ୍ପର୍କ ରହିଛି। ଜଣେ ଆଧ୍ୟାତ୍ମିକ ସାଧକ ଭାବରେ ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ମୁଁ ବିଭିନ୍ନ ସାଧୁ ଓ ମହାତ୍ମାଙ୍କୁ ଭେଟିଛି, ଅନେକ ସ୍ଥାନରେ ରହିଛି। ରାମକୃଷ୍ଣ ମଠରେ ମଧ୍ୟ ଆଧ୍ୟାତ୍ମିକତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସନ୍ଥମାନଙ୍କ ସହିତ ମୋର ପରିଚୟ ହୋଇଥିଲା, ସେମାନଙ୍କ ମଧ୍ୟରେ ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ପବିତ୍ର ଚିନ୍ତାଧାରା ଓ ଜ୍ଞାନ ମୋ ମନକୁ ନିରନ୍ତର ସନ୍ତୋଷ ଦେଇଥିଲା। ଏମାନଙ୍କ ଭଳି ସନ୍ଥମାନେ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ମୋତେ ଜନସେବା ହିଁ ଭଗବାନଙ୍କ ସେବା ବୋଲି ଶିଖାଇଥିଲେ।

ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଜୀବନ ରାମକୃଷ୍ଣ ମିଶନର 'ଆତ୍ମନୋ ମୋକ୍ଷାର୍ଥ ଜଗଦ୍ଧିତାୟ ଚ'ର ଏକ ଅତୁଳନୀୟ ଉଦାହରଣ।

ଶିକ୍ଷାର ପ୍ରଚାର ପ୍ରସାର ଏବଂ ଗ୍ରାମୀଣ ବିକାଶ ପାଇଁ ରାମକୃଷ୍ଣ ମିଶନ ଦ୍ୱାରା କରାଯାଉଥିବା କାର୍ଯ୍ୟ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ। ରାମକୃଷ୍ଣ ମିଶନ ଭାରତର ଆଧ୍ୟାତ୍ମିକ ଚେତନା, ଶିକ୍ଷାଗତ ସଶକ୍ତୀକରଣ ଏବଂ ମାନବସେବା ଦିଗରେ କାର୍ଯ୍ୟ କରୁଛି। ୧୯୭୮ ମସିହାରେ ପଶ୍ଚିମବଙ୍ଗରେ ବନ୍ୟା ଆସିବା ପରେ ରାମକୃଷ୍ଣ ମିଶନ ନିଜର ନିଃସ୍ୱାର୍ଥପର ସେବା ଦ୍ୱାରା ସମସ୍ତଙ୍କ ହୃଦୟ ଜିତି ନେଇଥିଲା। ମୋର ମନେଅଛି, ୨୦୦୧ରେ କଚ୍ଛ ଭୂମିକମ୍ପ ସମୟରେ ସ୍ୱାମୀ ଆତ୍ମସ୍ଥାନନ୍ଦ ପ୍ରଥମ ବ୍ୟକ୍ତି ଥିଲେ, ଯିଏ ମୋତେ ଫୋନ କରି କହିଥିଲେ ଯେ ରାମକୃଷ୍ଣ ମିଶନ ବିପର୍ଯ୍ୟୟ ପରିଚାଳନା ପାଇଁ ସମସ୍ତ ସମ୍ଭବ ଉପାୟରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୂମିକମ୍ପର ସେହି ସଙ୍କଟ ସମୟରେ ରାମକୃଷ୍ଣ ମିଶନ ଲୋକଙ୍କୁ ବହୁତ ସାହାଯ୍ୟ କରିଥିଲା।

ବର୍ଷ ବର୍ଷ ଧରି ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀ ବିଭିନ୍ନ ପଦବୀରେ ରହି ସାମାଜିକ ସଶକ୍ତୀକରଣ ଉପରେ ବହୁତ ଗୁରୁତ୍ୱ ଦେଇଥିଲେ। ଯେଉଁମାନେ ଏହି ମହାନ୍ ବ୍ୟକ୍ତିତ୍ୱଙ୍କ ଜୀବନକୁ ଜାଣନ୍ତି, ସେମାନେ ନିଶ୍ଚୟ ମନେରଖିବେ ଯେ ଆପଣଙ୍କ ପରି ଜଣେ ସନ୍ଥ ଆଧୁନିକ ଶିକ୍ଷା, ଦକ୍ଷତା ଏବଂ ମହିଳା ସଶକ୍ତୀକରଣ ଦିଗରେ କେତେ ଗମ୍ଭୀର ଥିଲେ।

ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ବିଶାଳ ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା ଯାହା ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଥିଲା, ତାହା ଥିଲା ପ୍ରତ୍ୟେକ ସଂସ୍କୃତି, ପ୍ରତ୍ୟେକ ପରମ୍ପରା ପ୍ରତି ତାଙ୍କର ସମ୍ମାନ ଏବଂ ଭଲପାଇବା। ଏହାର କାରଣ ହେଲା ସେ ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ବିତାଇଥିଲେ ଏବଂ ସେ ନିରନ୍ତର ଭ୍ରମଣ କରୁଥିଲେ। ଗୁଜରାଟରେ ରହୁଥିବା ବେଳେ ସେ ଗୁଜରାଟୀ ଭାଷା ଶିଖିଥିଲେ। ଏପରିକି ମୋ ସହିତ ମଧ୍ୟ ସେ ଗୁଜରାଟୀ ଭାଷାରେ କଥା ହେଉଥିଲେ। ମୋତେ ତାଙ୍କ ଗୁଜରାଟୀ ଭାଷା ମଧ୍ୟ ଭଲ ଲାଗିଥିଲା।

ଭାରତର ବିକାଶ ଯାତ୍ରାର ଅନେକ କ୍ଷେତ୍ରରେ ସ୍ୱାମୀ ଆତ୍ମସ୍ଥାନନ୍ଦଜୀ, ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଭଳି ଅନେକ ସନ୍ଥଙ୍କ ଆଶୀର୍ବାଦ ଆମ ମାତୃଭୂମିକୁ ମିଳିଛି, ଯେଉଁମାନେ ଆମକୁ ସାମାଜିକ ପରିବର୍ତ୍ତନର ଏକ ନୂତନ ଚେତନା ଦେଇଛନ୍ତି। ଏହି ସାଧୁମାନେ ଆମକୁ ସମାଜ କଲ୍ୟାଣ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛନ୍ତି। ଏହି ନୀତିଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ଚିରନ୍ତନ ଏବଂ ଆଗାମୀ ଦିନରେ ଏହି ଧାରଣା ବିକଶିତ ଭାରତ ଏବଂ ଅମୃତକାଳର ସଂକଳ୍ପ ଶକ୍ତିରେ ପରିଣତ ହେବ।

ମୁଁ ପୁଣି ଥରେ ସମଗ୍ର ଦେଶ ତରଫରୁ ଏଭଳି ସାଧୁ ଆତ୍ମାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମୋର ବିଶ୍ୱାସ ଯେ, ରାମକୃଷ୍ଣ ମିଶନ ସହ ଜଡ଼ିତ ସମସ୍ତେ ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗକୁ ଆହୁରି ପ୍ରଶସ୍ତ କରିବେ। ଓମ୍ ଶାନ୍ତି।

**– ଲେଖକ ଭାରତର ପ୍ରଧାନମନ୍ତ୍ରୀ**

## ପୁରୀରେ ବଲିଉଡ୍ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରି



**ପୁରୀ, ୨୮।୩(ଅଜିତ୍ ମହାନ୍ତି):** ବଲିଉଡ୍ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ମୀନାକ୍ଷୀ ଶେଷାଦ୍ରି ଗୁରୁବାର ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ମିନାକ୍ଷୀ ବେଶ୍ ଭାବ ବିହ୍ୱଳ ହୋଇପଡ଼ିଥିଲେ। ସେ ୩୦ ବର୍ଷ ତଳେ ଶ୍ରୀମନ୍ଦିର ଆସିଥିବାବେଳେ ମହାପ୍ରଭୁଙ୍କ କୃପାରୁ ପୁଣି ପୁରୀ ଆସି ତାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଛନ୍ତି ବୋଲି କହିଥିଲେ। ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦାନ କରିବା ପୂର୍ବରୁ ସେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ବର୍ତ୍ତମାନ ପୁରୀର ସୌନ୍ଦର୍ଯ୍ୟ ବଢ଼ିଛି ଏବଂ ଏକ ନୂଆ ରୂପ ପାଇଛି। ମହାପ୍ରଭୁଙ୍କ ଦର୍ଶନ ଭଲ ହୋଇଛି ବୋଲି ମିନାକ୍ଷୀ କହିଛନ୍ତି। ସେହିପରି ଦର୍ଶନ ବ୍ୟବସ୍ଥା ଓ ପରିକ୍ରମା ପ୍ରକଳ୍ପକୁ ସେ ପ୍ରଶଂସା କରିଥିଲେ।

# ଭୁବନ ଆଇନଜୀବୀ ସଂଘର ନିର୍ବାଚନ ସ୍ଥଗିତ

**କଟକ,୨୮।୩ (କାର୍ତ୍ତିକ ସାହୁ)**

ଭୁବନ ଆଇନଜୀବୀ ସଂଘର ନିର୍ବାଚନ ଅଧିକାରୀ ଆଇନଜୀବୀ କୋଦଣ୍ଡଧର ନାୟକଙ୍କ ମନମୁଖି କାର୍ଯ୍ୟ ଓ ନିର୍ବାଚନ ନିୟମ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏଥିସହ ଭୁବନ ଆଇନଜୀବୀ ସଂଘ ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଜାରି ପ୍ରେସ୍ ଇସ୍ତାହାରରେ ଗୁରୁବାର ସୂଚନା ଦିଆଯାଇଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଓଡ଼ିଶା ଆଇନଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଅନୁବନ୍ଧିତ ଆଇନଜୀବୀ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି। ଆସନ୍ତା ୩୦ ତାରିଖରେ ସମସ୍ତ ଅନୁବନ୍ଧିତ ଆଇନଜୀବୀ ସଂଘର ନିର୍ବାଚନ କରାଯିବା ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଭୁବନ ଆଇନଜୀବୀ ସଂଘର ସଦସ୍ୟ

### ନିର୍ବାଚନ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ବାବୁଲି ସେଠୀ ଓ ପ୍ରହ୍ଲାଦ ସାହୁ ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇଥିଲେ ଯେ, ଭୁବନ ଆଇନଜୀବୀ ସଂଘର ନିର୍ବାଚନ ଅଧିକାରୀ କୋଦଣ୍ଡଧର ନାୟକ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅନୁବନ୍ଧିତ ଆଇନଜୀବୀ ସଂଘ ନିୟମାବଳୀର ଧାରା ୧୦୯ର ଉଲ୍ଲଂଘନ କରି ବେଆଇନ ଭାବେ ସେମାନଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦେଇଛନ୍ତି। ଉକ୍ତ ଅଭିଯୋଗର ତଦନ୍ତ କରି ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଉପରୋକ୍ତ ଦୁଇ ଆଇନଜୀବୀଙ୍କ ପ୍ରାର୍ଥିପତ୍ର ନାକଚ ଆଦେଶ ପ୍ରତ୍ୟାହାର କରି ନାମାଙ୍କନ କାଏମ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ନିର୍ବାଚନ ଅଧିକାରୀ ଉକ୍ତ ନିର୍ଦ୍ଦେଶନାମାର ଅବମାନନା କରିବା ସହ ନିର୍ଦ୍ଦେଶନାମା ପ୍ରାପ୍ତିକୁ ଅସ୍ୱୀକାର କରିଥିଲେ। ଫଳରେ ଆଇନଜୀବୀ ଦ୍ୱୟ ପରିଷଦ ନିକଟରେ ନିର୍ବାଚନ ଅଧିକାରୀଙ୍କ ବିରୋଧରେ ପୁନର୍ବାର ଅଭିଯୋଗ କରିଥିଲେ। ସମ୍ପୃକ୍ତ ନିର୍ବାଚନ ଅଧିକାରୀ ଓ ଦୁଇ ଅଭିଯୋଗକାରୀଙ୍କୁ ୨୭ ତାରିଖ ଅପରାହ୍ନ ୩ଟା ୩୦ରେ ପରିଷଦର କେନ୍ଦ୍ରୀୟ ନିର୍ବାଚନ କମିଟି ସଦସ୍ୟଙ୍କ ନିକଟରେ ହାଜର ହେବାକୁ ନୋଟିସ କରାଯାଇଥିଲା। ହେଲେ ଉକ୍ତ ନୋଟିସ୍‌ର ଅବମାନନା ପୂର୍ବକ କେନ୍ଦ୍ରୀୟ ନିର୍ବାଚନ କମିଟି ନିକଟରେ ନିର୍ବାଚନ ଅଧିକାରୀ ହାଜର ହୋଇ ନ ଥିଲେ। ଫଳରେ ଭୁବନ ଆଇନଜୀବୀ ସଂଘର ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯିବା ସହ ନିର୍ବାଚନ ଅଧିକାରୀ କୋଦଣ୍ଡଧର ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।




ବିଭିନ୍ନ ଦାବିନେଇ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଶ୍ରୀୟା ଛକସ୍ଥିତ ରାଜ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା।

# ନନ୍ଦନକାନନରେ ବନେଟ୍ ମାଙ୍କଡ଼ ମୃତ

**ବାରଙ୍ଗ,୨୮।୩(ଲିଙ୍ଗରାଜ ରାଉତ)**

ନନ୍ଦନକାନନରେ ଜନ୍ମ ହେବାର ସପ୍ତାହେ ନ ପୂରୁଣୁ ପୁଣି ଗୋଟିଏ ଛୁଆ ବନେଟ୍ ମାଙ୍କଡ଼ର ଗୁରୁବାର ମୃତ୍ୟୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ତେବେ ଗତ ୨୩ ତାରିଖରେ ଚିକିତ୍ସିତ ହେଉଥିବା ୫ ବର୍ଷର ଗୋଟିଏ ଅଣ୍ଡିରା ବନେଟ୍ ମାଙ୍କଡ଼ର ମୃତ୍ୟୁ ଘଟିଥିଲା। ଏହି ପ୍ରଜାତି ମାଙ୍କଡ଼ ନନ୍ଦନକାନନରେ ୭ଟି ଥିବା ସୂଚନା ମିଳିଛି। ସେହିପରି ୨୩ ତାରିଖରେ ନୟାଗଡ଼ ଜିଲା ବୁଗୁଡ଼ା ଅଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ୩ ବର୍ଷର ଅଣ୍ଡିରା କଲରାପତରିଆ ବାଘ ଏବେ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବାଘଟି ଗୋଟିଏ ଜାଗାରେ ପଡ଼ି ରହୁଛି। ଡାକ୍ତରୀ ଟିମ୍ ଚିକିତ୍ସା ଜାରି ରଖିଥିବାବେଳେ ଏହି ବାଘର କୃତ୍ରିମ ଗୋଡ଼ ଲଗାଯିବା ନିମନ୍ତେ ଉଦ୍ୟମ ଚାଲୁରହିଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ବିଭିନ୍ନ ଦଳର ନେତା



ଅପରାଜିତା ଷଡ଼ଙ୍ଗୀ



ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟମାନେ।

**ପୁରୀ,୨୮।୩(ଅଜିତ୍ ମହାନ୍ତି)**

ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ବିଭିନ୍ନ ଦଳର ନେତା ଓ ପ୍ରାର୍ଥୀମାନେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ନେଉଛନ୍ତି। ଏହି କ୍ରମରେ ବିଜୁ ଜନତା ଦଳ (ବିଜେଡି) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଟିକେଟ ପାଇଥିବା ଅନେକ ପ୍ରାର୍ଥୀଙ୍କ ସମେତ କେତେଜଣ କଂଗ୍ରେସ ନେତା ଗୁରୁବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସମ୍ପୃକ୍ତ ପ୍ରାର୍ଥୀମାନେ ବିଧିବଦ୍ଧ ଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ତଥା ପ୍ରଚାର କରିବା ପୂର୍ବରୁ ଦାରୁଦିଅଁଙ୍କ ଆଶୀର୍ବାଦ କାମନା କରିଛନ୍ତି।

ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ପ୍ରଣବ ପ୍ରକାଶ ଦାସ (ବବି) ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ତାଙ୍କୁ ଏଠାରେ ବିଜେଡିର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଦଳୀୟ ନେତା ସ୍ୱାଗତ କରିଥିଲେ। ସେ ଶ୍ରୀମନ୍ଦିର ରତ୍ନବେଦିରେ ଚତୁର୍ଦ୍ଧାମୂର୍ତ୍ତି ଓ ପରେ ଭିତରବେଢାରେ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ସତ୍ୟବାଦୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବିଜେଡିର ସଞ୍ଜୟ ଦାସବର୍ମା, ପୁରୀ ସଦର ବିଧାନସଭା ଆସନର ପ୍ରାର୍ଥୀ ସୁନୀଲ ମହାନ୍ତି,

### ନିର୍ବାଚନ ପୂର୍ବରୁ ଆଶୀର୍ବାଦ ଲୋଡ଼ିଲେ

ଭୁବନେଶ୍ୱର ଲୋକ ସଭା ଆସନର ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ବିଜେଡିରୁ ଧର୍ମଶାଳା ଆସନର ବିଧାୟକ ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ, ବାଙ୍କୀର ଦେବୀପ୍ରସନ୍ନ ତ୍ରିପାଠୀ, ଧାମନଗରର ଡା. ସଞ୍ଜୟ ଦାସ, ଚାନ୍ଦବାଲିର ବ୍ୟୋମକେଶ ରାୟ, ଦଶପଲ୍ଲାର ରମେଶ ବେହେରା ଏବଂ ପୋଲସରାର ଶ୍ରୀକାନ୍ତ ସାହୁ ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଦାସବର୍ମା କହିଛନ୍ତି, ସତ୍ୟବାଦୀ ମାଟି ହେଉଛି ମହାପୁରୁଷ ଗୋପବନ୍ଧୁ ଦାସଙ୍କ କର୍ମଭୂମି ଓ ପଞ୍ଚସଖାଙ୍କ ପୁଣ୍ୟଭୂମି। ଏଣୁ ସେଭଳି ପବିତ୍ର ସ୍ଥାନରେ ଜନସାଧାରଣଙ୍କ ସେବା ପାଇଁ ତାଙ୍କର ଲକ୍ଷ୍ୟ ଥିବାବେଳେ ସତ୍ୟବାଦୀ ବାସିନ୍ଦା ତାଙ୍କୁ ସମର୍ଥନ କରିବେ ବୋଲି ସେ ଆଶା ରଖିଛନ୍ତି। ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଏବଂ ବିକାଶ ଧାରାକୁ ସାଢ଼େ ଚାରିକୋଟି ଓଡ଼ିଆ ଗ୍ରହଣ କରିସାରିଥିବାବେଳେ ଆଗାମୀ ନିର୍ବାଚନରେ ବିଜେଡି ଅଧିକ ଆସନରେ ବିପୁଳ ବିଜୟ ହାସଲ କରିବ ବୋଲି ଦାସବର୍ମା ଦୃଢୋକ୍ତି ପ୍ରକାଶ କରିଛନ୍ତି। ଭାଜପାର ଭୁବନେଶ୍ୱର ଲୋକ ସଭା ଆସନ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏବଂ ଭାଜପା ନେତା ପ୍ରଶାନ୍ତ ଜଗଦେବ ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ଅପରାଜିତା କହିଛନ୍ତି, ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆବଶ୍ୟକ। ଓଡ଼ିଶାରେ ୧୫ରୁ ଅଧିକ ଲୋକ ସଭା ସିଟ୍‌ରେ ଭାଜପା ଜିତିବ। ବିଧାନସଭା ଆସନଗୁଡ଼ିକରେ ମଧ୍ୟ ଭଲ ପ୍ରଦର୍ଶନ କରିବ। ସେ ନିର୍ବାଚନରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଜଗଦେବ କହିଛନ୍ତି, ଓଡ଼ିଶାରେ ପଦ୍ମର ସୁନାମି ଆସିଛି, ତେଣୁ ଡବଲ ଇଞ୍ଜିନ୍ ସରକାର ହେବାକୁ ଯାଉଛି। ମୋତେ କେନ୍ଦ୍ର ନେତୃତ୍ୱ ଯେଉଁଠାରେ ଲଢ଼ିବାକୁ କହିବେ ସେଠାରୁ ଲଢ଼ିବି ବୋଲି ଜଗଦେବ କହିଛନ୍ତି। କଂଗ୍ରେସ ମୁଖପାତ୍ର ବିଶ୍ୱରଞ୍ଜନ ମହାନ୍ତି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସେ କହିଛନ୍ତି, ୨୦୨୪ ନିର୍ବାଚନ ପାଇଁ କଂଗ୍ରେସ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଆସନ୍ତା ୩୦, ୩୧ ତାରିଖରେ ସ୍କ୍ରିନିଂ ସେଣ୍ଟ୍ରାଲ କମିଟି ବୈଠକ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଦଳ ତାଙ୍କୁ ଯେଉଁ କାମ ଦେବ ଜଣେ ଶୃଙ୍ଖଳିତ ସେନା ଭାବେ ସେ କାର୍ଯ୍ୟ କରିବେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିନା ଆଶୀର୍ବାଦରେ ଜଗତରେ ପତ୍ର ହଲେନାହିଁ, ତେଣୁ ତାଙ୍କ ଆଶ୍ରିତ ହେବା ପାଇଁ ଶ୍ରୀମନ୍ଦିର ଆସିଛି ବୋଲି ବିଶ୍ୱଜିତ୍ ପ୍ରକାଶ କରିଛନ୍ତି।


**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

SAMS
Student Academic Management System
Skilled in ODISHA

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୪-୨୫ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ**

ନଂ. ୪୬୯୯ ତା୨୮.୦୩.୨୦୨୪

No. KK-465: ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନ୍‌ଲାଇନ ପଦ୍ଧତିରେ ନାମ ଲେଖାଯିବ। ଏଥିପାଇଁ ଅନ୍‌ଲାଇନ ମାଧ୍ୟମରେ ଆବେଦନପତ୍ର ତା ୦୧.୦୪.୨୦୨୪ ରିଖଠାରୁ ଗ୍ରହଣ କରାଯିବ।

ନାମଲେଖା ପ୍ରଣାଳୀ :

କ) ଆବେଦନକାରୀ ତା ୦୧.୦୮.୨୦୨୪ ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ୍ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍ / ୧୦ମ ଶ୍ରେଣୀ ଫେଲ୍) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.in ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ www.samsodisha.gov.in ବା www.dtetodisha.gov.inରେ ଲଗିନ୍ କରି ପ୍ରଥମ ପର୍ଯ୍ୟାୟରେ ତା ୦୧.୦୪.୨୦୨୪ ଠାରୁ onlineରେ ପଞ୍ଜୀକୃତ ପାଇଁ ଆବେଦନ କରିପାରିବେ।

ଘ) ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଘୋଷିତ ହେବା ପରେ ଆବେଦନକାରୀମାନେ ସେମାନଙ୍କର ମାର୍କ ଓ ଆବଶ୍ୟକୀୟ ପ୍ରମାଣ ପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ୍ କରିପାରିବେ।

ଙ) ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline - ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦ କୁ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ।

ସ୍ୱା/- ନିର୍ଦ୍ଦେଶକ
ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା
OIPR-44008/11/0033/2324



## ବିଜ୍ଞାପନ

No.D-277:- ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୧ ଧାରା ୧୨୭-କ'ରେ ଥିବା ବ୍ୟବସ୍ଥା ଅନୁଯାୟୀ ମୁଦ୍ରାକର ଓ ପ୍ରକାଶକଙ୍କ ନାମ ଓ ଠିକଣା ନ ଦର୍ଶାଇ ଏବଂ ପ୍ରକାଶକଙ୍କଠାରୁ ଘୋଷଣାନାମା ଯାହାକି ପ୍ରକାଶକଙ୍କୁ ଜାଣିଥିବା ଦୁଇଜଣ ବ୍ୟକ୍ତିଙ୍କ ଦ୍ୱାରା ଅନୁପ୍ରମାଣିତ ହୋଇଥିବ, ତାହାକୁ ନ ଆଣି କୌଣସି ବ୍ୟକ୍ତି ନିର୍ବାଚନ ସମ୍ପର୍କିତ ପାମ୍ପଲେଟ ବା ପୋଷ୍ଟର, ହାଣ୍ଡବିଲ୍ ବା ଅନ୍ୟାନ୍ୟ କାଗଜପତ୍ର ଛାପିବେ ନାହିଁ ବା ପ୍ରକାଶିତ କରିବେ ନାହିଁ ବା କରାଇବେ ନାହିଁ।

ନିର୍ବାଚନ ସମ୍ପର୍କିତ କାଗଜପତ୍ର ଛପାଯିବାର ତିନି ଦିନ ମଧ୍ୟରେ ସମ୍ପୃକ୍ତ ମୁଦ୍ରାକର ସେହି ଘୋଷଣାନାମା (ନିର୍ଦ୍ଧାରିତ ଫର୍ମ, ପରିଶିଷ୍ଟ 'A') ସହ ଛପାହୋଇଥିବା ସଂଖ୍ୟା ଓ ତାହାର ମୂଲ୍ୟ ସମ୍ବଳିତ ତଥ୍ୟ (ନିର୍ଦ୍ଧାରିତ ଫର୍ମ, ପରିଶିଷ୍ଟ 'B') ଏବଂ ଛପାଯାଇଥିବା ପାମ୍ପଲେଟ ବା ପୋଷ୍ଟର, ହାଣ୍ଡବିଲ୍ ବା ଅନ୍ୟାନ୍ୟ କାଗଜପତ୍ରର ଚାରିକିତା ନକଲ, ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଛପାଯାଇଥିଲେ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଅଥବା ରାଜ୍ୟର ଅନ୍ୟ ସ୍ଥାନରେ ଛପାଯାଇଥିଲେ ସମ୍ପୃକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ।

ଏଥିରେ ଖିଲାପ କଲେ ଲୋକ ପ୍ରତିନିଧିତ୍ୱ ଅଧିନିୟମ, ୧୯୫୧ ଧାରା ୧୨୭-କ'ର ଉଲ୍ଲଂଘନ ହେବ ଏବଂ ଆଇନ ଅନୁଯାୟୀ ଦଣ୍ଡିତ ହେବେ।

OIPR-12159/11/0002/2324



## ODISHA PUBLIC SERVICE COMMISSION, CUTTACK

**NOTICE**

**No. 1786 /P.S.C./ Dt. 28.3.24**
**PF-1E-05-2023/24 (DR-III)**

**No.D-:**It is for information of all concerned that on the basis of written examination held on **30.04.2023** for recruitment to the Post of **Post Graduate Teachers in Chemistry**, pursuant to Advt. No.21 of 2021-22, **21 (Twenty-One)** candidates bearing following Roll Nos. have been qualified for admission to the Viva Voce Test. The physical verification of original certificates/documents etc. and Viva Voce test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 on **12.04.2024** as per the programme detailed below.

The Candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening),** three passport size photographs (as uploaded in the online application form), self-attested copies of all relevant certificates/documents etc. **with original of the same** as per **Para-10** of the aforesaid advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the vertification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test.** The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of document verification | Time of Viva Voce Test | ROLL No. of Candidates |
|---|---|---|---|---|
| 1 | 12.04.2024 | 8.30 A.M. | 10.30 A.M. | 200041, 200062, 200102, 200113, 200117, 200135, 200152, 200208, 200213, 200215, 200227 & 200236 = **12 Candidates** |
| | | 12.30 P.M. | 2.30 P.M. | 200259, 200279, 200285, 200287, 200331, 200332, 200335, 200337 & 200343 = **09 Candidates** |

**N.B.- The candidates are advised to report at the office of the Commission half an hour before the commencement of document verification on their scheduled date & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0192/2324 **Sd./- Secretary**



## ODISHA PUBLIC SERVICE COMMISSION, CUTTACK

**NOTICE**

**No. 1792/PSC Dt.28.03.24**
**PF-1E-05-2023/24 (DR-III)**

No. D-: It is for information of all concerned that on the basis of written examination held on **30.04.2023** for recruitment to the post of **Post Graduate Teachers in Physics,** pursuant to Advt. No. 21 of 2021-22, **38 (thirty Eight)** candidates bearing following Roll Nos. have been qualified for admission to the Viva Voce test. The physical verification of original certificate/documents etc. and Viva Voce Test in respect of above qualified candidates will be conducted simultaneously in the office of the Commission at 19, Dr. P.K. Parija Road, Cuttack - 753001 on **09.04.2024 & 10.04.2024** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email Id through blackening)**, three passport size photographs (as uploaded in the online application form), self-attested copies of all relevant certificates/documents, etc. **with original of the same** as per **Para-10** of the aforesaid Advertisement and duly filled in **"Attestation Form"** & **"Bio-Data Form"** (to be downloaded from the website of the Commission) and submit the same **in person** on the day of document verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test.** The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of Document Verification | Time of Viva Voce Test | Roll No. of Candidates |
|---|---|---|---|---|
| 1. | 09.04.2024 | 8.30 A.M. | 10.30 A.M. | 500003, 500011, 500051, 500064, 500074, 500082, 500101, 500146, 500150, 500155 & 500157 = **11 Candidates** |
| | | 12.30 P.M. | 2.30 P.M. | 500166, 500188, 500207, 500209, 500211, 500217, 500220 & 500262 = **08 Candidates** |
| 2 | 10.04.2024 | 8.30 A.M. | 10.30 A.M. | 500265, 500274, 500301, 500311, 500340, 500370, 500372, 500374, 500378, 500380 & 500383 = **11 Candidates** |
| | | 12.30 P.M. | 2.30 P.M. | 500388, 500395, 500400, 500408, 500417, 500420, 500425 & 500453 = **08 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of document verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the Interview. They are to come prepared to present a Topic of their Choice within 8 to 10 minutes before the Interview board. White Board shall be provided by the Commission for the purpose.

OIPR-12002/11/0193/2324 Sd./- Secretary

# ପାଣି ନାହିଁ, ମାଠିଆ ମେଲା

## ଜଳସେବା ଶିବିର ନାଁରେ ଅର୍ଥ ହରିଲୁଟ୍ ଯୋଜନା

ଭୁବନେଶ୍ୱର, ୨୮।୩ (ବନ୍ଦନା ସେଠୀ)

ରାଜ୍ୟରେ ଏବେ ପାରଦ ଉପରମୁହାଁ ରହିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଧୀରେ ଧୀରେ ତାତି ଅସମ୍ଭାଳ ହେଉଛି। ଟାଇଁ ଟାଇଁ ଖରାକୁ ଗରମ ପବନ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ଖରାରେ ଖୋଜେ ଚାଲିଲେ ଶୋଷ ଲାଗୁଛି। ବିଶେଷକରି ଛାତ୍ରୀଛାତ୍ର, ଶ୍ରମିକ, ଅସହାୟ ଲୋକେ ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପରିସ୍ଥିତିରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଲିଥିବା ଜଳସେବା ଶିବିର ସେବାରେ ଆସୁ ନ ଥିବା ଦେଖିବାକୁ ମିଳୁଛି। କେଉଁଠି ମାଠିଆ ନାହିଁ, ତ ଆଉ କେଉଁଠି ପାଣି ନାହିଁ। ପୁଣି ମାଠିଆ ମେଲା ପଡିଥିବାବେଳେ ସେବା ଦେବାକୁ କେହି ନାହିଁ। ଲୋକେ ଶୋଷରେ ଆଉଟୁପାଉଟୁ ହେଉଥିବାବେଳେ ବିଏମ୍‌ସି ଜଳସେବା ଶିବିର ନାଁରେ ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛି। ବାଉଁଶରେ କପଡ଼ା ବାନ୍ଧି, ବ୍ୟାନର ଝୁଲାଇ, ଫଟୋ ଉଠାଇ ଅର୍ଥ ହରିଲୁଟ୍ ପାଇଁ ଯୋଜନା କରୁଥିବା ଭଳି ଗୁରୁତର ଅଭିଯୋଗ ଉଠୁଛି।

ଇତିମଧ୍ୟରେ ରାଜଧାନୀରେ ପାରଦ ୩୭ ଡିଗ୍ରୀ ଡେଇଁଛି। ଖରା ଓ ଅଂଶୁଘାତଜନିତ ସ୍ଥିତିର ମୁକାବିଲା କରିବାକୁ ବିଏମ୍‌ସି ଆଗୁଆ ପ୍ରସ୍ତୁତ ହୋଇଥିଲା। ବୈଠକ କରି ସହରରେ ଜଳଯୋଗାଣକୁ ଗୁରୁତ୍ୱ ଦିଆଯିବା ସହ ଗ୍ରୀଷ୍ମ ଶେଷ ଯାଏ ଜଳସେବା ଶିବିର ଚାଲୁ ରଖିବାକୁ ନିଷ୍ପତ୍ତି ହୋଇଥିଲା। ପୂର୍ବବର୍ଷର ବିଭ୍ରାଟକୁ ଏଡାଇବା ଲାଗି ଏବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟମାନଙ୍କ ଉପରେ ଭରସା ନ କରି ବିଏମ୍‌ସି ନିଜେ ଜଳସେବା ଶିବିର ଖୋଲିବା ସହ ପରିଚାଳନା କଲା। ମେୟର କେତେକ ଜଳ ସେବା ଶିବିରକୁ ଉଦ୍‌ଘାଟନ କଲେ। ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଜଳସେବା ଶିବିର ଲେଖାଥିବା ବ୍ୟାନର ଲଗାଗଲା। ବ୍ୟାନରରେ ଓଡ଼ିଶା ସରକାର ଓ ବିଏମ୍‌ସିର ଲୋଗୋ ରହିଥିବାବେଳେ ସହଭାଗୀ ଅନୁଷ୍ଠାନ ଭାବେ ଭୁବନେଶ୍ୱର ମହାନଗର ନିଗମ ରହିଥିବା ଉଲ୍ଲେଖ କରାଯାଇଛି। ତେବେ ଆଡମ୍ବରପୂର୍ଣ୍ଣ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଦେଖିଲେ ଆଶା କରାଯାଉଥିଲା ବିଏମ୍‌ସିର ଜଳସେବା ଶିବିର ରାଜଧାନୀବାସୀଙ୍କ ସେବାରେ ଲାଗିବ। ହେଲେ କେଇଟା ଦିନରେ ଜଳସେବା ଶିବିର ଅଚଳ ହୋଇପଡିଛି। ଗୋଟିଏ କି ଦୁଇଟି ସ୍ଥାନ ନୁହେଁ, ସହରର ଅଧିକାଂଶ ଅଞ୍ଚଳରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ୟୁନିଟ୍-୪ସ୍ଥିତ ଓଡ଼ିଶା ବିଧାନସଭା ହୋମିଓପାଥିକ୍ ଚିକିତ୍ସାଳୟ ସାମ୍ନାରେ ଥିବା ଜଳସେବା ଶିବିର ହେଉ ଅବା ନିୟୁ ଏୟାରପୋର୍ଟ ରାସ୍ତା ଡ୍ରେନ୍ ଉପର, ଏଜିରୁ ମାର୍କେଟ ବିଲ୍ଡିଂ ଯିବା ରାସ୍ତା କଡ଼ ସବୁଠି ସମାନ ଅବସ୍ଥା। କେତେକ ସ୍ଥାନରେ ଶିବିର ଚାରିପଟେ ଏମିତି ବାଡ଼ ଦିଆଯାଇଛି ଯେମିତି ସେଠାକୁ କେହି ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଯାଇ ପାଣି ପିଇ ପାରିବେ ନାହିଁ। ବିଏମ୍‌ସିର ଏପରି ଲୋକଦେଖାଣିଆ ଜଳସେବା ଶିବିରକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

ପୂର୍ବରୁ ବିଏମ୍‌ସି ପକ୍ଷରୁ ଜଳଛତ୍ର ଖୋଲାଯାଉଥିଲେ ମଧ୍ୟ ଏହାର ପରିଚାଳନା ଲାଗି ସାମାଜିକ ସଙ୍ଗଠନ ତଥା କିଛି ସ୍ଥାନରେ ଏସ୍‌ଏଚ୍‌ଜି ମହିଳାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର କିଛିଦିନ ପରେ ପ୍ରାୟ ସବୁ ଶିବିର ଫାଙ୍କା ପଡିବା ସହ ଖାଲି ମାଠିଆ ଦେଖିବାକୁ ମିଳିଥିଲା। ଫଳରେ ବିଏମ୍‌ସିକୁ ନିନ୍ଦିତ ହେବାକୁ ପଡିଥିଲା। ତେଣୁ ଚଳିତବର୍ଷ ଯେପରି ଏହାର ପୁନରାବୃତ୍ତି ନ ହେବ ସେଥିପାଇଁ ବିଏମ୍‌ସି ନିଜେ ପରିଚାଳନା ଦାୟିତ୍ୱ ନେଇଛି। ପ୍ରତି ଜଳସେବା ଶିବିର ନିକଟରେ ୨ଜଣ କର୍ମଚାରୀଙ୍କୁ ବିଏମ୍‌ସି ନିୟୋଜିତ କରିଥିବା ସୂଚନା ରହିଥିବାବେଳେ ଏହା କେବଳ କାଗଜ କଲମରେ ସୀମିତ ରହିଛି। ସେହିପରି ପ୍ରତି ୱାର୍ଡରେ ୨ଟି ଲେଖାଏ ଜଳଛତ୍ର ଖୋଲିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ମାର୍ଚ୍ଚ ସରିବାକୁ ବସିଥିବାବେଳେ ଏବେ ସୁଦ୍ଧା ସମସ୍ତ ୱାର୍ଡରେ ଜଳସେବା ଶିବିର ଖୋଲିପାରି ନାହିଁ। ହେଲେ ଟେଣ୍ଟ, ମାଠିଆ, ପାଣି ଓ ଜଳସେବାରେ ଆବଶ୍ୟକ ବିଭିନ୍ନ ସାମଗ୍ରୀ ସମେତ ଗ୍ରୀଷ୍ମ ଶେଷ ପର୍ଯ୍ୟନ୍ତ ୨ଜଣ କର୍ମଚାରୀ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଇ ସେସବୁକୁ ହରିଲୁଟ୍ କରାଯିବ ବୋଲି ଆଲୋଚନା ଚାଲିଛି। ତେବେ ଏ ସମ୍ପର୍କରେ ଜଳ ସେବା ଶିବିର ଦାୟିତ୍ୱରେ ଥିବା ବିଏମ୍‌ସିର ଜରୁରୀକାଳୀନ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ବିଧାନସଭା ଆୟୁର୍ବେଦିକ୍ ଚିକିତ୍ସାଳୟ ସମ୍ମୁଖ ଜଳସେବା ଶିବିରରେ ଥିବା ମାଠିଆରେ ପାଣି ନାହିଁ।







(ବାମରୁ) ମାର୍କେଟ୍ ବିଲ୍ଡିଂ, ବିଧାନସଭା ଆୟୁର୍ବେଦିକ୍ ଚିକିତ୍ସାଳୟ ସମ୍ମୁଖ ଓ ରବୀନ୍ଦ୍ର ମଣ୍ଡପ ନିକଟରେ ଖୋଲିଥିବା ଜଳସେବା ଶିବିରରେ ପାଣି ଦେବାକୁ ଲୋକ ନାହାନ୍ତି।


ଭୁବନେଶ୍ୱର ସୂଚନା ଭବନରେ ଗୁରୁବାର ମୋକ୍ଷ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ଅବସରରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ଅକ୍ଷୟ ହତ୍ୟାକାଣ୍ଡ ଘଟଣା: ମୁଖ୍ୟ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବାଲିପାଟଣା,୨୮।୩ (ଅଭିମନ୍ୟୁ ନାୟକ):** ବାଲିପାଟଣା ଥାନା ଅନ୍ତର୍ଗତ ନୂଆସାହି ବଜାର ନିକଟରେ ମହଲାସାହି ଗ୍ରାମର ଅକ୍ଷୟ ମାଝୀଙ୍କୁ ଗତ ୧୭ତାରିଖ ରାତିରେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ଜଣେ ନାବାଳକଙ୍କ ସମେତ ୧୦ଜଣଙ୍କୁ ଧରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇ ଫେରାର ଥିବା ବେଳେ ଗୁରୁବାର ଭୁବନେଶ୍ୱର କୋର୍ଟରେ ଆତ୍ମସମର୍ପଣ କରିଛି। ପରେ ଦିଲୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସନ୍ତୋଷ ଜେନା ଭାଜପାରେ ମିଶିବା ନେଇ ଚର୍ଚ୍ଚା

ଜଟଣୀ,୨୮।୩(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ସାମାଜିକକର୍ମୀ ତଥା ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା ଆସନ୍ତା ୩୦ତାରିଖରେ ଭାରତୀୟ ଜନତା ପାର୍ଟି(ଭାଜପା)ରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଦୀର୍ଘବର୍ଷ ଧରି ସନ୍ତୋଷ ଭାଜପାର ସକ୍ରିୟ କର୍ମୀ ରହିଥିଲେ। ଏଥିସହ ବିଭିନ୍ନ ଦାୟିତ୍ୱରେ ରହି ଦଳ ପାଇଁ କାର୍ଯ୍ୟ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଥିଲେ। ପରେ ବିଜେଡି ପାଇଁ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ କରୁଥିବା କାରଣ ଦର୍ଶାଯାଇ ବିଜେଡିରୁ ବହିଷ୍କାର କରାଯାଇଥିଲା। ଏବେ ପୁଣି ସେ ଭାଜପାରେ ମିଶିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଜଟଣୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ମଦ ବିକ୍ରି ଅଭିଯୋଗରେ ୨ ଗିରଫ

ବାରଙ୍ଗ,୨୮।୩(ଲିଙ୍ଗରାଜ ରାଉତ)

ବେଆଇନ ଦେଶୀମଦ ବିକ୍ରି କରୁଥିବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରକାଶ ବେହେରା ଓ ହୃଷୀକେଶ ବେହେରା। ଏନେଇ ପୋଲିସ ୧୦୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କଠାରୁ ମୋଟ ୧୧.୨ ଲିଟର ଆସ୍କା-୪୦ ପୋଲିସ ଜବତ କରିଛି। ପ୍ରକାଶ ଯେ, ଚନ୍ଦକା ଥାନା ପକ୍ଷରୁ ଏକ ସ୍ପେଶାଲ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବିଶେଷ ସୂତ୍ରରୁ ବେଆଇନ ଦେଶୀମଦ ବିକ୍ରିର ଖବର ପାଇ କାଟେଣି ଛକଠାରେ ଚଢ଼ାଉ କରିଥିଲେ।

## ମୁଡ଼ି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୮।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପଳାଶପଲ୍ଲୀ ପୁନମା ଗେଟ୍ ନିକଟରେ ଗୁରୁବାର ଏକ ମୁଡ଼ି ଫାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଛି। ତେଲ କଡାଇରୁ ନିଆଁ ଲାଗି ଫ୍ୟାକ୍ଟ୍ରିର ବହୁ ସାମଗ୍ରୀ ପୋଡ଼ିଯାଇଛି। ଅପରାହ୍ନ ପ୍ରାୟ ୫ଟାରେ ଫାକ୍ଟ୍ରିରେ ନିଆଁ ଲାଗିଥିବା ଖବର ପାଇ କଳ୍ପନା ଫାୟାର ଷ୍ଟେଶନର ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ୨୦ ମିନିଟ୍ ମଧ୍ୟରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା। ସୂଚନ ଅନୁଯାୟୀ, ମୁଡ଼ି ଛଣା ହେଉଥିବାବେଳେ ତେଲ ଅତ୍ୟଧିକ ଗରମ ହୋଇଯାଇଥିଲା। କର୍ମଚାରୀମାନେ ପାଣି ପକାଇ ଦେବାରୁ ତେଲ କଡେଇଟି ଜଳି ଉଠିଥିଲା। ଏପରିକି ବହୁ ଉଚ୍ଚକୁ ନିଆଁ ଶିଖା ଉଠିଯାଇ ଚାରିଆଡକୁ ବ୍ୟାପିଯାଇଥିଲା। ତେବେ ଏଥିରେ କୌଣସି କର୍ମଚାରୀ ଆହତ ହୋଇ ନ ଥିଲେ ମଧ୍ୟ ଅଗ୍ନିକାଣ୍ଡରେ କିଛି ସାମଗ୍ରୀ ଓ ଆସବାବପତ୍ର ଜଳିଯାଇଥିବା ସୂଚନା ମିଳିଛି।



## ଗୋଶାଳାକୁ ଗାଈ ସ୍ଥାନାନ୍ତରବେଳେ ପୋଲିସକୁ ଆକ୍ରମଣ

### ୫ ଗିରଫ

ବାରଙ୍ଗ,୨୮।୩(ଲିଙ୍ଗରାଜ ରାଉତ)

ଅନୁଗୋଳ ଅଞ୍ଚଳରୁ ଜବତ ହୋଇଥିବା ଗୋରୁ ଗାଡ଼ିକୁ ପୋଲିସ ଭୁବନେଶ୍ୱର ଗୋଶାଳା ଅଭିମୁଖେ ନେଉଥିବାବେଳେ ଗୋଡ଼ିସାହି ବଜାରରେ ପୋଲିସ ଓ ଗାଡ଼ି ଚାଳକଙ୍କ ଉପରକୁ ବୁଧବାର ବିଳମ୍ବିତ ରାତିରେ ଆକ୍ରମଣ କରାଯାଇଛି। ଗାଡ଼ି ଭଙ୍ଗାରୁଜା କରି ଗାଡ଼ିରେ ଥିବା ଗାଈଙ୍କୁ ଖୋଲି ଦିଆଯାଇଥିବା ବାରଙ୍ଗ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ୧୪୩/୨୪ରେ ଏକ ମକଦ୍ଦମା ରୁଜୁ କରି ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ପାଲଲହଡ଼ା ଥାନାର କାର୍ଯ୍ୟରତ ଓଏପିଏଫ୍ ଯବାନ ସୁନୀଲ ପ୍ରଧାନଙ୍କ ଗୋଡ଼ିସାହି ଫାଣ୍ଡିରେ ଅଭିଯୋଗ ମୁତାବକ, ପାଲଲହଡ଼ା ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ, ଥାନା କେସ୍ ନମ୍ବର ୮୨/୨୪ରେ ଉଦ୍ଧାର ହୋଇଥିବା ୬୬ ଗୋରୁଙ୍କ ମଧ୍ୟରୁ ୧୪ ଗୋଟି ଗାଈଙ୍କୁ ଏକ ଟ୍ରକ (ଡବ୍ଲୁବି ୨୫ କେ ୮୯୯୦) ଯୋଗେ ବୁଧବାର ରାତିରେ ପାଲଲହଡ଼ାରୁ ଭୁବନେଶ୍ୱର ଗୋଶାଳା ଅଭିମୁଖେ ନିଆଯାଉଥିଲା। ରାତି ପ୍ରାୟ ୧୨ଟା ସମୟରେ ଗୋଡ଼ିସାହି ଛକରେ ପହଞ୍ଚିବାବେଳକୁ ୧୫/୨୦ ଜଣ ଯୁବକ ଟ୍ରକକୁ ଅଟକାଇଥିଲେ। ଅଶ୍ଳୀଳ ଭାଷାରେ ଗାଳି କରି ଗୋ ଚାଲାଣ କରୁଥିବା କହି ଧମକାଇବା ସହ ୮୦ ହଜାର ଟଙ୍କା ବଟି ମାଗିଥିଲେ। ପୋଲିସ ହେପାଜତରେ ଏହା ଯାଉଥିବା କହିବା ପରେ ମଧ୍ୟ ସେମାନେ ନ ଶୁଣି ଡ୍ରାଇଭର ଅନନ୍ତ ମୋରାଲଙ୍କୁ ଗୋଟିଏ ଇଟାରେ ମୁଣ୍ଡକୁ ମାରି ଫଟାଇ ତଳକୁ ଝିଙ୍କି ନେଇଥିଲେ। ଅନ୍ୟ କିଛି ଯୁବକ ଓଏପିଏଫ୍ ଯବାନ ଓ ହେଲ୍ପରଙ୍କୁ ଭିଡ଼ି ଆଣି ମାରିଥିଲେ। ଆଉ କେତେକ ଯୁବକ ଗାଡ଼ିରୁ ସମସ୍ତ ଗାଈଙ୍କୁ ଫିଟାଇ ଦେଇଥିଲେ। ଟ୍ରକର କାଚକୁ ପଥରରେ ମାରି ମଧ୍ୟ ଭାଙ୍ଗି ଦେଇଥିଲେ। ହେଲ୍ପର ଅଭିଜିତ୍ ମୋରାଲ ଘଟଣାର ଦୃଶ୍ୟକୁ ନିଜ ମୋବାଇଲରେ ରେକର୍ଡ କରିବାକୁ ଆରମ୍ଭ କରିଥିବାବେଳେ ମୋହନ ସାହୁ ନାମକ ଯୁବକ ଛଡ଼ାଇ ନେଇଯାଇଥିଲେ। ଖବରପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଓଏପିଏଫ୍ ଯବାନ ଓ ଅନ୍ୟମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ବାରଙ୍ଗ ପୋଲିସ ଘଟଣାକୁ ଅତି ଗୁରୁତର ସହିତ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋଡ଼ିସାହି ଅଞ୍ଚଳର ପୁପୁନ ସାହୁ, ସିଲୁ ଓରଫ ମୋହନ ସାହୁ, ସୋନୁ ଚରଣ ବେଜ୍, ରଣଜିତ ବେହେରା ଓ ସୁଶୀଲ ସାହୁଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିବା ସହ ଲୁଟ୍ ମୋବାଇଲ ଜବତ କରିଥିଲେ। ଅନ୍ୟପଟେ ପୋଲିସ ଖୋଜାଖୋଜି କରି ୯ ଗୋଟି ଗାଈଙ୍କୁ ଉଦ୍ଧାର କରି ଗୋଶାଳାକୁ ପଠାଇଛି।



## ବିଶ୍ୱଶାନ୍ତି ମହାଯଜ୍ଞ

ବାଲିପାଟଣା,୨୮।୩(ଅଭିମନ୍ୟୁ ନାୟକ)

ହରପାର୍ବତୀ ଯୋଗ ଅନୁଷ୍ଠାନ ସଂସ୍କାର ଆଣିବା ପାଇଁ ଭାରତୀୟ ଦର୍ଶନ ଅନୁସାରେ ଯୁବ ସମାଜ ପକ୍ଷରୁ ଗତ ଦୁଇଦିନ ଧରି ସିଦ୍ଧେଶ୍ୱର ବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ସହିତ ଅଷ୍ଟୋତରି ହନୁମାନ ଚାଳିଶା ପାଠ ହୋଇଥିଲା। ବନମାଳିପୁର ବାଲିକୁଦା ପାଟଣା ମେଳଣ ପଡିଆଠାରେ ଏହି କାର୍ଯ୍ୟକ୍ରମକୁ ବଡ ମଠ ମହନ୍ତ ସୁଦର୍ଶନ ମହାରାଜ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ପଣ୍ଡିତ ବିଜୟ କୁମାର ମିଶ୍ର ଓ ପ୍ରସନ୍ନ ମିଶ୍ର ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିଲେ।ଅନୁଷ୍ଠାନର ସଭାପତି ଦଇତାରି ମାଣିକ, ସମ୍ପାଦକ ହେମନ୍ତ ସାହୁ, କୋଷାଧ୍ୟକ୍ଷ ମାୟାଧର ସାହୁ, ଉପଦେଷ୍ଟା ରମେଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା କର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରିକୁ ବିରୋଧ କରି ଏଏପି ଓ ସିପିଆଇ(ଏମ୍) ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ନିଶା ବେପାରୀ ଗିରଫ

**ଜଟଣୀ,୨୮।୩ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ଥାନା ପୋଲିସ ଗୁରୁବାର ଜଣେ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଅରଗୁଳ ଭୋଇସାହିର ବିପିନ ନାୟକ ଓରଫ ଦୀପା(୩୫)। ତାଙ୍କ ନିକଟରୁ ୧୧.୦୨ ଲିଟର ଆସ୍କା-୪୦ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୨୭/୨୪) ରୁଜୁ ହୋଇଛି। ସୂଚନା ମୁତାବକ, ଜଟଣୀ ଥାନା ପାଟ୍ରୋଲିଂ ଟିମ୍ ଅରଗୁଳଠାରେ ଥିବା ଏକ ବ୍ୟାଙ୍କ ପଛପଟେ ଚଢ଼ାଉ କରି ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ବିପିନଙ୍କୁ ଗିରଫ କରିଥିଲା।

### ସନ୍ତୋଷ ଜେନା ଭାଜପାରେ ମିଶିବା ନେଇ ଚର୍ଚ୍ଚା

**ଜଟଣୀ,୨୮।୩ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳର ସାମାଜିକକର୍ମୀ ତଥା ପାଣ୍ଡବ ଜେନା ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷ ଜେନା ଆସନ୍ତା ୩୦ତାରିଖରେ ଭାରତୀୟ ଜନତା ପାର୍ଟି(ଭାଜପା)ରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଦୀର୍ଘବର୍ଷ ଧରି ସନ୍ତୋଷ ଭାଜପାର ସକ୍ରିୟ କର୍ମୀ ରହିଥିଲେ। ଏଥିସହ ବିଭିନ୍ନ ଦାୟିତ୍ୱରେ ରହି ଦଳ ପାଇଁ କାର୍ଯ୍ୟ କରିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଥିଲେ। ପରେ ବିଜେଡି ପାଇଁ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟ କରୁଥିବା କାରଣ ଦର୍ଶାଯାଇ ବିଜେଡିରୁ ବହିଷ୍କାର କରାଯାଇଥିଲା। ଏବେ ପୁଣି ସେ ଭାଜପାରେ ମିଶିବା ସହ ଆଗାମୀ ସାଧାରଣ ନିର୍ବାଚନରେ ଜଟଣୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୨୮।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଡିଆ ପଞ୍ଚାୟତ କାଶୀପୁର ନିକଟ ଚିତ୍ରକୂଟ ପାଦଦେଶରେ ଥିବା ମା'ଭୈରବୀଙ୍କ ପୀଠରେ ୩ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଗୁରୁବାର ପୂର୍ଣ୍ଣାହୁତି ହୋଇଛି। ଏହି ଅବସରରେ ସକାଳେ ସୂର୍ଯ୍ୟପୂଜା, ଧେନୁପୂଜା ଆଦି କର୍ମ କରାଯାଇଥିଲା। ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଆହୁତ ପ୍ରଦାନ କରାଯାଇଥିଲା। ଚଣ୍ଡୀପାଠ, ବେଦଧ୍ୱନି ସହ ହରିବୋଲ, ହୁଳହୁଳିରେ ଯଜ୍ଞ ମଣ୍ଡପରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଭାଇଚାରାର ବାର୍ତ୍ତା ଦିଏ ଦୋଳ ଉତ୍ସବ

## ୯୮ବର୍ଷରେ ଗୋଡ଼ିପଡ଼ା ଦୋଳ ମେଳଣ

**ଖୋର୍ଦ୍ଧା,୨୮।୩ (ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ବ୍ଲକ ଗୋଡ଼ିପଡ଼ାରେ ଚାଲିଛି ଦୋଳ ମେଳଣ ଉତ୍ସବ। ଏହି ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇଥାଏ। ହୋଲି ରାତିରେ ଠାକୁରମାନେ ଦୋଳ ବିମାନରେ ପଟୁଆରରେ ଆସି ମେଳଣ ପଡିଆରେ ନିଜ ଆସନରେ ବିଜେ କରିଥିଲେ। ବାବା ବାଲୁଙ୍କେଶ୍ୱର ହେଉଛନ୍ତି ଥାନପତି। ମେଳଣ କମିଟି ପକ୍ଷରୁ ଆମନ୍ତ୍ରଣ ପାଇ ୩୦ଖଣ୍ଡ ଗ୍ରାମର ଠାକୁର ଗୋଡିପୋଡା ମେଳଣପଡିଆରେ ବିରାଜମାନ କରିଛନ୍ତି। ମେଳଣକମିଟି ସୂଚନା ପ୍ରକାରେ, ଚଳିତ ବର୍ଷ ମେଳଣ୯୮ବର୍ଷରେ ପଦାର୍ପଣ କରିଛି। ରୀତିନୀତି ଅନୁଯାୟୀ ଠାକୁରଙ୍କ ନୀତିକାନ୍ତି ଚାଲିଛି। ମେଳଣପଡିଆରେ ପ୍ରବଳ ଜନସମାଗମ ରହିଛି। ଅନ୍ତିମ ଦିବସରେ ଭକ୍ତ ଓ ଠାକୁରଙ୍କ ଅବରି ଖେଳ ପରେ ଭୋର ସମୟରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଦୋଳ ଅବସରରେ ଭକ୍ତ ଓ ଭଗବାନଙ୍କ ମିଳନ ଘଟିଛି। ଗୋଡ଼ିପଡ଼ା ମେଳଣପଡିଆରେ ଏକ ଆଧ୍ୟାତ୍ମିକ ବାତାବରଣ ରହିଛି। ମନ୍ତ୍ରଧ୍ୱନିରେ କମ୍ପୁଛି ପରିବେଶ। ସୁସଜ୍ଜିତ ଆଲୋକମାଳାରେ ଝଲସୁଛି ମେଳଣପଡିଆ। ସତିଶ ପ୍ରହରାଜ କହିଛନ୍ତି, ଗାଁ ସଂସ୍କୃତି ପରମ୍ପରା ସହ ଯୋଡି ହୋଇ ରହିଛି ଏହି ମେଳଣଉତ୍ସବ।

ଏହି ସମୟରେ ଗ୍ରାମରେ ତିନି ଦିନ ବ୍ୟାପୀ ଉତ୍ସବ ଲାଗି ରହିଥାଏ। ସେପଟେ ଭଳିକି ଭଳି ଦୋକାନ ବଜାର ଖୋଲିଥିବା ବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ଆକର୍ଷିତ କରୁଛି। ପିଲାଙ୍କ ଖେଳନାଠାରୁ ଆରମ୍ଭ କରି ଘରୋଇ ସାଜସଜ୍ଜା, ଫାଷ୍ଟଫୁଡ୍ ଷ୍ଟଲ, ମିଠା ଦୋକାନରେ ଗ୍ରାହକଙ୍କ ଭିଡ ଜମୁଛି। ଲୋକେ ମେଳଣପଡିଆରେ ଠାକୁରଙ୍କ ଦର୍ଶନ ସହ ବୁଲାବୁଲି, କିଣାକିଣିର ମଜା ନେଉଛନ୍ତି। ଦୀର୍ଘଦିନ ଧରି ଗାଁଠୁ ଦୂରରେ ରହିଥିବା ବନ୍ଧୁମାନେ ଏହି ସମୟରେ ଏକାଠି ହୋଇ ମଜା ଉଠାଇଥାନ୍ତି ବୋଲି ମହାପାତ୍ର କହିଛନ୍ତି। ସାମାଜିକ କର୍ମୀ ଲୋହିତ ନାରାୟଣ ମହାପାତ୍ର କହିଛନ୍ତି, ଦୋଳ ଉତ୍ସବ ଭାଇଚାରାର ବାର୍ତ୍ତା ଦେଇଥାଏ। ଦୋଳ ଉତ୍ସବ ହେଉଛି ଓଡ଼ିଶାର ଏକ ଗଣପର୍ବ। ସବୁଠି ଏକ ଉତ୍ସାହର ମାହୋଲ ରହିଥାଏ। ଏହି ସଂସ୍କୃତି, ପରମ୍ପରା ଗାଁ ଗାଁ ମଧ୍ୟରେ ସମ୍ପର୍କର ନିବିଡତା ବଢ଼ିଥାଏ।

# ଏକାଠି ହେଲେ ୬୦ ଠାକୁର

**ଖୋର୍ଦ୍ଧା,୨୮।୩ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକେଶ୍ୱର। ଏଠାରେ ଦୋଳ ଉତ୍ସବ ଆଡମ୍ବରରେ ପାଳିତ ହୋଇଥାଏ। ଏଠାରେ ୩ଦିନ ବ୍ୟାପୀ ମେଳଣ ଉତ୍ସବ ହୋଇଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ, ନାମ ସଂକୀର୍ତ୍ତନରେ କମ୍ପୁଛି ମେଳଣ ପଡିଆ। ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ବୁଧବାର ବିଳମ୍ବିତ ରାତିରେ ଥାନାପତି ଶ୍ରୀଲୋକେଶ୍ୱରଙ୍କ ନିମନ୍ତ୍ରଣ ପାଇ ଠାକୁରମାନେ ଦୋଳ ବିମାନରେ ବିଜେ ହୋଇ ମେଳଣ ପଡିଆରେ ବିଜେ କରିଛନ୍ତି। ଗୁରୁବାର ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ, ପୂଜାର୍ଚ୍ଚନା, ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଦିନତମାମ ମେଳଣ ପଡିଆରେ ଭକ୍ତଙ୍କ ସମାଗମ ରହିଥିଲା। ରଙ୍ଗିନ ଆଲୋକମାଳାରେ ଝଲସୁଛି ମେଳଣ ପଡ଼ିଆ। ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ରାଧାକାନ୍ତ ମଠ ପରିଚାଳକ ବିଜୟ ପ୍ରଧାନ କହିଛନ୍ତି, ଏହି ମେଳଣ ଇତିହାସ ବହୁ ପ୍ରାଚୀନ। ପ୍ରଥମେ ୫ଗ୍ରାମର ଠାକୁରଙ୍କୁ ନେଇ ଦୋଳ ମେଳଣ ଆରମ୍ଭ ହୋଇଥିଲା। ଏବେ ଠାକୁରଙ୍କ ସଂଖ୍ୟା ୬୦ରେ ପହଞ୍ଚିଛି।

## ଆଲୋକମାଳାରେ ଝଲସୁଛି ମେଳଣ ପଡ଼ିଆ

ହୋଲି ଉତ୍ସବ ପରେ ୩ଦିନ ଧରି ଏହି ମେଳଣ ଆୟୋଜିତ ହୋଇଥାଏ। ଥାନପତି ଭାବେ ଶ୍ରୀଲୋକେଶ୍ୱର ବିଜେ କରନ୍ତି। ପରେ ଠାକୁରମାନେ ଦୋଳ ବିମାନରେ ଆସି ନିଜ ଆସନରେ ବିଜେ କରନ୍ତି। ତିନି ଦିନ ଧରି ମେଳଣ ପଡିଆରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥାଏ। ଖୋର୍ଦ୍ଧା ସହର ସମେତ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏକାଠି ହୋଇଥାନ୍ତି। ଦୋଳ ମେଳଣ ଲାଗି ଲୋକେଶ୍ୱର ମନ୍ଦିର ଏବଂ ମେଳଣ ପଡିଆକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଠାକୁରଙ୍କ ସନ୍ଧ୍ୟା ଆଳତି ଦର୍ଶନ ପାଇଁ ପ୍ରବଳ ଜନସମାଗମ ହୋଇଥାଏ। ପୂର୍ବରୁ ୫୪ ଗ୍ରାମର ଠାକୁର ଆସୁଥିବା ବେଳେ ଚଳିତବର୍ଷ ଆଡଖଣ୍ଡିଆର ନୀଳକଣ୍ଠେଶ୍ୱର, ପତନିବରର ନୀଳକଣ୍ଠେଶ୍ୱର, ବୋତଲମାର ରଘୁନାଥ, ତରାବୋଇର ରାଧାମୋହନ ଓ ନୀଳକଣ୍ଠେଶ୍ୱର ଏବଂ ଛତିପୁର ନୀଳକଣ୍ଠେଶ୍ୱର ଓ ସାମନ୍ତରାପୁର ବାସେଳି ସାହିର ରଘୁନାଥ ଦେବ ପ୍ରମୁଖ ରହିଛନ୍ତି।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)**

ଓଡ଼ିଶା ଦିବସ-୨୦୨୪ ପାଳନ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଓସ୍ୱାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ଉତ୍ସବ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ଉକ୍ତ ଦିନ ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ରାମଧୂନ ସଙ୍ଗୀତ ଗାନର ପ୍ରଚାର କରାଯିବ। ପରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଜେବି ହାଇସ୍କୁଲଠାରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ସମୂହ ଗାନ କରାଯିବ। ଏଥିସହ ଏକ ଶୋଭାଯାତ୍ରା ଉକ୍ତ ସ୍ଥାନରୁ ବାହାରି ଜୟୀ ରାଜଗୁରୁ ଟାଉନ୍ ହଲ୍ ପର୍ଯ୍ୟନ୍ତ ଯିବ। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯିବା ପାଇଁ ସ୍ଥିର ହୋଇଛି। ବୈଠକରେ ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର ନାଥ ମୁର୍ମୁ, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଫେରାର ୨ ଅଭିଯୁକ୍ତ ଗିରଫ

**ଗମ୍ଭାରୀମୁଣ୍ଡା,୨୮।୩(ଦିଲୀପ ସ୍ୱାଇଁ)**

ନାରୁଣୀ ଥାନା ପୋଲିସ ଗୁରୁବାର ଫେରାର ଥିବା ଅଭିଯୁକ୍ତ ବାପ ଓ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମତପୋଖରା ଗ୍ରାମର ମାର୍କଣ୍ଡ ପାତ୍ର ଓ ପୁଅ ଟିକୁ ପାତ୍ର। ସୂଚନା ମୁତାବକ, ୨୦୦୫ ମସିହାରୁ ଏମାନଙ୍କ ନାମରେ ମାମଲା ରହିଥିବା ବେଳେ ପୋଲିସକୁ ଚକମା ଦେଇ ଖୁଲମଖୁଲା ବୁଲୁଥିଲେ। କୌଣସି ସୂତ୍ରରୁ ଖବରପାଇ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ଅଧିକାରୀ କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନାରୁଣୀ ଥାନା ଏସ୍‌ଆଇ ବ୍ୟାସଦେବ ମହାପାତ୍ର, କନଷ୍ଟେବଳ ଅରୁଣ ପୁରୀ ନାରୁଣୀ ପେଟ୍ରୋଲ ପମ୍ପ ନିକଟରେ ଏକ ସ୍କୁଟିରେ ବାପ ପୁଅ ଯାଉଥିବାବେଳେ ଧରିଥିଲେ। ତେବେ ମାର୍କଣ୍ଡଙ୍କ ନାମରେ ପୂର୍ବରୁ ୫ଟି ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବିଶିଷ୍ଟ କଳାକାର ବୀରକିଶୋର ସୁନ୍ଦରାୟଙ୍କ ସ୍ମୃତିସଭା

**ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପରିଷଦ ଅଧୀନ ଗୁରୁଜଙ୍ଗ ଟାଙ୍ଗୀ ସାହିସ୍ଥିତ ବିଶିଷ୍ଟ କଳାକାର ବୀରକିଶୋର ସୁନ୍ଦରାୟଙ୍କ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ କବି, କଳାକାର, ସାମାଜିକ କର୍ମୀ ଯୋଗଦେଇ ସ୍ୱର୍ଗତ ସୁନ୍ଦରାୟଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ତାଙ୍କର ବହୁମୁଖୀ ପ୍ରତିଭା ସ୍ତୁତିଗାନ କରିଥିଲେ। ସ୍ୱର୍ଗତ ବୀରକିଶୋର ୧୯୫୩ ମସିହାରେ ଜନ୍ମ ଗ୍ରହଣ କରିଥିବା ବେଳେ ଗତ ୧୪ ତାରିଖରେ ମୃତ୍ୟୁବରଣ କରିଥିଲେ। ରାମ ନାଟକ, ବିଭିନ୍ନ ସାମାଜିକ ନାଟକରେ ସେ ନିଜର କଳା ମାଧ୍ୟମରେ ଅଭିନୟ କରି ଖୋର୍ଦ୍ଧା ଅଞ୍ଚଳରେ ବେଶ ପରିଚିତ ଥିଲେ। ରାମ ନାଟକ ତଥା ପୌରାଣିକ ନାଟକର ପ୍ରଚାର ପ୍ରସାର ସହିତ କ୍ଷୁଦ୍ର ନାଟକରେ ଅଭିନୟ ସମାଜ ପରିବର୍ତ୍ତନର ବାର୍ତ୍ତାବହ ଥିଲେ ସ୍ୱର୍ଗତ ସୁନ୍ଦରାୟ। ଏକାଧିକ ଅନୁଷ୍ଠାନରୁ ସମ୍ମାନିତ ହୋଇଥିଲେ। ସେ ଜଣେ ଆଦର୍ଶ, ପରୋପକାରୀ, ସ୍ନେହୀ, ସରଳ ମଣିଷ ଥିଲେ। ଏହି ସ୍ମୃତିସଭାରେ ସୁମନ୍ତ, ହେମନ୍ତ ଓ ପରିବାରବର୍ଗ ଉପସ୍ଥିତ ଥିଲେ।

# ଦୋଳୋତ୍ସବ, ପତ୍ରିକା 'ଗୌର ଜଗନ୍ନାଥ' ଉନ୍ମୋଚିତ



**ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଶ୍ରୀଚୈତନ୍ୟ ବିହାର ଗୌର ଜଗନ୍ନାଥ ମନ୍ଦିରଠାରେ ଚୈତନ୍ୟ ମହାପ୍ରଭୁଙ୍କ ୫୩୭ବର୍ଷ ପୂର୍ତ୍ତି ଆବିର୍ଭାବ ଓ ଶ୍ରୀରାଧା କୃଷ୍ଣଙ୍କ ଦୋଳୋତ୍ସବ ଓ 'ଗୌର ଜଗନ୍ନାଥ' ପତ୍ରିକା ଉନ୍ମୋଚିତ ହୋଇଯାଇଛି। ପ୍ରାତଃରୁ ନଗର କୀର୍ତ୍ତନ ସହ ଶ୍ରୀଚୈତନ୍ୟ ସହସ୍ରନାମ , ଗୌରାଙ୍ଗ ସ୍ମରଣ ମଙ୍ଗଳ ସ୍ତୋତ୍ର ତଥା ଶ୍ରୀ ସାର୍ବଭୌମ କୃତ ଶ୍ରୀଚୈତନ୍ୟ ଶତକାଦି ପାରାୟଣ କରାଯାଇଥିଲା। ମଧ୍ୟାହ୍ନରେ ଶ୍ରୀଗୌର ଜଗନ୍ନାଥ ଦୋଳ ମଣ୍ଡପକୁ ବିଜେ କରିବା ପରେ ସେଠାରେ ଗୌର ମହିମା କୀର୍ତ୍ତନ ହୋଇଥିଲା। ସଂଘର ବାର୍ଷିକ ପତ୍ରିକା 'ଗୌର ଜଗନ୍ନାଥ' ଲୋକାର୍ପିତ ହୋଇଥିଲା। ଅପରାହ୍ନରେ ଶ୍ରୀଚୈତନ୍ୟ ଭଗବତ ଓ ଶ୍ରୀଚୈତନ୍ୟ ଚରିତାମୃତରୁ ଗୌରାବିର୍ଭାବ ପ୍ରସଙ୍ଗ ସାମୂହିକ ପାରାୟଣ ହୋଇଥିଲା। ସନ୍ଧ୍ୟାରେ ଶ୍ରୀଚୈତନ୍ୟ ଦେବ ଜନ୍ମ ସମୟରେ ଶ୍ରୀଗୌର ଜଗନ୍ନାଥ ରାଧା ପ୍ରମୋଦ ବିହାରୀ, ଭକ୍ତେଶ୍ୱର ମହାଦେବ ଏବଂ ଅଯୋଧ୍ୟା ବିହାରୀ ରଘୁନାଥଙ୍କୁ ନବବସ୍ତ୍ର ପରିଧାନ କରାଯାଇ ଅଭିଷେକ, ପୂଜାର୍ଚ୍ଚନା, ପ୍ରସାଦ ନିବେଦନ ଓ ଗୌର ଆବିର୍ଭାବ କୀର୍ତ୍ତନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ଓ ଅବଦାନ ସମ୍ପର୍କରେ ସଂଘ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରବଚନ ଦେଇଥିଲେ। ଶ୍ରୀଅନନ୍ତ ହର ବାବା ଓ ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ମହୋତ୍ସବ ପରିଚାଳନା କରିଥିଲେ। ଏଥିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଶେଷରେ ଗୌର ଜନ୍ମ ବ୍ରତୋପବାସ ଉପଲକ୍ଷେ ପ୍ରସାଦ ଉପସ୍ଥିତ ଭକ୍ତଙ୍କୁ ବିତରଣ କରାଯାଇଥିଲା।

# କୃଷ୍ଣପ୍ରସାଦରେ ଶକ୍ତି ପ୍ରଦର୍ଶନ କଲେ ଉମା

**କୃଷ୍ଣପ୍ରସାଦ,୨୮।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**



ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଭାବେ ଉମାକାନ୍ତ ସାମନ୍ତରାୟଙ୍କୁ ଘୋଷଣା କରାଯାଇଛି। ଶୋଭାଯାତ୍ରା ମାଧ୍ୟମରେ ସାମନ୍ତରାୟ ଲୋକଙ୍କ ନିକଟତର ହେବାରେ ଲାଗିଛନ୍ତି। ଗୁରୁବାର କୃଷ୍ଣପ୍ରସାଦ ଅଞ୍ଚଳରେ ରୋଡ୍ ଶୋ ମାଧ୍ୟମରେ ସେ ଶକ୍ତି ପ୍ରଦର୍ଶନ କରିଛନ୍ତି। ରାମଲେଙ୍କା ପଞ୍ଚାୟତର ପାଇକରାପୁର ନିକଟରୁ ଦଳୀୟ କର୍ମୀଙ୍କ ଗହଣରେ ବାହାରିଥିଲେ। ଚାରିଛକଠାରେ ପହଞ୍ଚିବା ପରେ ସେ କମଳେଶ୍ୱର ଦେବଙ୍କ ଦର୍ଶନ କରିଥିଲେ। ପରେ ଚିଲିକା ନୂଆପଡ଼ା ବ୍ଲକ ଛକ ଅଭିମୁଖେ ଯାଇଥିଲେ। ବହୁ ଛକରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପୁଷ୍ପଗୁଚ୍ଛ ଦେଇ ସାମନ୍ତରାୟଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସାମନ୍ତରାୟ ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ କର୍ମୀଙ୍କୁ ପରାମର୍ଶ ଦେବା ସହିତ ସାଧାରଣ ନିର୍ବାଚନରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଲକ୍ଷ୍ମୀଧର ସାହୁ, ସନ୍ଦୀପ ଜେନା, ଅଭୟ ମହାପାତ୍ର, ଜୟନ୍ତ ମହାନ୍ତି, ଶାନ୍ତନୁ ମାଝୀ, ବସନ୍ତ ବିଶ୍ୱାଳ, ଦିଲ୍ଲୀପ ରଣସିଂହ, ବିଜୟ ତରେଇ, ରାମଲେଙ୍କା ସରପଞ୍ଚ ସବିତା ବିଶ୍ୱାଳ, ସମିତିସଭ୍ୟା ରୁବିତା ପ୍ରିୟଦର୍ଶିନୀ, ବୁଦ୍ଧିବର ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ, ଚିଲିକା ନୂଆପଡ଼ା ସରପଞ୍ଚ କବିତା ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା ଦାବିରେ ଧାରଣା

**ବୋଲଗଡ଼,୨୮।୩(ଦେବବ୍ରତ ହୋତା)**



ବୋଲଗଡ଼ ବ୍ଲକ ସଦର ଗୋପବନ୍ଧୁ ଛକସ୍ଥିତ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଆମ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ଦିନିକିଆ ସାମୂହିକ ଉପବାସ ଓ ଧାରଣା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରିକୁ ଅଗଣତାନ୍ତ୍ରିକ ତଥା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଦାବି କରି ତଥା ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଏଏପିର ବୋଲଗଡ଼-ବେଗୁନିଆ ସଂଯୋଜକ କଳ୍ପତରୁ ପଣ୍ଡା ଏହି ଧାରଣା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗାମୀ ନିର୍ବାଚନରେ ଜନସାଧାରଣ ଉପଯୁକ୍ତ ଜବାବ ଦେବେ ବୋଲି କହିଥିଲେ। ସେହିପରି ବୋଲଗଡ଼ ବ୍ଲକ ସଂଯୋଜକ କିଶୋରଚନ୍ଦ୍ର ସାହୁ, ଏଏପି ନେତା ସୁଶାନ୍ତ ମିଶ୍ର, ଚିତ୍ତରଞ୍ଜନ ଆଚାର୍ଯ୍ୟ, କବିରାଜ ଗୋଛୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ରଣସିଂ, ଅବଦୁଲ ଆହାଦ ଖାନ, କୁମର ନାୟକ, ମହିଳା ନେତ୍ରୀ ମୀନାକ୍ଷୀ ନାୟକଙ୍କ ସମେତ ବହୁ ଏଏପି କର୍ମୀ ଯୋଗଦେଇଥିଲେ।

# କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ଗମ୍ଭାରୀମୁଣ୍ଡା,୨୮।୩(ଦିଲୀପ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ନାରୁଣୀ ବାଇପାସ ରୋଡ଼ ସ୍ଥିତ ଟ୍ୱିଟି ବାର୍ଡ ଇଂଲିଶ ମିଡିୟମ ସ୍କୁଲରେ ଅଧ୍ୟକ୍ଷ ସୁରେଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ନାରୁଣୀ ମହାବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ, ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ପ୍ରଦୋଷ କୁମାର ଦାସ ଯୋଗଦେଇଥିଲେ। ଚଳିତ ଓଡ଼ିଶା ଆଦର୍ଶ ସ୍କୁଲ ପ୍ରବେଶିକା ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ ଶିକ୍ଷାନୁଷ୍ଠାନକୁ ଗର୍ବିତ କରିଥିବା ସ୍ୱର୍ଣ୍ଣିମ ବରାଳ ଓ ଦିବ୍ୟ ରଞ୍ଜନ ବେହେରାଙ୍କୁ ପ୍ରତିଭା ସମ୍ମାନ ସହିତ ଶିକ୍ଷା ନିର୍ଦ୍ଦେଶକ ପ୍ରଦୋଷ କୁମାର ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉପାଧ୍ୟକ୍ଷା ମୋନାଲି ସୋତା, ରାଜଲକ୍ଷ୍ମୀ ନନ୍ଦ, ଭାଗ୍ୟଲକ୍ଷ୍ମୀ ନନ୍ଦ, ଗୀତାଞ୍ଜଳି ରଣା, କୀର୍ତ୍ତି ସ୍ମିତା ରାଣୀବାଳା, ଶ୍ରଦ୍ଧାଞ୍ଜଳି ଜାଲି, ମାନସୀ ନନ୍ଦ, ପୂଜା ବେହେରା ଉପସ୍ଥିତ ଥିଲେ।

# ଗଣିତ, ବିଜ୍ଞାନ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ

**ଟାଙ୍ଗୀ,୨୮।୩(ରଘୁନାଥ ସାହୁ)**

ବାଣପୁର ବ୍ଲକ ଅନ୍ତର୍ଗତ କହ୍ନେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗଣିତ ଓ ବିଜ୍ଞାନ ଅଲିମ୍ପିଆଡ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ବାରିକ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣିତ ଓ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏହା ଯଥେଷ୍ଟ ସହାୟକ ହେବ ବୋଲି ଉଦ୍‌ବୋଧନ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୁର୍ଯ୍ୟୋଧନ ମୁଦୁଲି, ଆଲୋକ କୁମାର ବରାଳ, ଦୁର୍ଗାଚରଣ ମହାପାତ୍ର, ଶିକ୍ଷୟିତ୍ରୀ ଟିକିନା ଭାରିମଲ୍ଲ, ସୁନିତା ମହାପାତ୍ରଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

# ବଜରଙ୍ଗୀ ସର୍କଲ କ୍ରିକେଟ ଲିଗ୍ ଉଦ୍‌ଘାଟିତ



ବଜରଙ୍ଗୀ ସର୍କଲ କ୍ରିକେଟ ଲିଗ୍ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଖେଳାଳିମାନେ।

**ଜଟଣୀ,୨୮।୩(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଧୀନ ଜାମୁକୋଳି ପଞ୍ଚାୟତ ମୁଣ୍ଡଳ ଗ୍ରାମଠାରେ ଦୁଇଦିନିଆ ବଜରଙ୍ଗୀ ସର୍କଲ କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମହାବୀର କ୍ରିକେଟ ଆସୋସିଏଶନ ପକ୍ଷରୁ ମହାବୀର ଖେଳପଡିଆଠାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସରେ ଅତିଥିଭାବେ ପୂର୍ବତନ ସରପଞ୍ଚ ଶ୍ରୀନିବାସ ଛୋଟରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳର ଭାଗ ନେଇଥିଲେ। ପ୍ରତ୍ୟେକ ଟିମ୍ ୫ଟି ଲେଖାଏ ମ୍ୟାଚ ଖେଳିବାକୁ ଥିବା ବେଳେ ଡୋମିନେଟର ୪ଟି ମ୍ୟାଚ, ବଜରଙ୍ଗୀ ବ୍ଲାଷ୍ଟର ୩ଟି ମ୍ୟାଚ, ରୟାଲ ସ୍କ୍ୱାଡ୍ ୩ଟି ମ୍ୟାଚ, ଟିମ୍ ସରକାର ୩ଟି ମ୍ୟାଚ, ରାଗିଙ୍ଗ ବୁଲସ ୩ଟି ମ୍ୟାଚ, ମହାବୀର ଫାଇଟର ୪ଟି ମ୍ୟାଚ ଖେଳିଥିଲେ। କ୍ଲବର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ବୋଲଗଡ଼ ପ୍ରିମିୟର ଲିଗ୍: ଆର୍ମି ଏକାଦଶ ବିଜୟୀ

**ବୋଲଗଡ଼,୨୮।୩(ଦେବବ୍ରତ ହୋତା)**

ସ୍ଥାନୀୟ ପରମାନନ୍ଦ କଲେଜ ନିକଟ ଖେଳପଡ଼ିଆରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ୍(ବିପିଏଲ୍)ର ଦଶମ ସଂସ୍କରଣର ଅନୁଷ୍ଠିତ ଲିଗ୍ ମ୍ୟାଚ୍ ଦୁଇ ଫ୍ରାଞ୍ଚାଇଜ ଦଳ ଆର୍ମି ଏକାଦଶ ଓ ରାଜା ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଆର୍ମି ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂକରି ୧୦ଓଭରରେ ୪ ଉଇକେଟ ବିନିମୟରେ ୧୩୯ରନ ସଂଗ୍ରହ କରିଥିଲା। ଜବାବରେ ରାଜା ଇଲେଭେନ ଟିମ୍ ୯.୧ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୦ରନ ସଂଗ୍ରହ କରିଥିଲା। ଫଳରେ ଆର୍ମି ଏକାଦଶ ଟିମ୍ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ବିଜୟୀ ଟିମ୍‌ର ତ୍ରିନାଥ ନାୟକ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରିଙ୍କୁ ଓ ମାନସ ମ୍ୟାଚ୍ ପରିଚାଳନା କରିଥିଲେ। ବିପିଏଲ୍ ପରିଚାଳନା କମିଟି ସଦସ୍ୟ ଗୁଡୁ, ମୋହିତ, ସାଗର, କାଳିଆ, ପିଣ୍ଟୁ, ହାପି, ସ୍ନେହାଂଶୁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍‌ରେ ଯୋଗଦେଇଥିବା ଖେଳାଳିମାନେ।

**୧୭ରୁ ପୁରୀ ସାହିଯାତ**

ପୁରୀ, (ଅଜିତ୍ ମହାନ୍ତି):ଶ୍ରୀକ୍ଷେତ୍ରର ପ୍ରାଚୀନ ଓ ଅନନ୍ୟ ପରମ୍ପରା ସାହିଯାତ ଆସନ୍ତା ମାସ ୧୭ ତାରିଖ ପବିତ୍ର ରାମନବମୀଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ମେ ୧ ତାରିଖ ରାମାଭିଷେକରେ ଶେଷ ହେବ। ଶ୍ରୀକ୍ଷେତ୍ରର ପ୍ରାଚୀନ ୮ ସାହିର ବାସିନ୍ଦା ୬୦ ଜାଗା ଘର ସୌଜନ୍ୟରୁ ୮ ଆଖଡା ନେତୃତ୍ୱରେ ସାହିଯାତ ଆୟୋଜନ ହେବ। ଶ୍ରୀକ୍ଷେତ୍ରର ପାରମ୍ପାରିକ ସାହି ଯାତ ଶ୍ରୀମନ୍ଦିର ନୀତି ସହ ଜଡ଼ିତ। ଚଳିତବର୍ଷ ସାହିଯାତକୁ ସୁପରିଚାଳନା ପାଇଁ ୮ ସାହି ଆଖଡ଼ାର ମୁରବିମାନଙ୍କ ସହ ପୋଲିସ ପ୍ରଶାସନର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୮ ସାହି ଆଖଡାର ମୁରବିମାନେ ଯୋଗଦେଇ କିପରି ଶାନ୍ତି ଶୃଙ୍ଖଳାର ସହ ସାହିଯାତ ସମ୍ପନ୍ନ ହେବ ସେ ନେଇ ପୋଲିସ ସହ ଆଲୋଚନା କରିଥିଲେ।



## ସଂକ୍ଷେପରେ

### ମୂର୍ତ୍ତି ଚୋରି ଅଭିଯୋଗରେ କିନ୍ନର ଗିରଫ

**ପିପିଲି,୨୮।୩(ଦୁର୍ଗା ମାଧବ ମିଶ୍ର):**

ଏକ ପଥର ମୂର୍ତ୍ତି ତିଆରି ପ୍ରତିଷ୍ଠାନରୁ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଚୋରି ଅଭିଯୋଗରେ ଜଣେ କିନ୍ନରକୁ ପିପିଲି ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସତ୍ୟବାଦୀ ଥାନା ଜୟପୁର ଗ୍ରାମର ଚନ୍ଦ୍ରକାନ୍ତ ମୁଦୁଲି ଓରଫ ଚାନ୍ଦିନୀ ମୁଦୁଲି। ପୋଲିସ ତାଙ୍କଠାରୁ ୧୬ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଜବତ କରିଛି। ସୂଚନା ମୁତାବକ, ପିପିଲି ଥାନା ଅନ୍ତର୍ଗତ ସିଉଳା ଗ୍ରାମରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପଥର ମୂର୍ତ୍ତି ତିଆରି ପ୍ରତିଷ୍ଠାନରୁ ଗତ ଅକ୍ଟୋବରଠାରୁ ବର୍ତ୍ତମାନ ସୁଦ୍ଧା ୨୦ରୁ ଅଧିକ ମୂର୍ତ୍ତି ଚୋରି ହୋଇଥିଲା। ମୂର୍ତ୍ତି ଚୋରି ବିଷୟରେ ଜାଣିବାକୁ ପ୍ରତିଷ୍ଠାନର ମାଲିକ ଇନ୍ଦ୍ରମଣି ମହାରଣା ସିସି କ୍ୟାମେରା ଲଗାଇଥିଲେ। ଏହାପରେ ସିସି ଟିଭି ଫୁଟେଜ୍‌ରୁ ଚୋରିର ଦୃଶ୍ୟ ସ୍ପଷ୍ଟ ହେବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅନୁସନ୍ଧାନ କରି ଚାନ୍ଦିନୀକୁ ସାକ୍ଷୀଗୋପାଳ ଅଞ୍ଚଳରୁ କାବୁ କରିଥିଲା।

### ମିଶ୍ର ଟ୍ୟୁଟୋରିଆଲ ନିର୍ଦ୍ଦେଶକଙ୍କ ପିତୃ ବିୟୋଗ



**ନିମାପଡ଼ା, ୨୮।୩ (ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୭ନଂ. ୱାର୍ଡ ଅଧୀନ ଅଁଣ୍ଡିଆ ଶାସନ ବାସିନ୍ଦା ସନ୍ଧ୍ୟାରାଣୀ ଏଜୁକେଶନାଲ ଟ୍ରଷ୍ଟର ଟ୍ରଷ୍ଟି ମିଶ୍ର ଟ୍ୟୁଟୋରିଆଲ ନିର୍ଦ୍ଦେଶକଙ୍କ ବାପା ପ୍ରଭାତ ମିଶ୍ର(୭୯)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ଭୋରରେ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ଅମାୟିକ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ପୁତ୍ରବଧୂ, ୨ ଝିଅ ଜ୍ୱାଇଁ ଓ ନାତୁଣୀ ନାତି ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ବାସ ଭବନରେ ସ୍ୱର୍ଗତ ମିଶ୍ରଙ୍କ ପାର୍ଥିବ ଶରୀରର ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ଅୟସକାନ୍ତ ମିଶ୍ର ମୁଖାଗ୍ନି ଦେଇଥିଲେ।

### ଡାହାଣେଶ୍ୱର ସାଂସ୍କୃତିକ, ଗ୍ରାମ୍ୟ ବିକାଶ ପରିଷଦର ବାର୍ଷିକୋତ୍ସବ

**ସାକ୍ଷୀଗୋପାଳ,୨୮।୩(ଭରତ ରାଉତ):**

ପଶ୍ଚିମ ସତ୍ୟବାଦୀ ଅଧୀନ ମଧୁବନ ଗ୍ରାମର ଡାହାଣ ଗ୍ରାମରେ ଡାହାଣେଶ୍ୱର ସାଂସ୍କୃତିକ ଓ ଗ୍ରାମ୍ୟ ବିକାଶ ପରିଷଦର ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ଆବାହନୀ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରିଷଦ ପକ୍ଷରୁ ଗ୍ରାମର ୨ ଜଣ ବରିଷ୍ଠ ନାଗରିକ, ୪ ଜଣ କୀର୍ତ୍ତନ କଳାକାରଙ୍କୁ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ୪ ଜଣ ଛାତ୍ରୀଛାତ୍ର ଦଶମ, ପଞ୍ଚମ ଓ ତୃତୀୟ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖିଥିବାରୁ ସେମାନଙ୍କୁ ଆର୍ଥିକ ଅନୁଦାନ ସହିତ ମାନପତ୍ର, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପରିଷଦ ସଭାପତି ବିଜୟ ପରିଡ଼ା, ପୃଷ୍ଠପୋଷକ ଲକ୍ଷ୍ମୀ ନାରାୟଣ, ପ୍ରକାଶ ଚନ୍ଦ୍ର ବାରିକ, ନୀହାର ରଞ୍ଜନ ସ୍ୱାଇଁ, ସଚ୍ଚିକାନ୍ତ ବରାଳ ଉପସ୍ଥିତ ରହି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ କଳାକାରଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା।

# ପୀର ଜାହାନିଆ ବେଳାଭୂମିରେ ମୃତ ଡଲ୍‌ଫିନ

**ଅସ୍ତରଙ୍ଗ,୨୮।୩ (ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା):**

ଅସ୍ତରଙ୍ଗ ପୀର ଜାହାନିଆ ସମୁଦ୍ର କୂଳରୁ ଏକ ମୃତ ଡଲ୍‌ଫିନ ଜବତ ହୋଇଛି। ଏହାର ଉଚ୍ଚତା ପାଖାପାଖି ୩ ଫୁଟରୁ ଉର୍ଦ୍ଧ୍ୱ ହୋଇଥିବାବେଳେ ଓଜନ ୧୭ରୁ ୨୦କିଲୋ ହେବ। ସମୁଦ୍ର ଭିତରେ ଟ୍ରଲର ମାଡ଼ରେ ଡଲଫିନ୍‌ର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ କିଛି ଲୋକେ ମୃତ ଡଲ୍‌ଫିନକୁ କୁକୁର ଖାଉଥିବା



ଦେଖି ବନ ବିଭାଗକୁ ଖବର ଦେବାରୁ ବନ ବିଭାଗ ଏହାକୁ ଜବତ କରିଥିଲା। ବନ ବିଭାଗ ମୃତ ଡଲ୍‌ଫିନର କାରଣ ଅନୁସନ୍ଧାନ କରୁଥିବାବେଳେ ବୁଦ୍ଧିଜୀବୀ ମହଲ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମୁଦ୍ର ଭିତରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଟ୍ରଲର ଚାଲୁଥିବା ନେଇ ନିୟମ ଥିବାବେଳେ ଏହାକୁ ଅନେକ ମତ୍ସ୍ୟଜୀବୀ ମାନୁନାହାନ୍ତି। ଫଳରେ ଟ୍ରଲର ଲୁହା ବ୍ଲେଡ୍‌ରେ ଆହତ ହୋଇ ଡଲଫିନ୍‌ର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବନ ବିଭାଗ ମୃତ ଡଲଫିନର ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ବନ୍ଧରେ ଫରେଷ୍ଟର ବଳରାମ ସାହୁଙ୍କୁ ପଚାରିବାରେ, ଷ୍ଟାଫ ଯାଇ ନିୟମ ଅନୁସାରେ ସବୁ କାମ କରିଥିବା କହିଥିଲେ। ଆଗାମୀ ଦିନରେ ଯଦି ବାରମ୍ବାର ନିଷିଦ୍ଧାଞ୍ଚଳକୁ ଟ୍ରଲର ଅନୁପ୍ରବେଶ କରେ, ତାହାଲେ ଏପରି ବିରଳ ପ୍ରଜାତିର ସାମୁଦ୍ରିକ ଜୀବ ଦିନେ ଲୋପ ପାଇଯିବ। ତେଣୁ ଜିଲା ପ୍ରଶାସନ ଏହି ଘଟଣାକୁ ଜରୁରୀ ମନେ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଏବଂ କାର୍ଯ୍ୟରେ ଅବହେଳା କାରଣରୁ ନିଷିଦ୍ଧାଞ୍ଚଳରେ ଶହ ଶହ କଇଁଛଙ୍କ ମୃତଦେହ କୂଳରେ ଲାଗୁଥିବା ଦେଖିବାକୁ ମିଳୁଛି।



ପୁରୀସ୍ଥିତ ଭଗବତୀ ବିଦ୍ୟା ନିକେତନର ରୌପ୍ୟ ଜୟନ୍ତୀ ଅବସରରେ ଗୁରୁବାର ଅତିଥିମାନେ ଶିକ୍ଷାନୁଷ୍ଠାନର ମୁଖପତ୍ର ଉନ୍ମୋଚନ କରୁଛନ୍ତି ।

# ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ନେଇ ସଚେତନତା




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଅସ୍ତରଙ୍ଗ,୨୮।୩(ପ୍ରଦୀପ୍ତ ଦୀକ୍ଷିତ):**

ଅଲିଭ୍ ରିଡ୍‌ଲେ କଇଁଛ ଆମ ରାଜ୍ୟରେ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡ଼ିଶାର ସାମୁଦ୍ରିକ ତଟ ଦେବୀ ନଦୀ ମୁହାଣ ନଦୀତଟକୁ ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି। କଇଁଛ ଓ ଅଣ୍ଡାକୁ ସୁରକ୍ଷା ଦେବାକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଏହି ଉପଲକ୍ଷେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ସଚେତନତା ଶିବିର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମପଞ୍ଚାୟତ ଅଧୀନ କାଳିଆକଣ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ମୁଖ୍ୟବକ୍ତା ଅସ୍ତରଙ୍ଗ ବ୍ଲକ ମତ୍ସ୍ୟାଧିକାରୀ ସତ୍ୟବ୍ରତ ଦାସ, ସମ୍ମାନିତ ଅତିଥି ପରିବେଶବିତ୍ ଶୋଭାକର ବେହେରା, ରମେଶ ଗୁରୁ ଓ ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବରରୁ ମେ' ପର୍ଯ୍ୟନ୍ତ ସମୁଦ୍ରକୂଳଠାରୁ ୨୦ କି.ମି. ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷିତ ହୋଇଥିବାବେଳେ ବନ ବିଭାଗ, ଭାରତୀୟ ତଟରକ୍ଷୀ ବାହିନୀ, ମତ୍ସ୍ୟ ବିଭାଗ ଏବଂ ସାମୁଦ୍ରିକ ଥାନା ପୋଲିସ ସହଯୋଗରେ ସମୁଦ୍ରରେ ପାଟ୍ରୋଲିଂ ଜାରି ରହିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମତ୍ସ୍ୟଜୀବୀଙ୍କ ସହ ସାଗର ମିତ୍ର ଓ ବନବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଫେସର ଅତୁଲ କୁମାର ନନ୍ଦଙ୍କୁ ଅବସର ସମ୍ବର୍ଦ୍ଧନା

**ପୁରୀ,୨୮।୩(ଅଜିତ୍ ମହାନ୍ତି)**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ଧର୍ମଶାସ୍ତ୍ର ବିଭାଗ ତରଫରୁ ପରିସର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗୁରୁବାର ଆୟୋଜିତ ଏହି ସଭାରେ ଛାତ୍ର ଅଜିତ ତ୍ରିପାଠୀ ଓ ଦୀନବନ୍ଧୁ ପାଢୀ ବେଦପାଠ କରିବା ପରେ ଧର୍ମଶାସ୍ତ୍ର ବିଭାଗର ମୁଖ୍ୟ ପ୍ରଫେସର ଲଳିତ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ନନ୍ଦ ଜଣେ ଧର୍ମଶାସ୍ତ୍ରବିତ୍, ଛାତ୍ରବତ୍ସଳ ଅଧ୍ୟାପକ ଏବଂ ସୁପ୍ରଶାସକ ବୋଲି ମତ ପ୍ରକାଶ ପାଇଥିଲା। ପରିସରର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର, ପ୍ରଫେସର ରମାକାନ୍ତ ମିଶ୍ର, ପ୍ରଫେସର ଅଖିଳେଶ କୁମାର, ପ୍ରଫେସର କେ. ଭି. ସୋମୟାଜୁଲୁ, ଧର୍ମଶାସ୍ତ୍ର ବିଭାଗର ଅଧ୍ୟାପକ ଡ. ପ୍ରିୟରଞ୍ଜନ ରଥ, ଡ. ସିଦ୍ଧାର୍ଥ ଶଙ୍କର ଦାଶ, ଡ. ମନୋଜ ସ୍ୱାଇଁ, ଡ. ପ୍ରକାଶ କୁମାର ଶତପଥୀ, ଡ. ଅନିଲ କୁମାର ଦାଶ ଏବଂ ଅଧ୍ୟାପିକା ଡ. ଶକୁନ୍ତଳା ଦାଶଙ୍କ ସମେତ ବିଭାଗର ଛାତ୍ରୀଛାତ୍ର, ଗବେଷକ ଗବେଷିକା ଉପସ୍ଥିତ ରହି ପ୍ରଫେସର ନନ୍ଦଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ। ପ୍ରଫେସର ଲଳିତ କୁମାର ସାହୁଙ୍କୁ ନବନିଯୁକ୍ତ ନିର୍ଦ୍ଦେଶକ ଭାବେ ଧର୍ମଶାସ୍ତ୍ର ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରଫେସର ସାହୁ ପୂର୍ବରୁ କେରଳସ୍ଥ ଗୁରୁବାୟୁର ପରିସର ନିର୍ଦ୍ଦେଶକ ଭାବେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି। ସଭାକୁ ଗବେଷକ ଗୋପାଳକୃଷ୍ଣ ମିଶ୍ର ସଂଯୋଜନା କରିଥିବାବେଳେ ଗବେଷିକା ଟୁଇଙ୍କିଲ୍ ରାଉତ ଧନ୍ୟବାଦ ଦେଇଥିଲେ।

# ସାତପାଟଣା ହାଟ ମେଳଣ, ନାଗପୁର ମହୋତ୍ସବ

**ଗୋପ,୨୮।୩(ଭାରତୀ ଭୂଷଣ ଉପାଧ୍ୟାୟ):**

ମେଳଣର ଅର୍ଥ ମିଳନ ଏବଂ ଏହା ଭାଇଚାରା ତଥା ଧର୍ମୀୟ ଭାବଧାରା ସୃଷ୍ଟିର ଏକ ମାଧ୍ୟମ ବୋଲି ବୁଧବାର ରାତିରେ ଆୟୋଜିତ ସାତପାଟଣା ହାଟ ମେଳଣ ଓ ନାଗପୁର ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍ ଯୋଗଦେଇ ଏହା କହିଛନ୍ତି। ଏହି ମେଳଣ କମିଟିର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ କୁମାର ମହାନ୍ତି, ନାଗପୁର ସରପଞ୍ଚ ପଦ୍ମପର୍ଣ୍ଣା ଦଳାଇ, ସମ୍ପାଦକ ସୋମନାଥ ସାହୁ, ଉପସଭାପତି ସୁଶାନ୍ତ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଦାଶ, ପ୍ରଫୁଲ୍ଲ



ଉତ୍ସବରେ ଯୋଗ ଦେଇଥିବା ଅତିଥି ।

କୁମାର ସେଠୀ, ଗଙ୍ଗାଧର ଦାଶ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ମେଳଣର ବିଶେଷତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ପଦ୍ମପଡ଼ାର ପ୍ରଭୁ ଗୋପାଳଜୀଉଙ୍କୁ ଥାନପତି ଭାବେ ବାଜାବାଣ ମାଧ୍ୟମରେ ରୋଷଣି କରି ନିଆଯିବା ପରେ ଅପେକ୍ଷାରତ ଅନ୍ୟ ବିମାନଗୁଡ଼ିକ ମେଳଣ ପଡ଼ିଆକୁ ଆସିଥିଲେ। ବିଭିନ୍ନ ଦୋଳ କମିଟି ପକ୍ଷରୁ ଲଉଡ଼ି ଖେଳ, ନାଗା ନୃତ୍ୟ, ବୁଢ଼ାବୁଢ଼ୀ ନୃତ୍ୟ ଗୀତ ପରିବେଷଣ କରାଯାଇଥିବାବେଳେ ହଜିଯାଉଥିବା ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏହି ମେଳଣକୁ ଆହୁରି ଅଧିକ ସରସ ସୁନ୍ଦର କରିବାକୁ ଅତିଥିମାନେ କହିଥିଲେ। ରାତିସାରା ମେଳଣ ପଡ଼ିଆରେ ଆତସବାଜି ସହିତ ପାରମ୍ପରିକ ଦାସକାଠିଆ, ପାଲା, ଓଡ଼ିଶୀ ନୃତ୍ୟ, ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଥିଲା।

# ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ, ଶିବ ମହୋତ୍ସବ

**କାକଟପୁର,୨୮।୩(ଶୁଭଦର୍ଶନ ମିଶ୍ର):**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାକଟପୁର ଶାଖା ଆନୁକୂଲ୍ୟରେ ଗୁରୁବାରଠାରୁ ୩ ଦିନ ବ୍ୟାପୀ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶିବଦର୍ଶନ ଓ ମହୋତ୍ସବ କାକଟପୁର ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଜନମାନସରେ ଆଧ୍ୟାତ୍ମିକତାର ଜାଗୃତି, ବୌଦ୍ଧିକ ଓ ପାରିବାରିକ ଶାନ୍ତିପ୍ରାପ୍ତି ପାଇଁ ରାଜଯୋଗର ଅଭ୍ୟାସ, ନିଶାଦ୍ରବ୍ୟର କୁପରିଣତିରୁ ମୁକ୍ତି, ସାମାଜିକ ସଦ୍‌ଭାବନା ତଥା ଭାଇଚାରା ବିଶ୍ୱଭ୍ରାତୃତ୍ୱ ଭାବନାକୁ ଦୃଢ଼ୀଭୂତ କରିବା ଉକ୍ତ ମହୋତ୍ସବର ଲକ୍ଷ୍ୟ ବୋଲି ରାଜଯୋଗିନୀ ବିକେ କୁନ୍ତଳା କୁମାରୀ, ବିକେ ଦୁଷ୍ମନ୍ତ ପରିଡ଼ା, ବିକେ ରବିନାରାୟଣ ସୂଚନା ଦେଇଛନ୍ତି। ପ୍ରତ୍ୟହ ସମସ୍ତଙ୍କ ବୋଧଗମ୍ୟ ହେବା ପରି ପ୍ରବଚନ କରାଯିବା ସହିତ ୩ ଦିନ ବ୍ୟାପୀ ବ୍ରହ୍ମାକୁମାରୀ ଭଉଣୀ ଓ ଭାଇମାନେ ଈଶ୍ୱରୀୟ ବାର୍ତ୍ତା ପ୍ରଦାନ କରିବେ। ଉକ୍ତ କାର୍ଯ୍ୟକ୍ରମ ସକାଳ ୯ଟାଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଖୋଲା ରହିବା ସହିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ଫଟୋଚିତ୍ର ଓ ଏହାର ରହସ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫ ପ୍ରତିବାଦରେ ଗୁରୁବାର ପୁରୀଠାରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଧାରଣା ଦିଆଯାଇଛି ।

## ଚୋରି ସନ୍ଦେହରେ ଅଜଣା ଯୁବକ ଅଟକ

**ଯୋଗେଶ୍ୱରପୁର,୨୮।୩ (ରଶ୍ମିରଞ୍ଜନ ସାହୁ):**

ବାଇକ୍ ଚୋରି କରିବା ସନ୍ଦେହରେ ପୋଲିସ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତାଙ୍କ ପାଖରୁ ମେଞ୍ଚାଏ ଚାବି ସହ ଏକ ବାଇକ୍ (ଓଆର୦୭ଡି୦୧୭୦) ପୋଲିସ ଜବତ କରିଛି। ସୂଚନା ମୁତାବକ, ନୟାହାଟ ଫାଣ୍ଡି ଅଧୀନ ସିଙ୍ଗିପାନିଆ ଗ୍ରାମରେ ଗୁରୁବାର ରାତିରେ ଜଣେ ଅଜଣା ବ୍ୟକ୍ତିଙ୍କୁ ସନ୍ଦେହ ଜନକ ଅବସ୍ଥାରେ ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଗ୍ରାମବାସୀଙ୍କଠାରୁ କାବୁ କରିଥିଲା। ବୁଧବାର ରାତିରେ ସିଙ୍ଗିପାନିଆ ଗ୍ରାମରୁ ଏକ ବାଇକ୍ ଚୋରି ହୋଇଥିଲା। ଉକ୍ତ ଯୁବକ ସେହି ବାଇକ୍ ଚୋରି କରିଥିବା ସନ୍ଦେହ କରାଯାଉଛି।

# ପିପିଲି କଂଗ୍ରେସ କମିଟି ପକ୍ଷରୁ ବନ୍ଧୁମିଳନ



**ପିପିଲି,୨୮।୩(ପ୍ରଭାତ ମହାପାତ୍ର):**

ପିପିଲି ନଗର କଂଗ୍ରେସ କମିଟି ପକ୍ଷରୁ ଇଫ୍‌ତାର ପାର୍ଟି ଓ ବନ୍ଧୁମିଳନ ସ୍ଥାନୀୟ ଶ୍ରୀରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନଗର କଂଗ୍ରେସ ସଭାପତି ଅନ୍ତର୍ଯ୍ୟାମୀ ଦୀକ୍ଷିତ ସଭାପତିତ୍ୱ କରିଥିଲେ। ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଗୁଣନିଧି ପ୍ରଧାନ, ସଂଖ୍ୟାଲଘୁ ସେଲ ସଭାପତି ସେକ୍ କଲିମ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସ ଦରଦାମ ବୃଦ୍ଧି, ବେକାରି ସମସ୍ୟା ଓ କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ ଘରକୁ ଘର ବୁଲି ଲୋକଙ୍କ ପାଖରେ ପହଞ୍ଚିବା ସହିତ ଆଗାମୀ ନିର୍ବାଚନରେ କଂଗ୍ରେସକୁ ବିଜୟୀ କରିବାକୁ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଅଂଶୁମୋଚନ ପ୍ରଧାନ, ପ୍ରଦୀପ୍ତ ଦୀକ୍ଷିତ, ଇନା ଖାନ, ସାଦ ଖାନ, ରଜନୀ ବଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**ଡେଲାଙ୍ଗ,୨୮।୩(ରଶ୍ମିରଞ୍ଜନ ପ୍ରଧାନ):**

ଡେଲାଙ୍ଗ ହାଟବଜାରସ୍ଥିତ ଗାଦିବ୍ରହ୍ମ ଡିଗ୍ରୀ ମହାବିଦ୍ୟାଳୟ ସଭାକକ୍ଷରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ରକ୍ତଦାନ ଅଭିପ୍ରେରଣା ଓ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରେଡ୍ ରିବନ୍ କ୍ଲବ ଓ ରେଡକ୍ରସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ିଶା ଏଡ୍‌ସ ନିୟନ୍ତ୍ରଣ ସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜ ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ସୁମନ୍ତ ତରାଇ, ଯୁଧିଷ୍ଠିର ଘଡ଼ୁଆରୀ, ରେଡ୍‌କ୍ରସ ୟୁନିଟ୍ ଓ ରେଡ୍ ରିବନ୍ କ୍ଲବ ସଂଯୋଜକ ଅଧ୍ୟାପକ ତ୍ରିନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀଙ୍କୁ କାର୍ଯ୍ୟକ୍ରମର ଗୁରୁତ୍ୱ, ରକ୍ତ ବିଜ୍ଞାନ, ରକ୍ତଦାନର ମହତ୍ତ୍ୱ ସହିତ ଏଡ୍‌ସ ସଚେତନତା ସଂକ୍ରାନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ବାହିନୀପତି, କୈବଲ୍ୟ ଦାସ, ସୋନାଲିନ୍ ଆଚାର୍ଯ୍ୟ, ସୋନାଲି ମଲ୍ଲିକ, ସ୍ମିତିପ୍ରଜ୍ଞା ମହାପାତ୍ର, ରିଙ୍କି ବରାଳ, ବୈଜୟନ୍ତୀ ପ୍ରଧାନ ପ୍ରମୁଖଙ୍କ ସହିତ ୫୦ଜଣ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷଙ୍କ ଇସ୍ତଫା ଦାବି

**ପୁରୀ,୨୮।୩(ଅଜିତ୍ ମହାନ୍ତି)**

**କମିଟି ଗଠନ ମାଧ୍ୟମରେ ରାଜସ୍ୱ ଅପଚୟ ମସୁଧାକୁ ବିରୋଧ**

ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ଇସ୍ତଫା ଦାବି କରି ଅଟଳ ବିଚାର ମଞ୍ଚ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମଞ୍ଚର ପୁରୀ ଆବାହକ ବିନୟ ନୃସିଂହ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଯାଇ ଉନ୍ନୟନ ପ୍ରଶାସକ ପ୍ରଦୀପ ସାହୁଙ୍କୁ ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।

ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ଶ୍ରୀମନ୍ଦିର ହେଉଛି ବିଶ୍ୱର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର। ବିଗତ କିଛିବର୍ଷ ହେବ ରତ୍ନଭଣ୍ଡାର ପ୍ରସଙ୍ଗ ହିନ୍ଦୁଙ୍କ ମନରେ ଆଘାତ ଦେଇଥିବାବେଳେ ରାଜ୍ୟ ସରକାରଙ୍କ ଉଦାସୀନତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରତ୍ନଭଣ୍ଡାର ଚାବି ହଜିବା କି ମରାମତି, ଅବା ରତ୍ନ ଗଣନା ବିଷୟ ହେଉ ଏସବୁ କ୍ଷେତ୍ରରେ ରାଜ୍ୟ ସରକାର ଯେଭଳି ଟାଳଟୁଳ ନୀତି ଆପଣାଇଛନ୍ତି ତାହା ପରିତାପର ବିଷୟ। ଚାରିଆଡ଼ୁ ଦାବି ପରେ ସରକାର ଏକ କମିଟି ଗଠନ କରିଛନ୍ତି ଏବଂ ଅବସରପ୍ରାପ୍ତ ବିଚାରପତି ଅରିଜିତ ପଶାୟତ ଏହାର ଅଧ୍ୟକ୍ଷ ରହିଛନ୍ତି। ସରକାର ଏହି କମିଟି ମାଧ୍ୟମରେ ବିରୋଧର ସ୍ୱରକୁ ପ୍ରଶମିତ କରିବାକୁ ଚେଷ୍ଟା ଚଳାଇଛନ୍ତି। ବାସ୍ତବରେ ରାଜ୍ୟ ସରକାର ଏହି ପ୍ରସଙ୍ଗର ସମାଧାନ କରିବା ପାଇଁ ବିଶେଷ ଗୁରୁତ୍ୱ ନ ଦେବା ମନେ ହେଉଛି। ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ସେ ସମୟରେ ପୂର୍ବତନ ବିଚାରପତି ରଘୁବୀର ଦାଶଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଥିଲା, ତାହା ଏବେ ଶୀତଳ ଭଣ୍ଡାରରେ। ସରକାର ଏଭଳି ଭାବେ ଜନସାଧାରଣଙ୍କୁ ଭୁଆଁ ବୁଲାଇବାକୁ ପ୍ରୟାସ କରୁଛନ୍ତି। ଅଯଥା ଯାଞ୍ଚ କମିଟି ଗଠନ ମାଧ୍ୟମରେ ରାଜସ୍ୱ ଅପଚୟର ମସୁଧାକୁ ମଞ୍ଚ ପକ୍ଷରୁ ବିରୋଧ କରାଯିବା ସହ ରତ୍ନଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷଙ୍କ ଇସ୍ତଫା ଦାବି କରାଯାଇଛି। ରାଜ୍ୟ ସରକାର ଯଦି ବାସ୍ତବରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମାଧାନ ପାଇଁ ଆଗ୍ରହୀ ତେବେ ଜଣେ ସିଟିଙ୍ଗ ଜଜ୍‌ଙ୍କ ଦ୍ୱାରା କମିଟି ଗଠନ କଲେ ସୁଫଳ ମିଳିପାରିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ବିଷ୍ଣୁପ୍ରସାଦ ଦାସ, ବିଶ୍ୱନାଥ ପଣ୍ଡା, ମାନସ ଲେଙ୍କା, ପ୍ରଶାନ୍ତ ଭୂୟାଁ, ଉପେନ୍ଦ୍ର ବିଶୋଇ, ଲୋକନୀ ସାହୁ, ମମତା ଦାସ, ଲକ୍ଷ୍ମୀପ୍ରିୟା ସାହୁ, ବିଚିତ୍ର ରଞ୍ଜନ ସାହୁ, ରମେଶ ମହାରଣା, ତରୁଣାଦିତ୍ୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ବିଭୁଦତ୍ତ ଦାସ ଓ ସର୍ବେଶ୍ୱର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ପୋଲିସ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ପୁରୀ, ୨୮।୩( ଅଜିତ୍ ମହାନ୍ତି)**

ପୁରୀ ପୋଲିସ ପ୍ରଶାସନ ପକ୍ଷରୁ ଗୁରୁବାର ଟାଉନ ଥାନା ପରିସରରେ ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲିସ ଓ ଖବରଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କେୟାର ହସ୍ପିଟାଲ୍ ଓ ପୁରୀ ପୋଲିସ ମିଳିତ ସହଯୋଗରେ ଏହି ଶିବିର ଆୟୋଜନ ହୋଇଥିଲା। ଅତିଥି ଭାବେ ଏସ୍‌ପି ପିନାକ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହ ସଚେତନତା ସୃଷ୍ଟି କରାଯିବ ବୋଲି ଏସ୍‌ପି କହିଛନ୍ତି। ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ, ଟାଉନ ଥାନା ଅଧିକାରୀ ସୁନୀଲ ପ୍ରଧାନ, ଟ୍ରାଫିକ ଥାନା ଅଧିକାରିଣୀ ସଙ୍ଗୀତା ଦାଶ, ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ପୁରୀ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା।

# ସ୍କାଉଟ୍ସ, ଗାଇଡ୍ସର କୋଷ୍ଟାଲ ଟ୍ରେକିଂ ଉଦ୍‌ଘାଟିତ

**କୋଣାର୍କ,୨୮।୩(ଜ୍ୟୋତିରାଜ ମହାନ୍ତି)**

କୋଣାର୍କସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କାଉଟ୍ସ ଓ ଗାଇଡ୍ସର ୪ ଦିନିଆ କୋଷ୍ଟାଲ ଟ୍ରେକିଂ କାର୍ଯ୍ୟକ୍ରମ ଗୁରୁବାରଠାରୁ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସ ଆନୁକୂଲ୍ୟରେ ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କୋଣାର୍କଠାରୁ ପୁରୀ ବେଳାଭୂମି ପର୍ଯ୍ୟନ୍ତ କୋଷ୍ଟାଲ ଟ୍ରେକିଂ ସହିତ ବେଳାଭୂମି ସଫେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ଘୋଷ, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର



ପାଇକରାୟ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ଆଡ୍‌ଭୋକେଟ କମିଟି ଅଧ୍ୟକ୍ଷ ସ୍ୱାଧୀନ ପଣ୍ଡା, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀହାର ପ୍ରସାଦ ଲେଙ୍କା, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମହାନ୍ତି, ପୁରୀ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ଓଡ଼ିଶାର ବିଭିନ୍ନ ଜିଲାରୁ ୩ଶହରୁ ଊର୍ଦ୍ଧ୍ୱ ରୋଭର, ରେଞ୍ଜର, ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ଘୋଷ କୋଷ୍ଟାଲ ଟ୍ରେକିଂର ଉଦ୍ଦେଶ୍ୟ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ସ୍କାଉଟ୍ସ ଓ ଗାଇଡ୍ସର ରାଜ୍ୟ ସଭାପତି ଅତନୁ ସବ୍ୟସାଚୀ ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମୁଡ୍‌କି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୮।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପଳାଶପଲ୍ଲୀ ପୁନମା ଗେଟ୍ ନିକଟରେ ଗୁରୁବାର ଏକ ମୁଡ୍‌କି ଫାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟିଛି। ତେଲ କଡାଇରୁ ନିଆଁ ଲାଗି ଫ୍ୟାକ୍ଟ୍ରିର ବହୁ ସାମଗ୍ରୀ ପୋଡ଼ିଯାଇଛି। ଅପରାହ୍ନ ପ୍ରାୟ ୫ଟାରେ ଫାକ୍ଟ୍ରିରେ ନିଆଁ ଲାଗିଥିବା ଖବର ପାଇ କଳ୍ପନା ଫାୟାର ଷ୍ଟେଶନର ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ୨୦ ମିନିଟ୍ ମଧ୍ୟରେ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲା। ସୂଚନା ଅନୁଯାୟୀ, ମୁଡ୍‌କି ଛଣା ହେଉଥିବାବେଳେ ତେଲ ଅତ୍ୟଧିକ ଗରମ ହୋଇଯାଇଥିଲା। କର୍ମଚାରୀମାନେ ପାଣି ପକାଇ ଦେବାରୁ ତେଲ କଡେଇଟି ଜଳି ଉଠିଥିଲା। ଏପରିକି ବହୁ ଉଚ୍ଚକୁ ନିଆଁ ଶିଖା ଉଠିଯାଇ ଚାରିଆଡକୁ ବ୍ୟାପିଯାଇଥିଲା। ତେବେ ଏଥିରେ କୌଣସି କର୍ମଚାରୀ ଆହତ ହୋଇ ନ ଥିଲେ ମଧ୍ୟ ଅଗ୍ନିକାଣ୍ଡରେ କିଛି ସାମଗ୍ରୀ ଓ ଆସବାବପତ୍ର ଜଳିଯାଇଥିବା ସୂଚନା ମିଳିଛି।

### ମଦ ଜବତ, ୨ ଗିରଫ

ବାରଙ୍ଗ,୨୮।୩(ଲିଙ୍ଗରାଜ ରାଉତ)

ଦେଶୀମଦ ବିକ୍ରି ଅଭିଯୋଗରେ ଚନ୍ଦକା ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରକାଶ ବେହେରା ଓ ହୃଷୀକେଶ ବେହେରା। ଏନେଇ ପୋଲିସ ଏକ ମାମଲା(ନଂ.୧୦୯/୨୪) ରୁଜୁ କରି ତଦନ୍ତ ଚଳାଇଛି। ସେମାନଙ୍କଠାରୁ ମୋଟ ୧୧.୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଚନ୍ଦକା ଥାନା ପକ୍ଷରୁ ଏକ ସ୍ପେଶାଲ ଟିମ୍ ନିଜ ଅଞ୍ଚଳରେ ପାଟ୍ରୋଲିଂ କରୁଥିବାବେଳେ ବିଶେଷ ସୂତ୍ରରୁ ବେଆଇନ ଦେଶୀମଦ ବିକ୍ରି ଖବର ପାଇ କାଟେଣି ଛକଠାରେ ଚଢ଼ାଉ କରିଥିଲେ।

### ବରିଷ୍ଠ ନାଗରିକଙ୍କ ବନ୍ଧୁମିଳନ

ଚୌଦ୍ୱାର,୨୮।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ଅଧୀନ ନୂଆସାହିସ୍ଥିତ ବରିଷ୍ଠ ନାଗରିକ ସଂଘର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଆଦିକନ୍ଦ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଭୁଦାସ ବର୍ଦ୍ଧନ ସ୍ୱାଗତ ଭାଷଣ ଦେଇ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠକ ନିକୁଞ୍ଜ ପଣ୍ଡା ବେଦ ଆବୃତ୍ତି କରିଥିଲେ। ତ୍ରିଲୋଚନ ବିଶ୍ୱାଳ, ଶିବପ୍ରସାଦ ପତି, ଆଦିକନ୍ଦ ବିଶ୍ୱାଳ, ବୈକୁଣ୍ଠ ବିହାରୀ ତାରେଣିଆ, ପ୍ରଭାକର ନାୟକଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହିତ ହୋଲି ଉତ୍ସବ ପାଳନ କରିଥିଲେ। ରଘୁନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଭାଜପା ଲୋକ ସଭା ପ୍ରାର୍ଥୀ ପାଇଁ ଚର୍ଚ୍ଚାରେ ଭର୍ତ୍ତୃହରି

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)


ଭର୍ତ୍ତୃହରି ମହତାବ


ପୂର୍ଣ୍ଣଚନ୍ଦ୍ର ମହାପାତ୍ର

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଗୁରୁବାର ଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ଭର୍ତ୍ତୃହରି ଗତ ୨୨ ତାରିଖରେ ବିଜେଡିରୁ ଇସ୍ତଫା ଦେଇଥିବାବେଳେ କେଉଁ ଦଳରେ ଯୋଗଦେବେ ତାହା ସ୍ପଷ୍ଟ କରି ନ ଥିଲେ। ପରବର୍ତ୍ତୀ ସମୟରେ କଟକ ଭାଜପାର ନେତୃବୃନ୍ଦ ତାଙ୍କୁ ସାକ୍ଷାତ୍ କରିଥିଲେ, ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପରେ କଟକ ବିହାରୀବାଗଠାରେ ଭର୍ତ୍ତୃହରିଙ୍କ ହୋଲି ବନ୍ଧୁମିଳନରେ ମଧ୍ୟ ସମାନ ଦୃଶ୍ୟ ନଜରକୁ ଆସିବା ପରେ ଚର୍ଚ୍ଚା ଅଧିକ ହେଉଥିଲା ଯେ ଭର୍ତ୍ତୃହରି ଭାଜପାରେ ଯୋଗଦେବେ। ଏହି ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଭାଜପାରେ ଭର୍ତ୍ତୃହରି ଯୋଗଦେବା ପରେ ଏବେ ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ଏକ ପ୍ରକାରର ସ୍ଥିର ଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ ଭର୍ତ୍ତୃହରିଙ୍କ ପୂର୍ବରୁ କଟକ ଲୋକ ସଭା ପ୍ରାର୍ଥୀ ଭାବେ ଭାଜପା ରାଜ୍ୟ ଉପସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦଳ ଟିକେଟ ଦେବା ନେଇ ଚର୍ଚ୍ଚା ଧରିଥିଲା। ଏବେ ଦଳ ପ୍ରାର୍ଥୀ ଘୋଷଣା କରି ନାହିଁ ସତ, ହେଲେ ୬ ଥର ଏମ୍‌ପି ହୋଇଥିବା ଭର୍ତ୍ତୃହରି ଗୁରୁବାର ପଦ୍ମ ଧରିବା ପରେ ତାଙ୍କୁ ଭାଜପା ସୁନିଶ୍ଚିତ ଟିକେଟ ଦେଇ କଟକରେ ଥିବା ତାଙ୍କ ପ୍ରଭାବକୁ ବଜାୟ ରଖିବ ବୋଲି ସାଧାରଣ ଲୋକଙ୍କ ଚର୍ଚ୍ଚାକୁ ଏହା ଖୋରାକ ଯୋଗାଉଛି। ପୁଣି ଆଲୋଚନା ହେଉଛି, ଯଦି ଦଳ ଭର୍ତ୍ତୃହରିଙ୍କୁ ଲୋକ ସଭା ପ୍ରାର୍ଥୀ ଭାବେ ଘୋଷଣା କରେ ତେବେ ପୂର୍ଣ୍ଣଚନ୍ଦ୍ରଙ୍କୁ ଦଳ ନିରାଶ କରିବ ନାହିଁ। ଭାଜପା ତାଙ୍କୁ ବିଧାନସଭା ପ୍ରାର୍ଥୀ ଘୋଷଣା କରିପାରେ ବୋଲି ଆଲୋଚନା ହେଉଛି। ଏନେଇ ଭର୍ତ୍ତୃହରି କହିଛନ୍ତି, ରାଷ୍ଟ୍ରବାଦ, ଏକାତ୍ମତା ଓ ପୂର୍ବୋଦୟ ଏହି ତିନୋଟି କେବଳ ଭାଜପା ଜରିଆରେ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶକ୍ତି, ଅମିତ୍ ଶାହଙ୍କ ବିଶ୍ୱାସ, ଜେ.ପି. ନଡ୍ଡାଙ୍କ ପ୍ରେରଣା ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି। ନୂଆ ପଥରେ ଯୋଗ ଦେଇଛି, ଆଶା ରହିଛି ସାଧାରଣ ଲୋକ ପୂର୍ବପରି ମୋ ସହ ସହମତ ହେବେ। ଭାଜପାରେ ଯୋଗ ଦେଇଛି, କାର୍ଯ୍ୟ କରିବି। ଦଳ କାହାକୁ ଟିକେଟ ଦେବ ତାହା କେବଳ ଦଳ ହିଁ ନିଷ୍ପତ୍ତି ନେବ। ଅପରପକ୍ଷରେ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।


ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଗିରଫ କରାଯିବା ପ୍ରତିବାଦରେ କଟକ ପୁରୀଘାଟସ୍ଥିତ ଗାନ୍ଧୀସ୍ମୃତି ପୀଠ ପରିସରରେ ଗୁରୁବାର ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଏକଦିବସୀୟ ସାମୂହିକ ଉପବାସ ଧାରଣା।

## ମାଳା ମିଶ୍ରଙ୍କୁ ସ୍ୱୟଂସିଦ୍ଧା ସମ୍ମାନ


ଉତ୍ସବରେ ମାଳା ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

ଫୁଲନଖରା,୨୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆଠାରେ ଥିବା ସିବିଏସ୍‌ଇ ସ୍କୁଲ ଡିପିଏସ୍ କଳିଙ୍ଗର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ରଙ୍କୁ ସ୍ୱୟଂସିଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ସମ୍ବାଦ ଡିଜିଟାଲ ମିଡିଆ ଓ ରେସ୍ ଫାଉଣ୍ଡେଶନ ପକ୍ଷରୁ ତୃତୀୟ ସ୍ୱୟଂସିଦ୍ଧା ସମ୍ମାନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ସମ୍ବାଦ ସମ୍ପାଦିକା ତନୟା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ମୀନାକ୍ଷୀ ଶେଷାଦ୍ରୀ ଯୋଗଦେଇ ମାଳା ମିଶ୍ରଙ୍କୁ ପୁରସ୍କୃତ କରିଥିଲେ। ଡିପିଏସ୍ କଳିଙ୍ଗ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ। ଏହି ବିଦ୍ୟାଳୟର ଆକର୍ଷଣୀୟ ପରିବେଶ, ଉତ୍ତମ ଶିକ୍ଷା, ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ଓ ପ୍ରତ୍ୟେକ ବର୍ଷର ସଫଳତା ଆଦି ବିଚାରକୁ ନିଆଯାଇ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

## ମେଳଣରେ ୧୫ ଦୋଳବିମାନ ସାମିଲ

ଫୁଲନଖରା,୨୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡେଏତା ପଞ୍ଚାୟତର ଧାନଘରପଡା ଗ୍ରାମରେ ଦୋଳମେଳଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଗ୍ରାମର ୧୫ ଦୋଳବିମାନ ସାମିଲ ହୋଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବହୁସଂଖ୍ୟକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ସଦର ପୋଲିସ ପକ୍ଷରୁ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦୋଳମେଳଣ ଶାନ୍ତି କମିଟି ପକ୍ଷରୁ ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ଶାନ୍ତି କମିଟି ସଦସ୍ୟ, ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଓଡ଼ିଶୀ ନୃତ୍ୟ ପ୍ରତି ଗୁରୁ ଦୟାନିଧିଙ୍କ ଅବଦାନ ଅତୁଳନୀୟ'

କଟକ,୨୮।୩ (କାର୍ତ୍ତିକ ସାହୁ)

ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ଗୁରୁ ଦୟାନିଧି ଦାସଙ୍କ ୪୫ତମ ଶ୍ରାଦ୍ଧ ବାର୍ଷିକୀ କଳାବିକାଶ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ସଙ୍ଗୀତା ଗୋସାଇଁ ଯୋଗଦେଇ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରୁ ଗୁରୁ ଦୟାନିଧିଙ୍କ ଅବଦାନ ଅତୁଳନୀୟ ବୋଲି କହିଛନ୍ତି। ମୁଖ୍ୟବକ୍ତା ଓଡ଼ିଶୀ ନୃତ୍ୟଗୁରୁ ଡ. ମନୋଜ ବେହେରା ଗୁରୁ ଦୟାନିଧିଙ୍କୁ ଉପଯୁକ୍ତ ସମ୍ମାନ ମିଳିନାହିଁ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ଦାଶ ଗୁରୁ ଦୟାନିଧିଙ୍କ ସ୍ମୃତିଚାରଣ କରିଥିଲେ। ଅନୁଷ୍ଠାନର ଉପସଭାପତି ନରସିଂହ ମହାପାତ୍ର ଅତିଥି ପରିଚୟ ଓ ବିଭୁପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଗୁରୁ ଦୟାନିଧିଙ୍କ ରଚିତ ଗୀତିନାଟ୍ୟ 'ବାଣାସୁର ବଧ' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ସମ୍ପାଦିକା ଡ. ବିଜୟଲକ୍ଷ୍ମୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ସଫଳ ରାଜନୀତିଜ୍ଞ ଥିଲେ ଦାମୋଦର ରାଉତ'

କଟକ,୨୮।୩ (କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦ ଓ ଟେଲିଟୋଳ କଲ୍‌ଚରାଲ ଏକାଡେମୀ ପକ୍ଷରୁ ଦିବଂଗତ ରାଜନେତା ଡା. ଦାମୋଦର ରାଉତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା କଟକ ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଡ. ହେମେନ୍ଦ୍ର ନାରାୟଣ ଦାସ, ଡା. ନିମାଇଁ ଚରଣ ପରିଜା, ପ୍ରାଧ୍ୟାପକ ତରୁଣ ସାହୁ, ପ୍ରଫେସର ଉମାଶଙ୍କର ମିଶ୍ର, ଡ. ଭାଗବତ ଶୁକ୍ଳ, କବି ରାଜକିଶୋର ଦାଶ, ସଞ୍ଜିତ୍ ପଟ୍ଟନାୟକ, ଗୋଲୋକ ଚନ୍ଦ୍ର ବେହେରା, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ, ଶ୍ରୀହର୍ଷ ରାଉତରାୟ, କୈଳାସ ଚନ୍ଦ୍ର ଦଳାଇ, ଅଧ୍ୟାପକ ଗୋପୀନାଥ ପଣ୍ଡା, ନଳିନୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଦାମୋଦର ରାଉତଙ୍କ ବହୁମୁଖୀ ପ୍ରତିଭା ଓ ରାଜନୈତିକ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ସ୍ୱାଇଁ ବକ୍ତବ୍ୟରେ ଡ. ରାଉତଙ୍କୁ ଜଣେ ସଫଳ ରାଜନୀତିଜ୍ଞ, ସାମାଜିକ କର୍ମୀ ଓ ଅସାଧାରଣ ପାଣ୍ଡିତ୍ୟର ଅଧିକାରୀ ଥିଲେ ବୋଲି କହିଛନ୍ତି।


କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ବାଙ୍କୀ-ପାଟପୁର ଶ୍ରୀରାମ ନାଟ୍ୟ ସଂସଦ ପ୍ରଥମ

**ଦୋଳ ମେଳଣ ଉତ୍ସବ ପ୍ରତିଯୋଗିତା**

ବାଙ୍କୀ,୨୮।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କେନ୍ଦ୍ରାପଡା ଜିଲା ବାଟିପଡ଼ା ଦୋଳ ଉତ୍ସବରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବାଙ୍କୀ-ପାଟପୁର ଶ୍ରୀରାମ ନାଟ୍ୟ ସଂସଦ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଉପଲକ୍ଷେ ସେଠାରେ ଶ୍ରୀରାମ ନାଟ୍ୟ ସଂସଦକୁ ସମ୍ବର୍ଦ୍ଧିତ କରାଯାଇଥିଲା। ୧୦ ଲଉଡି ନୃତ୍ୟ ଦଳ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପୋଲିସ୍ ନିରୀକ୍ଷକ ଗୋକୁଳଚନ୍ଦ୍ର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଅଶୋକ କୁମାର ବେହେରା ଓ ସମସ୍ତ କଳାକାରଙ୍କୁ ଏହି ଉତ୍ସବରେ ସମ୍ବର୍ଦ୍ଧନା ଦିଆଯାଇଥିଲା।

## କ୍ରିକେଟ, ଶ୍ୟାମସୁନ୍ଦରପୁର କ୍ଲବ୍ ଚାମ୍ପିୟନ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସମେତ ଅନ୍ୟମାନେ।

ଫୁଲନଖରା,୨୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ନୂଆ କାଚରାମାଳସ୍ଥିତ ଶ୍ରୀ ଅରବିନ୍ଦ ଖେଳ ପଡିଆରେ ଏକଦିବସୀୟ ଦିବାରାତ୍ରି କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗୁନା ଭାଇନା ମେମୋରିଆଲ ଟ୍ରଫି ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟରେ ୨୪ଟି କ୍ରିକେଟ ଟିମ୍ ଭାଗ ନେଇଥିଲା। ଏଥିରେ ଶ୍ୟାମସୁନ୍ଦରପୁର କ୍ରିକେଟ୍ କ୍ଲବ୍ ଚାମ୍ପିୟନ ଓ କଟକ ପାଇକ ସାହି କ୍ରିକେଟ କ୍ଲବ୍ ରନର୍ସ ଅପ୍ ହୋଇଥିଲା। ଟୁର୍ନାମେଣ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରାଜକିଶୋର ସେଠୀ, ବେଷ୍ଟ ବୋଲର ସତ୍ୟରଞ୍ଜନ ସାମଲ, ବେଷ୍ଟ ବ୍ୟାଟ୍ସମ୍ୟାନ କୀର୍ତ୍ତି ଚନ୍ଦ୍ର ମହାରଣା ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଅଂଶୁମାନ ରାଉତ ପୁରସ୍କୃତ ହୋଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ୫୯ ନମ୍ବର ୱାର୍ଡ ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର, ଦିଲ୍ଲୁ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ନାୟକ, ରମାକାନ୍ତ ପଟ୍ଟନାୟକ, ପବିତ୍ର ବେହେରା, ସିଏମ୍‌ସି ୫୯ ୱାର୍ଡ ଡିଜିଟାଲ ସେକ୍ରେଟାରି ରାକେଶ ଜେନା, ଦୀପକ ସାହୁ ଉପସ୍ଥିତ ଥିଲେ।

## ବୀମାକ୍ଷେତ୍ର ଉପରେ ପ୍ରଭାବ ପକାଇଛି ଟିକସ ବ୍ୟବସ୍ଥା

କଟକ,୨୮।୩ (କାର୍ତ୍ତିକ ସାହୁ)



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

**ଉତ୍କଳ ବୀମା ସଂଘର ଆଲୋଚନାଚକ୍ର**

ଉତ୍କଳ ବୀମା ସଂସ୍ଥା ପକ୍ଷରୁ ନୂଆପାଟଣାସ୍ଥିତ ଜୀବନବୀମା କାର୍ଯ୍ୟାଳୟରେ ଏକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦେଶର ପ୍ରଚଳିତ ଟିକସ ବ୍ୟବସ୍ଥା ଓ ବୀମା କ୍ଷେତ୍ର ଉପରେ ଏହାର ପ୍ରଭାବ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ସ୍ତମ୍ଭକାର ଡ. ସନ୍ତୋଷ କୁମାର ମହାପାତ୍ର କହିଛନ୍ତି, ଗତ ଦଶନ୍ଧିରେ ପ୍ରଚଳିତ ଟିକସ ବ୍ୟବସ୍ଥା ଗରିବ ଜନସାଧାରଣଙ୍କ ଉପରେ ଅଧିକ ବୋଝ ସଦୃଶ ହୋଇଛି। କାରଣ ପ୍ରତ୍ୟକ୍ଷ କର ତୁଳନାରେ ପରୋକ୍ଷ କରର ଭାର ଜନସାଧାରଣଙ୍କ ଉପରେ ଅଧିକ ପଡୁଛି। ଫଳରେ ସେମାନଙ୍କର ସଞ୍ଚୟ ବ୍ୟାପକ ଭାବେ ହ୍ରାସ ପାଇଛି ଓ ବୀମା ପ୍ରତି ସେମାନେ ନିରୁତ୍ସାହିତ ହୋଇଛନ୍ତି। ଏହା ସତ୍ତ୍ୱେ ଭାରତୀୟ ଜୀବନ ବୀମା ନିଗମ ସବୁବର୍ଗର ବ୍ୟକ୍ତିଙ୍କୁ ସୁହାଇଲା ଭଳି ବୀମା ପ୍ରଚଳନ କରିଥିବାରୁ ଜନସାଧାରଣ ଏହାପ୍ରତି ଆସ୍ଥାପ୍ରକଟ କରିଛନ୍ତି। ସଂସ୍ଥାର ସଭାପତି ଅନନ୍ତଭୂଷଣ ରଥ ପ୍ରାରମ୍ଭିକ ସୂଚନା, ସମ୍ପାଦକ ପଦ୍ମଲୋଚନ ବେହେରା ଅତିଥି ପରିଚୟ ଓ ଉପସଭାପତି ପ୍ରଦୀପ୍ତ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବୀମା କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।



କଟକ ସିଡିଏ ସେକ୍ଟର-୯ସ୍ଥିତ ଏକ ମଣ୍ଡପ ସଭାଗୃହରେ ଗାଳ୍ପିକ ରବୀନ୍ଦ୍ରନାଥ ମିଶ୍ରଙ୍କ କବିତା ପୁସ୍ତକ ବାପା ଓ ମା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## 'ମହୋତ୍ସବ କଳାକାରଙ୍କ ଆତ୍ମବିଶ୍ୱାସ ବଢ଼ାଏ'

କଟକ,୨୮।୩ (କାର୍ତ୍ତିକ ସାହୁ)



କଟକ କଳାବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

**କଟକ କଳାବିକାଶ କେନ୍ଦ୍ର ମହୋତ୍ସବ ଉଦ୍‌ଘାଟିତ**

କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ କଳାବିକାଶ କେନ୍ଦ୍ର ମହୋତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି କଟକ ମହାନଗର ନିଗମ କମିଶନର ବିଜୟ କୁମାର ଦାଶ ଏହାକୁ ଉଦ୍‌ଘାଟନ କରି ମହୋତ୍ସବ ଜରିଆରେ କଳାକାରଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ ବୋଲି କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ଯୋଗଦେଇ କଳାତ୍ମକ ଭାବନାର ପରିସ୍ଫୁଟନ ଶରୀରର ଭାବଭଙ୍ଗୀରେ ପରିପ୍ରକାଶ ହୋଇଥାଏ ବୋଲି କହିଛନ୍ତି। କେନ୍ଦ୍ରର ସଭାପତି ଡ. ବିଜୟାନନ୍ଦ ସିଂହ ଉଦ୍‌ଘାଟନୀ ସମାରୋହକୁ ପରିଚାଳନା କରିଥିଲେ। ଏହି ଅବସରରେ କୋଲକାତାରୁ ଅତିଥି ଶିଳ୍ପୀ ଭାବେ ଆସିଥିବା ନୃତ୍ୟ ଦିଶାର ମୁଖ୍ୟ ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରସେନ୍‌ଜିତ୍ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଟ୍ରଷ୍ଟି ରାଜକିଶୋର କ୍ୟାଲ ଓ ଅରବିନ୍ଦ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ। ଉପସଭାପତି ରାଧାମୋହନ ସାହୁ, ଭକ୍ତବତ୍ସଳ ଦାସ, ଯୁଗ୍ମ ସମ୍ପାଦିକା ସୁଦୀପ୍ତା ଦାଶ, ଯୁଗ୍ମ ସମ୍ପାଦକ କାମାକ୍ଷା ପ୍ରସାଦ ମହତାବ ଓ ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର ନାଥ ଜଟ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୀତାଞ୍ଜଳି ପଣ୍ଡା ଉପସ୍ଥାପନା କରିଥିଲେ।

ଓଡ଼ିଶୀ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମୁଥିବାବେଳେ କଥକ ନୃତ୍ୟରେ ଦ୍ରୌପଦୀ ବସ୍ତ୍ରହରଣ ଦର୍ଶକଙ୍କ ମନକୁ ଉଦ୍‌ବେଳିତ କରିଥିଲା। ପଞ୍ଚପାଣ୍ଡବଙ୍କ ଅସହାୟତା ସଙ୍ଗୀତର ମୂର୍ଚ୍ଛନାରେ ଦର୍ଶକଙ୍କ ହୃଦୟକୁ ବିଦାରିତ କରିଥିଲା। କୁରୁସଭାରେ ଦୁଃଶାସନ ଦ୍ରୌପଦୀଙ୍କୁ ବିବସନା କରିବା ଓ ଦ୍ରୌପଦୀ ସମର୍ପିତ ଭାବେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିବା ପରେ ଶ୍ରୀକୃଷ୍ଣ କୋଟିବସ୍ତ୍ର ପ୍ରଦାନ କରି ଲଜ୍ଜ୍ୟା ନିବାରଣ କରିବାରେ ସମଗ୍ର ପ୍ରସଙ୍ଗଟି ଅତ୍ୟନ୍ତ ଭାବୋଦ୍ଦୀପକ ହୋଇଥିଲା। ମହାଭାରତ ପୃଷ୍ଠଭୂମିର ସେହି ପୁରାତନ କଥାବସ୍ତୁ କଳାକାରଙ୍କ ନୂତନତାର ଭାବଭଙ୍ଗୀରେ ବଳିଷ୍ଠ କରିଥିଲା କଟକ କଳାବିକାଶ କେନ୍ଦ୍ର ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାକୁ। କୋଲକାତାର ସୌଭିକ୍ ଚକ୍ରବର୍ତ୍ତୀ ଓ ତାଙ୍କ ଦଳର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଏହି କଥକ ନୃତ୍ୟଟି ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଯୋଗାଇବାରେ ସକ୍ଷମ ହୋଇଥିଲା। ଏଥିସହ କଟକ ମହାନଗର ନିଗମ ପକ୍ଷରୁ ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରମାନେ ଦଳଗତ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କଳାବିକାଶ କେନ୍ଦ୍ରର ପରଫର୍ମିଂ ଗ୍ରୁପ୍‌ର ଛାତ୍ରୀଛାତ୍ରମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୩।୨୦୨୪

| | |
|---|---|
| ୪,୯୧,୪୮୫ ଟଙ୍କା | |
| ସୁନା | ୫.୧୩୦ ଗ୍ରାମ୍ |
| ରୁପା | ୬୭ ଗ୍ରାମ୍ |

# ତହସିଲ କର୍ମଚାରୀ ୬ ଘଣ୍ଟା ଗୃହବନ୍ଦୀ

ନିଶ୍ଚିନ୍ତକୋଇଲି,୨୮।୩ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ପଞ୍ଚାୟତ ସାଙ୍କିଲୋସ୍ଥିତ ଉପସ୍ୱାସ୍ଥ୍ୟକେନ୍ଦ୍ରର ବିବାଦୀୟ ଗୃହ ନିର୍ମାଣକୁ କେନ୍ଦ୍ରକରି ବୁଧବାର ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଗୁରୁବାର ଏହି ଘଟଣାରେ ତହସିଲ କର୍ମଚାରୀ ହଟହଟାର ସମ୍ମୁଖୀନ ହୋଇଛନ୍ତି। ଧାରଣାକାରୀମାନେ ସେମାନଙ୍କୁ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଗୃହବନ୍ଦୀ କରିରଖିଥିଲେ। ଉକ୍ତ ସ୍ଥାନରେ ଗୃହ ନିର୍ମାଣ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିବା ଜଣାପଡ଼ିଛି।

ସାଙ୍କିଲୋ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ କେଣ୍ଟାଲୋ, କଟରପଡ଼ା ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ୨ ପଞ୍ଚାୟତର ସଙ୍ଗମସ୍ଥଳ ସାଙ୍କିଲୋଠାରେ ଚାଲୁଛି। ତେବେ ଠିକାଦାର ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ସ୍ଥାନରେ ଗୃହ ନିର୍ମାଣ କରିବା ପରିବର୍ତ୍ତେ ଅନ୍ୟ ଏକ ସ୍ଥାନରେ ନିର୍ମାଣ କରୁଥିବା ଅଭିଯୋଗ କରି ସମିତିସଭ୍ୟା ସ୍ୱାଗତିକା ନାୟକଙ୍କ ନେତୃତ୍ୱରେ ବୁଧବାର ଧାରଣା ଦିଆଯାଇଥିଲା। ଏହି ଗୃହକୁ ଯିବା ନିମନ୍ତେ କୌଣସି ରାସ୍ତା ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଅପରପକ୍ଷେ ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ସପକ୍ଷରେ କଟରପଡା ଗ୍ରାମର ବହୁ ବରିଷ୍ଠ ନାଗରିକ ତହସିଲଦାରଙ୍କୁ ଭେଟି କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିବେଦନ କରିଥିବା ଜଣାପଡ଼ିଛି। ତେବେ ପ୍ରଶାସନ ତରଫରୁ ଏହି ସମସ୍ୟାର କୌଣସି ସମାଧାନ କରାଯାଉ ନ ଥିବା ଅଭିଯୋଗ କରି ଧାରଣାକାରୀମାନେ ଗୁରୁବାର ସନ୍ଧ୍ୟା ୫ଟାରୁ ତହସିଲ କାର୍ଯ୍ୟାଳୟର କୌଣସି କର୍ମଚାରୀଙ୍କୁ ବାହାରକୁ ଛାଡ଼ି ନ ଥିଲେ। ତହସିଲଦାର ଅନିତା ନାୟକ ଏନେଇ ବିଡିଓ ବିରଞ୍ଚି ନାରାୟଣ ବେହେରା, ଥାନା ଅଧିକାରୀ ଯୁଗଳ କିଶୋର ଦାସ ଓ ବ୍ଲକ ସହକାରୀ ଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ରଙ୍କୁ ତହସିଲ କାର୍ଯ୍ୟାଳୟକୁ ଡକାଇଥିଲେ। ଏହାପରେ ତହସିଲଦାରଙ୍କ ପ୍ରକୋଷ୍ଠରେ ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିଲା। ପରେ ଧାରଣାରେ ବସିଥିବା ଲୋକଙ୍କ ପ୍ରତିନିଧି ହିସାବରେ ସୁଶାନ୍ତ ନାୟକଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା। ସେଠାରେ କଥା କଟାକଟି ହେବା ସହ ଧାରଣାକାରୀମାନେ ନିଜ ଜିଦରେ ଅଟଳ ରହିଥିଲେ। ଏଥିସହ ଆସିଥିବା ଅଧିକାରୀମାନଙ୍କୁ ମଧ୍ୟ ଛାଡ଼ି ନଥିଲେ। ଖବରପାଇ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଏନେଇ ଉତ୍ତେଜନାମୂଳକ ପରିସ୍ଥିତ ସୃଷ୍ଟି ହୋଇଥିଲା। ଶେଷରେ ରାତି ପ୍ରାୟ ୧୧ଟା ୧୫ରେ ଧାରଣା ପ୍ରତ୍ୟାହୃତ ହୋଇଛି। ୧୦ ଦିନ ଭିତରେ ଉପସ୍ୱାସ୍ଥ୍ୟକେନ୍ଦ୍ରକୁ ପଥ ଦେଖାଇବା ସହ ଉପଜିଲାପାଳଙ୍କୁ ସମୁଚିତ ଉତ୍ତର ଦିଆଯିବ ବୋଲି ବିଡିଓ ଓ ତହସିଲଦାର ମିଳିତ ଭାବେ ପ୍ରତିଶ୍ରୁତି ଦେବା ପରେ ଧାରଣାକାରୀମାନେ ହଟିଥିଲେ।



ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

### ବିବାଦୀୟ ସ୍ଥାନରେ ଉପସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଘଟଣା

### ବିଡିଓ, ତହସିଲଦାରଙ୍କ ମିଳିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

## ସଂକ୍ଷେପରେ

### ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରରୁ ଚୋରି ଘଟଣା: ୪ ଗିରଫ

ଖୋର୍ଦ୍ଧା,୨୮।୩ (ପ୍ରଭାତ ପାଣିଗ୍ରାହୀ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଚୋରି ଘଟଣାରେ ଶିଳ୍ପାଞ୍ଚଳ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଟଣୀ ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଗ୍ରାମର ସଫତ ଖାନ(୪୧) ଓ ବୁଧିଆ କାଣ୍ଡି (୩୦), ବାଛରାପାଟଣାର ପିଣ୍ଟୁ ନାୟକ(୨୮) ଓ ରାଜା ବଜାରର ବିମଳ ସିଂ(୩୪)। ଏମାନଙ୍କଠାରୁ ଏକ ଇନଭର୍ଟର, ହାରମୋନିୟମ ଓ ମାଇକ ମେଶିନ ଜବତ ହୋଇଛି। ସୂଚନା ମୁତାବକ, ଗତ ୨୫ ତାରିଖ ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ସାମଗ୍ରୀ ଚୋରି କରିନେଇଥିଲେ। ଏନେଇ ମନ୍ଦିର ସଦସ୍ୟ ରମାକାନ୍ତ ପାଟଯୋଶୀଙ୍କ ଅଭିଯୋଗକ୍ରମେ ଶିଳ୍ପାଞ୍ଚଳ ଥାନା ପୋଲିସ ଏକ ମାମଲା (ନଂ.୭୨/୨୪)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାରମ୍ବାର ଉକ୍ତ ମନ୍ଦିରରୁ ଚୋରି ହେଉଥିବାରୁ ଏସ୍‌ପି ବି.ଯୁଗୋଳ କିଶୋରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସ୍‌ଡିପିଓ ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଥାନା ଅଧିକାରୀ ଗାୟତ୍ରୀ ମିଶ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରିଥିଲେ। ଏହି ଚଢ଼ାଉରେ ଥାନା ଅଧିକାରୀ ମିଶ୍ରଙ୍କ ସମେତ ଏସ୍‌ଆଇ ବାସୁଦେବ ଜୟସିଂ, ଏସ୍. ମହାନ୍ତି, ବି.କେ. ପ୍ରତାପ ସିଂ ପ୍ରମୁଖ ସାମିଲ ଥିଲେ।

### ମନ୍ଦିର ଦାନବାକ୍ସରୁ ଟଙ୍କା ଚୋରି ଘଟଣା, ଅଭିଯୁକ୍ତ ଗିରଫ

କଟକ ସଦର, ୨୮।୩(ସୁଶାନ୍ତ କୁମାର ଜେନା)– ୪୨ ମୌଜା ଥାନା ଅନ୍ତର୍ଗତ କଳପଡା ସାଇ ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି କରିବା ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କଜଳପୁର ଗ୍ରାମର ରମାକାନ୍ତ ଭୋଇ(୩୫)। ତାଙ୍କଠାରୁ ୧୩୫୫ ଟଙ୍କା ଜବତ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତ ଜଣକ ମନ୍ଦିରର ଦାନବାକ୍ସ ଭାଙ୍ଗି ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୯୯/୨୪) ରୁଜୁ କରିଥିଲା।




ଗୁଡ୍ ଫ୍ରାଇଡେ ଉପଲକ୍ଷେ ଶୁଭେଚ୍ଛା ଜଣାଇ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

# ୨ ଦୋଷୀଙ୍କୁ ବର୍ଷେ ଲେଖାଏ, ଜଣଙ୍କୁ ୧୦ ମାସ ଜେଲ

ଭୁବନେଶ୍ୱର,୨୮।୩(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ–ଟେର ବିଚାରପତି ପୂଜା ଜୈନ୍ ନୟାପଲ୍ଲୀ ଥାନାର ଏକ ସୁନାଚେନ୍ ଲୁଟ୍ ଓ ଚୋରି ମାମଲାର ବିଚାର କରି ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଲୁଟ୍ ମାମଲାରେ ରକେଟ ଓରଫ ସନ୍ତୋଷ ନାୟକ ଓ ରଶ୍ମି ରଞ୍ଜନ ନାୟକଙ୍କୁ ବର୍ଷେ ଲେଖାଏ ଜେଲଦଣ୍ଡ ହୋଇଛି। ସେହିପରି ଚୋରି ମାମଲାରେ ଅଖି ଓରଫ ପ୍ରଶାନ୍ତ ଭୋଇଙ୍କୁ ୧୦ ମାସ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ଉଭୟ ମାମଲାରେ ଅଭିଯୁକ୍ତମାନଙ୍କୁ ୫୦୦ ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି।

ଜୟଦେବ ବିହାର ଏନ୍–୫ ଅଞ୍ଚଳରେ ରହୁଥିବା ନିବେଦିତା ପ୍ରଧାନ ୨୦୨୩ ଏପ୍ରିଲ ୧୮ ସନ୍ଧ୍ୟାରେ ସ୍ଥାନୀୟ ପାର୍କରୁ ଘରକୁ ଫେରୁଥିବାବେଳେ ରକେଟ ଓ ରଶ୍ମି ଏକ ବାଇକରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୧୯୪/୨୦୨୩) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ସେହିପରି ଇସ୍କନ ମନ୍ଦିର ପଛ ପାଖରେ ରହୁଥିବା ମଳୟ କୁମାର ନାୟକ ୨୦୨୩ ଜୁନ ୭ ସନ୍ଧ୍ୟାରେ ଇସ୍କନ ମନ୍ଦିର ପରିଦର୍ଶନରେ ଯାଇଥିବାବେଳେ ଭିଡ଼ର ସୁଯୋଗ ନେଇ ଅଖି ତାଙ୍କ ପକେଟ୍‌ରୁ ମୋବାଇଲ ଚୋରିକରି ନେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୨୪୩/୨୦୨୩) ରୁଜୁ କରି ଅଖିଙ୍କୁ ଗିରଫ କରିଥିଲା। ଏହି ମାମଲାଦ୍ୱୟକୁ ସରକାରଙ୍କ ପକ୍ଷରୁ ସହାୟକ ପବ୍ଲିକ ପ୍ରସିକ୍ୟୁଟର କଳ୍ପତରୁ ସାହୁ, ସରୋଜ କୁମାର ସ୍ୱାଇଁ ଏବଂ ସବିତା ଚୌଧୁରୀ ପରିଚାଳନା କରିଥିଲେ।

### ସୁନାଚେନ୍ ଲୁଟ୍, ଚୋରି ମାମଲା

# ବସ୍ ଧକ୍କାରେ ଜୈନ ସନ୍ନ୍ୟାସିନୀ ମୃତ

ଫୁଲନଖରା,୨୮।୩(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର–କଟକ ୧୬ ନମ୍ବର ଜାତୀୟ ରାଜପଥର ବମ୍ଫକୁଦ ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଜୈନ ସନ୍ନ୍ୟାସିନୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିରଦ ଶ୍ରୀ ମାତାଜୀ(୮୦)। ମିଳିଥିବା ସୂଚନା ଅନୁଯାୟୀ, ମାତାଜୀ ଜୈନ ଧର୍ମ ପ୍ରଚାର ପାଇଁ ଚାଲି ଚାଲି ଭାରତ ଭ୍ରମଣ କରୁଥିଲେ। ତାଙ୍କ ସହ ୬ ଜଣ ସନ୍ନ୍ୟାସିନୀ ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଦିଗାମ୍ବର ଜୈନ ଆଶ୍ରମରୁ ବାହାରି ଗୁରୁବାର କଟକ ଚୌଧୁରୀ ବଜାରସ୍ଥିତ ଦିଗାମ୍ବର ଜୈନଧର୍ମ ଆଶ୍ରମ ଅଭିମୁଖେ ଯାଉଥିଲେ। ଏହି ସମୟରେ ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ବସ୍ ପଛରୁ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡିଯିବାରୁ ବସ୍ ଚକ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଜାତୀୟ ରାଜପଥରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ କଟକ ସଦର ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିଛି।

### ଚାଲି ଚାଲି ଭାରତ ଭ୍ରମଣ କରୁଥିଲେ

# ଭିଜିଲାନ୍ସ କୋର୍ଟରେ ଅବସରପ୍ରାପ୍ତ ଆର୍‌ଆଇ ଦଣ୍ଡିତ

କଟକ,୨୮।୩ (କାର୍ତ୍ତିକ ସାହୁ)

ଯାଜପୁର ଜିଲା ବରୀ ତହସିଲ ଅନ୍ତର୍ଗତ ମଦାରି ସର୍କଲର ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଖଗେଶ୍ୱର କବି କଟକ ସ୍ୱତନ୍ତ୍ର ଜଜ୍ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୫୦୦୦ ଟଙ୍କା ଜରିମାନା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲାଞ୍ଚ ନେବାବେଳେ ଖଗେଶ୍ୱର ଭିଜିଲାନ୍ସ ହାତରେ ଧରାପଡିଥିଲେ। ସେତେବେଳେ ସେ ସହକାରୀ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଅଭିଯୁକ୍ତ ଜଣଙ୍କ ୫ଟି ମ୍ୟୁଟେଶନ ମାମଲାରେ ଭେରିଫିକେଶନ ରିପୋର୍ଟ ପ୍ରଦାନ ପାଇଁ ଲାଞ୍ଚ ଗ୍ରହଣ କରିଥିଲେ। ଓଡ଼ିଶା ଭିଜିଲାନ୍ସ ଏବେ ଅଭିଯୁକ୍ତଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ପ୍ରାଧିକୃତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟକୁ ଯିବ ବୋଲି ସୂଚନା ଦିଆଯାଇଛି।

### ୨ ବର୍ଷ ଜେଲଦଣ୍ଡ, ଜରିମାନା

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ଦିଲୀପ



@ ସଞ୍ଜୟ



@ ସତ୍ୟନାରାୟଣ



@ ଶ୍ରୀଦତ୍ତ



@ ସୁରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁବାର ମଞ୍ଚସ୍ଥ ନାଟକ 'ଅଜାତି' ର ଏକ ଦୃଶ୍ୟ।

# ନାଟକ 'ଅଜାତି'ର ନିର୍ଦ୍ଦେଶକ ବିକାଶ ଦତ୍ତ ସମ୍ମାନିତ

ପୁରୀ, ୨୮।୩(ଅଜିତ୍ ମହାନ୍ତି)

ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସର ଦ୍ୱିତୀୟ ସନ୍ଧ୍ୟାରେ ଗୁରୁବାର ନାଟକ 'ଅଜାତି' ମଞ୍ଚସ୍ଥ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ଭଗବାନ ସୁଆର, ଆର୍ତ୍ତତ୍ରାଣ ଶତପଥୀ, ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଶକ୍ତିପ୍ରସାଦ ମହାନ୍ତି, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରସନ୍ନ କୁମାର ମିଶ୍ର, ଲକ୍ଷ୍ମୀଧର ପୂଜାପଣ୍ଡା ଏବଂ ରାଧେଶ୍ୟାମ ରଥ ଯୋଗଦେଇଥିଲେ। ଏହି ଅବସରରେ ଅଜାତିର ନିର୍ଦ୍ଦେଶକ ବିକାଶ ଦତ୍ତଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମୀର ଶତପଥୀ, ଭାରତୀ ମହାପାତ୍ର, ପ୍ରତାପ କୁମାର ସାହୁ, ସବିତା ହରିଚନ୍ଦନ, ଶୁଭସ୍ମିତା ରାଉତରାୟ, ମନିଷା ମହାନ୍ତି, ପ୍ରଦୀପ ପ୍ରଧାନ, ବିକାଶ ଦତ୍ତ, ରବି ନାରାୟଣ ତ୍ରିପାଠୀ, ଦୀପକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ବ୍ୟବସ୍ଥିତ ହୋଇପାରୁନି ମହାପ୍ରଭୁଙ୍କ ଦର୍ଶନ

### ୪ ଦ୍ୱାର ଖୋଲାଯିବାକୁ ଦାବି

ପୁରୀ,୨୮।୩(ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ଦ୍ୱାରା ପରିକ୍ରମା ପ୍ରକଳ୍ପ ନିର୍ମାଣ ପରେ ଶ୍ରୀକ୍ଷେତ୍ରକୁ ଭକ୍ତଙ୍କ ସୁଅ ଛୁଟୁଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଆସୁଥିବା ଭକ୍ତ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହିଭଳି ଖରା, ବର୍ଷାକୁ ଦୃଷ୍ଟିରେ ରଖି ଏସି ବ୍ୟାରିକେଡ ନିର୍ମାଣ କରାଯିବା ସହ ବିଶ୍ରାମ ବ୍ୟବସ୍ଥା ହୋଇଛି। ପୁରୀବାସୀଙ୍କ ସୁବିଧା ନିମନ୍ତେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ଦର୍ଶନ ସୁବିଧା କରାଯାଇଛି। ତେବେ ପ୍ରତିଦିନ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗହଳି ହେଉଥିବାରୁ ବାହାରୁ ଆସୁଥିବା ଭକ୍ତମାନେ ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କରିବାକୁ ଭିଡ଼ ଜମାଉଛନ୍ତି। ସମ୍ପ୍ରତି କେବଳ ସିଂହଦ୍ୱାର ଦେଇ ବାହାର ଭକ୍ତଙ୍କୁ ଛଡାଯାଉଛି। ଅନ୍ୟ ୩ ଦ୍ୱାର ଦେଇ ପ୍ରବେଶ ଉପରେ କଟକଣା ରହିଛି। ୪ ଦ୍ୱାର ଖୋଲିବା ଦାବିରେ ପୂର୍ବରୁ ପୁରୀବାସୀଙ୍କ ସହ କିଛି ଅନୁଷ୍ଠାନ ଆନ୍ଦୋଳନ କରିଥିଲେ। ଫଳରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପରେ ୪ ଦ୍ୱାର ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଜାନୁଆରୀ ୧୭ରୁ ପରିକ୍ରମା ମାର୍ଗ ଲୋକାର୍ପଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ୪ ଦ୍ୱାର ଖୋଲିଲା ନାହିଁ। ଅପରପକ୍ଷରେ ପୁରୀ ବାସିନ୍ଦାଙ୍କ ପାଇଁ କେବଳ ପଶ୍ଚିମ ଦ୍ୱାର ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ତେଣୁ ପୁରୀବାସୀ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରୁଛନ୍ତି। ମାତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି ଯେ, ପଶ୍ଚିମଦ୍ୱାର ପଟେ ଅନ୍ୟ ଭକ୍ତ ପ୍ରବେଶ କରୁଛନ୍ତି। ତେଣୁ ସ୍ଥାନୀୟ ଭକ୍ତ ଘଣ୍ଟା ଘଣ୍ଟା ଧରି ପଶ୍ଚିମ ଦ୍ୱାରଠାରେ ଠିଆ ହୋଇ ରହୁଛନ୍ତି। ସେହିଭଳି ଅନେକ ସେବାୟତ ସେମାନଙ୍କ ଯାତ୍ରୀମାନଙ୍କୁ ପଶ୍ଚିମଦ୍ୱାର ଦେଇ ପ୍ରବେଶ କରାଉଥିବା ଅଭିଯୋଗ ହେଉଛି।



ଅତୀତରେ ଜଣେ ପୋଲିସ କର୍ମଚାରୀ ଟଙ୍କା ନେଇ ଲୋକଙ୍କୁ ପଶ୍ଚିମଦ୍ୱାର ଦେଇ ଛାଡିଥିବା ନଜରକୁ ଆସିଥିଲା। ଏହା ଜଣାପଡିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେହିପରି ଏସି ବ୍ୟାରିକେଡ୍‌ରେ ଭକ୍ତ ଯିବାର ବ୍ୟବସ୍ଥା ହୋଇଥିବାବେଳେ ପୋଲିସ ପକ୍ଷରୁ ଦୋଳବେଦି ନିକଟରେ ବ୍ୟାରିକେଡ୍ କରି ସିଲ କରାଯାଇଛି। ଫଳରେ ସାହି ବାସିନ୍ଦାଙ୍କ ପାଇଁ ବଡ଼ଦାଣ୍ଡକୁ ଆସିବା କଷ୍ଟକର ହୋଇପଡୁଛି। ଆବଶ୍ୟକ କାର୍ଯ୍ୟ ପାଇଁ ସେମାନଙ୍କୁ ବୁଲି ବୁଲି ଆସିବାକୁ ପଡୁଛି। ଏ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ, ଦୋଳବେଦି କୋଣ, ଶ୍ରୀକୃଷ୍ଣ ସିନେମା ହଲ ଛକ ରାସ୍ତାକୁ ଅନେକ ସମୟରେ ପୋଲିସ ସିଲ କରିଦେଉଛି। ଫଳରେ ମାର୍କଣ୍ଡେଶ୍ୱର ସାହି, ଚୂଡ଼ଙ୍ଗ ସାହି, ବାସେଳି ସାହି, ନୂଆପାଟଣା ଗଳି, ମିଶ୍ର ସାହି ପ୍ରଭୃତି ସାହିର ବାସିନ୍ଦା ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ସେହିଭଳି ଅନେକ ସମୟରେ ଭକ୍ତମାନେ ବ୍ୟାରିକେଡରେ ନ ଆସି ଦୋଳବେଦିଠାରେ ନିର୍ମାଣ ହୋଇଥିବା ବ୍ୟାରିକେଡରୁ ପଶି ଦର୍ଶନ ପାଇଁ ଠିଆ ହେଉଛନ୍ତି। ପୋଲିସ ସେମାନଙ୍କୁ ଛାଡୁ ନ ଥିବା ବେଳେ ଟ୍ରାଫିକ ସମସ୍ୟା ଦେଖାଦେଉଛି। ସେହିପରି ଶ୍ରୀଦାଣ୍ଡ ଦେଇ ଗାଡ଼ିମୋଟର ନ ଛାଡ଼ିବାରୁ ବ୍ୟାରିକେଡ ସମୟରେ ଦୋଳବେଦିଠାରେ ଟ୍ରାଫିକ ଜାମ ହେଉଛି। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ ଭୂତଳ ରାସ୍ତା ନିର୍ମାଣ କରାଯିବାକୁ ଯୋଜନା ହେଉଥିବା ସୂଚନା ମିଳିଛି।

# ସନାତନ ଭାଜପାରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

## ଚମ୍ପୁଆ ବିଧାନସଭା ନିର୍ବାଚନମଣ୍ଡଳୀ

କେନ୍ଦୁଝର,୨୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପ୍ରଥମେ କଂଗ୍ରେସ, ପରେ କଂଗ୍ରେସ ଛାଡ଼ି ସ୍ୱାଧୀନ ପ୍ରାର୍ଥୀ ଭାବରେ ଛିଡ଼ା ହୋଇ ଚମ୍ପୁଆ ବିଧାୟକ ହେଲେ। ଚଳିତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବିଜେଡିରେ ମିଶିବା ନେଇ ଆଲୋଚନା ହେଉଥିବା ବେଳେ ଏବେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଛି। ଆଲୋଚନା ପରେ ଭାଜପା ନେତା ଓ କର୍ମୀ ଉତ୍ସାହିତ ରହିଛନ୍ତି। ଏଣେ ମିଶ୍ରଣରେ ବିଳମ୍ବ ହେଉଥିବାରୁ ଜିଲାର ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଘଟୁଛି ବୋଲି ଆଲୋଚନା ହେଉଛି।

ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ ଜିଲାର ଜଣେ ଚର୍ଚ୍ଚିତ ଚେହେରା। ଜିଲାରେ ରାଜନୈତିକ କ୍ଷେତ୍ରରେ ସନାତନଙ୍କ ଦବ୍‌ଦବା ସବୁବେଳେ ରହିଛି। ଏଣୁ ସବୁ ଦଳର ନେତା ତାଙ୍କ ସହିତ ସୁ-ସମ୍ପର୍କରେ ଥିବା କୁହାଯାଉଛି। ତାଙ୍କର କୌଣସି କାର୍ଯ୍ୟକ୍ରମ ହେଲେ ସବୁ ଦଳର ନେତା ମାନେ ସାମିଲ ହୋଇଥାନ୍ତି। ଗତ ନିର୍ବାଚନରେ ବିଜେଡି ସହିତ ବୁଝାମଣା କରି ନିର୍ବାଚନରୁ ଦୂରେଇ ରହିଥିବା ସନାତନ ଚଳିତ ନିର୍ବାଚନକୁ ହାତଛଡା କରିବାକୁ ଚାହୁ ନାହାନ୍ତି। ତାଙ୍କର ୨ ସମର୍ଥିତଙ୍କୁ ଲୋକସଭା ଓ ଚମ୍ପୁଆ ବିଧାନସଭା ବିଜେଡି ପ୍ରାର୍ଥିନୀ କରିଥିବା ବେଳେ ସେମାନେ ଜିତିଥିଲେ। ତେବେ ନିର୍ବାଚନ ଜିତିବା ପରେ ସେମାନଙ୍କ ଆଭିମୁଖ୍ୟକୁ ନେଇ ସେ ଅସନ୍ତୁଷ୍ଟ ଥିଲେ। ଏଣୁ ସେ ଚଳିତ ବର୍ଷ ନିର୍ବାଚନ ଲଢ଼ିବେ ଏବଂ ପ୍ରାର୍ଥୀ ଦେବେ ବୋଲି ବହୁ ଆଗରୁ ନିଷ୍ପତ୍ତି ନେଇଥିବା ସମର୍ଥକମାନେ ପ୍ରଚାର କରିଥିଲେ। ପ୍ରଥମେ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲା। ବୁଝାମଣାରେ


ସନାତନ ମହାକୁଡ଼

କୌଣସି ସମସ୍ୟା ଦେଖାଦେବାରୁ ପରେ ଆଲୋଚନା ଶିଥିଳ ପଡ଼ିଯାଇଥିଲା। ଏବେ ସେ ଭାଜପାରେ ଯୋଗଦେବା ଫାଇନାଲ ହୋଇଛି। ସେ ନିଜେ ଲଢ଼ିବେ ଏବଂ ତାଙ୍କ ସମର୍ଥିତ ପ୍ରାର୍ଥୀ, ପ୍ରାର୍ଥିନୀଙ୍କୁ ଜିତାଇବାକୁ ସମର୍ଥନ କରିବେ ବୋଲି ସମର୍ଥକମାନେ କହୁଛନ୍ତି। ଭାଜପାରେ ମିଶିବା ନେଇ କେତେକ ଭାଜପା ନେତା ସ୍ୱାଗତ କରୁଥିବା ବେଳେ କେତେକ ଅସନ୍ତୋଷ ବ୍ୟକ୍ତ ମଧ କରୁଛନ୍ତି। ତେବେ ତାଙ୍କୁ ଦଳରେ ସାମିଲ କରାଗଲେ ଦଳ ଲାଭବାନ ହେବ, ଏହି ଆଶାରେ ଭାଜପାର କେତେକ ରାଜ୍ୟସ୍ତରୀୟ ନେତା ମଧ ଦଳରେ ସାମିଲ କରିବାକୁ ବହୁ ଆଗରୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ସେ ଭାଜପାରେ ଯୋଗଦେଲେ ଚମ୍ପୁଆ ସିଟ୍ ପାଇଁ ଦାବିଦାର ହେବେ। ଏହି ଆଶଙ୍କା କରି ଚମ୍ପୁଆର ଆଶାୟୀ ମୁରଲୀ ମନୋହର ଶର୍ମାଙ୍କ ଶିବିରରେ ଛନକା ପଶିଯାଇଛି। ବାରମ୍ବାର ହାରିବା ସତ୍ତ୍ୱେ ଚମ୍ପୁଆ ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବା ଆଶା ମୁରଲୀ ଛାଡ଼ିନାହାନ୍ତି। ତେବେ ତାଙ୍କ ସ୍ଥିତି ଭଲ ନ ଥିବାରୁ ଦଳର ଶୀର୍ଷ ନେତାମାନେ ବୋଧହୁଏ ସନାତନଙ୍କୁ ଦଳରେ ସାମିଲ କରି ସିଟ ହାତେଇବାକୁ ଉଦ୍ୟମ କରୁଛନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି। ସନାତନ ପ୍ରାର୍ଥୀ ହେଲେ କଡ଼ା ଟକ୍କର ହେବ। ଖଣିଖାଦାନ ସମୃଦ୍ଧ ଧନଶାଳୀ ଚମ୍ପୁଆ ନିର୍ବାଚନମଣ୍ଡଳୀ ହାତେଇବାକୁ ସବୁ ଦଳ ଉଦ୍ୟମ କରୁଛନ୍ତି। ଏଥିରେ ଅଛପା ନାହିଁ। ଏଣୁ ଚଳିତ ନିର୍ବାଚନରେ ଚମ୍ପୁଆରୁ ସନାତନ ଓ ମୁରଲୀଙ୍କ ବ୍ୟତୀତ ବିଜେଡିରୁ କୁଶ ଆପଟ, ଜିତୁ ପଟ୍ଟନାୟକ, ବର୍ତ୍ତମାନର ବିଧାୟିକା ମୀନାକ୍ଷୀ ମହାନ୍ତ ଓ ତାଙ୍କ ସ୍ୱାମୀ ଭଳି ପାୱାରଫୁଲ ନେତାମାନେ ଆଶାୟୀ ହୋଇ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ତେବେ ଖଣିବ୍ୟବସାୟରେ ଲିପ୍ତ ଥିବା ଏବଂ ପୂର୍ବରୁ ବହୁ ମାମଲାରେ ଫସି ଥିବା କୁଶଙ୍କୁ ବିଜେଡି ଦଳ ଟିକେଟ ଦେଇ ନ ଥିଲା। ଏପରିକି ଦଳ ବିରୋଧରେ ଯାଇ ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢ଼ି ହାରିଥିବା କୁଶଙ୍କୁ ନିଲମ୍ବନ ହେବାକୁ ପଡ଼ିଥିଲା। ଏଣୁ ପୁଣି ଥରେ କୁଶ ଆଶାବାଦୀ ଥିବା ବେଳେ ତାଙ୍କୁ ଦଳ ପୁଣି କେଉଁ ଆଧାରରେ ଦେବ ଏବଂ ବିରୋଧୀଙ୍କୁ ଚୁପ କରିବ ତାହା ଦେଖିବାକୁ ସମସ୍ତେ ଚାହିଁ ରହିଛନ୍ତି। ସେହିପରି ବିଜେଡିର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ ମଧ ଆଶାୟୀ ରହିଥିବା ବେଳେ ଦଳ କାହାକୁ ପ୍ରାର୍ଥୀ କରିବ ତାହା ମଧ ଘୋଷଣା ଅପେକ୍ଷା ରହିଛି।

# କଂଗ୍ରେସରୁ ୯ ଆଶାୟୀ

## ଧାମନଗର ବିଧାନସଭା କ୍ଷେତ୍ର

ତିହିଡ଼ି,୨୮।୩ (ସଞ୍ଜିତ ବଳ)

ଭଦ୍ରକ ଜିଲା ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ଚିନ୍ତାରେ ଅଛି। ଏପରି ସ୍ଥଳେ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତିହିଡ଼ି ବ୍ଲକର ୩ଜଣଙ୍କ ସମେତ ମୋଟ ୯ଜଣ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଜଣାଯାଇଛି। ନିର୍ବାଚନମଣ୍ଡଳୀରେ କଂଗ୍ରେସ ଭୋଟରଙ୍କ ସଂଖ୍ୟା ନଗଣ୍ୟ ଥିବାବେଳେ ପ୍ରାର୍ଥୀ ହେବାକୁ ଏତେ ସଂଖ୍ୟାରେ ଆଶାୟୀ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ।

ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଗୁଡୁପାଳ ଗ୍ରାମର ପୀତାମ୍ବର ସେଠୀ, ବାରୋ ପଞ୍ଚାୟତ ଶାଶନଖାସ ଗ୍ରାମର ପ୍ରଦୀପ କୁମାର ଦାସ ଓ ବାମନବିନ୍ଧା ପଞ୍ଚାୟତର ଭାସ୍କର ସେଠୀଙ୍କ ସମେତ ମଧୁମିତା ସେଠୀ, ହୃଦାନନ୍ଦ ସେଠୀ, ପଞ୍ଚାନନ ମଣ୍ଡଳ, କୁମାର ଚିରଞ୍ଜୀବୀ, ରଞ୍ଜନ ବେହେରା ଓ ଜାନକୀ ଦାସ ପ୍ରାର୍ଥୀ ହେବାକୁ ଆଶାୟୀ ଥିବା ଜଣାପଡ଼ିଛି। ପୀତାମ୍ବର ୧୯୭୩ରେ ବ୍ଲକ କଂଗ୍ରେସ କମିଟିରେ ସଦସ୍ୟ ଭାବେ ଯୋଗ ଦେଇଥିଲେ। ୧୯୯୦ ସାଧାରଣ ନିର୍ବାଚନରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ଏବଂ ୨୦୧୯ରେ ଭଦ୍ରକ ଲୋକ ସଭା ଆସନରେ ଏମ୍‌ପି ପ୍ରାର୍ଥୀ ହୋଇ ସ୍ୱାଧୀନ ଭାବେ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ନିର୍ବାଚନମଣ୍ଡଳୀର ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସେ ନିଜକୁ ନିୟୋଜିତ କରିଥିବାରୁ ଟିକେଟ ପାଇଲେ ସେ କଡ଼ା ଟକ୍କର ଦେଇପାରିବେ ବୋଲି ଆଶାବାଦୀ ଅଛନ୍ତି। ସେହିପରି ଶିକ୍ଷକତାରୁ ଅବସର ନେଇଥିବା ପ୍ରଦୀପ କଂଗ୍ରେସ ପରିବାରର। ପ୍ରାର୍ଥୀ ହେଲେ ଆଶାନୁରୂପ ସଫଳତା ପାଇପାରିବେ ବୋଲି ପ୍ରଦୀପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟ ପ୍ରାର୍ଥୀମାନେ ମଧ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବାରୁ ଟିକେଟ ପାଇବାକୁ ଆଶା ବାନ୍ଧି ରହିଛନ୍ତି।

# ଅନସୂୟାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ, ୧୯ କାଉନସିଲରଙ୍କ ଇସ୍ତଫା

ରାୟଗଡ଼ା,୨୮।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବିଧାନସଭା ଆସନ ପାଇଁ ବିଜେଡି ଅନସୂୟା ମାଝିଙ୍କ ନାମ ଘୋଷଣା କରିବା ପରେ ଦଳରେ ଅନ୍ତକନ୍ଦଳ ସୃଷ୍ଟି ହୋଇଛି। ତାଙ୍କ ପ୍ରାର୍ଥୀତ୍ୱକୁ ଦଳର ସିଂହଭାଗ ନେତା ଓ ନେତ୍ରୀ ଗ୍ରହଣ କରିପାରି ନ ଥିବା ଦେଖିବାକୁ ମିଳିଛି। ଫଳରେ ଗଣଇସ୍ତଫା ଦେଇଛନ୍ତି ଦଳର ବରିଷ୍ଠ, ମହିଳା ଓ ଯୁବନେତା। ପୌର ପରିଷଦର ୧୯ଜଣ କାଉନସିଲର ଓ ରାୟଗଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ବିଜେଡି ପ୍ରାଥମିକ ସଦସ୍ୟତା ଓ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ନିଜର ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି। ଏଥିସହ ଏହାର ନକଲ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକଙ୍କ ନିକଟକୁ ପଠାଇଥିବା ସୂଚନା ମିଳିଛି। ଏହା ଏବେ ଅନସୂୟାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ସମସ୍ତେ ନିଜ ଇସ୍ତଫାପତ୍ରରେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବିଜେଡି ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଶ୍ରମିତା ପାଢ଼ୀ, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅବିନାଶ ବିଶୋୟୀ ପ୍ରମୁଖ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ସେହିପରି ପୌର ପରିଷଦର ୧୯ଜଣ କାଉନସିଲର ଓ ରାୟଗଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି।

ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ସମସ୍ତ ପ୍ରାର୍ଥୀ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି। ପ୍ରାର୍ଥୀ ଚୟନ କ୍ଷେତ୍ରରେ ସ୍ଥାନୀୟ ନେତା, କର୍ମୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ବିନା ମତାମତରେ କେଉଁ ଆଧାରରେ ପ୍ରାର୍ଥୀ ଚୟନ କରାଯାଇଛି ବୋଲି ଏମାନେ ପ୍ରଶ୍ନ କରିଛନ୍ତି। ଏପରିକି ତୃଣମୂଳ ସ୍ତରରେ କାମ କରୁଥିବା କର୍ମୀ ଓ ପୁରୁଖା ନେତାଙ୍କୁ ଅଣଦେଖା କରି ଦଳ ଏଭଳି ପ୍ରାର୍ଥୀ ଚୟନ କରିଛି ବୋଲି ଅଭିଯୋଗ କରାଯାଇଛି।

ପ୍ରାର୍ଥୀ ଘୋଷଣା ପରେ ଦଳର ବରିଷ୍ଠ, ମହିଳା ଓ ଯୁବନେତାମାନେ ଦଳ ଛାଡ଼ିବା ଆଗାମୀ ଦିନରେ ଦଳ ଉପରେ ବିପରୀତ ପ୍ରଭାବ ପକାଇବା ନେଇ ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି। ଏ ନେଇ ବିଜେଡି ଜିଲା ସଭାପତି ସୁଧୀର ଦାସଙ୍କୁ ପଚାରିବାରୁ ବିଜେଡି ଏକ ଶୃଙ୍ଖଳିତ ଦଳ ଏବଂ ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା କରିଛନ୍ତି। ଦଳରୁ ଇସ୍ତଫା ଦେଇଥିବା ନେତାଙ୍କ ବିଷୟରେ ବିଚାର କରାଯିବ ବୋଲି ସେ କହିଛନ୍ତି।


ରାୟଗଡ଼ାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକା, ଜିଲା ସଭାନେତ୍ରୀ ଶ୍ରମିତା ପାଢ଼ୀ ଓ ଅନ୍ୟମାନେ।

# 'ନୋଟାରେ ଦେବୁ ପଛେ ଅପରାଜିତାଙ୍କୁ ନୁହଁ'

ଖୋର୍ଦ୍ଧା,୨୮।୩(ପ୍ରଭାତ ପାଣିଗ୍ରାହୀ)

- ଭୁବନେଶ୍ୱରଠୁ ବେଗୁନିଆ ସବୁଠି ବିରୋଧ
- ଏକାଠି ହେଲେ କର୍ମୀ, ତୀବ୍ର ସମାଲୋଚନା

ଭୁବନେଶ୍ୱରରୁ ବେଗୁନିଆ ଏବେ ସବୁଠି ଭାଜପାର ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧ କରାଯାଉଛି। ଭାଜପା ପକ୍ଷରୁ ଲୋକ ସଭା ପ୍ରଥମ ପର୍ଯ୍ୟାୟ ତାଲିକାରେ ଭୁବନେଶ୍ୱର ଆସନରୁ ଅପରାଜିତା ଟିକେଟ ପାଇବା ପରେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯାଇଥିଲେ। ସେଠାରେ ଲିଙ୍ଗରାଜ ମନ୍ଦିର ସେବାୟତ ତାଙ୍କୁ ବିରୋଧ କରିଥିଲେ। ଲିଙ୍ଗରାଜ ମନ୍ଦିର ପାଇଁ କ'ଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏପରିକି ସେବାୟତଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ ଆଇନକୁ କାହିଁକି ସେ ବିରୋଧ କରୁଛନ୍ତି ବୋଲି କେତେଜଣ ସେବାୟତ ଗଣମାଧ୍ୟମ ଆଗରେ କହିଥିଲେ।

ସେପଟେ ବେଗୁନିଆ ନିର୍ବାଚନମଣ୍ଡଳୀର ଭାଜପାର ଏକ ଗୋଷ୍ଠୀ କ୍ରମାଗତଭାବେ ଅପରାଜିତାଙ୍କୁ ବିରୋଧ କରିଆସୁଛନ୍ତି। ଗତ ବୁଧବାର ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମା'ବରମୂଳେଇ ପୀଠଠାରେ ବେଗୁନିଆ ଓ ବୋଲଗଡ଼ ବ୍ଲକ ପୁରୁଣା କର୍ମୀ ଏକାଠି ହୋଇଥିଲେ। ଅପରାଜିତା ହଟାଅ, ଭାଜପା ବଞ୍ଚାଅ ବୋଲି ନାରା ଦେଇଥିଲେ। ସଞ୍ଜୟ ଛୁଆଲସିଂଙ୍କ ସଭାପତିତ୍ୱରେ ଧ୍ରୁବଚରଣ ବାହିନୀପତି, ଗୌର ଚରଣ ପ୍ରହରାଜ, ରମେଶ ଚନ୍ଦ୍ର ସାମନ୍ତରାୟ, ହେମନ୍ତ ମାନସିଂ, ନରସିଂହ ସୁନ୍ଦରାୟ, ବିଦ୍ୟାଧର ରାଉତରାୟ, ସନ୍ତୋଷ ବେହେରା, ପ୍ରମୋଦ ରାଉତରାୟ, ଭଗବାନ ପ୍ରଧାନ, ସୁବାସ ସେଠୀ, ଶିବାନନ୍ଦ ମହାନ୍ତଙ୍କ ସମେତ ଏକାଧିକ କର୍ମୀ ଏକାଠି ହୋଇ ଅପରାଜିତାଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ଲାଗି ପ୍ରଧାନମନ୍ତ୍ରୀଭାବେ ନିର୍ବାଚିତ କରିବା ପାଇଁ ମା'ଙ୍କ ନିକଟରେ ସଙ୍କଳ୍ପ ନେଇଥିଲେ। ଅପରାଜିତାଙ୍କ ଦଳ ବିରୋଧୀ, ଏକଛତ୍ରବାଦ, କର୍ମୀ ବିରୋଧୀ ଅପରାଜିତାଙ୍କୁ ହଟାଅ, ଭାଜପା ବଞ୍ଚାଅ ବୋଲି ଆହ୍ୱାନ ଦେଇଛନ୍ତି। ଅପରାଜିତାଙ୍କ ବିରୋଧରେ ବେଗୁନିଆ ଓ ବୋଲଗଡ ବ୍ଲକର ସମସ୍ତ ପଞ୍ଚାୟତର ପ୍ରତି ଘରକୁ ବୁଲି ପ୍ରଚାର କରାଯିବ। ନୋଟାରେ ଭୋଟ ଦେବୁ ପଛେ ଅପରାଜିତାଙ୍କୁ ନୁହଁ ବୋଲି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏମ୍‌ପି ଅପରାଜିତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କଂଗ୍ରେସ ଛାଡ଼ିଲେ ସୁରେନ୍ଦ୍ର ସିଂଭୋଇ



ବଲାଙ୍ଗୀର, ୨୮।୩ (ବୀରେନ୍ଦ୍ର କୁମାର ଝାଙ୍କର)

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଶେଷରେ ପୂର୍ବତନ ମନ୍ତ୍ରୀ ତଥା ଜିଲା କଂଗ୍ରେସ କମିଟି ସଭାପତି ସୁରେନ୍ଦ୍ର ସିଂଭୋଇ ଗୁରୁବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ଜରିଆରେ ସେ ଜାତୀୟ କଂଗ୍ରେସ କମିଟି ସଭାପତିଙ୍କୁ ତାଙ୍କର ଇସ୍ତଫାପତ୍ର ପଠାଇଛନ୍ତି। ଉକ୍ତ ଇସ୍ତଫା ପତ୍ରରେ ସେ ଦଳର ପ୍ରାଥମିକ ସଦସ୍ୟତା, ବଲାଙ୍ଗୀର ଜିଲା କଂଗ୍ରେସ କମିଟି ସଭାପତି, ଏଆଇସିସି ସଦସ୍ୟ ପଦ ଏବଂ କଂଗ୍ରେସ ଦଳରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଇସ୍ତଫା ଦେଇଥିବା ପତ୍ରରେ ଦର୍ଶାଇଛନ୍ତି। ଉକ୍ତ ପତ୍ରରେ ସେ ଦୀର୍ଘ ୩୮ ବର୍ଷ ଧରି କଂଗ୍ରେସ ଦଳ ଏବଂ ରାଜ୍ୟରେ କାର୍ଯ୍ୟ କରିବାର ସୁଯୋଗ ଦେଇଥିବାରୁ ଦଳ ସଭାପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୁରେନ୍ଦ୍ର କଂଗ୍ରେସ ଦଳରୁ ଇସ୍ତଫା ପରେ କିଛିଦିନ ହେଲା ଚାଲିଥିବା ଚାପା ଗୁଞ୍ଜରଣର ଅବସାନ ଘଟିଛି।

କିଛିଦିନ ହେଲା ସୁରେନ୍ଦ୍ର କଂଗ୍ରେସ ଦଳ ଛାଡି ବିଜେଡିରେ ମିଶିବେ ବୋଲି ଖୋଲାଖୋଲି ଚର୍ଚ୍ଚା ହେଉଥିଲା। ଏନେଇ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ପ୍ରତିକ୍ରିୟା ନେଇଥିଲେ ମଧ ଏହାକୁ ସେ ଖଣ୍ଡନ କରିଥିଲେ। ତେବେ ଗୁରୁବାର କଂଗ୍ରେସ ଦଳରୁ ଇସ୍ତଫା ଦେବା ପରେ ସେ ବିଜେଡି ଦଳରେ ମିଶିବେ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା ତାହା ଏକପ୍ରକାର ସ୍ପଷ୍ଟ ହୋଇଛି ବୋଲି ଆଲୋଚନା ହେଉଛି। ତଥ୍ୟଭିଜ୍ଞ ମହଲରୁ ମିଳିଥିବା ସୂଚନା ମୁତାବକ ଶୁକ୍ରବାର ସେ ବିଜେଡିରେ ସାମିଲ ହେବେ।

# ବିଜେଡିରୁ ଇସ୍ତଫା ଦେଲେ ଡମ୍ବରୁ ଶିଶା



ମାଲକାନଗିରି,୨୮।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଡମ୍ବରୁଶିଶା ବିଜୁଜନତା ଦଳର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଥିଲେ। ଗୁରୁବାର ସେ ବିଜେଡି ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ରାଜ୍ୟ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଇସ୍ତଫାପତ୍ର ପଠାଇଥିବା ଚିଠି ମାଧ୍ୟମରେ ଜଣାଇଛନ୍ତି। ପ୍ରକାଶଯେ, ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଶିଶା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ। ଏଥିସହ ସେ ଦୀର୍ଘ ୧୬ ବର୍ଷ ହେଲା ବିଜୁ ଜନତା ଦଳରେ ଜଣେ ସଦସ୍ୟ ଭାବେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇ ଆସୁଥିଲେ। ସେ କେତେକ ବ୍ୟକ୍ତିଗତ ସମସ୍ୟା ଯୋଗୁ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି।

# ବିରଜା ମନ୍ଦିରରେ ପୂଜା ପରେ ସମ୍ବଲପୁର ଗଲେ ପ୍ରଣବ



ଯାଜପୁର ଟାଉନ,୨୮।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବିଧାୟକ ତଥା ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ପାଇଁ ମନୋନୀତ ହୋଇଛନ୍ତି। ଏହି ଘୋଷଣା ପରେ ଗୁରୁବାର ସକାଳେ ସେ ପ୍ରଥମେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ଯାଜପୁରରେ ପହଞ୍ଚିଥିଲେ। ପରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ପହଞ୍ଚି ପୂଜାପାଠ କରି ସମ୍ବଲପୁର ଗସ୍ତ କରିଛନ୍ତି। ତାଙ୍କ ସମ୍ବଲପୁର ଗସ୍ତ ସମୟରେ ଯାଜପୁର ବିଜେଡିର ବହୁ କର୍ମୀ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏଥିରେ ଯାଜପୁର ପୂର୍ବତନ ନଗରପାଳ ଭବପ୍ରସାଦ ଦାସ, ଉପନଗରପାଳ ସନ୍ତୋଷ ମଲ୍ଲିକ, ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର, ଯାଜପୁର ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ଯାଜପୁର ବ୍ଲକ୍ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡା, ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ, ଦିଲୀପ ଜେନା, ପ୍ରକାଶ ତ୍ରିପାଠୀ, ଦେବାଶିଷ ପଣ୍ଡା, ଅନିଲ ସାହାଣୀ, ଗଣେଶ ମହାକୁଡ଼, ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ ଓ ପୂର୍ବତନ ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ରହ ପ୍ରମୁଖ ଯୋଗ ଦେଇଥିଲେ।

# ୧ ଲୋକ ସଭା, ୪ ବିଧାନସଭା ପ୍ରାର୍ଥୀ ଘୋଷଣା କଲା ଏସ୍‌ୟୁସିଆଇ



କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଏସ୍‌ୟୁସିଆଇ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀ।

କଟକ,୨୮।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର କେନ୍ଦ୍ରୀୟ କମିଟି ନିଷ୍ପତ୍ତିକ୍ରମେ ଆସନ୍ତା ନିର୍ବାଚନରେ କଟକ ଲୋକ ସଭା ଆସନରୁ ରାଜକିଶୋର ମଲ୍ଲିକ, କଟକ ସଦର ବିଧାନସଭା ଆସନରୁ ପରମାନନ୍ଦ ସେଠୀ, ଚୌଦ୍ୱାର-କଟକ ଆସନରୁ ଖଗେଶ୍ୱର ସେଠୀ, ବାରବାଟୀ-କଟକ ଆସନରୁ ଅକ୍ଷୟ ରାଉଳ ଓ ବାଙ୍କୀ ନିର୍ବାଚନ ମଣ୍ଡଳୀରୁ ମାଳବିକା ସାମଲ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏନେଇ କଟକ ଗାନ୍ଧୀଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍ଟିର କଟକ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜନସାଧାରଣ ଭଲଭାବରେ ଅବଗତ ଯେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି କେନ୍ଦ୍ର ଓ ରାଜ୍ୟରେ କ୍ଷମତାସୀନ ଦଳଗୁଡ଼ିକର ଜନବିରୋଧୀ ନୀତି ଓ ପଦକ୍ଷେପ ବିରୋଧରେ ଲଗାତର ଗଣଆନ୍ଦୋଳନ କରିଆସୁଛି। ଦୁର୍ନୀତି ଅତୀତର ସମସ୍ତ ରେକର୍ଡ ଅତିକ୍ରମ କରିଛି। ରାଜ୍ୟର ସାଧାରଣ ମଣିଷର ସ୍ୱାର୍ଥରକ୍ଷାର ଲଢେଇକୁ ଶକ୍ତିଶାଳୀ କରିବା ତଥା ସଂସଦ ଓ ବିଧାନସଭାରେ ସାଧାରଣ ମଣିଷର ସ୍ୱରକୁ ପ୍ରତିଧ୍ୱନିତ କରିବା ପାଇଁ ଦଳର ଗଣଆନ୍ଦୋଳନରେ ପରୀକ୍ଷିତ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କଟକ ଜିଲା କମିଟି ପକ୍ଷରୁ ଜନସାଧାରଙ୍କୁ ନିବେଦନ କରିଛନ୍ତି। ଏହି ସମ୍ମିଳନୀରେ ଲୋକ ସଭା ଓ ବିଧାନସଭାର ପ୍ରାର୍ଥୀଙ୍କ ସମେତ ଜିଲା କମିଟି ସଭ୍ୟ ବସନ୍ତ ନାୟକ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ, ଭାଗ୍ୟରବି ଦାସ, ବିନୋଦ ସେଠୀ, ଇଷା ଧର, ତରୁଣସେନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀ ଚୟନ ନେଇ ଭାଜପାରେ ଛକାପଞ୍ଝା

## ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ

ଢେଙ୍କାନାଳ,୨୮।୩(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇସାରିଛି। ବର୍ତ୍ତମାନର ବିଧାୟକ ସୁଧୀର କୁମାର ସାମଲଙ୍କୁ ବିଜେଡି ପୁନଃ ପ୍ରାର୍ଥୀ କରିବା ପରେ ଏଠାକାର ରାଜନୈତିକ ପାଣିପାଗ ଅଧିକ ସରଗରମ ହୋଇଯାଇଛି। ସୁଧୀରଙ୍କ ବିପକ୍ଷରେ ଭାଜପା ଓ କଂଗ୍ରେସ କାହାକୁ ପ୍ରାର୍ଥୀ କରିବେ, ତାହାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ଏଯାଏ ଏହି ଆସନ ପାଇଁ ଦୁଇ ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଶେଷକରି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେଇଥିବାରୁ ସେହି ଅନୁଯାୟୀ ଭାଜପାରୁ କିଏ ପ୍ରାର୍ଥୀ ହେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଢେଙ୍କାନାଳ ବିଧାନସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହେବାକୁ ଅନେକ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକାରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର ଓ ନବୀନ ନନ୍ଦ ଏବଂ ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମାଙ୍କ ନାମ ରହିଥିବା ସ୍ଥାନୀୟ ସ୍ତରରେ ଆଲୋଚନା ହେଉଛି। ଆଶାୟୀ ଥିବା ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏହି ଦୌଡ଼ରୁ ଓହରି ଯାଇଥିବା ତାଙ୍କ ସମର୍ଥକମାନଙ୍କ ସୂତ୍ରରୁ ଜଣାପଡ଼ିଛି। ଜୟନ୍ତୀ ଓହରିଯିବା ପରେ ଚୂଡ଼ାନ୍ତ ତାଲିକାରେ ତାଙ୍କ ଦିଅର କୃଷ୍ଣଚନ୍ଦ୍ରଙ୍କ ନାମ ରହିଛି। କୃଷ୍ଣଚନ୍ଦ୍ର ୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟ ପ୍ରାର୍ଥୀ ଭାବେ ନିର୍ବାଚନରେ ବିଜୟୀ ହୋଇ ବିଧାୟକ ହୋଇଥିଲେ। ହେଲେ ଏହା ପରଠାରୁ ସେ ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ ମଧ ପରାଜିତ ହୋଇଆସିଛନ୍ତି। ସେହିପରି ନିକଟରେ ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ୨୦୦୯ ମସିହାରେ ବିଜେଡି ଓ ଏନ୍‌ସିପି ମଧ୍ୟରେ ହୋଇଥିବା ମେଣ୍ଟରେ ଏନ୍‌ସିପି ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ଏଥିପୂର୍ବରୁ ନବୀନ ୨୦୦୦ ମସିହାରେ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ହୋଇଥିଲେ। ଭାଜପାରୁ ଆଶାୟୀ ଥିବା କୃଷ୍ଣଚନ୍ଦ୍ର ଓ ନବୀନ ନନ୍ଦଙ୍କ ସମର୍ଥକମାନେ ସୋସିଆଲ ମିଡିଆରେ ଉଭୟଙ୍କ ପ୍ରାର୍ଥୀତ୍ୱ ସମ୍ପର୍କରେ ବିଭିନ୍ନ ପ୍ରକାର ପୋଷ୍ଟ ଜାରି ରଖିଛନ୍ତି। ଏହାକୁ ନେଇ ରାଜନୈତିକ ବାତାବରଣ ସରଗରମ ହୋଇଛି। ସେହିପରି ଯୁବ ଆଶାୟୀ ଭାବେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁନୀଲ ଶର୍ମାଙ୍କ ନାମ ମଧ ଚର୍ଚ୍ଚାରେ ରହିଛି। ସେ ୨୦୦୪-୨୦୦୫ରେ ଢେଙ୍କାନାଳ ପୌର ପରିଷଦର ଅଧ୍ୟକ୍ଷ ରହିଥିଲେ। ତେଣୁ ତାଙ୍କ ନାମକୁ ନେଇ ମଧ ଆଲୋଚନା ହେଉଛି। ସେହିପରି ଭାଜପାର କେତେଜଣ ସମର୍ଥକ ନୂଆମୁହଁ ଏବଂ ମହିଳା ପ୍ରାର୍ଥୀତ୍ୱ ସମ୍ପର୍କରେ ଯୁକ୍ତି ବାଢୁଛନ୍ତି। ତେବେ ଦଳ କାହା ସପକ୍ଷରେ ନିଜ ମତ ଦେଉଛି, ତାହାକୁ ହିଁ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର କହିଛନ୍ତି, ଦିନେ ଦୁଇଦିନ ମଧ୍ୟରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହେବ ବୋଲି ଆଶା କରାଯାଉଛି।


କୃଷ୍ଣଚନ୍ଦ୍ର ପାତ୍ର


ନବୀନ ନନ୍ଦ


ସୁନୀଲ ଶର୍ମା

# ଚଳିତ ଆର୍ଥିକବର୍ଷର କାରବାର ଶେଷ

## ସେନ୍‌ସେକ୍ସ ୭୪,୦୦୦ ନିକଟବର୍ତ୍ତୀ

ନୂଆଦିଲ୍ଲୀ,୨୮।୩




ଚଳିତ ଆର୍ଥିକ ବର୍ଷର ଅବଧି ଶେଷ ପୂର୍ବରୁ ଘରୋଇ ଶେୟାର ବଜାରର କାରବାର ଗୁରୁବାର ଶେଷ ହୋଇଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷ ( ଏପ୍ରିଲ ୧ରୁ ମାର୍ଚ୍ଚ ୩୧) ମଧ୍ୟରେ ଦଲାଲ ଷ୍ଟ୍ରିଟ୍ ଅନେକ ରେକର୍ଡ ସୃଷ୍ଟି କରିଥିଲାବେଳେ ନିବେଶକମାନେ ମଧ୍ୟ ବହୁ କ୍ଷତି ସହିଛନ୍ତି। ଏପରିକି ଅନେକ ନିବେଶକ ସଂସ୍ଥା ଏକ ପ୍ରକାର ଧରାଶାୟୀ ହୋଇଥିବା ଦେଖିବାକୁ ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୪,୦୦୦ ଅଙ୍କ ନିକଟବର୍ତ୍ତୀ ହୋଇଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି-୫୦ ମଧ୍ୟ ୭୩,୦୦୦ ନିକଟବର୍ତ୍ତୀ ହୋଇ ରେକର୍ଡସ୍ତରରେ କାରବାର କରିଛି। ସେହିଭଳି ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରୁ ନିବେଶକମାନେ ଉଚ୍ଚ ପରିମାଣରେ କାରବାର କରିଥିଲାବେଳେ ଆର୍ଥିକ ବର୍ଷର ମଧ୍ୟମ ଭାଗ ଅବଧିରେ ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଏବଂ ଏନ୍‌ଏସ୍‌ଇ ନିଫ୍ଟି-୫୦ରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଅବଧି ମଧ୍ୟରେ ଉଭୟ ସେନ୍‌ସେକ୍ସ ଓ ନିଫ୍ଟି ରେକର୍ଡସ୍ତରୀୟ କାରବାର ସହ ସର୍ବୋଚ୍ଚ ପଏଣ୍ଟର କାରବାର ମଧ୍ୟ ହୋଇଛି। ଫଳରେ ନିବେଶକମାନେ କିଛି ପରିମାଣରେ କ୍ଷତି ହ୍ରାସ କରିଥିଲାବେଳେ ବୃହତ୍ ନିବେଶକ ଯଥା ରିଲାଏନ୍ସ, ଟାଟା, ଏଲ୍‌ଆଇସି ଏବଂ ଆଦାନୀ ଭଳି ପ୍ରମୁଖ ନିବେଶକ ସଂସ୍ଥା ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଶୁକ୍ରବାର ଉଭୟ ବିଏସ୍‌ଇ ସେନ୍‌ସେକ୍ସ ଓ ଏନ୍‌ଏସ୍‌ଇ ନିଫ୍ଟି-୫୦ରେ ମଧ୍ୟ କାରବାର ବୃଦ୍ଧି ଘଟିଛି। ଏପରିକି ବିଏସ୍‌ଇ ସେନ୍‌ସେକ୍ସ ୬୫୫.୦୪ ପଏଣ୍ଟ ବୃଦ୍ଧି ପାଇଁ ୭୩,୬୫୧.୩୫ଅଙ୍କରେ ପହଞ୍ଚିଥିଲାବେଳେ ଏନ୍‌ଏସ୍‌ଇ ନିଫ୍ଟି-୫୦ରେ ୨୦୩.୨୫ ପଏଣ୍ଟ ବଢ଼ି ୨୨,୩୨୬.୯୦ ଅଙ୍କରେ ପହଞ୍ଚିଛି।

### ଶେୟାର ବଜାରରେ ଉତ୍ସାହ

କ୍ରମାଗତ ୨ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୫୫(୬୫୫.୦୪) ପଏଣ୍ଟ ବଢ଼ି ୭୩,୬୫୧(୭୩,୬୫୧.୩୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୦୩ (୨୦୩.୨୫) ପଏଣ୍ଟ ବୃଦ୍ଧି ଘଟି ୨୨,୩୨୭(୨୨,୩୨୬.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ଇପିଏଫ୍‌ଓରେ ଇ-କେୱାଇସି ବାଧ୍ୟତାମୂଳକ

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)



କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ (ଇପିଏଫ୍‌ଓ)ରେ ସାରା ଦେଶରେ କୋଟି କୋଟି ସଂଖ୍ୟାରେ ଆକାଉଣ୍ଟଧାରୀ ଅଛନ୍ତି। ଗ୍ରାହକମାନଙ୍କ ପାଇଁ ଇପିଏଫ୍‌ଓ ପକ୍ଷରୁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଆକାଉଣ୍ଟଧାରୀଙ୍କୁ ଅନ୍‌ଲାଇନ ଠକେଇରୁ ରକ୍ଷା କରିବା ପାଇଁ କେୱାଇସିକୁ ବାଧ୍ୟତାମୂଳକ କରାଯାଇଛି। ତେବେ ବର୍ତ୍ତମାନ ଇପିଏଫ୍‌ଓ ଆକାଉଣ୍ଟଧାରୀମାନେ ଘରେ ବସି ଇ-କେୱାଇସି ଅପ୍‌ଡେଟ୍ ସୁବିଧା ପାଇପାରିବେ। ଇପିଏଫ୍‌ଓରେ ଇ-କେୱାଇସି ସମ୍ପୂର୍ଣ୍ଣ କରିବାକୁ ଆଧାର କାର୍ଡ, ପାନ୍ କାର୍ଡ, ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ପାସ୍‌ପୋର୍ଟ ନମ୍ବର, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟ ପତ୍ର, ରାଶନ କାର୍ଡ ଆଦି ଡକ୍ୟୁମେଣ୍ଟର ଆବଶ୍ୟକତା ରହିଛି। କେୱାଇସି ଅପ୍‌ଡେଟ୍ ପାଇଁ ପ୍ରଥମେ ଇପିଏଫ୍‌ଓର ଅଫିସିଆଲ ୱେବ୍‌ସାଇଟ ପରିଦର୍ଶନକରି ସେବା ଟ୍ୟାବ ଉପରେ କ୍ଲିକ୍ କରିବାକୁ ପଡ଼ିବ। ଏଥିରେ 'ଫର୍ ଏମ୍ପ୍ଲଇଜ୍ ସେକ୍ସନରେ କ୍ଲିକ୍ କରି ଆକାଉଣ୍ଟଧାରୀଙ୍କୁ ୟୁଏଏନ୍ ସଦସ୍ୟ ପୋର୍ଟାଲରେ କ୍ଲିକ୍ କରିବାକୁ ପଡ଼ିବ। ଏହା ପରେ ୟୁଏଏନ୍ ନମ୍ବର ଏବଂ ପାସ୍‌ୱାର୍ଡ ପ୍ରବେଶ କରିବାକୁ ପଡ଼ିବ। ଏହାପରେ ଅନେକ ଅପ୍‌ସନ୍ ମଧ୍ୟରୁ କେୱାଇସି ଅପ୍‌ସନ୍ କ୍ଲିକ୍‌କରି ଆବଶ୍ୟକୀୟ ସୂଚନା ଦେବାକୁ ପଡ଼ିବ। କେୱାଇସି ଅପ୍‌ଡେଟ୍ ହେବା ପରେ ଏହି ସୂଚନା ଆକାଉଣ୍ଟଧାରୀଙ୍କ ନିଯୁକ୍ତିଦାତାଙ୍କ ନିକଟକୁ ଯିବ। ନିଯୁକ୍ତିଦାତାଙ୍କ ଅନୁମୋଦନ ପାଇବା ପରେ କେୱାଇସି ଇପିଏଫ୍‌ଓରେ ଅପ୍‌ଡେଟ୍ ହୋଇଯିବ।

# ଏଚ୍‌ଏମ୍‌ଏସ୍‌ଆଇର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୨୮।୩

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ଲିମିଟେଡ୍ ଘରୋଇ ବଜାର (ଭାରତ)ରେ ୬ କୋଟିରୁ ଅଧିକ ଗାଡ଼ି ବିକ୍ରିକରି ନୂଆ ମାଇଲଖୁଣ୍ଟ ହାସଲ କରିଛି। ବିଶେଷକରି ଏହି ସଫଳତା ଭାରତୀୟ ବଜାର ପ୍ରତି କମ୍ପାନୀର ଉପସ୍ଥିତି ଓ ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ, ୨୦୦୧ରେ କମ୍ପାନୀ ତା'ର ପ୍ରଥମ ଦୁଇଚକିଆ ଯାନ ଆକ୍ଟିଭା ସହ ଭାରତୀୟ ବଜାରକୁ ପ୍ରବେଶ କରିଥିଲା। ଏପରିକି ବର୍ଷ ବର୍ଷ ଧରି କମ୍ପାନୀ ଅନେକ ନୂତନ ମାଇଲଖୁଣ୍ଟ ହାସଲ ସହ ଭାରତର ଲୋକପ୍ରିୟ ଦୁଇଚକିଆ ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ ହୋଇଯାଇଥିଲା। ଘରୋଇ ବଜାରେ ବ୍ରାଣ୍ଡର ପ୍ରତିଷ୍ଠା ପରଠାରୁ ଏଚ୍‌ଏମ୍‌ଏସ୍‌ଆଇ ଅଭିନବତା, ଗୁଣବତ୍ତା ଏବଂ ଗ୍ରାହକ ସନ୍ତୋଷରେ ଅଗ୍ରଣୀ ରହିଛି। ଭାରତୀୟ ଉପଭୋକ୍ତାଙ୍କ ବିବିଧ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରସ୍ତୁତ ବିଶ୍ୱସ୍ତରୀୟ ଉତ୍ପାଦଗୁଡ଼ିକର ଏକ ବିଶାଳ ଉତ୍ପାଦ ବର୍ଣ୍ଣମାଳା କ୍ରମାଗତ ଭାବେ ପ୍ରଦାନ କରୁଛି। ୨୦୦୧ ଜୁନ୍‌ରେ ବ୍ରାଣ୍ଡ ଖୁଚୁରା କାରବାର ଆରମ୍ଭ କରିଥିବାବେଳେ ଗତ ୨ଦଶନ୍ଧିରୁ ଅଧିକ ସମୟ ଧରି କମ୍ପାନୀ ଭାରତୀୟ ଗ୍ରାହକମାନଙ୍କ ସମର୍ଥନ ପାଇଆସୁଛି। ଏପରିକି ପ୍ରଥମ ୧କୋଟି ଗ୍ରାହକ ହାସଲ କରିବା ପାଇଁ କମ୍ପାନୀକୁ ୧୧ ବର୍ଷ ସମୟ ଲାଗିଥିବାବେଳେ ବର୍ତ୍ତମାନ ଏହାର ଗତି ୩ଗୁଣ ବୃଦ୍ଧି ପାଇଛି ଏବଂ ପରବର୍ତ୍ତୀ ୩ ବର୍ଷରେ ଏହା ୨କୋଟି ଛୁଇଁଛି। ୨୦୧୭ ଏପ୍ରିଲରେ ବ୍ରାଣ୍ଡ ୩ କୋଟିର ନୂତନ ମାଇଲଖୁଣ୍ଟ ହାସଲ କରିଥିଲା। କିନ୍ତୁ ପରବର୍ତ୍ତୀ ୩ କୋଟି ଗ୍ରାହକ ମାତ୍ର ୭ ବର୍ଷ ମଧ୍ୟରେ ହୋଣ୍ଡା ପରିବାରରେ ଯୋଗଦେଇଥିଲେ ଏବଂ ୨୦୨୪ ମାର୍ଚ୍ଚରେ ବ୍ରାଣ୍ଡର ୬କୋଟି ଘରୋଇ ବିକ୍ରି ସହ ନୂତନ ରେକର୍ଡ ଓ ମାଇଲଖୁଣ୍ଟ ହାସଲ କରିଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମ୍‌ଡି, ସଭାପତି ଓ ସିଇଓ ସୁତ୍ସୁମୁ ଓଟାନି କହିଛନ୍ତି, କମ୍ପାନୀ ବର୍ତ୍ତମାନ ୬କୋଟିରୁ ଅଧିକ ଉଲ୍ଲସିତ ଗ୍ରାହକଙ୍କ ଏକ ପରିବାର ବୋଲି ଘୋଷଣା କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷକରି ଏହି ବିକ୍ରୟ ମାଇଲଖୁଣ୍ଟ ହାସଲ କରିବା ସହ ଭାରତୀୟ ଗ୍ରାହକମାନେ ବ୍ରାଣ୍ଡ ହୋଣ୍ଡା ଉପରେ ରଖିଥିବା ବିଶ୍ୱାସ ଏବଂ ଆତ୍ମବିଶ୍ୱାସର ପ୍ରମାଣ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ବଜାରରେ ନାଲ୍‌କୋର ନୂତନ ଉତ୍ପାଦ

ଭୁବନେଶ୍ୱର,୨୮।୩ (ଅଭୟ ଦାଶ)




ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତଥା ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ନବରତ୍ନ କମ୍ପାନୀ 'ନାଲ୍‌କୋ'ର ନୂତନ ଉତ୍ପାଦ 'ଆଲୁମିନିୟମ ଆଲୟେ ଇନ୍‌ଗଟ୍ ଏଏଲ୍-୫୯'କୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯାଇଛି। ଏପରିକି ଏଏଲ୍-୫୯ ମୁଖ୍ୟତଃ ବୈଦ୍ୟୁତିକ ସଞ୍ଚାରଣ ଓ ବିତରଣ କ୍ଷେତ୍ରରେ ବ୍ୟବହୃତ କଣ୍ଡକ୍ଟର ଉତ୍ପାଦନ ନିମନ୍ତେ ବ୍ୟବହାର କରାଯାଇଥାଏ। ସେହିଭଳି ଭାରତ ସରକାରଙ୍କ ଦ୍ୱାରା ସଂଶୋଧିତ ବିତରଣ କ୍ଷେତ୍ର ଯୋଜନା (ଆର୍‌ଡିଏସ୍‌ଏସ୍) ଆରମ୍ଭ ହେବା ପରେ ଏହାର ବହୁଳ ବ୍ୟବହାର କରାଯାଉଛି। ଏହି ଧାତୁରୁ ପ୍ରସ୍ତୁତ କଣ୍ଡକ୍ଟର ଗୁଣାତ୍ମକ ହେବା ସହ ତିଆରି କରୁଥିବା କମ୍ପାନୀ ନିମନ୍ତେ ଏକ ସ୍ୱତନ୍ତ୍ର ବଜାର ଚାହିଦା ସୃଷ୍ଟି କରିବ। ସେହିପରି ଏଏଲ୍-୫୯ ଆଲୟେରୁ ତିଆରି କଣ୍ଡକ୍ଟରଗୁଡ଼ିକୁ ଭିନ୍ନ ଭିନ୍ନ ଭୋଲ୍‌ଟେଜ (ଲୋ ଠାରୁ ଅଲ୍ଟ୍ରା ହାଇ) ଥିବା ବୈଦ୍ୟୁତିକ ସଞ୍ଚାରଣ ଓ ବିତରଣ ଲାଇନରେ ବ୍ୟବହାର କରାଯାଇଥାଏ। ଏହି ଆଲୟେର ଅବକ୍ଷୟ ପ୍ରତିରୋଧୀ ଗୁଣ ଥିବା ଯୋଗୁ ଏହା ବିଶେଷ ଭାବେ ଉପକୂଳବର୍ତ୍ତୀ ଅଞ୍ଚଳର ବୈଦ୍ୟୁତିକ ସଞ୍ଚାରଣ ଏବଂ ବିତରଣରେ ବ୍ୟବହାର କରାଯାଇଥାଏ। ଏପରିକି କଣ୍ଡକ୍ଟର ଉତ୍ପାଦନକାରୀମାନେ ବର୍ତ୍ତମାନ ନାଲ୍‌କୋର ଏଏଲ୍-୫୯ ଆଲୁମିନିୟମ ଆଲୟେ ଇନ୍‌ଗଟ୍ କ୍ରୟ କରିପାରିବେ ଏବଂ ଏହାକୁ ଏଏଲ୍-୫୯ କଣ୍ଡକ୍ଟର ଉତ୍ପାଦନ ନିମନ୍ତେ ଫିଡ୍ ଷ୍ଟକ୍ ଭାବେ ବ୍ୟବହାର କରିପାରିବେ।

ଅପରପକ୍ଷରେ ଉତ୍ପାଦର ପ୍ରଥମ ଗ୍ରାହକ ଏବଂ ନାଲ୍‌କୋର ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀର ନିର୍ଦ୍ଦେଶକ(ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏହି ନୂତନ ଆଲୁମିନିୟମ ଆଲୟେ ଇନ୍‌ଗଟ୍ ଏଏଲ୍-୫୯ ବୋଝେଇ ଗାଡ଼ିକୁ ପତାକା ଦେଖାଇ ବଜାର ପ୍ରବେଶ କରାଇଥିଲେ।

ଏ ନେଇ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ସ୍ମେଲଟର ଏବଂ ମାର୍କେଟିଂ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ଏହା ଏକ ଭବିଷ୍ୟତମୁଖୀ ଉତ୍ପାଦ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ପହିଲାରେ ଜମାହେବନି ୨୦୦୦ ଟଙ୍କିଆ

ଭୁବନେଶ୍ୱର,୨୮।୩(ଅନୁରାଧା ମହାରଣା)

୨୦୨୪ ଏପ୍ରିଲ ୧ରୁ ନୂତନ ଆର୍ଥିକ ବର୍ଷ ଆରମ୍ଭ ହୋଇବାକୁ ଯାଉଛି। ନୂତନ ଆର୍ଥିକ ବର୍ଷର ପ୍ରଥମ ଦିନରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡିକରେ ୨୦୦୦ ଟଙ୍କିଆ ନୋଟ୍ ବିନିମୟ କିମ୍ବା ଜମା ସୁବିଧା ଉପଲବ୍ଧ ହେବ ନାହିଁ। ଏ ନେଇ ଆରବିଆଇ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ଜାରି କରାଯାଇଛି। ଆରବିଆଇର ୧୯ ଟି କାଯ୍ୟାଳୟ ବାର୍ଷିକ କ୍ଲୋଜିଂ ଅଫ ଆକାଉଣ୍ଟସ କାର୍ଯ୍ୟରେ ବ୍ୟସ୍ତ ରହିବ। ତେଣୁ ସେହି ଦିନ ୨୦୦୦ ଟଙ୍କା ଜମା କିମ୍ବା ବିନିମୟ ହେବ ନାହିଁ। ଏ ନେଇ ଆରବିଆଇ କହିଛି, ୨୦୨୪ ଏପ୍ରିଲ ୨ରୁ ୨୦୦୦ ଟଙ୍କା ନୋଟ ଜମା କିମ୍ବା ବିନିମୟ ହୋଇପାରିବ। ତେବେ ଏପ୍ରିଲ ୧ରେ ଭୁବନେଶ୍ୱର ସମେତ ଅହମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଚଣ୍ଡିଗଡ଼, ଚେନ୍ନାଇ, ଗୌହାଟୀ, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟଣା ଏବଂ ଥିରୁଭାନନ୍ତପୁରମ୍ ଆରବିଆଇ ଆଞ୍ଚଳିକ କାର୍ଯ୍ୟାଳୟରେ ୨୦୦୦ ଟଙ୍କିଆ ନୋଟ୍ ବିନିମୟ ହେବ ନାହିଁ। ଆରବିଆଇ ପକ୍ଷରୁ ମିଳିଥିବା ସୂଚନାନୁସାରେ, ୨୦୦୦ ଟଙ୍କିଆ ନୋଟକୁ ପ୍ରଚଳନ ପ୍ରତ୍ୟାହାର କରିବା ପରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୦୦୦ ଟଙ୍କାର ମୋଟ ୯୭.୬୨% ରିଜର୍ଭ ବ୍ୟାଙ୍କକୁ ଫେରସ୍ତ ଆସିଛି। ୨୦୨୩ ମେ ୧୯ରେ ଆରବିଆଇ ଦେଶରୁ ୨୦୦୦ ଟଙ୍କା ନୋଟ ପ୍ରତ୍ୟାହାର କରିବାକୁ ଘୋଷଣା କରିଥିଲା। ୨୦୦୦ ଟଙ୍କିଆ ନୋଟ ପ୍ରତ୍ୟାହାର କରୁଥିବାବେଳେ ଆରବିଆଇ କହିଛି ଯେ ୨୦୨୩ ମସିହା ମେ ୧୯ ରେ ୩.୫୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ଦେଶରେ ପ୍ରଚଳିତ ଥିଲା। ୨୦୨୪ଫେବୃଆରୀ ୨୯ ସୁଦ୍ଧା ଏହି ସଂଖ୍ୟା ୮୪୭୦ କୋଟି ଟଙ୍କାକୁ ଖସି ଆସିଛି। ସୂଚନା ଥାଉକି, ୨୦୦୦ ଟଙ୍କା ନୋଟ ଆରବିଆଇର କାର୍ଯ୍ୟାଳୟଗୁଡ଼ିକରେ ଜମା କିମ୍ବା ବିନିମୟ କରାଯାଉଛି। ଏହା ବ୍ୟତୀତ, ଦେଶର ଯେକୌଣସି ଡାକଘରରୁ ୨୦୦୦ ଟଙ୍କା ନୋଟ ଇଣ୍ଡିଆ ପୋଷ୍ଟ ମାଧ୍ୟମରେ ଆରବିଆଇର କୌଣସି ଇସୁ କାର୍ଯ୍ୟାଳୟକୁ ପଠାଇ ଲୋକମାନେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି କ୍ରେଡିଟ କରିପାରିବେ।

**ଅନ୍ୟାନ୍ୟ ଖବର**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧକ ସକ କାନ୍ଦନା ମୁଁ ଅଇଲିଣି**
**ଦୀପ ଲଗାଇ ଦେଖ ପିଠି**
**ଲାଉ ଚୋରା ଭାବ ପାଇଲିଣି।**

ଚୋର ଘର ସବୁବେଳେ ଅନ୍ଧାର ନ ଥାଏ। ସବୁଦିନେ ଚୋର ଖସି ଯାଇ ନ ଥାଏ, ଦିନେ ନା ଦିନେ ତା'ଚୋରି ଧରା ପଡି ସେ ଦଣ୍ଡ ପାଇଥାଏ। ସବୁଦିନ ତା'ର ଏକାଭଳି ଯାଇ ନ ଥାଏ। ଏପରିସ୍ଥଳେ ଚୋରି କରିବାକୁ ଯାଇଥିବା ବ୍ୟକ୍ତି ମାଡ଼ଖାଇ ତା'ଘରକୁ ଆସି କାନ୍ଦୁଥିବା ଆତ୍ମୀୟସ୍ୱଜନଙ୍କୁ ପ୍ରବୋଧନା ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧରି ନ ପାରିଲି ମନକୁ**
**ଦଣ୍ଡକ ପାଇଁ କି ପଣତ ପାରିଲି**
**କଳଙ୍କ ରଖିଲି କୁଳକୁ।**

କ୍ଷଣିକ ଆବେଗର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ଅବୈଧ ସମ୍ପର୍କ ବା ଚୋରା ପ୍ରୀତିରେ ଲିପ୍ତ ରହିଥାନ୍ତି। ତେବେ ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ କିଛି ଭୁଲ୍ ହେବ ନାହିଁ। ଯୌବନାବସ୍ଥାରେ ମନକୁ ସଂଯତ ବା ଆୟତ୍ତରେ ରଖିପାରି ନ ଥିବା ଜଣେ ବିଟପୀ ନାରୀର ଏ ନେଇ ମନରେ ଅନୁଶୋଚନା ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସରକାରୀ କଳ ପ୍ରୟୋଗ କରି ବିଜେଡି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି: ଭାଜପା

ଭୁବନେଶ୍ୱର,୨୮।୩(ଅନିଲ ଦାସ)

ସରକାରୀ କଳକୁ ଅପବ୍ୟବହାର କରି ବିରୋଧୀଙ୍କୁ ଚାପଗ୍ରସ୍ତ କରିବା ସହ ବିଜେଡିର ନେତା ଓ ମନ୍ତ୍ରୀମାନଙ୍କ ପ୍ରାଦୁର୍ଭାବରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୋଲିସ ପ୍ରଶାସନର ପକ୍ଷପାତିତା କାରଣରୁ ଶାସକ ଦଳର ନେତା ଓ ମନ୍ତ୍ରୀ ବେପିକର ହୋଇ ବିରୋଧୀଙ୍କୁ ଦମନ କରିବାର ଅପପ୍ରୟାସ କରୁଛନ୍ତି। ଭାଜପା କର୍ମୀମାନଙ୍କୁ ମରଣାନ୍ତକ ଆକ୍ରମଣ କରି ନିର୍ବାଚନ ବୈତରଣୀ ପାରହେବାକୁ ଚେଷ୍ଟା କରୁଥିବା ବିଜେଡି ପୋଲିସ ଓ ପ୍ରଶାସନକୁ ବ୍ୟବହାର କରି ହିଂସାକାଣ୍ଡ ଭିଆଇବାକୁ ପଛାଉ ନାହିଁ। ଏନେଇ ବାରମ୍ବାର ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ତଥ୍ୟ ଓ ପ୍ରମାଣ ସହ ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ରାଜ୍ୟ ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। 'ଆଦର୍ଶ ଆଚରଣ ବିଧି' ଲାଗୁ ହେବା ପରେ ମଧ୍ୟ ରାଜ୍ୟ ସରକାର ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍‌ର ନେତ୍ରୀମାନଙ୍କୁ ବିଦେଶ ଯାତ୍ରାର ବ୍ୟବସ୍ଥା କରିଛନ୍ତି। ଏହା ଖୋଲାଖୋଲି 'ଆଦର୍ଶ ଆଚରଣ ବିଧି'ର ଉଲ୍ଲଂଘନ ବୋଲି ଭାଜପା ଅଭିଯୋଗ କରିଛି। ଏସ୍‌ଏଚ୍‌ଜି ମହିଳାଙ୍କୁ ରାଜ୍ୟ ସରକାର ଗତ ୨୩ ତାରିଖରେ ଏକ୍ସପେଣ୍ଡିଚର୍ ନାଁରେ ଦୁବାଇ ନେଇ ବୁଲାଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଜେଡି ଏସ୍‌ଏଚ୍‌ଜି ମହିଳାଙ୍କୁ ପ୍ରଲୋଭନ ଦେଖାଇ କର୍ମୀଭଳି କାର୍ଯ୍ୟ କରାଇବା ପାଇଁ ଏଭଳି ଉଦ୍ୟମ କରିଛି। ଏହା ବିରୋଧରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବାକୁ କହୁଥିବା ବେଳେ ତାଙ୍କ ନିଜ ଦଳର ଲୋକମାନେ ଭାଜପା କର୍ମୀଙ୍କୁ ବିଭିନ୍ନ ଜାଗାରେ ମାରପିଟ କରିବା ଆରମ୍ଭ କରିଛନ୍ତି। କେନ୍ଦୁଝରର ବଡ଼ବିଲ ଶ୍ରୀରାମନଗରର ଭାଜପା କର୍ମୀ କିଷାନ ସିଂହଙ୍କ ଉପରେ ବିଜେଡି କର୍ମୀ ଈଶ୍ୱର ନାଇଡୁ, ବିଜୟ ସାହୁ ଏବଂ ତାଙ୍କ ସହ ଆଉ ୨ ଜଣ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏହି ୨ ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ମାମଲା ପରେ ଏମାନଙ୍କୁ ଥାନାରେ ଅଟକ ରଖାଯାଇଥିଲା। କିନ୍ତୁ ସେମାନେ ବିଜେଡି କର୍ମୀ ଜାଣିଲା ପରେ ପୋଲିସ ଛାଡି ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏଥିସହିତ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଅବସ୍ଥାପିତ ଥିବା ବିଭିନ୍ନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯାଉ। ସରକାରୀ ଅଧିକାରୀମାନେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲି ଶାସକ ଦଳର ଏଜେଣ୍ଟ ଭାବେ କାର୍ଯ୍ୟ କରିବା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଏବଂ ଅଣସାମ୍ବିଧାନିକ। ଯଥାଶୀଘ୍ର ସେମାନଙ୍କୁ ବଦଳି କରାଯାଉ ବୋଲି ଭାଜପା ଦାବି କରିଛି । ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭିଣୋଇଙ୍କୁ ହତ୍ୟାକଲେ ଶାଳକ

ରାଜଗାଙ୍ଗପୁର,୨୮।୩ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଜରୁମାଲ ପଞ୍ଚାୟତ ଟୁଙ୍ଗୁରିଟୋଲି ଗ୍ରାମରେ ଗୁରୁବାର ଶାଳକଙ୍କ ଭୁଜାଲି ମାଡ଼ରେ ତାଙ୍କ ଭିଣୋଇ ଜୟରାମ ସତନାମିଙ୍କ ମୃତ୍ୟୁ ଘଟିଛି। ରାଜଗାଙ୍ଗପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣାରେ ପୋଲିସ ଶାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁଯାୟୀ, ଲଖୁଆପଡ଼ା ନିବାସୀ ଜୟରାମ ଟୁଙ୍ଗୁରିଟୋଲି ଗ୍ରାମରେ ୩ ବର୍ଷ ତଳେ ବିବାହ କରିଥିଲେ। ବିଭିନ୍ନ କାରଣରୁ ଜୟରାମ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। କିଛିଦିନ ତଳେ ସେ ତାଙ୍କ ବାପଘରକୁ ଚାଲିଯାଇଥିଲେ। ଗୁରୁବାର ଅପରାହ୍ନରେ ଜୟରାମ ଶ୍ୱଶୁର ଘରକୁ ଯିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶାଳକ ଭୁଜାଲିରେ ଭିଣୋଇଙ୍କ ପେଟରେ ଆଘାତ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଭିଣୋଇଙ୍କ ମୃତ୍ୟୁ ଘଟିଥିଲା।

# ଅନୁଷ୍କାଙ୍କ ସ୍ମାଇଲ୍



**ମୁମ୍ବାଇ:** ଅଭିନେତ୍ରୀ ଅନୁଷ୍କା ଶର୍ମା କିଛିଦିନର ବ୍ୟବଧାନ ପରେ ପୁଣି ଇନ୍‌ଷ୍ଟାଗ୍ରାମକୁ ଫେରିଛନ୍ତି। ଏହି ଅଭିନେତ୍ରୀ ବର୍ତ୍ତମାନ ଲଣ୍ଡନରେ ଥାଇ ନବଜାତ ପୁତ୍ର ଅକାୟଙ୍କ ଯତ୍ନ ନେବାରେ ବ୍ୟସ୍ତ ଅଛନ୍ତି। ସେ ଗୁରୁବାର ନିଜର ଏକ ସୁନ୍ଦର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏକ ଫୋନ୍ ବ୍ରାଣ୍ଡର ବିଜ୍ଞାପନ ଥିବା ଫଟୋରେ ଅନୁଷ୍କାଙ୍କ ହାତରେ ସ୍ମାର୍ଟ ଫୋନ୍ ଥିବା ଦେଖିବାକୁ ମିଳିଛି। ସେ ଏକ ଛୋଟ ଧଳା ଶର୍ଟ ଏବଂ ନୀଳ ଜିନ୍ସ ପିନ୍ଧିଛନ୍ତି। ଫଟୋରେ ତାଙ୍କ ସ୍ମାଇଲକୁ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରି ଏଥିରେ କ୍ୟାପଶନ ଲେଖିଛନ୍ତି, ସକାଳର ସୂର୍ଯ୍ୟ ଏବଂ ମୋର #OnePlusO-penରେ କିଛି ପଢ଼ିବା ସମୟ – ଦିନଟି କିକ୍‌ଷ୍ଟାର୍ଟ କରିବାର କ'ଣ ଭଲ ଉପାୟ। ଅନୁଷ୍କାଙ୍କ ପ୍ରଶଂସକମାନେ ତାଙ୍କୁ ଆପ୍‌ରେ ଦେଖି ଖୁସି ହୋଇଥିଲେ। ଏପରିକି ଜଣେ ପ୍ରଶଂସକ ତାଙ୍କୁ ଆଇପିଏଲରେ ଆରସିବି ପାଇଁ ଖେଳୁଥିବା ସ୍ୱାମୀ ବିରାଟ କୋହଲିଙ୍କ ନିକଟକୁ ଏସ୍‌ଏମ୍‌ଏସ୍ ପଠାଇବାକୁ କହିଥିଲେ। ଆଉ ଜଣେ ୟୁଜର କହିଛନ୍ତି, ଷ୍ଟାଡିୟମରେ ଆର୍‌ସିବିକୁ ଖୁସି କରିବା ପାଇଁ ତୁମକୁ ମନେ ପକାଉଛି। ଆଇପିଏଲ ପାଇଁ ଭାରତ ଫେରିବା ପୂର୍ବରୁ ବିରାଟ ଏବଂ ଅନୁଷ୍କା ଦୁଇ ମାସ ଧରି ଲଣ୍ଡନରେ ରହିଥିଲେ। ଅନୁଷ୍କା ଏବେ ମଧ୍ୟ ଝିଅ ଭାମିକା ଏବଂ ପୁଅ ଅକାୟଙ୍କ ସହ ଲଣ୍ଡନରେ ଅଛନ୍ତି। ଖବର ଅନୁଯାୟୀ, ସେ ଖୁବ୍‌ଶୀଘ୍ର ଭାରତକୁ ଫେରି ଝିଅ ଭାମିକାଙ୍କ ନାମ ସ୍କୁଲରେ ଲେଖାଇବେ। ଜାନୁଆରୀ ୨୦୨୪ରେ ଭାମିକାଙ୍କୁ ୩ ବର୍ଷ ହୋଇଛି ଏବଂ ଶିକ୍ଷା ନିୟମ ଅନୁଯାୟୀ, ସେ ୨୦୨୧ରେ ଜନ୍ମ ହୋଇଥିବାରୁ ସେ ଯେକୌଣସି ସ୍କୁଲରେ ନାମ ଲେଖାଇବେ। ଏପ୍ରିଲ ୨୦ରୁ ୩୦ ପର୍ଯ୍ୟନ୍ତ ସ୍କୁଲରେ ପାଠପଢ଼ା ଆରମ୍ଭ ହେବ ଏବଂ ପୁନର୍ବାର ଗ୍ରୀଷ୍ମ ଛୁଟି ପାଇଁ ବନ୍ଦ ହୋଇଯିବ। ଜୁନ୍‌ରେ ପୁନଃ ସ୍କୁଲ ଖୋଲିବ। ତେଣୁ ପ୍ରଶଂସକମାନେ ଅନୁଷ୍କାଙ୍କୁ ଶୀଘ୍ର ଭାରତ ଫେରିଯିବେ ବୋଲି ଆଶା କରିଛନ୍ତି। ଅକାୟ ଫେବୃଆରୀରେ ଜନ୍ମଗ୍ରହଣ କରିଥିଲେ। ଅନୁଷ୍କା ଏବଂ ବିରାଟ ଏନେଇ ଘୋଷଣା କରିଥିଲେ। ମାତ୍ର ଏଥର ସେ ଗର୍ଭବତୀ ଥିବା କଥା କାହାକୁ କହି ନ ଥିଲେ।

# 'ଆପଣମାନେ ଖୁସି ତ'ର ଜବାବ ଦେବେ ଓଡ଼ିଶାବାସୀ: କଂଗ୍ରେସ

ଭୁବନେଶ୍ୱର,୨୮।୩ (ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ୨୪ ବର୍ଷ ଧରି ଓଡ଼ିଶାକୁ ଶାସନ କରି ରାଜ୍ୟବାସୀଙ୍କୁ ପ୍ରତାରିତ କରିଛନ୍ତି। ଏଠାରେ କେହି ଖୁସିରେ ନାହାନ୍ତି, ସମସ୍ତେ ଦୁଃଖରେ। ଛାତ୍ର, ଯୁବକ, ମହିଳା, କୃଷକ ଆଦି ବର୍ଗ ଅବହେଳିତ ଏବଂ ଉପେକ୍ଷିତ। ବେରୋଜଗାରି ସମସ୍ୟା ରାଜ୍ୟର ଯୁବପିଢ଼ିଙ୍କ ମୁଣ୍ଡବିନ୍ଧାର କାରଣ। ନିଯୁକ୍ତି ସୁଯୋଗ ସୃଷ୍ଟି କରି ନ ପାରି ଠିକ୍ ନିର୍ବାଚନ ପୂର୍ବରୁ ବିଜୁ ଯୁବବାହିନୀ ଭଳି ଯୋଜନା କରି ଯୁବକମାନଙ୍କୁ ଭଣ୍ଡେଇ ଭୋଟ ହାତେଇବାକୁ ବିଜେଡି ଉଦ୍ୟମ କରୁଛି ବୋଲି ପିସିସି ପ୍ରଚାର କମିଟିର ଅଧ୍ୟକ୍ଷ ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାରେ ଗୁଣାତ୍ମକ ଶିକ୍ଷାର ମାନ କମିବାରେ ଲାଗିଛି। ୫-ଟି ସ୍କୁଲ ନାମରେ ପୁରୁଣା କୋଠାରେ ନୂଆ ରଙ୍ଗ ଲଗାଇ କୋଟି କୋଟି ଟଙ୍କା ଲୁଟ୍‌ର ନଜିର ରହିଛି। ଅନେକ ହଜାର ସ୍କୁଲରେ ତାଲା ପଡ଼ିବାରେ ଲାଗିଛି, ଶିକ୍ଷକ ନାହାନ୍ତି, କଲେଜରେ ଅଧ୍ୟାପକ ନାହାନ୍ତି। କିନ୍ତୁ ରାଜ୍ୟ ସରକାର 'ନୂଆ-ଓ' ଜରିଆରେ ପ୍ରତି କଲେଜକୁ ୧୦ରୁ ୧୫ ଲକ୍ଷ ଟଙ୍କା ଦେଇ ଆତ୍ମପ୍ରଚାର କରିବା ସହ ନାଚ ଓ ଗୀତ ଆୟୋଜନ କରି ମେଧାବୀ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲି ଦେଉଛନ୍ତି। ନାରୀ ନିର୍ଯାତନାରେ ଓଡ଼ିଶା ଏକ ନମ୍ବର। ମହିଳାମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ କରିବାରେ ସରକାର ବିଫଳ ହୋଇଛନ୍ତି। ରାଜ୍ୟର କୃଷକଙ୍କ ଆୟ ମାସକୁ ୫୦୧୨ଟଙ୍କା, ଯାହାକି ଦେଶରେ ସର୍ବନିମ୍ନ। ଶୀତଳଭଣ୍ଡାର ଓ ମଣ୍ଡିର ବ୍ୟବସ୍ଥା ନାହିଁ। ଚାଷୀ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇପାରୁ ନାହିଁ। ଏ ସମସ୍ତ ବିଷୟ ନବୀନ ବାବୁଙ୍କ ୨୪ ବର୍ଷ ଶାସନର ବିକଳ ଚିତ୍ର ଦର୍ଶାଉଛି ବୋଲି ସେ କହିଛନ୍ତି। କେନ୍ଦ୍ରରେ ୧୦ ବର୍ଷ ଧରି ଶାସନ କରୁଥିବା ମୋଦି ସରକାର ବେରୋଜଗାରି, ଦରଦାମ ବୃଦ୍ଧି, ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ ଦେଶର କଂଗ୍ରେସ ସରକାର ସମୟରେ କରାଯାଇଥିବା ନବରତ୍ନ କମ୍ପାନୀକୁ ବିକ୍ରି କରିବା ଏବଂ ଗଣତନ୍ତ୍ରକୁ ହତ୍ୟା ଓ ସାମାଜିକ ସଂହତିକୁ ନଷ୍ଟ କରିବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରାଯାଉଛି। ଉଭୟ ଭାଜପା ଓ ବିଜେଡି ସହମତି ଭିତ୍ତିରେ ନିର୍ବାଚନ ଲଢ଼ିବା ପାଇଁ ଅପଣାଇଥିବା କଳାକୌଶଳର ଜବାବ ଓଡ଼ିଶାବାସୀ ନିଶ୍ଚିତ ଦେବେ ବୋଲି ଭକ୍ତ କହିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥୀ, ମନୋରଞ୍ଜନ ଦାସ, ପଦ୍ମାକର ଗୁରୁ ଓ ଭୁବନେଶ୍ୱର ଜିଲା ସଭାପତି ବିଶ୍ୱଜିତ୍ ଦାସ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କିଟ୍-କିସ୍‌ର ବିପୁଳ ବିଜୟ

**ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ**

ଭୁବନେଶ୍ୱର, ୨୮।୩
(ବିଜୟ ରଣା)

ଖେଲୋ ଇଣ୍ଡିଆ ମହିଳା ଫୁଟ୍‌ବଲ ଲିଗ୍ ୨୦୨୩-୨୪ (୧୭ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍)ରେ ଗୁରୁବାର ୧୭ ବର୍ଷରୁ କମ୍ ବିଭାଗରେ କିଟ୍-କିସ୍ ଦଳ ୨୮-୦ ଗୋଲ୍‌ରେ କାଜିବଜାର ବାଳିକା ହାଇସ୍କୁଲକୁ ପରାସ୍ତ କରିଛି। ଦଳ ପକ୍ଷରୁ ଅନିମା ପ୍ରଧାନ ସର୍ବାଧିକ ୯ଟି ଗୋଲ୍ ସ୍କୋର କରିଥିବା ବେଳେ ପ୍ରିୟଦର୍ଶିନୀ ବେହେରା ଓ ସୂର୍ଯ୍ୟା ପୂର୍ତ୍ତୀ ୬ଟି ଲେଖାଏଁ ଗୋଲ ଦେଇଥିଲେ। ସେହିପରି ସୋନାଲି ଶବର ୪ ଓ ହେମାବତୀ ହୋ ୩ ଗୋଲ୍ ସ୍କୋର କରିଥିଲେ। ଏହି ବିଭାଗର ଦ୍ୱିତୀୟ ମ୍ୟାଚରେ ନୀତା ଏକାଡେମୀ ୩-୦ ଗୋଲ୍‌ରେ ଟାଟା ଷ୍ଟିଲ ଫାଉଣ୍ଡେଶନ, ଯୋଡାକୁ ହରାଇ ଦେଇଛି। ବିଜୟୀ ଦଳ ତରଫରୁ ଶିଖା ମଲିକ, ପ୍ରିୟାସ ସରକାର ଓ ତାରିଣୀ ନାୟକ ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଅନ୍ୟପକ୍ଷରେ ୧୫ବର୍ଷରୁ କମ୍ ବିଭାଗରେ କାଜି ବଜାର ବାଳିକା ହାଇସ୍କୁଲ ବିପକ୍ଷରେ ଓଡ଼ିଶା ଏକାଦଶ ୧୩-୦ ଗୋଲ୍‌ରେ ବିଜୟ ଲାଭ କରିଛନ୍ତି। ଦଳ ପକ୍ଷରୁ ଅଂଶୁକା ଲିମ୍ବୁ ୬ ଓ ଜ୍ୟୋତି ମାଝି ୩ ଗୋଲ୍ ଦେଇଥିବା ବେଳେ ରୁଚିକା କୁଜୁର ଗୋଟିଏ ଗୋଲ୍ ଦେଇଥିଲେ। ବେଳେ ରୁବିନା ନାୟକ ଓ ଶୁଭସ୍ମିତା ପୁନ୍ ଦୁଇଟି ଲେଖାଏଁ ଗୋଲ୍ ସ୍କୋର କରିଥିଲେ। ଏହି ବିଭାଗର ଦ୍ୱିତୀୟ ମ୍ୟାଚଟିରେ ସ୍ପୋର୍ଟ୍ସ ଓଡ଼ିଶା ୧୫-୦ ଗୋଲ୍‌ରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏଶନ ବିପକ୍ଷରେ ସହଜ ବିଜୟ ହାସଲ କରିଛି। ରଶ୍ମିତା ମଣ୍ଡା ସର୍ବାଧିକ ୫, ଅଞ୍ଜଳ ସିଂ ୩ ଏବଂ ଆକାଶୀ ନାୟକ ଓ ରସ୍ମିତା ନାୟକ ୨ଟି ଲେଖାଏଁ ଗୋଲ ଦେଇଥିବା ବେଳେ ଲିଲି ହରିଜନ ପବିତା ନାୟକ ଓ ଲିଜା ମିଳକ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ତୃତୀୟ ମ୍ୟାଚଟିରେ ଫାଓ ଏକାଡେମୀ ୯-୦ ଗୋଲ୍‌ରେ ଯୋବ୍ରା ମ୍ୟୁନିସପାଲିଟି ସରକାରୀ ହାଇସ୍କୁଲକୁ ପରାସ୍ତ କରିଛି। ଦଳ ପକ୍ଷରୁ ଧରିତ୍ରୀ ମଲିକ, କରିମା ଓରାମ, ତୁଳସୀ ଟପ୍ପୋ ଓ ଲକ୍ଷ୍ମୀପ୍ରିୟା ବାରିକ ଦୁଇଟ୍ରେ ଲେଖାଏଁ



କିଟ୍-କିସ୍ ଓ କାଜିବଜାର ବାଳିକା ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଇନ୍ଦୁମତୀ, ଶ୍ରେୟା ଶ୍ରେଷ୍ଠ


ଆଇଡବ୍ଲ୍ୟୁଏଲ୍ ଟ୍ରଫି ସହ ଇନ୍ଦୁମତୀ କାଥିରସେନ୍।

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

## ଓଏଫ୍‌ସିକୁ ମିଳିଲା ପୁରସ୍କାର ରାଶି

ଭୁବନେଶ୍ୱର,୨୭।୩ (ସରୋଜ ଜେନା)

ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଅନୁଷ୍ଠିତ ଇଣ୍ଡିଆନ୍ ଓମେନ୍ସ ଲିଗ୍‌ର ବିଜୟୀ ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଦଳକୁ ମିଳିଛି ଆର୍ଥିକ ପୁରସ୍କାର। ବିଜେତା ଓଏଫ୍‌ସିକୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ମିଳିଥିବା ବେଳେ ରନର୍ ଅପ୍ ଗୋକୁଲମ୍ କେରଳ ଏଫ୍‌ସିକୁ ୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ କ୍ରୀଡା ଅନୁଷ୍ଠାନ ଭାବରେ ସ୍ପୋର୍ଟ୍ସ ଓଡ଼ିଶାକୁ ଓ ଶ୍ରେଷ୍ଠ ମିଡିଆ ପରିଚାଳନା ପାଇଁ ଓଏଫ୍‌ସିକୁ ୫୦ ହଜାର ଟଙ୍କାରେ ପୁରସ୍କୃତ କରାଯାଇଛି। ଓଏଫ୍‌ସି ଅଧିନାୟିକା ଇନ୍ଦୁମତୀ କାଥିରସେନ୍‌ଙ୍କୁ ଶ୍ରେଷ୍ଠ ମିଡଫିଲ୍ଡର ଓ ଗୋଲକିପର ଶ୍ରେୟା ହୁଦାଙ୍କୁ ଶ୍ରେଷ୍ଠ ଗୋଲକିପର ଭାବରେ ୫୦ ହଜାର ଟଙ୍କା ମିଳିଛି। ସର୍ବାଧିକ ୧୩ ଗୋଲ ସ୍କୋର କରିଥିବା ଗୋକୁଲମର ଫଜିଲା ଇକ୍ୱାପୁଟଙ୍କୁ ଶ୍ରେଷ୍ଠ ଷ୍ଟ୍ରାଇକର ଓ ହେମମ ଶିଲ୍ପି ଦେବୀଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବରେ ୫୦ ହଜାର ଟଙ୍କା ମିଳିଥିଲା।

**ମହିଳା ରେଡ୍‌ବଲ୍ କ୍ରିକେଟ**

## ଧାରାଙ୍କ ଶତକ: ପୂର୍ବାଞ୍ଚଳ ୩୮୫/୮

**ପୁଣେ, ୨୮।୩ (ପି.ଟି.):** ୬ ବର୍ଷ ପରେ ମହିଳା ରେଡ୍‌ବଲ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିଛି। ସ୍ଥାନୀୟ ପୁଣେ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାର ଖେଳାଯାଇଥିବା ଉତ୍ତର ପୂର୍ବାଞ୍ଚଳ ବିପକ୍ଷ ଏକ ମ୍ୟାଚରେ ଧାରା ଗୁଜ୍ଜରଙ୍କ ୧୪୦ ରନ ସହାୟତାରେ ପୂର୍ବାଞ୍ଚଳ ୮ଉଇକେଟ ବିନିମୟରେ ୩୮୫ରନ ସଂଗ୍ରହ କରିଛି। ସିନିୟର ମହିଳା ୩ ଦିନିଆ ଆନ୍ତ ଜୋନ୍ ମଲ୍ଟି-ଡେ' ଟ୍ରଫିର ଏହି ମ୍ୟାଚରେ ପୂର୍ବାଞ୍ଚଳ ଅଧିନାୟିକା ଦୀପ୍ତି ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିଲା। ଉଇକେଟକିପର-ବ୍ୟାଟର ଉମା ଚେତ୍ରୀଙ୍କ ସହ ଓପନିଂ ପାର୍ଟନରଶିପ୍‌ରେ ସେ ୯୭ରନ ଯୋଗ କରିଥିଲେ। ୨୦ତମ ଓଭରରେ ବିପକ୍ଷ ଦଳର ୟାସିନ ସାରିବା (୨/୧୦୦) ଉମା (୪୭ରନ)ଙ୍କୁ ଆଉଟ କରି ବ୍ରେକ୍ ଥ୍ରୁ ଆଣିଥିଲେ। ପରବର୍ତ୍ତୀ ଓଭରରେ ଉତ୍ତର ପୂର୍ବାଞ୍ଚଳର ଶ୍ରେଷ୍ଠ ବୋଲର (୩୨ ଓଭରରେ ୫/୭୬)ଦେବସ୍ମିତା ଦତ୍ତଙ୍କ ବଲ୍‌ରେ ଶିକାର ହୋଇଥିଲେ ଦୀପ୍ତି (୪୯)। ପୂର୍ବାଞ୍ଚଳ ଶୀଘ୍ର ଏହାର ୩ ନମ୍ବର ବ୍ୟାଟର ମୋନିକା ଦାସ (୧୪)ଙ୍କ ଉଇକେଟ ହରାଇଥିଲା। ଦଳ ୨୨ ରନରେ ଶୀଘ୍ର ଏହାର ୩ ବ୍ୟାଟରଙ୍କୁ ହରାଇଥିଲା। ମାତ୍ର ଧାରା କ୍ରିଜ୍‌ରେ ଜମି ରହିଥିଲେ। ସେ ତାଙ୍କ ୧୪୦ ରନର ଇନିଂସରେ ୨୧୬ ବଲ୍‌ର ସମ୍ମୁଖୀନ ହୋଇଥିଲେ ଏବଂ ୨୨ ଚୌକା ଲଗାଇଥିଲେ। ରିଜୁ ସାହା ଓ ଦୁର୍ଗା ମୁର୍ମୁଙ୍କ ସହ ତାଙ୍କର ଯଥାକ୍ରମେ ୧୦୯ ଓ ୯୯ ରନ ଯୋଡ଼ିଥିଲେ।

# ଫାଇନାଲରେ ରାମେଶ୍ୱର


ରଶ୍ମିରଞ୍ଜନ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଅହଭାନ ମିଶ୍ର।

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**

ଭୁବନେଶ୍ୱର, ୨୮।୩ (ତପନ ସ୍ୱାଇଁ)

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା କମଳା ପରିଡ଼ା ସ୍ମାରକୀ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ୧୪ ବର୍ଷରୁ କମ୍ ବର୍ଗର ପ୍ରଥମ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହିଦ ସ୍ପୋର୍ଟିଂକୁ ୩୧ ରନରେ ହରାଇ ଆୟୋଜକ ରାମେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ରାମେଶ୍ୱର ୩୫ ଓଭରରେ ୮ ଉଇକେଟ ହରାଇ ୨୦୧ ରନ କରିଥିଲା। ଦଳ ପକ୍ଷରୁ ସାଇ ସାର୍ଥକ ସାହୁ ୪୨, ଆକାଶ ସାହୁ ୨୮, ସ୍ୱସ୍ତିକ ଘୋଷ ୨୩ ଓ ଅହଭାନ ମିଶ୍ର ୨୧ରନ କରିଥିଲେ। ବିପକ୍ଷ ଦଳର ଓମ୍ ପ୍ରକାଶ ନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୩୩.୫ ଓଭରରେ ୧୭୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଓମ୍ ପ୍ରକାଶ ନାୟକ ସର୍ବାଧିକ ୫୨ ରନ କରିଥିବାବେଳେ ବିଜୟୀ ଦଳର ସାଇ କୌଶିକ, ଆହଭାନ ମିଶ୍ର ୨ଟି ଲେଖାଏ ଉଇକେଟ ନେଇଥିଲେ। ଅହଭାନ ମିଶ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଅଧିନାୟକ ରଶ୍ମିରଞ୍ଜନ ପରିଡ଼ା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟର ପ୍ରମୋଦ ନାରାୟଣ ଦାଶ ଓ ଆଲୋକ ମଙ୍ଗରାଜ ମ୍ୟାଚ ପରିଚାଳନା କରିଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ଓ ଟାଉନ୍ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।

# ଭୁବନେଶ୍ୱର, ନୟାଗଡ଼, କେନ୍ଦୁଝର ବିଜୟୀ

**କଳାହାଣ୍ଡି କପ୍ କ୍ରିକେଟ୍**

ଭୁବନେଶ୍ୱର,୨୭।୩
(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହୋଇଛି। ଗୋଲ୍ଡ ବର୍ଗର ବି ଗ୍ରୁପ୍‌ର ୩ ମ୍ୟାଚ୍ ଖେଳା ଯାଇଥିବା ବେଳେ ଭୁବନେଶ୍ୱର ବି,ନୟାଗଡ ଓ କେନ୍ଦୁଝର ବିଜୟୀ ହୋଇଛନ୍ତି।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ବି ୭ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ମୟୂରଭଞ୍ଜ ୪୯.୨ ଓଭରରେ ୧୮୫ ରନ୍‌ରେ ଅଲଆଉଟ ହୋଇଥିଲା। ପ୍ରୀତପାଲ ସିଂ ୬୦ ରନ୍ କରିଥିବା ବେଳେ ଅନୁରାଗ ଷଡଙ୍ଗୀ ୩ ଉଇକେଟ ନେଇଥିଲେ। ଜବାବରେ ବିଶ୍ୱ ବି. ମୁଦୁଲିଙ୍କ ଅପରାଜିତ ୭୩ ଓ ଅନୁରାଗ ଷଡଙ୍ଗୀଙ୍କ ୫୪ ରନ୍ ବଳରେ ଭୁବନେଶ୍ୱର ୩ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୋରାପୁଟକୁ ୮ ଉଇକେଟରେ ପରାସ୍ତ କରିଛି ନୟାଗଡ। ପ୍ରଥମେ ବ୍ୟାଟିଂ କରି କୋରାପୁଟ ୨୨୮ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ନିରଞ୍ଜନ ଗୌଡ ୫୮ ଓ ସନ୍ଦୀପ ପଟ୍ଟନାୟକ ୫୨ ରନ୍ କରିଥିଲେ। ଦିଲୀପ ଜେନା ଓ ସାଇ ଆଚାର୍ଯ୍ୟ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୯୦ ଓ ଲୀଳାଧର ପ୍ରଧାନଙ୍କ ୭୬ ରନ୍ ବଳରେ ନୟାଗଡ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।

ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀକୁ ୮ ଉଇକେଟରେ ପରାସ୍ତ କରିଛି କେନ୍ଦୁଝର। ପୁରୀ ପ୍ରଥମେ ବ୍ୟାଟିଂ କରି ୧୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଆଶିଷ ପ୍ରଧାନ ୩୫ ଓ ସନତ ସିଂ ୩୦ ରନ୍ ସ୍କୋର କରିଥିଲେ। ସୋୟାଶୁଂ ପଟ୍ଟନାୟକ ୩ ଉଇକେଟ ନେଇଥିଲେ। ଜବାବରେ ମିତ୍ରଭାନୁ ପଣ୍ଡାଙ୍କ ୬୫ ରନ୍ ବଳରେ ୨ ଉଇକେଟ ହରାଇ ବିଜୟ ହାସଲ କରିଥିଲା କେନ୍ଦୁଝର।


ଅନୁରାଗ ଷଡଙ୍ଗୀ



ଦିବ୍ୟଜ୍ୟୋତି ପଟ୍ଟନାୟକ


ସୋୟାଶୁଂ ପଟ୍ଟନାୟକ

## ମାଡ୍ରିଡ୍ ମାଷ୍ଟର୍ସ କ୍ୱାର୍ଟରରେ ସିନ୍ଧୁ

**ମାଡ୍ରିଡ୍, ୨୮।୩ (ପି.ଟି.):** ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି. ଭି. ସିନ୍ଧୁ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ଏଠାରେ ଚାଲିଥିବା ମାଡ୍ରିଡ ସ୍ପେନ୍ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ବିଶ୍ୱର ୬୩ ନମ୍ବର ମାନ୍ୟତାପ୍ରାପ୍ତ ତଥା ଚାଇନିଜ ତାଇପେର ହୁଆଙ୍ଗ ୟୁ ହୁନ୍‌ଙ୍କୁ ୨୧-୧୪, ୨୧-୧୨ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ମାତ୍ର ୩୬ ମିନିଟରେ ଶେଷ ହୋଇଯାଇଥିଲା। ପୂର୍ବତନ ବିଶ୍ୱ ଚାମ୍ପିୟନ ତଥା ଏଠାରେ ଗଥ ଥରର ରନରଅପ୍ ସିନ୍ଧୁ ବର୍ତ୍ତମାନ ଥାଇଲାଣ୍ଡର ତଥା ୬ଷ୍ଠ ସିଡ୍ ସୁପାନିଦା କେଟ୍‌ଥଙ୍ଗ୍ କିମ୍ବା ଜାପାନର ନାଟସୁକି ନିଦାଇରାଙ୍କ ସହ ମୁକାବିଲା କରିବେ।


# Classified Everyday 0674-2580101, 2549949


REAL ESTATE
SALE

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

Near Lingaraj Temple gharabari plot 1115sqft. with boundarywall sale. Phone No.- 9178924698, 6371519529. D-2648

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/ General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75720

Duplex sale at Bhubaneswar @ 57 lakhs only. Contact- 9777433701. D-75934

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

**Plot for sale near Trisulia, CISF Campus CDA, RERA approved (P/07/2023/01069) price-1000/-. Contact- 9658434846.** D-2865




Relax, refresh your body, mind by expert therapist. Contact: 9938843929. D-76110

**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

## AFFIDAVIT

I, Manorama Prusty, Wife of- Susanta Kumar Prusty, R/o-Vill & Post- Godipada, Teh- Odagaon, Dist.- Nayagarh, State Odisha, Pin- 752092, but presently staying at Street No.- 79 C Annagali Shastrinagar, P.O./Dist.- Nayagarh, State- Odisha have changed my Son from JAGDEV to JAGDEV PRUSTY vide affidavit No- 68AA 235747 and CF No 1/5 dated 27 Mar. 2024 before Court, Nayargh. D-2884

I, Narmada Kumari Pallai, W/o- Kailash Ch. Beja has changed my name to Gouree Beja vide affidavit dtd. 12.03.24 sworn before Notary, Berhampur. D-2814

I, P Radharani Patra, W/o- Alok Kumar Senapati, resident of F-501, Nageswar Residency, Nandan Vihar, Kalarahanga, Bhubaneswar, Khordha, Odisha-751024 declare by this affidavit No.-322 date- 10.02.2024 that now onwards I shall be known as P Radharani Patra for all future purposes. D-2882

I, Bipina Bihari Maharana, S/o- Nilakantha Maharana of Vill- Chuda, P.O.- Dabardhua Patna, P.S.- Bolagarh, Dist.- Khordha, Odisha declare by this affidavit No.-625 dtd 27.03.2024 that now onwards I shall be known as Bipin Bihari Maharana for all future purposes. D-2887

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ଡକ୍ଟର ସ୍ମିତା ଆଚାର୍ଯ୍ୟ (ରୋଜି)
ପିତା ଶ୍ରୀ ଧନେଶ୍ୱର ଆଚାର୍ଯ୍ୟ
ପ୍ଲଟ୍ ନଂ.-୨୯୦୧, ଶୁଭମ୍, ନାଗେଶ୍ୱରଟାଙ୍ଗି, ଭୁବନେଶ୍ୱର
ତିରୋଧାନ- ଚୈତ୍ର କୃଷ୍ଣପକ୍ଷ ଚତୁର୍ଥୀ (ତା୧୦।୦୩।୨୦୧୫)
ମାଟି ଦେହ ସିନା ଶ୍ମଶାନ ଗ୍ରାସିଛି ମାତ୍ର ଯଶୋଦେହେ ତୁମେ ଆୟୁଷ୍ମତୀ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବାପା, ବୋଉ, ଭଉଣୀ, ଭଉଣୀ ଜ୍ୱାଇଁ, ଭାଇ, ଭାଉଜ, ଝିଆରୀ, ପୁତୁରା ଓ ବନ୍ଧୁବର୍ଗ।
ଧ-୭୭୦୦୪

**ଦଶମ ଶ୍ରାଦ୍ଧବାର୍ଷିକୀ**



୰କେଦାର ନାଥ ବିଶୋଇ
ଧର୍ମପତ୍ନୀ- ସ୍ୱର୍ଗତା ସୁମିତ୍ରା ବିଶୋଇ
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ତିରୋଧାନ: ୨୯।୦୩।୨୦୧୪
ଆଜି ପବିତ୍ର ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ପ୍ରାର୍ଥନା ଜଣାଉଛି।
-:ଶୋକସନ୍ତପ୍ତ:- ପୁତ୍ର: ସନ୍ତୋଷ, ସନତ, ବୋହୂ: କୁନି, ଶାନ୍ତି, ସ୍ନେହଲତା, ନାତି/ନାତୁଣୀ: ସୋନୁ, ଚିନୁ, ରୁମୁଲି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିଙ୍କୁନ, ନାତୁଣୀବୋହୂ: ସୁକନ୍ୟା।
ଧ-୭୫୭୨୩

### ସାଫ୍ ଚାମ୍ପିୟନଶିପ୍‌ରେ ଓଡ଼ିଆ ଫୁଟ୍‌ବଲ ଖେଳାଳି

# ରୂପଶ୍ରୀଙ୍କ ଚମକ

**ଚଳିତମାସ ପ୍ରାରମ୍ଭରେ ନେପାଳରେ ଅନୁଷ୍ଠିତ ହୋଇଯାଇଛି ୧୬ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍। ଏଥିରେ ରନରଅପ୍ ହୋଇଥିବା ଭାରତୀୟ ଦଳର ଅନ୍ୟତମ ସଦସ୍ୟା ଥିଲେ ଓଡ଼ିଶାର ରୂପଶ୍ରୀ ମୁଣ୍ଡା। ପଙ୍କରୁ ପଦ୍ମ ଫୁଟିଲା ପରି ଗାଁ ମାଟିରେ ଦିନେ ଜରିର ପେଣ୍ଡୁ ତିଆରି କରି ଖେଳୁଥିବା ଝିଅ ଆଜି ବିଦେଶ ମାଟିରେ ତ୍ରିରଙ୍ଗା ଉଡ଼ାଇ ଓଡ଼ିଶା ଏବଂ ଭାରତ ପାଇଁ ଗୌରବ ଆଣିଛନ୍ତି...**

ସାଫ୍ ଚାମ୍ପିୟନଶିପରେ ସୁନ୍ଦରଗଡ ରାଜ୍ୟ ସ୍ପୋର୍ଟ୍ସ ହଷ୍ଟେଲର ରୂପଶ୍ରୀ ଯୋଡିଛନ୍ତି ରୂପେଲି ଅଧ୍ୟାୟ। ଭାରତୀୟ ମହିଳା ଫୁଟବଲ ଦଳରେ ଜଣେ ଓଡ଼ିଆ ଖେଳାଳି ଭାବେ ନିଜର ଚମକ ପ୍ରଦର୍ଶନ କରିଛନ୍ତି ରୂପଶ୍ରୀ। ଗାଁର ଝିଅ ରୂପଶ୍ରୀ ଆଜି ବିଦେଶ ମାଟିରେ ଦେଶର ଟେକ ରଖିଛନ୍ତି। ପଙ୍କରୁ ପଦ୍ମ ଫୁଟିଲା ପରି ଗାଁ ମାଟିରେ ଦିନେ ଜରିର ପେଣ୍ଡୁ ତିଆରି କରି ଖେଳୁଥିବା ଝିଅ ଆଜି ବିଦେଶ ମାଟିରେ ଦେଶର ତ୍ରିରଙ୍ଗା ଉଡାଇ ଓଡିଶା ଏବଂ ଭାରତ ପାଇଁ ଗୌରବ ଆଣିଛନ୍ତି। ଓଡ଼ିଶାର ସମୃଦ୍ଧଶାଳୀ ମହିଳା ଫୁଟବଲ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡିଛନ୍ତି କେନ୍ଦୁଝର ଜିଲା ଯୋଡା ତହସିଲ ହଟିଂ ଗ୍ରାମର କୁନି କ୍ରୀଡା ପ୍ରତିଭା ରୂପଶ୍ରୀ ମୁଣ୍ଡା। ଏହି ୧୪ ବର୍ଷୀୟା 'ଫୁଟବଲ ଫୁଲଙ୍କ ମହକ ଦେଶର ସୀମା ସରହଦ ପାର ହୋଇ ସାଫ୍ ଚାମ୍ପିୟନଶିପରେ ସମସ୍ତଙ୍କୁ ମୋହିତ କରିଦେଇଛି । ପଙ୍କରୁ ପଦ୍ମ ଫୁଟିଲା ଭଳି ଏକ ଗରିବ ପରିବାରରୁ ଆସି ବହୁ ରାଷ୍ଟ୍ରୀୟ ସାଫ୍ ଚାମ୍ପିୟନଶିପରେ ନିଜ ଅନନ୍ୟ ଚମକ ଦେଖାଇ ରୂପଶ୍ରୀ ଓଡ଼ିଶା ମହିଳା ଫୁଟବଲର ଉଜ୍ଜ୍ୱଳ ସମ୍ଭାବନା ଭାବେ ଉଭା ହୋଇଛନ୍ତି। ସବୁଠାରୁ ବଡ କଥା ହେଲା ଏହି ପ୍ରତିଯୋଗିତା ପାଇଁ ନେପାଳ ଯାଇଥିବା ୨୩ ଜଣିଆ ଭାରତୀୟ ଦଳ ଭିତରୁ ସବୁ ମ୍ୟାଚ ଖେଳିଥିବା ହାତଗଣତି ଖେଳାଳିଙ୍କ ମଧ୍ୟରୁ ରୂପଶ୍ରୀ ହେଉଛନ୍ତି ଅନ୍ୟତମ। ପୂରା ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ବବି ଥୋମାସ ମଧ୍ୟ ତାଙ୍କ ଭବିଷ୍ୟତ ନେଇ ବେଶ୍ ଉସାହିତ ଅଛନ୍ତି। ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲରେ ଭାରତ ପୋନାଲଟି ଶୁଟଆଉଟରେ ବାଂଲାଦେଶଠାରୁ ମାତ୍ର



ଗୋଟିଏ ଗୋଲ ବ୍ୟବଧାନରେ ପରାଜିତ ହୋଇ ରନରଅପ୍ ହୋଇଥିଲା।

ରୂପଶ୍ରୀ ବର୍ତ୍ତମାନ ସୁନ୍ଦରଗଡ କ୍ରୀଡା ଛାତ୍ରାବାସରେ ରହି ଫୁଟବଲ ପ୍ରଶିକ୍ଷଣ ନେଉଛନ୍ତି। ଦଳ ସିନା ରନରଅପ୍ ହୋଇଛି ହେଲେ ଆଦିବାସୀ ବହୁଳ କେନ୍ଦୁଝର ଜିଲାର ଏହି ଉଦୀୟମାନ ଖେଳାଳିଙ୍କ ଚର୍ଚ୍ଚା ଏବେ ସବୁଆଡେ। ରୂପଶ୍ରୀ କେବଳ ଏହି ସାଫ୍ ଗେମ ନୁହେଁ ଜୁନିୟର ନ୍ୟାଶନାଲରେ ପ୍ଲେଇଁ ଇଲେଭେନରେ ମଧ୍ୟ ଖେଳିଥିଲେ। ପରେ ଭାରତୀୟ ଦଳ ପକ୍ଷରୁ ମନୋନୀତ ହୋଇ ପ୍ରଥମ ଥର ପାଇଁ ୧୬ ବର୍ଷରୁ କମ୍ ସାଫ୍ ଗେମ୍‌ରେ ଦେଶକୁ ପ୍ରତିନିଧିତ୍ୱ କରି ନେପାଳ, ଭୁଟାନକୁ ହରାଇବାପରେ ବାଂଲାଦେଶଠାରୁ ପରାସ୍ତ ହୋଇ ରନରଅପ୍ ଦଳର ସଦସ୍ୟ ରହିଛନ୍ତି। ଆଗାମୀ ଦିନରେ ସେ ସିନିୟର ଭାରତୀୟ ଦଳରେ ଖେଳିବାକୁ ସ୍ୱପ୍ନ ରଖିଥିବା କହିଛନ୍ତି ରୂପଶ୍ରୀ। ବାପା ଓ ପରିବାର ଲୋକଙ୍କ ସହ କୋଚଙ୍କ ପ୍ରେରଣା ସଫଳତାର ଶ୍ରେୟ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟ ପଟେ ରୂପଶ୍ରୀଙ୍କୁ ନେଇ ଅନେକ ସ୍ୱପ୍ନ ଦେଖୁଛନ୍ତି କୋଚ ହୃଦୟ ରଞ୍ଜନ ସିଂ ଓ ବିଜୟ ଲାକ୍ରା। ଆଗାମୀ ଦିନରେ ରୂପଶ୍ରୀ ଜଣେ ଭଲ ଫୁଟବଲ ଖେଳାଳି ଭାବେ ନାଁ କରି ଦେଶ ପାଇଁ ଗୌରବ ଆଣିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ତାଙ୍କ ନିକଟରେ ପ୍ରତିଭା ରହିଥିବା ପୂର୍ବରୁ ବାରି ହୋଇପଡୁଥିଲା ବୋଲି କୋଚ ସିଂ କହିଛନ୍ତି। ସେ ସାଫ୍ ଗେମ୍ ଖେଳି ରନରଅପ୍ ହୋଇ ଆସିବା ପରେ ସୁନ୍ଦରଗଡ କ୍ରୀଡାଛାତ୍ରାବାସରେ ତାଙ୍କୁ ସ୍ୱାଗତ କରିବା ସହିତ ସେଲିବ୍ରେଶନ କରିଛନ୍ତି ତାଙ୍କ ସାଥୀ ଛାତ୍ରୀଛାତ୍ର। ବର୍ତ୍ତମାନ ସେ ଖେଲୋ ଇଣ୍ଡିଆ କ୍ୟାମ୍ପରେ ପ୍ରଶିକ୍ଷଣ ନେବାପାଇଁ ଭୁବନେଶ୍ୱରରେ ଅଛନ୍ତି।

**–ଜୟ ନାରାୟଣ ମେଣ୍ଢୁଲି, ସୁନ୍ଦରଗଡ଼**

# ସ୍ମୃତିଙ୍କ ସ୍ମରଣୀୟ ସ୍ମୃତି




ଟ୍ରଫି ସହ ସ୍ମୃତି ମନ୍ଧାନା

**ଆର୍‌ସିବି ମହିଳା ଦଳ ୨୦୨୩ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ୫ ଦଳ ବିଶିଷ୍ଟ ଲିଗ୍‌ରେ ୪ର୍ଥ ସ୍ଥାନରେ ରହିଥିଲା। ପ୍ରଥମ ୫ ମ୍ୟାଚ କ୍ରମାଗତଭାବେ ହାରିଥିଲା। ସେତେବେଳେ ୦–୫ରୁ ଡବ୍ଲ୍ୟୁପିଏଲ୍ ଅଭିଯାନ ଆରମ୍ଭ କରିଥିବା ଆର୍‌ସିବିକୁ ଦ୍ୱିତୀୟ ସଂସ୍କରଣରେ ସଫଳତା ମିଳିଛି। ଆର୍‌ସିବି ଓମେନ୍ସ ପାଇଁ ସ୍ମରଣୀୟ ସ୍ମୃତି ଆଣିଛନ୍ତି ଅଧିନାୟିକା ସ୍ମୃତି ମନ୍ଧାନା...**




ଆର୍‌ସିବି ମହିଳା ଦଳ

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ନିକଟରେ ଶେଷ ହୋଇଛି। ଏଥିରେ ନୂଆ ଚାମ୍ପିୟନ ହୋଇଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)। ଆର୍‌ସିବି ପାଇଁ ସ୍ମରଣୀୟ ସ୍ମୃତି ଆଣିଛନ୍ତି ଅଧିନାୟିକା ସ୍ମୃତି ମନ୍ଧାନା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଆର୍‌ସିବି ପୁରୁଷ ଦଳ ଦୀର୍ଘ ୧୬ଶ ସଂସ୍କରଣରେ ଯାହା କରିପାରି ନ ଥିଲା ତାହା ହାସଲ କରିଛି ମହିଳା ଦଳ। ଆଇପିଏଲ୍ ୧୭ଶ ସଂସ୍କରଣର ପ୍ରଥମ ସପ୍ତାହ ଖେଳ ଶେଷ ହୋଇଛି। ଏଥର ଭାଗ୍ୟଦେବୀ ପ୍ରସନ୍ନ ହେବେ ଏବଂ ମହିଳା ଦଳ ପରି ପୁରୁଷ ଦଳ ମଧ୍ୟ ବିଜୟ ମୁକୁଟ ପିନ୍ଧିବ ବୋଲି ଆଶା ରଖିଛନ୍ତି ଆର୍‌ସିବି ପ୍ରଶଂସକ।

ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆର୍‌ସିବି ମହିଳା ଦଳ ୨୦୨୩ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଖରାପ ପ୍ରଦର୍ଶନ କରି ୫ ଦଳବିଶିଷ୍ଟ ଲିଗ୍‌ରେ

### ସର୍ବାଧିକ ରନ ସ୍କୋରର

| ଖେଳାଳି | ଦଳ | ମ୍ୟାଚ | ରନ | ସର୍ବାଧିକ |
|---|---|---|---|---|
| ଏଲିସ ପେରୀ | ଆର୍‌ସିବି | ୯ | ୩୪୭ | ୬୬ |
| ମେଗ୍ ଲାନିଂ | କ୍ୟାପିଟାଲ୍ସ | ୯ | ୩୩୧ | ୬୦ |
| ଶେଫାଳି ବର୍ମା | କ୍ୟାପିଟାଲ୍ସ | ୯ | ୩୦୯ | ୭୧ |
| ସ୍ମୃତି ମନ୍ଧାନା | ଆର୍‌ସିବି | ୧୦ | ୩୦୦ | ୮୦ |
| ଦୀପ୍ତି ଶର୍ମା | ୱାରିଅର୍ଜ | ୮ | ୨୯୫ | ୮୮* |

### ସର୍ବାଧିକ ଉଇକେଟ ହାସଲକାରୀ

| ଖେଳାଳି | ଦଳ | ମ୍ୟାଚ | ଉଇକେଟ | ଶ୍ରେଷ୍ଠ |
|---|---|---|---|---|
| ଶ୍ରେୟଙ୍କା ପାଟିଲ | ଆର୍‌ସିବି | ୮ | ୧୩ | ୪/୧୨ |
| ଆଶା ଶୋଭନା | ଆର୍‌ସିବି | ୧୦ | ୧୨ | ୫/୨୨ |
| ସୋଫି ମୋଲିନସ୍କ | ଆର୍‌ସିବି | ୧୦ | ୧୨ | ୩/୨୦ |
| ମାରିଜନେ କାପ୍ | ଦିଲ୍ଲୀ | ୭ | ୧୧ | ୩/୫ |
| ଜେସ ଜୋନାସେନ | ଦିଲ୍ଲୀ | ୭ | ୧୧ | ୩/୨୧ |

୪ର୍ଥ ସ୍ଥାନରେ ରହିଥିଲା। ଏହି ଦଳ ଏହାର ପ୍ରଥମ ୫ ମ୍ୟାଚ କ୍ରମାଗତଭାବେ ହାରିଥିଲା। ମାତ୍ର ୨ଟି ବିଜୟ ସହ ସିଜନ ଶେଷ କରିଥିଲା। ମନ୍ଧାନାଙ୍କ ସହ ଏଲିସ ପେରୀ, ସୋଫି ଡିଭାଇନ ଓ ହିଥର ନାଇଟଙ୍କ ପରି ତାରକା ଖେଳାଳି ଥିଲେ ମଧ୍ୟ ଦଳଗତଭାବେ କ୍ଲିକ୍ କରି ନ ଥିଲା। ମନ୍ଧାନାଙ୍କ ପାଇଁ ଏହି ସିଜନ ଦୁଃସ୍ୱପ୍ନ ସଦୃଶ ଥିଲା। ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ତାଙ୍କ ଉପରେ ଅଧିନାୟକତ୍ୱର ଚାପ ଥିବା ସେ ଅନୁଭବ କରିଥିଲେ ବୋଲି ସ୍ୱୀକାର କରିଥିଲେ।

ସେତେବେଳେ ୦–୫ରୁ ଅଭିଯାନ ଆରମ୍ଭ କରିଥିବା ଆର୍‌ସିବିକୁ ଦ୍ୱିତୀୟ ସଂସ୍କରଣ ୨୦୨୪ରେ ସଫଳତା ମିଳିଛି। ବିଜୟ ମୁକୁଟ ପିନ୍ଧିଛନ୍ତି କୁଇନ୍ ମନ୍ଧାନା ଓ ତାଙ୍କ ସାଥୀ ଖେଳାଳି। ପୋଡିୟମ ଉପରେ ଆର୍‌ସିବି ଖେଳାଳିମାନେ ଗର୍ବ ଓ ଉଲ୍ଲାସରେ ନାଚି ଉଠିଥିଲେ। ଅନ୍ୟପକ୍ଷରେ ଡଗ୍ ଆଉଟରେ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ମେଗ୍ ଲାନିଂ ଏକାକୀ ବସି ରହିଥିଲେ। ସେ ମୁହଁକୁ ଟାୱେଲରେ ଘୋଡ଼ାଇ ରଖିଥିଲେ ମଧ୍ୟ ଲୁହ ତାଙ୍କ ଗାଲଦେଇ ତଳକୁ ବୋହି ଆସିଥିବା ନଜରକୁ ଆସିଥିଲା। କାରଣ ଦିଲ୍ଲୀ କ୍ରମାଗତ ୨ ସଂସ୍କରଣରେ ଫାଇନାଲ ଖେଳିଥିଲେ ମଧ୍ୟ ପରାଜିତ ହୋଇଥିଲା। ଗର୍ବିତ ମନ୍ଧାନା ଆର୍‌ସିବି ସ୍ପିରିଟ୍‌ରେ ଚିତ୍କାର କରି କହିଥିଲେ 'ଆଇ ଜଷ୍ଟ ୱାଣ୍ଟ ଟୁ ସେ, ଇ ସାଲ୍ କପ୍ ନାମଡୁ'।

ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ଜଣେ ଖେଳାଳିଭାବେ ବିରାଟ କୋହଲି କ୍ୟାରିୟରରେ ୩ ଥର ଟ୍ରଫିକୁ ସ୍ପର୍ଶ କରିବାର ନିକଟତର ହୋଇଥିଲେ ହେଁ ବଞ୍ଚିତ ରହିଥିଲେ। ୨୦୦୯, ୨୦୧୧ ଓ ୨୦୧୬ରେ ଦଳ ଫାଇନାଲ ଖେଳିଥିଲେ ହେଁ ପରାସ୍ତ ହୋଇଥିଲା। ସେହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନୂଆଦିଲ୍ଲୀରେ କୋହଲିଙ୍କ ଘରୋଇ ସହରରେ ଆର୍‌ସିବି ମହିଳା ଟାଇଟଲ ଜିତି ଯେଉଁ ମାଇଲଖୁଣ୍ଟ ସ୍ପର୍ଶ କଲେ ତାହା ଅବର୍ଣ୍ଣନୀୟ ଥିଲା। ମନ୍ଧାନା ଡ୍ରେସିଂ ରୁମ୍‌ର ଏକ କର୍ନରରେ କିଛି ସମୟ ବସି ବିଜୟର ଅସଲ ମଜା ଅନୁଭବ କରିବାପରେ ଡ୍ୟାନ୍ସରେ ବ୍ୟସ୍ତଥିବା ସାଥୀ ଖେଳାଳିଙ୍କ ସହ କିଛି ସମୟ ଯୋଗ ଦେଇଥିଲେ। ଏହାପରେ ବାଉଣ୍ଡାରି ନିକଟରେ ଅପେକ୍ଷାରତ ପରିବାର ବର୍ଗଙ୍କୁ ଆଲିଙ୍ଗନ କରିବାପରେ ଆର୍‌ସିବି ଦଳର ଶୀର୍ଷ କର୍ମକର୍ତ୍ତା ଅଧ୍ୟକ୍ଷ ପ୍ରଥମେଶ ମିଶ୍ର, ଉପାଧ୍ୟକ୍ଷ ରାଜେଶ ମେନନଙ୍କ ସହ ମିଶିଥିଲେ।

ଫାଇନାଲ ପରେ ଆର୍‌ସିବି ଖେଳାଳିମାନେ ପୁରସ୍କାର ପୋଛି ନେଇଥିଲେ। ଶ୍ରେୟଙ୍କା ପାଟିଲ ଇମର୍ଜିଂ ପ୍ଲେୟର ବିବେଚିତ ହେବା ସହ ୧୩ଟି ଉଇକେଟ ନେଇ ପର୍ପଲ କ୍ୟାପ ମଧ୍ୟ ପାଇଥିଲେ। ସର୍ବାଧିକ ସ୍କୋରର ଭାବେ ଅରେଞ୍ଜ କ୍ୟାପ୍ ହାସଲ କରିଥିଲେ ଏଲିସ ପେରୀ। କେବଳ ସେତିକି ନୁହେଁ ଆର୍‌ସିବିକୁ ଫେୟାର ପ୍ଲେ ପୁରସ୍କାର ମଧ୍ୟ ମିଳିଥିଲା। ଏହି ଦଳର ସୋଫି ମୋଲିନସ୍କ ପ୍ଲେୟର ଅଫ୍ ଦି ଫାଇନାଲ ଓ ୟୁପି ୱାରିଅର୍ଜର ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ରିଚା ଘୋଷ ଆର୍‌ସିବି ପାଇଁ ଏହି ସିଜନରେ ଫିନିଶର କାର୍ଯ୍ୟକୁ ସୁଚାରୁରୂପେ ତୁଲାଇଥିଲେ।

### ଦୃଢ଼ମନା

ଏକ ପରେ ଏକ ହାଇ ଭୋଲଟେଜ
ହେଭି ଛକା ଚୌକା ମାଡ଼
ଆଇପିଏଲ୍‌ର ସତରତମ ସଂସ୍କରଣ
ବହେ ପୁଣି ରନ୍ ଝଡ଼
ଟିଭି ଓଟିଟିରେ ଭିଡ଼
ହାରଜିତ ନେଇ ବେଟିଂ ପଡ଼ିଲେଣି
ସବୁ ଟିମ୍ ଏବେ ରଡ଼।

ଦି ହଜାର ଆଠ ଠାରୁ ଖେଳୁଛନ୍ତି
ପ୍ରଥମରୁ ମହେନ୍ଦ୍ର ଧୋନୀ
ରୋହିତ ବିରାଟ ଦୀନେଶ ମନୀଷ
ଆଜିବି ଖେଳନ୍ତି କୁନି
ବାନ୍ଧି ବିଡ଼ା ବିଡ଼ା ମନି
ହଡ଼ା ପରି ବାବୁ ନିଲାମ ଯାଆନ୍ତି
ଫ୍ୟାନ ବଜାଉଛି ଗିନି।

ଶହେ ପଚାଶତମ ମ୍ୟାଚ ଖେଳି ଆମ
ସୁନୀଲ ଛେତ୍ରୀଙ୍କୁ କଷ୍ଟ
ଭାରତୀୟ ଫୁଟବଲ ଷ୍ଟାର ଭାବେ
ଏ ନିଉ ମାଇଲ ଖୁଣ୍ଟ
ଛେତ୍ରୀ ପାଇଁ ବଜା ଘଣ୍ଟ
ଦୃଢ଼ମନାଠାରେ ବୟସ ହାରେନା
ଏ ବ୍ୟକ୍ତିତ୍ୱଙ୍କୁ ୱିଶ୍ ବାଣ୍ଟ।

**–ସୁବାସ ଚନ୍ଦ୍ର ପ୍ରଧାନ**

# ଅଲିମ୍ପିକ୍ସ କ୍ରୀଡ଼ାଗ୍ରାମ

ପ୍ୟାରିସ ଅଲିମ୍ପିକ୍ସ ପାଇଁ ଆୟୋଜନ ପ୍ରକ୍ରିୟା ଆଗେଇ ଚାଲିଛି। ଇତିମଧ୍ୟରେ ରାଜଧାନୀ ନଗରୀରେ ଅଲିମ୍ପିକ୍ସ କ୍ରୀଡ଼ାଗ୍ରାମ ଉଦ୍‌ଘାଟିତ ହୋଇଯାଇଛି। ପ୍ୟାରିସର ସେଣ୍ଟ–ଡେନିସ୍‌ଠାରେ ଆୟୋଜିତ ଉତ୍ସବରେ ଅଲିମ୍ପିକ୍ସ ସାଙ୍ଗଠନିକ ମୁଖ୍ୟ ଟୋନି ଏସ୍ତାଙ୍ଗୁଏତ୍ କ୍ରୀଡ଼ାଗ୍ରାମର ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୬ଟି ଦେଶର ପ୍ରତିଯୋଗୀମାନେ ଏହି ୧୫ଦିନିଆ କ୍ରୀଡ଼ା ମହୋତ୍ସବରେ ଭାଗ ନେବା ଲାଗି ଏଠାରେ ଅବସ୍ଥାନ କରିବେ। ପ୍ୟାରିସର ଭିନ୍ନ ଭିନ୍ନ ଅଞ୍ଚଳରେ ଥିବା ମୋଟ ୫୨ହେକ୍ଟର ଜମରେ କ୍ରୀଡ଼ାଗ୍ରାମ ପ୍ରସ୍ତୁତ କରାଯାଇଛି। ଉଦଘାଟନ କାର୍ଯ୍ୟକ୍ରମରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଉପସ୍ଥିତ ଥିଲେ। ୪୦ଟି ବିଭିନ୍ନ ବର୍ଗର ନିମ୍ନ ଉଚ୍ଚତାବିଶିଷ୍ଟ ଆବାସିକ କୋଠାକୁ ନେଇ ଏହି କ୍ରୀଡ଼ାଗ୍ରାମ। ଏଠାରେ ମୋଟ ୨, ୮୦୦ଟି ଆପାର୍ଟମେଣ୍ଟ ରହିଛି। ଜୁଲାଇ ୧୮ରେ ପ୍ରଥମ ପର୍ଯ୍ୟାୟର ପ୍ରତିଯୋଗୀମାନେ କ୍ରୀଡ଼ାଗ୍ରାମରେ ପ୍ରବେଶ କରିବେ। ଆଗାମୀ ୪ମାସ ଭିତରେ କୋଠାଗୁଡ଼ିକର ସାଜସଜ୍ଜା କାମ ଶେଷ ହେବ। ୩ଲକ୍ଷ ଫର୍ନିଚର ସାମଗ୍ରୀ ଓ ସୌନ୍ଦର୍ଯ୍ୟ ଉପକରଣ ଲଗାଯିବ। ଅତିଥି ଖେଳାଳିମାନଙ୍କ ସକାଶେ ଏକ ୨୪ଘଣ୍ଟିଆ ହୋଟେଲ, ଏକ ନିଶା ବିହୀନ ପାନୀୟ ଶାଳା, ବ୍ୟାୟାମଶାଳା, ମନୋରଞ୍ଜନ କେନ୍ଦ୍ର ରହିଛି। ଫ୍ରାନ୍ସ ସରକାର ଏହାର ନିର୍ମାଣ ବାବଦରେ ୬୪୬ନିୟୁତ ୟୁରୋ (୭ଶହ ନିୟୁତ ପାଉଣ୍ଡ) ବ୍ୟୟ କରିଛନ୍ତି। ଫ୍ରାନ୍ସର ବୃହତ୍ ନିର୍ମାଣ କମ୍ପାନୀଗୁଡ଼ିକ ଅବଶିଷ୍ଟ ଖର୍ଚ୍ଚ ବହନ କରିଛନ୍ତି। ଅଗଷ୍ଟ ୧୧ରେ ୩୩ତମ ଅଲିମ୍ପିକ୍ସ ସରିବା ପରେ ୧୮୪ଟି ଦେଶର ଭିନ୍ନକ୍ଷମ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପାରାଲିମ୍ପିକ୍ସ ଆରମ୍ଭ ହେବ ଏବଂ ସେହି ପ୍ରତିଯୋଗୀମାନେ କ୍ରୀଡ଼ାଗ୍ରାମରେ ରହିବେ। ଅଲିମ୍ପିକ୍ସ କ୍ରୀଡ଼ା



ପାଇଁ ଭିତ୍ତିଭୂମି ନିର୍ମାଣ ଦାୟିତ୍ୱ ସୋଲିଡିଓ ନାମକ କମ୍ପାନୀ ହାତରେ ଅଛି। ୟୁରୋପ ମହାଦେଶର ସହରଗୁଡ଼ିକରେ କୋଠାବାଡ଼ିରେ ସ୍ଥାପତ୍ୟ କଳା ଏକ ପରମ୍ପରା। ଏହି ପରମ୍ପରା କ୍ରୀଡ଼ାଗ୍ରାମରେ ମଧ୍ୟ ପ୍ରତିଫଳିତ ହୋଇଛି।

ଅଲିମ୍ପିକ୍ ପଦକ ବିଜୟ ସଂଖ୍ୟା ବଢିବ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ କ୍ରୀଡ଼ାବିତ୍ ମାତ୍ର ୭ଟି ପଦକ ଜିତିଥିଲେ। ସେଥିରେ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା କେବଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ମହିଳା ଭାରୋତ୍ତୋଳନକାରୀ ମୀରାବାଈ ଚାନୁ ଓ କୁସ୍ତି ଯୋଧା ରବି ଦାହିୟା ଦୁଇଟି ରୌପ୍ୟ ପଦକ ଜିଣିଥିଲେ। ଅବଶିଷ୍ଟ ୪ଟି ବ୍ରୋଞ୍ଜ ପଦକ ରହିଥିଲା। ୨୦୨୪ପ୍ୟାରିସ ଅଲିମ୍ପିକ୍ସରେ କିନ୍ତୁ ଭାରତୀୟ ଖେଳାଳିମାନେ ଏହାଠାରୁ ଭଲ ପ୍ରଦର୍ଶନ କରି ପଦକ ସଂଖ୍ୟା ବଢ଼ାଇବେ ବୋଲି ଦେଶବାସୀ ଆଶା କରୁଛନ୍ତି। ପ୍ୟାରିସ ଅଲିମ୍ପିକ୍ ଗେମ୍ସ ଆରମ୍ଭ ହେବାକୁ ୫ ମାସରୁ ଅଧିକ ସମୟ ବାକି ଥିଲାବେଳେ ଏଥର ଭାରତୀୟ ପ୍ରତିଯୋଗୀମାନେ ଅଧିକ ସଂଖ୍ୟାରେ ପଦକ ଜିତିବେ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ବିଶ୍ୱାସ ପ୍ରକଟ କରିଛନ୍ତି। ୨୦୨୨ହାଙ୍ଗଝୌ ଏସୀୟ କ୍ରୀଡ଼ାରେ ପ୍ରଥମ ଥର ଭାରତର ପଦକ ବିଜୟ ସଂଖ୍ୟା ଶହେ ପାର୍ କରିଥିଲା। ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ଖ୍ୟାତିସମ୍ପନ୍ନ କ୍ରୀଡ଼ାବିତ୍‌ମାନେ ପଦକ ବିଜେତା ଭାବେ ଆବିର୍ଭାବ ହେଉଛନ୍ତି। ଏପରି ସଫଳ ପ୍ରଦର୍ଶନ ପ୍ୟାରିସ ଅଲିମ୍ପିକ୍ସରେ ମଧ୍ୟ ଜାରି ରହିବ ବୋଲି ଠାକୁର ଆଶା ପ୍ରକାଶ କରିଛନ୍ତି। ଟାର୍ଗେଟ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍‌ସ) ଏବଂ ଆନୁଆଲ କ୍ୟାଲେଣ୍ଡର ଫର୍ ଟ୍ରେନିଂ ଆଣ୍ଡ କମ୍ପିଟେଶନ୍ (ଏସିଟିସି) ମାଧ୍ୟମରେ ଖେଳାଳିମାନେ କ୍ରୀଡ଼ା ତାଲିମ ଉତ୍କର୍ଷ କେନ୍ଦ୍ରଗୁଡ଼ିକରେ ରହି ପ୍ରସ୍ତୁତି ଚଳାଇଛନ୍ତି। ବିଶ୍ୱ ଶ୍ରେଷ୍ଠ କ୍ରୀଡ଼ାବିତ୍‌ମାନଙ୍କ ସାଙ୍ଗରେ ରହି ତାଲିମ ଗ୍ରହଣର ସୁଯୋଗ ଦିଆଯାଉଛି।

**–ରମେଶ ସାହୁ**

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୨୪ Bhubaneswar, Friday, March 29/ 2024




# ରିୟାନ୍ ପରାଗଙ୍କ ଅର୍ଦ୍ଧଶତକ

# ରାଜସ୍ଥାନର କ୍ରମାଗତ ବିଜୟ

**ଜୟପୁର,୨୮।୩**

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ଅନୁଷ୍ଠିତ ଗୁରୁବାରର ଆଇପିଏଲ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୨ ରନ୍‌ରେ ହରାଇ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇଛି ରାଜସ୍ଥାନ ରୟାଲ୍ସ। ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ୫ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୩ ରନ୍ କରିଥିଲା।

ଟସ୍ ହାରି ବ୍ୟାଟିଂ ଡାକରା ପାଇଥିବା ରାଜସ୍ଥାନ ପକ୍ଷରୁ ଜୋଶ ବଟଲର(୧୧) ଓ ଯଶସ୍ୱୀ ଜୟସ୍ୱାଲ(୫) ଓ ସଞ୍ଜୁ ସାମସନ୍ ୧୫ ରନ୍ କରି ଦଳୀୟ ସ୍କୋର ୩୬ରେ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ବ୍ୟାଟିଂକ୍ରମରେ ପଦୋନ୍ନତି ପାଇଥିବା ରବିଚନ୍ଦ୍ରନ ଅଶ୍ୱିନ ୨୯ ଓ ଇନିଂସର ଟପ୍ ସ୍କୋରର ରିୟାନ୍ ପରାଗ(୮୪*) ଚମତ୍କାର ବ୍ୟାଟିଂ କରିଥିଲେ। ଅଶ୍ୱିନ ୧୯ ବଲ୍ ଖେଳି ୩ ଛକା ସହିତ ୨୯ ରନ୍ କରିଥିଲେ। ଧ୍ରୁବ ଜୁରେଲ(୨୦) କ୍ରିଜ୍‌ରେ ଯୋଗ ଦେଇ ରିୟାନ ପରାଗଙ୍କ ସହ ୫୨ ରନ୍ ଯୋଡିଥିଲେ। ସିମରନ୍ ହେଟମେୟର(୧୪*) ଓ ପରାଗ ଷଷ୍ଠ ଉଇକେଟରେ ମାତ୍ର ୧୬ ବଲରେ ୪୩ ରନ୍ ଯୋଡିଥିଲେ। ପରାଗ ନିଜ ଆଇପିଏଲ କ୍ୟାରିୟରର ତୃତୀୟ ଅର୍ଦ୍ଧଶତକ ସହ ସର୍ବୋଚ୍ଚ ସ୍କୋର ହାସଲ କରିଥିଲେ। ମାତ୍ର ୪୫ ବଲ୍ ଖେଳି ସେ ୭ ଚୌକା ଓ ୬ ଛକା ସହ ୮୪ ରନରେ ଅପରାଜିତ ରହିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଅକ୍ଷର ପଟେଲ, କୁଲଦୀପ ଯାଦବ, ମୁକେଶ କୁମାର, ଖଲିଲ ଅହମଦ ଓ ଆନରିଚ୍ ନର୍ଜେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦିଲ୍ଲୀକୀ କ୍ୟାପିଟାଲ୍ସ ଦୃଢ ଭାବରେ ଇନିଂସ ଆରମ୍ଭ କରି ପ୍ରଥମ ଉଇକେଟରେ ୩୦ ରନ୍ ଯୋଡିଥିଲା। ଇମ୍ପାକ୍ଟ ପ୍ଲେୟର ଭାବରେ ଆସିଥିବା ନାନ୍ଦ୍ରେ ବର୍ଗର ଦୁଇ ଉଇକେଟ ନେଇଥିଲେ। ଡେଭିଡ୍ ୱାର୍ନର(୪୯) ଓ ରିଷଭ ପନ୍ତ(୨୮)ଙ୍କ ମଧ୍ୟରେ ୬୭ ରନ୍‌ର ଭାଗୀଦାରି ହୋଇଥିଲା। ଉଭୟ ଖେଳାଳି ଆଉଟ ହେବା ପରେ କ୍ୟାପିଟାଲ ଇନିଂସ ଦିଗହରା ହୋଇ ଯାଇଥିଲା। ଶେଷ ଆଡକୁ ଟ୍ରିଷ୍ଟାନ ଷ୍ଟବ୍ସ ଦ୍ରୁତ ୪୪ ରନ୍ କରିଥିଲେ ହେଁ ଦଳ ବିଜୟରୁ ୧୨ ରନ୍ ଦୂରରେ ରହିଥିଲା। ରୟାଲ୍ସ ପକ୍ଷରୁ ନାନ୍ଦ୍ରେ ବର୍ଗର,ଯୁଜବେନ୍ଦ୍ର ଚହଲ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

> **ଆଇପିଏଲ୍ କାର୍ଯ୍ୟସୂଚୀ**
> (ଆଜିର ମ୍ୟାଚ)
> **ବେଙ୍ଗାଲୁରୁ ବନାମ କୋଲକାତା**
> ସ୍ଥାନ: ବେଙ୍ଗାଲୁରୁ
> ସମୟ: ସନ୍ଧ୍ୟା ୭.୩୦
> ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୮୫/୫ (ରିୟାନ୍ ପରାଗ - ୮୪*, ରବିଚନ୍ଦ୍ରନ ଅଶ୍ୱିନ-୨୯, ଧ୍ରୁବ ଜୁରେଲ-୨୦, ଅକ୍ଷର ପଟେଲ-୧/୨୧, କୁଲଦୀପ ଯାଦବ-୧/୪୧, ଖଲିଲ ଅହମଦ-୧/୨୪)। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୭୩/୫( ଡେଭିଡ୍ ୱାର୍ନର-୪୯, ଟ୍ରିଷ୍ଟାନ ଷ୍ଟବ୍ସ-୪୪*, ରିଷଭ ପନ୍ତ-୨୮, ଯୁଜବେନ୍ଦ୍ର ଚହଲ-୨/୧୯, ନାନ୍ଦ୍ରେ ବର୍ଗର-୨/୨୯, ଆଭେଶ୍ ଖାନ୍-୧/୨୯)।



ଶଟ୍ ଖେଳୁଛନ୍ତି ରିୟାନ ପରାଗ।

# ଭାରତୀୟ ହକି ଦଳକୁ ଓସ୍‌ଜାର 'ପ୍ୟାରିସ ଅଲିମ୍ପିକ୍ସ ଶୁଭେଚ୍ଛା'

**ଭୁବନେଶ୍ୱର, ୨୮।୩ (ବିଜୟ ରଣା)**

ଭାରତୀୟ ପୁରୁଷ ହକି ଦଳକୁ 'ପ୍ୟାରିସ ଅଲିମ୍ପିକ୍ସ ଶୁଭେଚ୍ଛା' ଜଣାଇଛି ଓ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା)। ଗୁରୁବାର ସଂଧାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ନିରାଡ଼ମ୍ବର ଉତ୍ସବରେ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ହକି ପିଚ୍‌ରେ ହିଁ ପ୍ୟାରିସ୍‌ରେ ଟୋକିଓ ଅଲିମ୍ପିକ୍ସ ସଫଳତାକୁ ଟପିଯିବାକୁ ଶୁଭକାମନା ଦିଆଯାଇଛି। ଭୁବନେଶ୍ୱରର କଳିଙ୍ଗ ହକି କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିନାୟକ ହରମନପ୍ରୀତ୍ ସିଂ, ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ ଓସ୍‌ଜାର ଏହି ଶୁଭେଚ୍ଛାକୁ ପ୍ରଶଂସା କରିବା ସହ ପ୍ୟାରିସ ଆହ୍ୱାନକୁ ଗ୍ରହଣ କରି ଆଗକୁ ବଢ଼ିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତାଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିଲେ ଦଳର ଏକମାତ୍ର ଓ ଖେଳାଳି ଅମିତ ରୋହିଦାସ। ଓସ୍‌ଜାର ସଭାପତି ସନ୍ଦୀପ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବିତ ମହାପାତ୍ର, ସୁରେଶ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ପ୍ରତାପ ପ୍ରଧାନ, ଶକ୍ତି ପ୍ରସାଦ ନନ୍ଦ, ସୁଜିତ କୁମାର ସ୍ୱାଇଁ, ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଫୁଲତୋଡ଼ା ଓ ଛେନାପୋଡ଼ ଦେଇ ଶୁଭକାମନା ଜଣାଇଥିଲେ।



ଓସ୍‌ଜା କର୍ମକର୍ତ୍ତାଙ୍କ ସହ ଭାରତୀୟ ହକି ଦଳ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ